# ଓଡ଼ିଶା କୃଷି ଅର୍ଥନୀତିର ମନଃସ୍ଥିତି
## (୨୦୦୦-୨୦୨୩)

**Agricultural Econo-psychology of Odisha: An Anthology (2000-2023)**



ଡ. ସୁଜିତ୍ କୁମାର ନାଥ

ISBN No. 978-81-942260-8-6

# ଓଡ଼ିଶା କୃଷି ଅର୍ଥନୀତିର ମନଃସ୍ଥିତି

## (୨୦୦୦-୨୦୨୩)

## AGRICULTURAL ECONO-PSYCHOLOGY OF ODISHA: AN ANTHOLOGY (2000-2023)

ଡ. ସୁଜିତ୍ କୁମାର ନାଥ

# ଓଡ଼ିଶା କୃଷି ଅର୍ଥନୀତିର ମନଃସ୍ଥିତି

(୨୦୦୦-୨୦୨୩)

**ଲେଖକ :**
ଡ. ସୁଜିତ୍ କୁମାର ନାଥ
ତଳମୂଳ ଶାସନ, ଅନୁଗୋଳ-୭୫୯୦୪୦
ଦୂରାଭାଷ: ୯୪୩୭୩୬୦୮୬୬

**ପ୍ରକାଶକ :** ନିବେଦିତା ପାଣିଗ୍ରାହୀ
**ମୁଦ୍ରଣ :** ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ମାର୍ଚ୍ଚ, ୨୦୨୪
**ମୂଲ୍ୟ :**୧୨୦ଟଙ୍କା ମାତ୍ର

**AGRICULTURAL ECONO-PSYCHOLOGY OF ODISHA: AN ANTHOLOGY (2000-2023)**

**By** :
Dr. Sujit Kumar Nath
Talmul Shasan, Angul-759040,
Cell: 9437360866

**Published by** : Nibedita Panigrahi
**First Edition** : October, 2025
**Printed at :** Ankita graphics, Bhubaneswar
saroj77337@gmail.com, 9437077337
**Cover :** Saroj
**Price** : Rs. 120/- only

**ISBN No. 978-81-942260-8-6**

# ଉତ୍ସର୍ଗ

ମୋର ପ୍ରତ୍ୟେକ
ନିବନ୍ଧ, ସନ୍ଦର୍ଭ, ଗଳ୍ପ, କବିତା, ଚିନ୍ତନ, ମନନ,
ସବୁଠି ତୋର ଭାବନାର ପ୍ରତିଫଳନ ।
ପ୍ରତ୍ୟେକ ନିବନ୍ଧରେ ତୁ ହିଁ ମୋ ଠିକଣା ।
ସେଇଥିପାଇଁ ତୁ ମା'ଠାରୁ ବଡ଼ ମାତୃଭୂମି ।
ତୋ ନିକଟରେ ମୋର ଏ ପ୍ରତିବେଦନ ।

**ସୁଜିତ୍ କୁମାର ନାଥ 'ଜିତୁ'**

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୦୧. | ସ୍ୱାଧୀନ ଭାରତର ପରାଧୀନ କୃଷକ | ୦୫ |
| ୦୨. | ଗାନ୍ଧୀଙ୍କସ୍ମାର୍ଟ ଗ୍ରାମ ପରିକଳ୍ପନା ଓ ରୂପାୟନ | ୦୯ |
| ୦୩. | କୃଷି କ୍ଷେତ୍ରର ଶ୍ରୀବୃଦ୍ଧି ପଥେ ମହିଳା | ୧୨ |
| ୦୪. | ଅନ୍ନଚିନ୍ତା ଚମତ୍କାର | ୧୫ |
| ୦୫. | କୃଷକ ବନାମ ଆମେ, ସେମାନେ ଓ ଅନ୍ୟମାନେ | ୧୯ |
| ୦୬. | ଆନ୍ତର୍ଜାଲର ଜାଲରେ ଆମ କୃଷି | ୨୨ |
| ୦୭. | ପନିପରିବା ଅଭାବୀ ବିକ୍ରି ଓ ତା'ର ସମାଧାନ | ୨୬ |
| ୦୮. | ବୟସ୍କଙ୍କ ହାତରେ ଖାଦ୍ୟ ନିରାପତ୍ତା | ୨୯ |
| ୦୯. | ବୁଭୁକ୍ଷିତ ଶ୍ରୀଲଙ୍କା : ଆତଙ୍କିତ ଭାରତ | ୩୨ |
| ୧୦. | ଖାଇବା ତେଲ ଦର ବୃଦ୍ଧିର କାରଣ | ୩୬ |
| ୧୧. | କୃଷକଙ୍କୁ ପଚାରେ କିଏ ? | ୪୦ |
| ୧୨. | ଚାଲନ୍ତୁ ଗାନ୍ଧୀଙ୍କୁ ଖୋଜିବା | ୪୪ |
| ୧୩. | ଜଳବାୟୁ ପରିବର୍ତ୍ତନର ଚକ୍ରବ୍ୟୂହରେ ଆମେ | ୪୭ |
| ୧୪. | କେ କହି ପାରିବ ପୁରୁଷା ? | ୫୦ |
| ୧୫. | ବିଷର୍ଣ୍ଣ ବିପନ୍ନ ଅବସନ୍ନ : ଆମ ଅନ୍ନଦାତା | ୫୩ |
| ୧୬. | ତେଲ ତାଉ କାହିଁକି | ୫୬ |
| ୧୭. | ମହାମାରୀର ମହାଯୋଦ୍ଧା: ଆମ କୃଷକ | ୫୯ |
| ୧୮. | ସୁଭଦ୍ରା ଅପେକ୍ଷାରେ | ୬୩ |
| ୧୯. | ଛ' ବର୍ଷରେ ଦ୍ୱିଗୁଣ ଆୟ, ସତ ନା ସ୍ୱପ୍ନ | ୬୫ |
| ୨୦. | ଡାଲି ଦର ଖସୁନି କାହିଁକି ? | ୬୮ |
| ୨୧. | ଏସ୍‌ଇଜେଡ୍ ବନାମ ଏସ୍‌ଡଜେଡ୍ | ୭୧ |
| ୨୨. | ବଞ୍ଚିଥିଲେ....କ'ଣ କରିଥାନ୍ତେ ଗାନ୍ଧିଜୀ ? | ୭୫ |
| ୨୩. | ଖାଦ୍ୟ ଚିନ୍ତା ଜରୁରୀ | ୭୯ |
| ୨୪. | ଭୋକିଲାଙ୍କ ସଂଖ୍ୟା ବଢୁଛି | ୮୨ |
| ୨୫. | ଆମେ ଡାଲି ଖାଇପାରିବା ତ ? | ୮୫ |
| ୨୬. | ଓଡିଶାରେ କୃଷିଜୀବି ମହିଳାଙ୍କ ସ୍ଥିତି | ୮୯ |
| ୨୭. | ଉଦାରୀକରଣ ଅର୍ଥନୀତିରେ ସମବାୟ | ୯୨ |
| ୨୮. | କୃଷି କ୍ଷେତ୍ରରେ ପୁଞ୍ଜିନିବେଶ ନୈରାଶ୍ୟଜନକ | ୯୭ |
| ୨୯. | ପଶୁ ସମ୍ପଦ ଆମ ସମ୍ବଳ : ଏକ ଦୃଷ୍ଟିପାତ | ୧୦୧ |

# ସ୍ୱାଧୀନ ଭାରତର ପରାଧୀନ କୃଷକ

କୃଷି ମାନବ ସଭ୍ୟତାର ସର୍ବପୁରାତନ ଓ ସର୍ବାଦୃତ ନିଜସ୍ୱ ବ୍ୟବସାୟିକ ସଂସ୍ଥା। ମାତ୍ର ବାରହଜାର ବର୍ଷରୁ ଆରମ୍ଭ ହୋଇଥିବା କୃଷି ବର୍ତ୍ତମାନ ବିଜ୍ଞାନର ଅଗ୍ରଗତିକୁ ସାଥିରେ ନେଇ ସାରାବିଶ୍ୱର ମାନବ ସମାଜକୁ ଖାଦ୍ୟ ଯୋଗାଉଛି। ଖାଦ୍ୟ ହିଁ ମନୁଷ୍ୟର ପ୍ରଥମ ଆବଶ୍ୟକତା, ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏକବିଂଶ ଶତାବ୍ଦୀରେ ମଧ୍ୟ ୟେମେନ୍, ସିରିଆ, ସିଏରା ଲିଓନଠାରୁ ଆରମ୍ଭ କରି ବହୁ ଆଫ୍ରିକୀୟ ଓ ଏସୀୟ ରାଷ୍ଟ୍ରରେ ଏପରି ଅନ୍ଧକାରାଚ୍ଛନ୍ନ ଅଞ୍ଚଳ ରହିଛି, ଯେଉଁଠି ଖାଦ୍ୟ ନିରାପତ୍ତା ଅଭାବରୁ ମନୁଷ୍ୟ ପଶୁତୁଲ୍ୟ ବିବେଚିତ ହୁଏ। ପରାଧୀନ ଭାରତରେ ହୋଇଥିବା ନ'ଅଙ୍କ ଦୁର୍ଭିକ୍ଷର ଲୋମହର୍ଷଣକାରୀ ଚିତ୍ର ବା କେଭିନ୍ କାର୍ଟରଙ୍କ ମୃତ୍ୟୁ ଅପେକ୍ଷାରେ ଥିବା ଶିଶୁର ଚିତ୍ର ଦର୍ଶାଏ, ମନୁଷ୍ୟର ଜୀବନରେ ଖାଦ୍ୟର ସ୍ଥାନ କେଉଁଠି ! ସମସ୍ତଙ୍କୁ ଖାଦ୍ୟ ସୁନିଶ୍ଚିତ କରୁଥିବା ଭାରତୀୟ କୃଷକ ଓ କୃଷିକ୍ଷେତ୍ରର ସ୍ଥାନ ସାଂପ୍ରତିକ ପରିସ୍ଥିତିରେ କେଉଁଠି, ଏହା ସର୍ବଜନବିଦିତ। ପୁଞ୍ଜିବାଦର ବିକାଶ ପରେ ସମାଜରେ କୃଷକ ସଂପ୍ରଦାୟ କୋଣଠେସା ହୋଇଯାଇଛି, ଏଥିରେ ଅନ୍ୟଥା ନାହିଁ। ବିକାଶଶୀଳ ଇଉରୋପୀୟ ବା ଆମେରିକୀୟ ରାଷ୍ଟ୍ରସବୁ କୃଷିକ୍ଷେତ୍ରକୁ ଯଥେଷ୍ଟ ସହାୟତା କରି ଖାଦ୍ୟ ଉତ୍ପାଦନ, ଆବଶ୍ୟକତା ଓ ଜନସଂଖ୍ୟା ମଧ୍ୟରେ ଭାରସାମ୍ୟ କରିବାକୁ ଚେଷ୍ଟା କରି ସଫଳ ହେଉଛନ୍ତି, ମାତ୍ର ଭାରତ ପରି ବିଶାଳ ଜନବହୁଳ ଓ ଜନମଙ୍ଗଳ ଦେଶରେ କୃଷି ଓ କୃଷକ ମଧ୍ୟରେ ଅଦ୍ୟାବଧି ଉପଯୁକ୍ତ ସମନ୍ୱୟ ସ୍ଥାପନ ହୋଇପାରିନାହିଁ। ପ୍ରଯୁକ୍ତି ବିଦ୍ୟାଠାରୁ ମହାକାଶ କ୍ଷେତ୍ର ପର୍ଯ୍ୟନ୍ତ ସବୁ ସ୍ଥାନରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଥିବା ଭାରତ, କୃଷିକ୍ଷେତ୍ରର ସମସ୍ୟାଗୁଡ଼ିକ ଠିକଣା ଭାବେ ସମାଧାନ କରିପାରୁ ନାହିଁ, ଏହା ଅନସ୍ୱୀକାର୍ଯ୍ୟ।

ଆମ ଦେଶର ଆଧୁନିକ କୃଷିକୁ ଅନୁଶୀଳନ କଲେ ଜଣାଯାଏ, ବ୍ରିଟିଶ ସରକାରଙ୍କଠାରୁ ସତ୍ତ୍ୱାଧିକାର ରୂପେ ଗ୍ରହଣ କରିଥିବା ନିଅଣ୍ଟିଆ, ନିର୍ଭରଶୀଳ ରାଷ୍ଟ୍ରକୁ ଖାଦ୍ୟଶସ୍ୟରେ ସ୍ୱାବଲମ୍ବୀ

କରିବାକୁ ସରକାରଙ୍କୁ ଦୀର୍ଘ ସମୟ ଲାଗିଗଲା । ଭାରତ ସ୍ୱାଧୀନ ହେଲାବେଳକୁ ପଚାଶ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରୁଥିବାବେଳେ ଏହା ଏବେ ୩୨୦ ନିୟୁତ ଟନ୍ ଅତିକ୍ରମ କରିଛି । ଧାନ, ଗହମ, ପନିପରିବା, ଫଳ, ଦୁଗ୍ଧ, ମାଛ ଉତ୍ପାଦନରେ ସାରା ବିଶ୍ୱରେ ଆଗଧାଡ଼ିରେ ରହିଛି ।  ଏହି ଆତ୍ମନିର୍ଭରଶୀଳତା, ସ୍ୱାବଲମ୍ବନତା, ଖାଦ୍ୟନିରାପତ୍ତା ହାସଲରେ ସରକାରୀ କଳର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ପଞ୍ଚବାର୍ଷିକ  ଯୋଜନାରେ କୃଷି ଉତ୍ପାଦନର ଅଭିବୃଦ୍ଧି କରିବାକୁ ଯାଇ ଏହାର ବିଭିନ୍ନ ଦିଗ ଯଥା: ଉନ୍ନତ ବିହନ ଯୋଗାଣ, ଜଳସେଚନ, ସାରପ୍ରୟୋଗ, ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ଓ ସର୍ବୋପରି ଆଧୁନିକ ଜ୍ଞାନକୌଶଳ ମାନଙ୍କର ଗ୍ରହଣୀୟତା ବୃଦ୍ଧି ପାଇଁ ନିଆଯାଇଥିବା ପଦକ୍ଷେପ ସବୁ ଉଲ୍ଲେଖନୀୟ । ଅପରପକ୍ଷରେ ଏସବୁକୁ ପ୍ରୋତ୍ସାହିତ କରି ସରକାର କୃଷକର ସ୍ୱାଧୀନତା କ୍ଷୁର୍ଣ୍ଣ କରିବା ସହ ସମାଜରେ ବୈଷମ୍ୟ ସୃଷ୍ଟି କରିଛନ୍ତି ବୋଲି କିଛି ବୁଦ୍ଧିଜୀବୀ ଓ ସମାଲୋଚକ ମତ ଦିଅନ୍ତି ।

ଭାରତରେ କୃଷିର ସମାୟନୁକ୍ରମ ଭାବେ ସରକାରୀ ପଦକ୍ଷେପକୁ ଲକ୍ଷ୍ୟ କରାଯାଉ । ୧୯୫୧ ମସିହା ଜନଗଣନାରେ ୩୬ କୋଟି ନାଗରିକ ଥିବା ଦେଶରେ ବର୍ତ୍ତମାନ ୧୪୦କୋଟି ଜନସଂଖ୍ୟା ଅଛନ୍ତି । ଏହି କ୍ରମରେ କୃଷିରେ ସଂଲଗ୍ନ ଗ୍ରାମୀଣ ଅଧିବାସୀଙ୍କ ସଂଖ୍ୟା ୮୩ ପ୍ରତିଶତରୁ ୬୯ ପ୍ରତିଶତକୁ (୨୦୧୧ ଜନଗଣନା) ଖସି ଆସିଛି । କୃଷିଜୀବୀଙ୍କ ସଂଖ୍ୟା ୭୨ ପ୍ରତିଶତରୁ ୪୫ ପ୍ରତିଶତକୁ ହ୍ରାସ ପାଇଛି । ଅନ୍ୟପାର୍ଶ୍ୱରେ କୃଷିଶ୍ରମିକଙ୍କ ସଂଖ୍ୟା ଗତ ଷାଠିଏ ବର୍ଷରେ ୨୮ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଛି । ଅର୍ଥାତ କୃଷକଙ୍କ ସଂଖ୍ୟା କମୁଥିବାବେଳେ କୃଷି ଶ୍ରମିକଙ୍କ ସଂଖ୍ୟା ଏହି ସମୟ ମଧ୍ୟରେ ଦ୍ୱିଗୁଣ ବୃଦ୍ଧି ପାଇଛି । ଏ ପ୍ରକାର ଅସଙ୍ଗତି, ଅସନ୍ତୁଳନ କୃଷି କ୍ଷେତ୍ରରୁ ମିଳୁଥିବା ଆୟ, ସମ୍ମାନ ଓ ନିଷ୍ଠାର ଅଧୋଗତିର ପ୍ରତିଫଳନ ବୋଲି ମତ ପ୍ରକାଶ ପାଉଛି ।

ପରୋକ୍ଷରେ କହିବାକୁ ଗଲେ, କୃଷି କ୍ଷେତ୍ରରୁ ମୁହଁ ଫେରେଇ ନେବାର ପରିଣତି ସ୍ୱରୂପ, ଆତ୍ମନିର୍ଭରଶୀଳ ହୋଇ ସାରା ବିଶ୍ୱକୁ ଖାଦ୍ୟ ଯୋଗାଇବାର ପ୍ରତିସ୍ପର୍ଦ୍ଧା ରଖୁଥିବା ଭାରତର ସବୁ କୋଣ ଅନୁକୋଣରେ ଲକ୍ଷ ଲକ୍ଷ ମହିଳା, ଶିଶୁ, ହରିଜନ, ଆଦିବାସୀ ଓ ନିର୍ଦ୍ଧନ ଜନସାଧାରଣ ଘୋର ଅପପୁଷ୍ଟିର ଶିକାର ହେଉଛନ୍ତି । ବ୍ୟବସାୟିକ କପାଚାଷ କରି ସାରା ଦେଶରେ ସୁନାମ ଅର୍ଜନ କରୁଥିବା ଓଡ଼ିଶାର ବଲାଙ୍ଗିର ଜିଲ୍ଲାରୁ ସର୍ବାଧିକ ଦାଦନ ସୃଷ୍ଟି ହେଉଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ମାଛଚାଷରେ ପୁରସ୍କୃତ ହେଉଥିବା କଳାହାଣ୍ଡି ଜିଲ୍ଲାର ଗ୍ରାମୀଣ ଜନସାଧାରଣ ପୁଷ୍ଟିହୀନତାକୁ ଦୂରେଇବାରେ ଅସଫଳ ହେଉଛନ୍ତି । କହିବା ବାହୁଲ୍ୟ, କୃଷକର ବିନା ପରାମର୍ଶ, ବିନା ସମ୍ମତିରେ ତା' ଉପରେ ଖର୍ଚ୍ଚବହୁଳ, ବୈଷୟିକ ଜ୍ଞାନଭରା ଜଟିଳ କୃଷିପଦ୍ଧତିକୁ ଆୟ ବୃଦ୍ଧି ନାମରେ ଲଦି

ଦିଆଯାଉଛି। ଆଗରୁ ଭାରତୀୟ କୃଷକ, ନିଜ ଅଞ୍ଚଳର ଜଳବାୟୁକୁ ଖାପ ଖୁଆଇଲା ପରି କୃଷି କରୁଥିଲା, ଫସଲ ବାଛୁଥିଲା; କିନ୍ତୁ ବିକାଶ ଓ ଆୟର ଭେଳିକି ଦେଖାଇ ଧାନ, ଗହମ ପରି ଶସ୍ୟକୁ ଲୋକପ୍ରିୟ କରିବାକୁ ଯାଇ ଜଳବାୟୁ ଅନୁକୂଳ ମାଣ୍ଡିଆ, ସୁଆଁ, ଯଅ, ବାଜରା ପରି ପରିପୁଷ୍ଟ ଫସଲକୁ ନିରୁତ୍ସାହିତ କରାଗଲା। ହାଇବ୍ରିଡ୍ ମଞ୍ଜିର ଆଦୃତି ପାଇଁ ସମସ୍ତଙ୍କ ଲକ୍ଷ୍ୟର ଆଢୁଆଳରେ ସେମାନଙ୍କ ନିଜସ୍ୱ ଫସଲ, କିସମ ଯାହା ଶହଶହ ବର୍ଷଧରି ତାଙ୍କ ପରିବେଶ ପାଇଁ ସର୍ବୋତ୍କୃଷ୍ଟ ବୋଲି ପ୍ରମାଣିତ ହୋଇଥିଲା, ତାକୁ ଧ୍ୱଂସ କରି ବହୁ ରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ମଞ୍ଜି ଉତ୍ପାଦନର ସତ୍ତ୍ୱାଧିକାର ପ୍ରଦାନ କରାଗଲା। ଓଡ଼ିଶାର ପାରମ୍ପରିକ ଖାଇବା ତେଲ, ଚିନାବାଦାମ, ସୋରିଷ, ରାଶି, ଅଳସୀ, ପେଶୀ ଆଦିକୁ ଛାଡ଼ି ବହୁରାଷ୍ଟ୍ରୀୟ କମ୍ପାନୀର ବିଦେଶୀ ସୂର୍ଯ୍ୟମୁଖୀ ଚାଷକୁ ଓ ସୂର୍ଯ୍ୟମୁଖୀ ତେଲକୁ ପ୍ରଶ୍ରୟ ଦିଆଗଲା। ଫଳରେ ଏବେ ଦେଶ ଖାଇବା ତେଲରେ ପରାଶ୍ରିତ ହେବା ସହ ଲକ୍ଷାଧିକ କୋଟିଟଙ୍କା ବ୍ୟୟ କରୁଛି।

ସେହିପରି ଅଧିକ ଅମଳ କରି ଧନୀ ହେବାର ସ୍ୱପ୍ନ ଦେଖାଇ ଏକ ଏକରିଆ ନାମମାତ୍ର ଚାଷୀର ଜମିକୁ ଜଳସେଚିତ କରିବା ବାହାନାରେ ତାର ପାରମ୍ପରିକ କୋଳଥ, ମାଣ୍ଡିଆ, ସୁଆଁ, ଖେସାରୀକୁ ନିରୁତ୍ସାହିତ କରି ସାର, ଔଷଧ ହାଇବ୍ରିଡ ମଞ୍ଜିରେ କରାଯାଇଥିବା ତଥାକଥିତ ଉନ୍ନତ କୃଷିକୁ ପ୍ରୋତ୍ସାହନ ଦେଇ ତା' ପରିବାରର ସ୍ୱାସ୍ଥ୍ୟ ତଥା ସ୍ୱାଧୀନତାକୁ ବିପନ୍ନ କରାଗଲା। ପାରମ୍ପରିକ ରୋଗ, ପୋକ, ନିୟନ୍ତ୍ରଣକାରୀ ଜୈବ କୀଟନାଶକ ଓ କୃଷିପ୍ରଣାଳୀକୁ ପ୍ରକାରାନ୍ତେ ପୁରୁଣାକାଳିଆ, ମରହଟିଆ ଆଖ୍ୟା ଦେଇ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ଏପରି ନାଁ ଥିବା କୀଟନାଶକ ବିକ୍ରି କରାଗଲା ଯାହାର ଶବ୍ଦ ଉଚ୍ଚାରଣ କରିବା ସାଧାରଣ ଚାଷୀଙ୍କ ପାଇଁ ଅସମ୍ଭବ। ବଡ଼ବଡ଼ କୃଷି ଯନ୍ତ୍ରପାତିରେ ରିଆତି ବ୍ୟବସ୍ଥା କରାଗଲା, ଯାହା ଏହି ଛୟାଅଶୀ ପ୍ରତିଶତ କୃଷିଜୀବୀଙ୍କ ଶକ୍ତିର ବାହାରେ।

ଆମ ଦେଶର ବିକ୍ରୟ ବ୍ୟବସ୍ଥାର ପେଣ୍ଠସ୍ଥଳୀ ସରକାରୀ ମଣ୍ଡି ବଡ଼ଚାଷୀ ଓ ଦଲାଲମାନଙ୍କ ପାଖରେ ବନ୍ଧା ବୋଲି ବିଭିନ୍ନ ସରକାରୀ ତଥ୍ୟ ଓ ଅନୁଶୀଳନ କହିଥାଏ। ଏହା ମଧ୍ୟ ମାତ୍ର ହାତଗଣତି ଫସଲ ପାଇଁ। ଏପରି ପରାଧୀନତା କେବଳ ଜମିଭିତ୍ତିକ କୃଷି ନୁହେଁ; ପଶୁପାଳନ ଓ ମତ୍ସ୍ୟଚାଷୀଙ୍କ ଅବସ୍ଥା ତଦ୍ରୁପ। ଏକଦା ପାଶ୍ଚାତ୍ୟ ଦେଶଗୁଡ଼ିକରେ ଆଦୃତ ଜର୍ସି, ହଲଷ୍ଟିନ୍ ଗାଈକୁ ଆମ ଦେଶର ସିନ୍ଧି, ଗିର୍ ତୁଳନାରେ ଉତ୍କୃଷ୍ଟ ବୋଲି ସରକାରୀସ୍ତରରେ ବହୁଳ ପ୍ରଚାର ଓ ପ୍ରସାର କରାଯାଇଥିଲା। ଏସବୁ ପରାଧୀନତାର ଅଂଶ ନୁହେଁ ତ ଆଉ କ'ଣ ? ଏବେ ଆଉ ଗୋଟିଏ ପାଦ ଆଗକୁ ଯାଇ ସରକାର କୃଷିକ୍ଷେତ୍ରର ସବୁ କ୍ରୟଯୋଗ୍ୟ ଉପାଦାନରେ ପୂର୍ଣ୍ଣମୂଲ୍ୟ ନେଇ କିଣିବା ପରେ ରିଆତି ବ୍ୟାଙ୍କ ଖାତାକୁ ଆସିବାର ବ୍ୟବସ୍ଥା କରିଛନ୍ତି। ଗରିବ, ଆଦିବାସୀ, ହରିଜନ

କୃଷକମାନେ ପୁରା ଦର ଦେଇ ବା ବ୍ୟାଙ୍କରୁ ଋଣ ନେଇ କିଣିବାରେ କେତେ ସମର୍ଥ, ଏହା ସମସ୍ତଙ୍କୁ ଜଣା। ଏହା ସ୍ୱାଧୀନ କୃଷକକୁ ପରାଧୀନତାର ଶୃଙ୍ଖଳରେ ବାନ୍ଧିବାର ଅନ୍ୟ ଏକ ପ୍ରୟାସ, ଯାହାର ପ୍ରତିଫଳନ ଗତ ଦଶନ୍ଧିଗୁଡ଼ିକରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ପଞ୍ଜାବ ଆଦି ଭାରତର ତଥାକଥିତ ପ୍ରଗତିଶୀଳ ରାଜ୍ୟରେ ଦେଖିବାକୁ ମିଳିଛି।

ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଏଇ ଜେନ ହୋୱ୍ୱରଙ୍କ ଅଭିବ୍ୟକ୍ତି ଏଠାରେ ପ୍ରଣିଧାନଯୋଗ୍ୟ। ତାଙ୍କ ମତରେ କୃଷି କାମ ବହୁତ ସହଜ, ଯେତେବେଳେ ଆପଣଙ୍କ ପେନ୍‌ସିଲ ଲଙ୍ଗଳ ହୋଇଥାଏ ଓ ଆପଣ ହଜାର ହଜାର ମାଇଲ୍ ଦୂରରେ ଥାଇ ଚାଷ କରୁଥାନ୍ତି। ଏବେ ସ୍ୱାଧୀନ ଭାରତରେ ବୋଧେ ଏହିପରି ଲୋକ କୃଷିକ୍ଷେତ୍ରର ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ଏକଦା ସ୍ୱାଧୀନତାର ଅନ୍ୟନାମ ଥିବା କୃଷକ, ତା'ର ନିଜ ଜମି, ଜଳ, ସମ୍ବଳ ଓ ମନୋବଳକୁ ସରକାରୀ କଳ ପାଖରେ ବନ୍ଧା ପକାଇଛି। ତା' ଜମିର ସବୁ ଯୋଜନା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ। ଏହା ଆଶ୍ଚର୍ଯ୍ୟ ନୁହେଁ ତ ଆଉ କ'ଣ ?

୦୨.୦୩.୨୦୨୪

# ଗାନ୍ଧୀଙ୍କ ସ୍ମାର୍ଟ ଗ୍ରାମ ପରିକଳ୍ପନା ଓ ରୂପାୟନ

"ମୁଁ ବିଶ୍ୱାସ କରେ, ବାରମ୍ବାର କହିଥାଏ, ଭାରତକୁ କିଛି ସହର ମଧ୍ୟରେ ଦେଖନାହିଁ ବରଂ ସାତ ଲକ୍ଷ ଗାଁ ଭିତରେ ଦେଖ। ଆମ ସହରୀଲୋକ କେବେ ବୁଝନ୍ତିନି, ଗାଁ ଲୋକଙ୍କର ଯଥେଷ୍ଟ ଖାଦ୍ୟ, ବସ୍ତ୍ର ଅଛି ନା ନାହିଁ, ମୁଣ୍ଡଗୁଞ୍ଜିବାକୁ ଚାଳ ଅଛି ନା ନାହିଁ। ମୁଁ ଦେଶ ସାରା ବୁଲି ଏହା ଅନୁଭବ କରିଛି ସହରମାନେ ଗାଁମାନଙ୍କୁ ଶୋଷଣ କରନ୍ତି"- ହରିଜନ/୦୪.୦୪.୧୯୩୬

ମହାତ୍ମା ଗାନ୍ଧୀଙ୍କର ଏକ କ୍ଷୋଭ ଭରା ଉକ୍ତି ତାଙ୍କ ହୃଦୟରେ ପରାଧୀନ ଭାରତର ଗାଁ-ସହର ମଧ୍ୟରେ ଥିବା ତାରତମ୍ୟକୁ ସୂଚାଏ। ୧୯୩୧ ମସିହା ଜନଗଣନା ଅନୁସାରେ ଅବିଭକ୍ତ ଭାରତର ସମୁଦାୟ ଲୋକସଂଖ୍ୟା ୨୭.୯ କୋଟି ମଧ୍ୟରୁ ସହରାଞ୍ଚଳରେ ୩.୩କୋଟି ରହୁଥିବାବେଳେ ଗ୍ରାମାଞ୍ଚଳରେ ତା'ର ସାଢ଼େ ସାତଗୁଣ ଲୋକ ରହୁଥିଲେ। ସେମାନଙ୍କର ସ୍ଥିତି ଓ ଗାଁମାନଙ୍କ ପରିସ୍ଥିତି ନେଇ ସେ ସବୁବେଳେ କହୁଥିଲେ, ଭାରତବର୍ଷର ଆତ୍ମା, ତା' ଗ୍ରାମ, ଗ୍ରାମର ସଂସ୍କୃତି, ପରିବେଶ, ପରିମଳ ମଧ୍ୟରେ ଥାଏ। ଗୋଟିଏ ସୁନ୍ଦର, ସ୍ୱଚ୍ଛ ଓ ସଶକ୍ତ ଗ୍ରାମ ହିଁ ଏକ ସ୍ୱପ୍ନର ଭାରତର ପ୍ରତିରୂପ। ତେଣୁ ଗ୍ରାମର ଉନ୍ନତି ହେଲେ ଭାରତବର୍ଷର ଉନ୍ନତି ହେବ। ସ୍ୱାଧୀନତାର ପଞ୍ଚସ୍ତରି ବର୍ଷ ପରେ ଗାନ୍ଧୀଙ୍କ ସ୍ୱପ୍ନର ରୂପରେଖ କ'ଣ, ଏହା ସମସ୍ତଙ୍କୁ ଜଣା।

ସ୍ୱାଧୀନ ଭାରତରେ ଗାନ୍ଧୀଙ୍କ ସ୍ୱପ୍ନର ସୁନ୍ଦର ଗାଁକୁ ଚରିତାର୍ଥ କରୁକରୁ ଆମେ ସୁନ୍ଦର ସହର ଗଠନ କରିବାରେ ବେଶୀ ମନଦେଲୁ। ସହର ତ ସମାଜର ଶାସକ ଓ ପ୍ରଶାସକଙ୍କ ବାସସ୍ଥଳୀ। ସହରରେ ବଡ଼ବଡ଼ ଶିଳ୍ପ ଗଢ଼ି ତାକୁ ସମୃଦ୍ଧିର ମନ୍ଦିର ବୋଲି ଆଖ୍ୟାଦେଲୁ। କହିବା ବାହୁଲ୍ୟ, ସହରୀ ସଭ୍ୟତା ଆମ ଦେଶରେ ନୂଆ ନୁହେଁ। ପ୍ରାଚୀନ ଭାରତର ହରପ୍ପା, ମହେଞ୍ଜୋଦାରୋ ଦୁଇ ନଗରୀର ଯୋଜନା ଓ ସଂରଚନା କୌଣସି ଆଧୁନିକ ପାଶ୍ଚାତ୍ୟ ସହରଠାରୁ ଊଣା ନୁହେଁ। କୃଷ୍ଣଦେବ ରାୟଙ୍କ ବିଜୟ ନଗରଠାରୁ ଆରମ୍ଭ କରି ବାମଣ୍ଡା ରାଜା ସୁଢ଼ଳ ଦେବଙ୍କ ରାଜଧାନୀ ଦେବଗଡ଼ ସହର ମଧ୍ୟ କୌଣସି ଗୁଣରେ ବର୍ତ୍ତମାନର ଯୋଜନାଭିତ୍ତିକ ସହରଠାରୁ ନ୍ୟୂନ ନୁହେଁ। ଅବଶ୍ୟ ସେ ବେଳର ସହର 'ସ୍ମାର୍ଟ ସିଟି' ନଥିଲା। ଇତିହାସ କହେ, ସେ ସମୟର ସହର ସ୍ମାର୍ଟ ଭାବନା ନେଇ ଗଢ଼ି ଉଠିଥିଲା। ଇତିମଧ୍ୟରେ ଆମେ ବି ଆମ ରାଜ୍ୟ

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ ସ୍ମାର୍ଟ ସହର ଭାବେ ଘୋଷଣା କଲୁ। ଘୋଷଣା ହେବା ପରଠାରୁ ଏପର୍ଯ୍ୟନ୍ତ ତା'ର ବିକାଶରେ କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇଛି। ପ୍ରତିବର୍ଷ କେନ୍ଦ୍ର ସରକାରଙ୍କ ମାନାଙ୍କରେ ଉଚ୍ଚ ସ୍ଥାନରେ ରହିଆସୁଛି; କିନ୍ତୁ ଅସରାଏ ଅଦିନିଆ ବର୍ଷା ପରେ ସ୍ମାର୍ଟସିଟି ଭୁବନେଶ୍ୱର ଅବସ୍ଥା କ'ଣ ହୁଏ, ତାହା ଏ ଯୋଜାନାର ସଫଳ କାର୍ଯ୍ୟାନ୍ୱୟନର କିୟଦଂଶ ମାତ୍ର। ବସ୍ତୁତଃ, ଏହି ଯୋଜନା ସହାୟତାରେ ଏହାର ବାସିନ୍ଦାମାନଙ୍କର ଅର୍ଥନୈତିକ ବିକାଶ ତଥା ବୈଷୟିକ ଜ୍ଞାନ ଆହରଣ ଓ ପ୍ରୟୋଗରେ କ'ଣ ବିକାଶ ହୋଇଛି, ତାହା ଭୁବନେଶ୍ୱରବାସୀ ହିଁ କହିପାରିବେ।

ଏଠାରେ ଏହା ପ୍ରଣିଧାନଯୋଗ୍ୟ ଯେ ୨୦୧୫ ମସିହାରେ ସରକାରଙ୍କ ସ୍ମାର୍ଟସିଟି ଯୋଜନା ଘୋଷଣା ସମୟରେ ବହୁ ବୁଦ୍ଧିଜୀବୀ ଭାରତ ପାଇଁ ସ୍ମାର୍ଟସିଟି ନୁହେଁ, ସ୍ମାର୍ଟଗ୍ରାମର ଆବଶ୍ୟକତା ରହିଛି କହି ଗାନ୍ଧିଜୀଙ୍କ ଉକ୍ତିକୁ ଉଦ୍ଧୃତ କରିଥିଲେ। ଗାନ୍ଧିଜୀ ସାରା ଜୀବନ ଗ୍ରାମ ସ୍ୱରାଜ ଓ ଆଦର୍ଶ ଗ୍ରାମ ଗଠନ ଉପରେ ବିଶେଷ ଧ୍ୟାନ ଦେଉଥିଲେ। ସେତେବେଳର ୟଙ୍ଗ୍ ଇଣ୍ଡିଆ, ହରିଜନ ପତ୍ରିକାରେ ଏହା ଉପରେ ବାରମ୍ବାର ଲେଖୁଥିଲେ। ଶିଳ୍ପ ବିପ୍ଲବର ଅଭ୍ୟୁଦୟ ପରେ ଭାରତରେ ସହରୀକରଣ ବୃଦ୍ଧିପାଇଲା। ଗତ ଶତାବ୍ଦୀର ଶେଷ ଦଶନ୍ଧିରେ ଦେଶରେ ମୁକ୍ତ ତଥା ବଜାରୀକରଣ ଅର୍ଥନୀତିର ପ୍ରବେଶ ପରେ ଏହା ଦ୍ରୁତଗତିରେ ବଢ଼ିଚାଲିଲା। ନିଜ ଗାଁ, ନିଜ ଭିଟାମାଟି ଛାଡ଼ି ଗାଁର ପାଠୁଆ, ଅପାଠୁଆ ସବୁ ଯୁବକ ସହର ଧାଇଁଲେ। ଗାଁର କୃଷିକ୍ଷେତ ନିଷ୍ପ୍ରଭ ମନେହେଲା। ଚାଷରୁ ହେଉଥିବା ଆୟରେ ପରିବାର ପୋଷଣ କାଠିକର ପାଠ ହେଲା। ବଣି ମାରି ଝିଣ୍ଟିକା ପୋଷିବା ନ୍ୟାୟରେ ଗାଁର ହଜାରହଜାର କୁଟୀର ଶିଳ୍ପ ସବୁ ଧ୍ୱଂସ ପାଇଲା। ଯାନ୍ତ୍ରୀକରଣ ନାମରେ ସରଳ ସହଜ କୌଳିକ ବୃତ୍ତି ସହ ବ୍ୟକ୍ତି ସ୍ୱାଧୀନତା ଲୋପ ପାଇଲା। ସର୍ବୋପରି ଗାଁର ଢାଞ୍ଚା ବଦଳିଗଲା । ଗାଁ ଯୁବକ ସହରର ରୋଜଗାର, ପକ୍କା ରାସ୍ତା ଡାକ୍ତରଖାନା, ସ୍କୁଲ, କଲେଜ ଠାରୁ ଅୟସ ଜୀବନ ପାଇଁ ସହରରେ ବସତି ସ୍ଥାପନ କରିବାକୁ ଚାହିଁଲା। ସରକାର ବି ସମୟ କ୍ରମେ ସେଠାରେ ଆହାରଠାରୁ ବିହାର ପର୍ଯ୍ୟନ୍ତ ସବୁକିଛି ଯୋଜନା ମାଧ୍ୟମରେ ଖଞ୍ଜି ଦେଲେ। ଅପରପକ୍ଷରେ ସହର ବାହ୍ୟ ଚାକଚକ୍ୟରେ ପୂର୍ଣ୍ଣ ଥିଲେ ମଧ୍ୟ ସ୍ମାର୍ଟ ହେବା ବଦଳରେ ଭାରାକ୍ରାନ୍ତ ହୋଇଉଠିଲା। ବେରୋଜଗାର, ସାମାଜିକ ବିଶୃଙ୍ଖଳା, ପ୍ରଦୂଷଣ, ବ୍ୟଭିଚାର, ଅନୀତି, ଦୁର୍ନୀତିର ପେଣ୍ଠସ୍ଥଳ ହେଲା ସ୍ମାର୍ଟ ଦିଶୁଥିବା ସହର ସବୁ। କଂକ୍ରିଟ୍ ଜଙ୍ଗଲରେ ବିଶୁଦ୍ଧ ଅମ୍ଳଜାନ ଟିକେ ପାଇଁ ଅଣନିଃଶ୍ୱାସୀ ହୋଇଯାଇଥିବା ସହରବାସୀ କିନ୍ତୁ ନିଜ ପ୍ରତିଷ୍ଠା, ସମ୍ମାନ ଆଳରେ 'ରୁକୁଣାରଥ ଅଣଲେଉଟା' ପରି ବାଧ୍ୟ ହୋଇ ରହିଗଲେ ସେ ସହରରେ । ଗ୍ରାମାଞ୍ଚଳ ଯୁବକଙ୍କ ବିସ୍ଥାପନ

ସହରକୁ ଆହୁରି ଭାରାକ୍ରାନ୍ତ କଲା। ଏକଦା ୨୦୧୪ ମସିହା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସରକାର ସ୍ମାର୍ଟ ସହର ପରି ସ୍ମାର୍ଟ ଗ୍ରାମ କରିବାକୁ ସାଂସଦ ଗ୍ରାମ ଯୋଜନା ଆରମ୍ଭ କଲେ । ଭାରତୀୟ ଗଣତନ୍ତ୍ରର ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି ସାଂସଦମାନଙ୍କ ନିଜ ମନୋନୀତ ଗ୍ରାମକୁ ଗ୍ରହଣ କରି ତାକୁ ଆଦର୍ଶ ଗ୍ରାମ କରିବାକୁ କୁହାଗଲା। ବର୍ତ୍ତମାନ ସେ ଯୋଜନା ଓ ସେ ଗ୍ରାମର ଅବସ୍ଥା ଆଲୋଚନା କରିବା ସ୍ପୃହଣୀୟ ନୁହେଁ। ଗାନ୍ଧିଜୀଙ୍କ ଆଦର୍ଶ ଗ୍ରାମ ଓ ସରକାରଙ୍କ ଆଦର୍ଶ ତଥା ସ୍ମାର୍ଟ ଯୋଜନା ମଧ୍ୟରେ କିଛି ମୌଳିକ ପ୍ରଭେଦ ରହିଗଲା ପରି ମନେହୁଏ। ଯାହାପାଇଁ ଏ ସରକାରୀ ଯୋଜନା କାଗଜପତ୍ରରେ ରହିଗଲା। ଗାନ୍ଧୀଙ୍କ ଆଦର୍ଶ ଗ୍ରାମର ଦୁଇ ପ୍ରମୁଖ ଅଙ୍ଗ ସ୍ୱଚ୍ଛ ପରିମଳ ଓ ସ୍ୱାବଲମ୍ବନତା। ଏ ଦୁଇ ଶବ୍ଦ ମଧ୍ୟରେ ସାରା ମାନବ ସଭ୍ୟତାର ବିକାଶ ଲୁଚି ରହିଛି। ଗାନ୍ଧିଜୀ ସର୍ବଦା କହୁଥିଲେ, ଗୋଟିଏ ଗ୍ରାମ ହିଁ ଗୋଟିଏ ଦେଶର ପ୍ରତିରୂପ। ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ଉତ୍ତମ ପରିମଳ ସହ ଉପଯୁକ୍ତ ରୋଜଗାର ଗ୍ରାମରେ ଉପଲବ୍ଧ ହୋଇପାରିଲେ, ତାହା ହିଁ ହେବ ଆଦର୍ଶ ଗ୍ରାମ। ଏସବୁର ଅଭାବରେ ହିଁ ଗ୍ରାମ ଯୁବକ ସହରୀ ହେବାକୁ ବାଧ୍ୟ ହୁଏ। ଏପରି ଆଦର୍ଶ ଗ୍ରାମ ଗଠନ ସ୍ମାର୍ଟ ସିଟି ଗଠନଠାରୁ ଯଥେଷ୍ଟ ସହଜ, ସରଳ ଓ ସୁନ୍ଦର। ଏଥିରେ ଜନଭାଗୀଦାରିତା ରହିଛି। ଅର୍ଥର ପ୍ରାଚୁର୍ଯ୍ୟ ନ ଥାଇପାରେ କିନ୍ତୁ ମନର ଏକତ୍ୱଭାବ ରହିଛି।

ଗାନ୍ଧିଜୀ ଚାହୁଁଥିଲେ, ସ୍ୱାଧୀନ ଭାରତର ଗ୍ରାମୀଣ ଜନତା ନିଜ ଗାଁର ଯୋଜନା ନିଜେ କରନ୍ତୁ ଓ ତା' ରୂପାୟନ ବି ନିଜେ କରନ୍ତୁ। ଧନ୍ଦାମୂଳକ ଶିକ୍ଷା ସଭିଏଁ ନିଅନ୍ତୁ। ମାନପତ୍ର ଭିତ୍ତିକ ଶିକ୍ଷା କରି ବେକାରୀ ନ ବଢୁ। ପ୍ରତ୍ୟେକ ଗାଁ ମୁଣ୍ଡରେ ବାହ୍ୟମଳମୁକ୍ତ ଗ୍ରାମର ମିଛ ଫଳକ ନ ଲାଗୁ। ଗାଁ ସ୍ୱଚ୍ଛ ରହୁ, ଗ୍ରାମବାସୀ ନିରୋଗ ରହନ୍ତୁ। ଗାଁ ପଞ୍ଚାୟତ ସଂସଦର ସ୍ଥାନ ନେଉ। ଗ୍ରାମସଭା ଉଚ୍ଚ ନ୍ୟାୟାଳୟର ଦାୟିତ୍ୱ ନିର୍ବାହ କରୁ। ଏବେ ବଞ୍ଚିଥିଲେ, ଗାନ୍ଧିଜୀ ତାଙ୍କ ଆଦର୍ଶ ଗ୍ରାମ ସ୍ମାର୍ଟ କରିବାକୁ ବୈଷୟିକ ଜ୍ଞାନର ପୂର୍ଣ୍ଣ ବିନିଯୋଗ ପାଇଁ ଓକିଲାତି କରିଥାନ୍ତେ। ଜାତି, ଧର୍ମ, ବର୍ଣ୍ଣର ବାଛବିଚାରରୁ ଉର୍ଦ୍ଧ୍ୱରେ ରହି ସମସ୍ତେ ପୂର୍ଣ୍ଣ ସ୍ୱାଧୀନତା ଓ ସମାନ ଅଧିକାର ପାଇବାକୁ କହିଥାନ୍ତେ। ତାଙ୍କ ଗାଁ ସ୍ୱଚ୍ଛ, ସୁନ୍ଦର, ସବୁଜ ହେଉ, ଗାଁ ପାଣି ଗାଁରେ ରହୁ, ଗାଁ ଖାଦ୍ୟ ଗାଁରେ ଉତ୍ପାଦିତ ହେଉ, ଏହା ଚାହିଁଥାନ୍ତେ । ଏହି ଆଦର୍ଶ ଗ୍ରାମ ସରକାରୀ ସ୍ମାର୍ଟ ସିଟିକୁ ଢ଼େର ପଛରେ ପକାଇ ଦେଇଥାନ୍ତା। ଗାନ୍ଧୀଙ୍କ ଗାଁର ଆଲୋକ ସ୍ମାର୍ଟ ସିଟିକୁ ନିଷ୍ପ୍ରଭ କରିଦେଇଥାନ୍ତା।

୩୦.୦୧.୨୦୨୪

# କୃଷି କ୍ଷେତ୍ରର ଶ୍ରୀବୃଦ୍ଧି ପଥେ ମହିଳା

କୃଷି ବିଶ୍ୱର ପ୍ରଥମ ନିଜସ୍ୱ ବ୍ୟବସାୟିକ ସଂସ୍ଥା। ଦଶହଜାର ବର୍ଷ ପୂର୍ବରୁ ପୃଥିବୀରେ କୃଷିକାର୍ଯ୍ୟ ଆରମ୍ଭ ହୋଇଥିଲା। ସାରା ପୃଥିବୀରେ ପୁରୁଷ ସହ ମହିଳାମାନେ ମଧ୍ୟ ଏହି କାମ କରିଆସିଛନ୍ତି। କିନ୍ତୁ ସମୟାଦିକ୍ରମେ ସମାଜର ବୁର୍ଜୁୟା, ଧନିକ ପରିବାରର ମହିଳାମାନେ ନିଜକୁ ଘରୋଇ କାର୍ଯ୍ୟରେ ନିୟୋଜିତ କରିଥିବା ବେଳେ ପୁରୁଷମାନେ ମୁଖ୍ୟତଃ କୃଷିକାର୍ଯ୍ୟ କରୁଥିଲେ। ଭାରତ ସ୍ୱାଧୀନତାବେଳକୁ ଦେଶର ୩୪କୋଟି ଜନସଂଖ୍ୟା ମଧ୍ୟରୁ ୮୫ ପ୍ରତିଶତ କୃଷକ ଥିଲେ। ବର୍ତ୍ତମାନ ୧୪୦ କୋଟି ଜନସଂଖ୍ୟାର ୫୮ ପ୍ରତିଶତ କୃଷକ ଅଛନ୍ତି, କିନ୍ତୁ କୃଷି କ୍ଷେତ୍ରରେ ଦେଶର ସମଗ୍ର ଘରୋଇ ଉତ୍ପାଦକୁ ପ୍ରତିଦାନ ପଚଶ ପ୍ରତିଶତରୁ ଖସି ୨୦ ପ୍ରତିଶତ ପର୍ଯ୍ୟନ୍ତ ଆସିଯାଇଛି। ଅନ୍ୟପକ୍ଷରେ ଏହି ଜନସଂଖ୍ୟା ମଧ୍ୟରୁ ମହିଳାଙ୍କ କୃଷିକ୍ଷେତ୍ରରେ ସହଭାଗିତା ବଢ଼ି ଚାଲିଛି। ଗତ ଶତାବ୍ଦୀର ଶେଷ ଦଶକରେ ଆରମ୍ଭ ହୋଇଥିବା ବଜାରୀକରଣ ଅର୍ଥନୀତିର ପ୍ରଭାବରେ ଗ୍ରାମୀଣ ପୁରୁଷମାନେ ଚଷଜମି ଛାଡ଼ି ଅଣ କୃଷି କ୍ଷେତ୍ର ଆଡ଼କୁ ମୁହାଁଇଥିବା ବେଳେ କୃଷି ଆସ୍ତେ ଆସ୍ତେ ମହିଳା  ମହିଳାଙ୍କ ଅଧୀନକୁ ଚାଲିଆସୁଛି।

ପରିସଂଖ୍ୟାନରୁ ପ୍ରାପ୍ତ ତଥ୍ୟର ଅନୁସାରେ ଆମ ଦେଶର ଗ୍ରାମାଞ୍ଚଳର ୭୩.୨ ପ୍ରତିଶତ ମହିଳା ଅଧୁନା କୃଷି କ୍ଷେତ୍ର ସହ ଜଡ଼ିତ ଅଛନ୍ତି। ଶିଳ୍ପ ଆଦି କ୍ଷେତ୍ରର ଯେତେ ଅଭିବୃଦ୍ଧି ଘଟିଲେ ମଧ୍ୟ ଗ୍ରାମାଞ୍ଚଳ ଆୟର ୩୯ ପ୍ରତିଶତ କେବଳ କୃଷିକ୍ଷେତ୍ରରୁ ଆସୁଛି। ମଧ୍ୟପ୍ରଦେଶ ପରି ରାଜ୍ୟରେ ଏହା ୫୨ ପ୍ରତିଶତ ରହିଛି। କୃଷିକ୍ଷେତ୍ରର ଅଗ୍ରଗତି ମନ୍ଥର ଓ ସନ୍ତୋଷଜନକ ନହେବାରୁ ଭାରତୀୟ ପୁରୁଷକେନ୍ଦ୍ରିକ ସମାଜର ପୁରୁଷ ଶକ୍ତି କ୍ରମେକ୍ରମେ କୃଷିକ୍ଷେତ୍ରରୁ ମୁହଁ ଫେରାଇ ନେଉଛି। ୨୦୨୦-୨୧ ଆର୍ଥିକ ବର୍ଷରେ କୃଷି ଅଭିବୃଦ୍ଧିହାର ୩.୩ ପ୍ରତିଶତ ଥିଲାବେଳେ ୨୦୨୧-୨୨ରେ ୩.୦ ପ୍ରତିଶତ ଓ ଅଧୁନା ମାତ୍ର ୧.୨ ପ୍ରତିଶତ ବୋଲି ଆକଳନ କରାଯାଇଛି। ଏପରି କ୍ଷେତ୍ରକୁ ତେଣୁ ଆଧୁନିକ ଯୁବସମାଜ ଗ୍ରହଣ କରିପାରୁନାହିଁ। କହିବା ବାହୁଲ୍ୟ ଭାରତୀୟ ଖାଦ୍ୟ ନିରାପତ୍ତାର ପ୍ରମୁଖ ଭାଗ ଏହି କୃଷିକ୍ଷେତ୍ର ସର୍ବଦା ଭାରତୀୟ ଅର୍ଥନୀତିର ଢାଲ ଭାବେ ପରିଗଣିତ ହୋଇଛି। ବିଶ୍ୱ ଆର୍ଥିକ ମାନ୍ଦା ସମୟ ହେଉ ଅଥବା କରୋନା ମହାମାରୀ ସମୟ ହେଉ, ଏହା ହିଁ ଦେଶକୁ ଅର୍ଥନୈତିକ ସୁରକ୍ଷା ପ୍ରଦାନ କରିଛି । କିନ୍ତୁ ଏଥିରେ ନିୟୋଜିତ ମାତୃଶକ୍ତିର ସାମାଜିକ ଓ

ଅର୍ଥନୈତିକ ବିକାଶ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବାରେ ଆମେ ସଫଳ ହୋଇପାରିନାହୁଁ। ଭାରତୀୟ କୃଷି ଗବେଷଣା ପରିଷଦର ତଥ୍ୟ ଅନୁସାରେ ଆମର ମୁଖ୍ୟ ଖାଦ୍ୟଶସ୍ୟର ୭୫ ପ୍ରତିଶତ, ଉଦ୍ୟାନ କୃଷିର ୭୯ ପ୍ରତିଶତ, ଅମଳ ପରବର୍ତ୍ତି କାର୍ଯ୍ୟର ୫୧ ପ୍ରତିଶତ ଓ ମତ୍ସ୍ୟ ପଶୁପାଳନର ୯୫ ପ୍ରତିଶତ କାର୍ଯ୍ୟରେ ମହିଳାଙ୍କ ଯୋଗଦାନ ରହିଛି। ଅପରପକ୍ଷେ ଦଲୱାଇ ରିପୋର୍ଟ ଅନୁସାରେ ଦେଶର ୧୩.୭ କୋଟି ଜମି ମାଲିକଙ୍କ ମଧ୍ୟରୁ ମାତ୍ର ୨.୦୨ କୋଟି ହେଉଛନ୍ତି ମହିଳା। ଅର୍ଥାତ ଦେଶର ୮୬ ପ୍ରତିଶତ ଚାଷଜମିର ମାଲିକ ମହିଳା ନୁହନ୍ତି; କିନ୍ତୁ ପୁରୁଷର ଅବର୍ତ୍ତମାନରେ ଏହି ମହିଳାମାନେ ହିଁ ଚାଷ କାମ ସମ୍ପାଦନ କରି ଦେଶକୁ ରେକର୍ଡ ୩୨୦ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରାଇଛନ୍ତି। ନିଜ ନାମରେ ଜମି ନଥାଇ, ବହୁ ସରକାରୀ ସହାୟତାରୁ ବଞ୍ଚିତ ହୋଇ ମଧ୍ୟ ସେମାନେ ଗ୍ରାମୀଣ ଅର୍ଥନୀତିରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରନ୍ତି। ନିଜ ନାମରେ ଜମି ନଥିବାରୁ ଏହି ମହିଳାମାନେ ଚାଷୀ (କଲଟିଭେଟର) ପଦବାଚ୍ୟ ଅଟନ୍ତି; କିନ୍ତୁ କୃଷକ (ଫାର୍ମର) ହୋଇପାରନ୍ତି ନାହିଁ। ପାଶ୍ଚାତ୍ୟ ସମାଜ ବିଜ୍ଞାନୀ ଗ୍ରାହାମ୍ ପେବଲସ୍‌ଙ୍କ ମତରେ ଭାରତରେ ଜଣେ ମହିଳା, କୃଷକ ଭାବେ ପରିଗଣିତ ହୁଏ ନାହିଁ। ସେ କେବଳ ଜଣେ କୃଷକର ସ୍ତ୍ରୀ; ତେଣୁ ତା'ର ଆତ୍ମହତ୍ୟାକୁ କୃଷିଜନିତ ଆତ୍ମହତ୍ୟା ଭାବେ ଭାରତ ସରକାର ଗ୍ରହଣ କରନ୍ତି ନାହିଁ। ଭାରତୀୟ ସାମ୍ବିଧାନିକ ବିଧିବ୍ୟବସ୍ଥାରେ ଥିବା ଏପରି ନକାରାତ୍ମକ ନିୟମକୁ ଉଚ୍ଛେଦକରି ମହିଳାଙ୍କ ନ୍ୟାର୍ଯ୍ୟ ଦାବି ପାଇଁ ତତ୍କାଳୀନ ସାଂସଦ, କୃଷିବିଜ୍ଞାନୀ ଡ. ଏମ୍.ଏସ ସ୍ୱାମୀନାଥନ୍ ରାଜ୍ୟସଭାରେ ମହିଳା କୃଷକ ସ୍ୱତ୍ୱାଧିକାର ବିଲ୍-୨୦୧୧ ଆଗତ କରିଥିଲେ। ଏପରିକି ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ମହିଳାଙ୍କ ପାଇଁ ଯେଉଁ ପଦକ୍ଷେପ ନିଆଯାଉଛି, ତାହା ସେମାନଙ୍କୁ ଜମିର ମାଲିକାନା ଦେବାରେ ଅସମର୍ଥ ହୋଇଛି। ତେଣୁ ଭାରତୀୟ ମହିଳା ଚାଷୀ ଅଦ୍ୟାବଧି କୃଷିବୀମା, ଋଣ ଓ ଅନେକ ସହାୟତା ପାଇବାରେ ବଞ୍ଚିତ ହେଉଅଛି।

ସରକାରୀ ତଥ୍ୟ ଅନୁସାରେ ଓଡ଼ିଶାରେ ପୁରୁଷ କୃଷକ ୪୬.୬୭ ଲକ୍ଷ ଥିବାବେଳେ ମହିଳା କୃଷକଙ୍କ ସଂଖ୍ୟା ମାତ୍ର ୧.୯୮ ଲକ୍ଷ। ରାଜ୍ୟରେ ରପ୍ତାନୀଭିତ୍ତିକ କ୍ଷୁଦ୍ରଶିଳ୍ପ, କୁଟୀରଶିଳ୍ପ ତଥା ରୋଜଗାରଭିତ୍ତିକ ଶିଳ୍ପ ସଂଖ୍ୟା ନଗଣ୍ୟ। ତେଣୁ ଓଡ଼ିଶାର ବହୁ ଯୁବଗୋଷ୍ଠୀ ଅନ୍ୟ ରାଜ୍ୟକୁ ରୋଜଗାର ଆଶାରେ ଚାଲିଯାଆନ୍ତି। ଏହି ପ୍ରବାସୀ ଓଡ଼ିଆ ଶ୍ରମିକ ପରିବାରର ମହିଳାମାନେ ହିଁ ପରେ କୃଷିକାର୍ଯ୍ୟ କରିଥାନ୍ତି। କିନ୍ତୁ ନିଜ ନାମରେ ଜମିପଟ୍ଟା ନଥିବାରୁ ସେମାନେ ବହୁ ସରକାରୀ ପ୍ରୋତ୍ସାହନରୁ ବଞ୍ଚିତ। ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ବିହାର ପରି ରାଜ୍ୟ ମହିଳାଙ୍କୁ ଜମି ସତ୍ତ୍ୱାଧିକାର ପ୍ରଦାନରେ ଆଗରେ ଥିଲାବେଳେ ଆମେ ବହୁ ପଛରେ। ତଥାପି ସେମାନଙ୍କର କୃତିତ୍ୱ ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ। ରାଜ୍ୟ ସରକାରଙ୍କର ମିଶନଶକ୍ତି ବିଭାଗ ଦ୍ୱାରା ଉପକୃତ ହୋଇ ଗ୍ରାମୀଣ

ମହିଳାମାନେ ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱଚ୍ଛତା, ସ୍ୱରୋଜଗାର ଆଦି କ୍ଷେତ୍ରରେ ଭାଗୀଦାରି ହୋଇପାରିଛନ୍ତି। କିନ୍ତୁ ନିଜ ନାମରେ ଜମି ନଥିବା ରାଜ୍ୟର ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗର ମହିଳାମାନେ କେମିତି କୃଷକ ଭାବେ ପରିଗଣିତ ହୋଇ ସରକାରୀ ସୁବିଧା ପାଇବେ, ସେ ବ୍ୟବସ୍ଥା କାହିଁ? ଜମିମାଲିକଙ୍କଠାରୁ ଜମି ଭଡ଼ା (ଲିଜ୍)ରେ ଆଣି ଚାଷ କଲେ, ସେ କ'ଣ ବନ୍ୟା, ବାତ୍ୟା, ମରୁଡ଼ି, ଆଦି ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷୟକ୍ଷତିର ସରକାରୀ ସହାୟତା ପାଇପାରିବ ? ପ୍ରଧାନମନ୍ତ୍ରୀ ଫସଲବୀମା ହେଉ କିମ୍ବା ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି କ'ଣ ଏହି ମହିଳାମାନେ ପାଇପାରୁଛନ୍ତି ? ଏହା କେବଳ କୃଷି କ୍ଷେତ୍ର ନୁହେଁ, ପଶୁପାଳନ ଓ ମତ୍ସ୍ୟ ଆଦି ଆନୁଷଙ୍ଗିକ କ୍ଷେତ୍ରରେ ମଧ୍ୟ ମହିଳାମାନେ ଏଥିପାଇଁ ବିଭିନ୍ନ ସୁଯୋଗରୁ ବଞ୍ଚିତ ହେଉଛନ୍ତି। କିଷାନ କ୍ରେଡିଟ୍ କାର୍ଡ ପାଇବାରେ ବ୍ୟାଙ୍କମାନେ ପ୍ରତିବନ୍ଧକ ସାଜୁଛନ୍ତି।

ପରିବର୍ତ୍ତିତ ପରିସ୍ଥିତିରେ କୃଷିକାର୍ଯ୍ୟ ପରି କଠିନ ରୋଜଗାରପନ୍ଥା ମହିଳାଙ୍କ ନିକଟକୁ ଆସିଛି। ଉଦାହରଣ ସ୍ୱରୂପ ଧାନରୁଆ ଯାହା ବହୁ ଶାରୀରିକ କ୍ଲିଷ୍ଟତା କାର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ଜଣେ ମହିଳା ଏକ ଏକର ଧାନରୁଆ ପାଇଁ ଏକ ଲକ୍ଷ ପଚିଶ ହଜାର ଥର ଅଣ୍ଟା ନୁଆଁଇବାକୁ ପଡ଼ିଥାଏ। ଓଡ଼ିଶାର ଧାନ ରୁଆର ନବେ ପ୍ରତିଶତ କେବଳ ମହିଳାଙ୍କ ଦ୍ୱାରା ସଂପାଦିତ ହୁଏ। ଅତଏବ ଏପରି ଶାରୀରିକ ପରିଶ୍ରମ କରି ଆମକୁ ଖାଦ୍ୟ ନିରାପତ୍ତା ଯୋଗାଉଥିବା ମହିଳା ଶ୍ରମିକ ଓ କୃଷକଙ୍କୁ ସେମାନଙ୍କ ନ୍ୟାଯ୍ୟଦାବୀ ଦେବାର ଆବଶ୍ୟକତା ରହିଛି। କେବଳ କୃଷିକ୍ଷେତ୍ର ନୁହେଁ, କୃଷି ଶିକ୍ଷାରେ ମଧ୍ୟ ମହିଳା ଭାଗୀଦାରିର ସମୟକ୍ରମେ ବଢ଼ିଚାଲିଛି। ଭୁବନେଶ୍ୱରରେ ଅବସ୍ଥିତ କୃଷି ମହାବିଦ୍ୟାଳୟରେ ୧୯୮୨ରେ ପ୍ରଥମ ମହିଳା କୃଷି ସ୍ନାତକ ଶିକ୍ଷାରେ ନାମ ଲେଖାଇଥିବାବେଳେ ଗତବର୍ଷ ଏହା ୬୭ ପ୍ରତିଶତରେ ପହଞ୍ଚିଛି। ଅତଏବ ପୁରୁଷ ପ୍ରଧାନ କୃଷିକ୍ଷେତ୍ର ଏବେ ମହିଳାକୈନ୍ଦ୍ରିକ ହୋଇସାରିଛି। ତେଣୁ ସରକାର ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରିତା ବୃଦ୍ଧିହାର ନିୟମ ପ୍ରଣୟନ କରିବାର ଆବଶ୍ୟକତା ରହିଛି । ନୂତନ ଜମି କିଣାବିକାରେ ମିଳିତ ପଞ୍ଜିକରଣ ବ୍ୟବସ୍ଥା ରହୁ। ଘରର ମହିଳାଙ୍କ ନାମରେ ସ୍ୱତଃ ଜମି ମାଲିକାନା ହସ୍ତାନ୍ତରଣକୁ ଦେୟମୁକ୍ତ କରାଯାଉ। ପୁରୁଷଙ୍କୁ ମଧ୍ୟ ତାଙ୍କ ସ୍ତ୍ରୀ ନାମକୁ ଜମି ସତ୍ତ୍ୱାଧିକାର ପ୍ରଦାନକୁ ଉତ୍ସାହିତ କରିବାର ବ୍ୟବସ୍ଥା କରାଯାଉ। ସମାଜରେ ଏପରି ମାନସିକତା ସୃଷ୍ଟି ପାଇଁ ସରକାର ନେତୃତ୍ୱ ନିଅନ୍ତୁ। କାଳିଆ, ବଳରାମ, ଲକ୍ଷ୍ମୀ ପରି ସୁଭଦ୍ରା ଯୋଜନା ଗ୍ରାମୀଣ କୃଷିନୀତି ମହିଳାଙ୍କ ପାଇଁ ପ୍ରଣୟନ କରାଯାଉ।

୧୦.୧୨.୨୦୨୩

# ଅନ୍ନଚିନ୍ତା ଚମତ୍କାର

ସଂପ୍ରତି ଭାରତ ସରକାରଙ୍କର ବାସୁମତୀ ଚାଉଳ ପାଇଁ ସର୍ବନିମ୍ନ ରପ୍ତାନି ମୂଲ୍ୟ ଘୋଷଣା ଓ ଉଷୁନା ଚାଉଳ ଚାଉଳ ଉପରେ ନିୟନ୍ତ୍ରଣ ପୃଥିବୀର ଖାଦ୍ୟ ବଜାରରେ ଚାଉଳ ଉପଲବ୍ଧତାକୁ ପ୍ରଭାବିତ କରିଅଛି। ଗତ ବର୍ଷଠାରୁ ଖୁଦ ଚାଉଳର ବହିର୍ଗମନ ଉପରେ ଅଙ୍କୁଶ ଲଗାଇ ସାରିଥିବା ଆମ ଦେଶ ଏବେ ଅଣ ବାସୁମତୀ ଚାଉଳ ରପ୍ତାନି ଉପରେ କଟକଣା ଜାରି କରିଛି। କୃଷ୍ଣସାଗର ଚୁକ୍ତିରୁ ରୁଷିଆର ଏକତରଫା ଅପସାରଣ ସହ ଭାରତର ପରିବର୍ତ୍ତିତ ଚାଉଳ ରପ୍ତାନି ନୀତି ସାରା ପୃଥିବୀରେ ଚହଳ ସୃଷ୍ଟି କରିଛି। ମିଳିତ ଜାତିସଙ୍ଘର ଖାଦ୍ୟ ଓ କୃଷି ସଂସ୍ଥା ଭାରତର ଏ ସବୁ ନୂତନ ନିୟମର ପ୍ରଚଳନ ପାଇଁ ବିଶ୍ୱ ବଜାରରେ ଚାଉଳ ଦର ୧୫ରୁ ୨୫ ପ୍ରତିଶତ ବୃଦ୍ଧି ପାଇଛି ବୋଲି ପ୍ରକାଶ କରିଛି। ଏଠାରେ ଉଲ୍ଲେଖନୀୟ ଯେ ପୃଥିବୀର ମୋଟ ଚାଉଳ ବ୍ୟବସାୟର ଚାଳିଶ ପ୍ରତିଶତ କେବଳ ଭାରତ ହିଁ କରିଥାଏ। ସର୍ବବୃହତ ଚାଉଳ ରପ୍ତାନିକାରୀ ରାଷ୍ଟ୍ରଭାବେ ଏହା ଗତ ଆର୍ଥିକ ବର୍ଷରେ ୧୪୦ଟି ଦେଶକୁ ବାଇଶି ନିୟୁତ ଟନ୍ ଚାଉଳ ବିକ୍ରି କରିଅଛି। ପୃଥିବୀର ଅର୍ଦ୍ଧାଧିକ ଜନସାଧାରଣଙ୍କର ମୁଖ୍ୟ ଖାଦ୍ୟ ଭାତ (ଅନ୍ନ) ହୋଇଥିବାବେଳେ ଆମ ସରକାରଙ୍କର ଏ ପଦକ୍ଷେପ ବହୁ ଦେଶର ଖାଦ୍ୟ ନିରାପତ୍ତାକୁ ଦୋହଲାଇଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସ୍ୱଳ୍ପ ମୂଲ୍ୟର ଅଣ ବାସୁମତୀ ଧଳା ଚାଉଳ କଟକଣା ଆମ ପଡ଼ୋଶୀ ନେପାଳ ଓ ବାଂଲାଦେଶର ଖାଉଟିଙ୍କୁ ବାଧିବାବେଳେ ନିମ୍ନମାନର ଖୁଦ ଚାଉଳର ଅଭାବ ଗରିବ ଆଫ୍ରିକୀୟ ରାଷ୍ଟ୍ର ସମୂହର ଖାଦ୍ୟ ନିରାପତ୍ତାକୁ ଗୁରୁତରଭାବେ ପ୍ରଭାବିତ କରିବ ବୋଲି କୁହାଯାଉଛି। ସୁତରାଂ ଗୋଟିଏ ବିଶ୍ୱ, ଗୋଟିଏ ପରିବାର ସ୍ଲୋଗାନ ଦେଉଥିବା ଭାରତବର୍ଷର ଗରିବ ରାଷ୍ଟ୍ରମାନଙ୍କ ମୁହଁରୁ ଅନ୍ନ ଛଡ଼ାଇ ଆଣିବାର ଏ ପ୍ରୟାସ ଭବିଷ୍ୟତରେ କେଉଁ ରୂପ ନେବ, ତାହା ଏକ ବିରାଟ ପ୍ରଶ୍ନବାଚୀ।

ତଥ୍ୟ ଅନୁସାରେ ଆମ ଦେଶ ବାର୍ଷିକ ପ୍ରାୟ ୧୩୫ ନିୟୁତ ଟନ୍ ଚାଉଳ ଉତ୍ପାଦନ କରିଥାଏ। ଅଶୀ କୋଟି ଜନତାଙ୍କ ପାଇଁ ଅତ୍ୟଧିକ ରିହାତି (ମାଗଣା ଭାବେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ଦିଆଯାଉଥିବା ଚାଉଳ ମିଶାଇ) ଆମର ବାର୍ଷିକ ଚାହିଦା ୯୫ ନିୟୁତ ଟନ୍‌ରେ ସୀମିତ। ଜରୁରିକାଳୀନ ଅବସ୍ଥାକୁ ନିୟନ୍ତ୍ରଣ କରିବାକୁ ସରକାର ୪୧ ନିୟୁତ ଟନ୍ ଚାଉଳ ନିଜ ଗୋଦାମରେ ଗଚ୍ଛିତ ରଖିଛନ୍ତି। ସ୍ୱାବଲମ୍ବନତାର ଏପରି ଏକ ନିରାପଦ ସ୍ଥାନରେ ଥାଇ ମଧ୍ୟ ଭାରତ ସରକାରଙ୍କର ଏପରି ଚାଉଳ ରପ୍ତାନି ନୀତି ବହୁ କୃଷି ବିଶାରଦ ଓ ଅର୍ଥନୀତିଜ୍ଞଙ୍କୁ ଆଶ୍ଚର୍ଯ୍ୟ କରିଛି।

ତଥ୍ୟ ଅନୁସାରେ, ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ଚାଉଳ ରପ୍ତାନିରୁ ଆମ ଦେଶ ପ୍ରାୟ ଦଶ ବିଲିୟନ ଡଲାର ବୈଦେଶିକ ମୁଦ୍ରା ଅର୍ଜନ କରିଅଛି। ଏହା କେବଳ ବାସୁମତୀ ଚାଉଳର ବିକ୍ରିଲବ୍ଧ ଅର୍ଥନୁହେଁ ବରଂ ଏହାର ମୁଖ୍ୟଭାଗ ଭାବେ ଆଠ ନିୟୁତ ଟନ ଉଷୁନା ଚାଉଳ, ଛ' ନିୟୁତ ଟନ ଅଣ ବାସୁମତୀ ଧଳାଚାଉଳ ଓ ତିନି ନିୟୁତ ଟନ୍ ଖୁଦ ଚାଉଳ ମଧ୍ୟ ରହିଛି। ତେବେ ସରକାରଙ୍କର ଏ ନୂଆ ଚାଉଳ ରପ୍ତାନି ନୀତି ଅବିମୃଶ୍ୟକାରିତାର ଚରମ ନିଦର୍ଶନ କହିଲେ ସଂପୂର୍ଣ୍ଣ ଉଚିତ ହେବନାହିଁ। ରାଜନୈତିକ ଦୃଷ୍ଟିକୋଣରୁ ଆଗାମୀ ବର୍ଷ କେନ୍ଦ୍ର ସରକାରଙ୍କ ପାଇଁ ପରୀକ୍ଷାର ବର୍ଷ ହେବ। ସାଧାରଣ ଟମାଟୋ ପାଇଁ ବଢ଼ିଯାଉଥିବା ଖାଦ୍ୟ ମୁଦ୍ରାସ୍ଫୀତିକୁ ବର୍ଦ୍ଧିତ ଚାଉଳ ଦର ବିନିମୟରେ ଲଗାମଛଡ଼ା ହେବାକୁ ସରକାର ଚାହାନ୍ତି ନାହିଁ। ସାରା ଭାରତରେ ଏଲ୍‌ନିନୋର ନକାରାତ୍ମକ ପ୍ରଭାବ ବର୍ତ୍ତମାନ ସ୍ପଷ୍ଟ ଦୃଶ୍ୟମାନ। ଏ ବର୍ଷର ଅଗଷ୍ଟ ମାସ ଗତ ଶତାବ୍ଦୀର ପ୍ରାରମ୍ଭରୁ (୧୯୦୧ ମସିହା)ରୁ ଅଦ୍ୟାବଧି ସବୁଠାରୁ ଶୁଷ୍କମାସ ଭାବେ ଘୋଷିତ ହୋଇଛି। ଦେଶର ଦାକ୍ଷିଣାତ୍ୟରେ ଅଗଷ୍ଟ ମାସ ଶେଷ ସୁଦ୍ଧା ୬୨ ପ୍ରତିଶତ, ମଧ୍ୟଭାରତରେ ୪୨ ପ୍ରତିଶତ ଓ ଉତ୍ତର-ପଶ୍ଚିମ ଭାଗରେ ୩୪ ପ୍ରତିଶତ କମ୍ ବର୍ଷା ହୋଇଛି। କର୍ଣ୍ଣାଟକ ପରି ସ୍ୱର୍ଣ୍ଣପ୍ରସୂ ରାଜ୍ୟରେ ୭୫ ପ୍ରତିଶତ କମ୍ ବୃଷ୍ଟିପାତ ରେକର୍ଡ କରାଯାଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଯାହା ଦେଶର ଅଶୀ ପ୍ରତିଶତ ବାର୍ଷିକ ବୃଷ୍ଟିପାତ ଓ ତଦନୁଯାୟୀ ଫସଲ ଉତ୍ପାଦନର ମୁଖ୍ୟକାରକ, ତାହା ଏ ବର୍ଷ ଭାରତୀୟ କୃଷକଙ୍କୁ ଧୋକା ଦେଇଛି। ଭାରତୀୟ ପାଣିପାଗ ବିଭାଗର ସେପ୍ଟେମ୍ବର ମାସର ସ୍ୱାଭାବିକ ବୃଷ୍ଟି ଆକଳନ ଏ ସମୟରେ ସାଧାରଣ କୃଷକ ମନରେ ଉତ୍ସାହ ଆଣିବାରେ ଅସମର୍ଥ। ତେଣୁ ଭବିଷ୍ୟତରେ ଧାର୍ଯ୍ୟ ଲକ୍ଷ୍ୟରୁ କମ୍ ଉତ୍ପାଦନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଚାଉଳ ରପ୍ତାନିକୁ ନିୟନ୍ତ୍ରଣ କରିଛନ୍ତି ଓ ଏହା ଏକ ସମୟୋପଯୋଗୀ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି। ଟମାଟୋର ସାମୟିକ ଦର ବୃଦ୍ଧି ଯେପରି ଅନ୍ୟ ସାମଗ୍ରୀର ଦରକୁ ପ୍ରଭାବିତ କଲା, ସେହିପରି ଚାଉଳର ଅତ୍ୟଧିକ ଦରବୃଦ୍ଧି ନିଶ୍ଚିତଭାବେ ସମଗ୍ର ଖାଦ୍ୟ

ସାମଗ୍ରୀ ବିପଣନ ବ୍ୟବସ୍ଥାକୁ ସଂକ୍ରମିତ କରିବ ବୋଲି ସରକାର ଆଶଙ୍କା ପ୍ରକାଶ କରୁଛନ୍ତି। ଭାରତ ପରି କୃଷି କୈନ୍ଦ୍ରିକ ରାଷ୍ଟ୍ରରେ ୧୪୦ କୋଟି ଜନତାଙ୍କୁ ଅନ୍ନ ଯୋଗାଇବାରେ ସରକାର କୌଣସି ତ୍ରୁଟି ନରଖିବାକୁ ପ୍ରୟାସ କରୁଥିବାରୁ ଏହି ନୂତନ ନୀତି, ଏହାର ଅଂଶବିଶେଷ, ଏହା ସ୍ପଷ୍ଟ ପ୍ରତୀୟମାନ ହେଉଅଛି।

ଏବେ ଆମ ଓଡ଼ିଶା କଥା ଆଲୋଚନା କରାଯାଉ। ଓଡ଼ିଶାର ଶତପ୍ରତିଶତ ଜନସାଧାରଣଙ୍କର ମୁଖ୍ୟ ଖାଦ୍ୟ ଭାତ (ଅନ୍ନ)। ବିଗତ ବର୍ଷ ମାନଙ୍କରେ ଓଡ଼ିଶାର ବାର୍ଷିକ ଧାନ ଉତ୍ପାଦନ ଏକ ଶହ ଲକ୍ଷ  ଟନ୍ ଅତିକ୍ରମର ନଜିର ରହିଛି। ଧାନ ହିଁ ଓଡ଼ିଶାର ଏକ ମାତ୍ର ଖାଦ୍ୟଶସ୍ୟ, ଯାହାର ଉତ୍ପାଦନରେ ଓଡ଼ିଶା ସ୍ୱୟଂସଂପୂର୍ଣ୍ଣ। ତଥାପି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇ ୨୦୧୧-୧୨, ୨୦୧୫-୧୬, ୨୦୧୭-୧୮ ଆଦି ବର୍ଷମାନଙ୍କରେ ଓଡ଼ିଶା ନିଅଣ୍ଟିଆ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ଏପରି କି ୨୦୦୨ ମସିହାରେ ଅନାବୃଷ୍ଟି କାରଣରୁ ଆମ ରାଜ୍ୟକୁ ୨୨ ଲକ୍ଷ ଟନ୍ ଚାଉଳ ଆମଦାନୀର ଆବଶ୍ୟକତା ପଡ଼ିଥିଲା। ଅଦ୍ୟାବଧି ବୃଷ୍ଟିପାତକୁ ଅନୁଶୀଳନ କଲେ ଜଣାଯାଏ ଯେ ଗତ ଜୁନ୍ ପହିଲାରୁ ସେପ୍ଟେମ୍ବର ପହିଲା ପର୍ଯ୍ୟନ୍ତ ଓଡ଼ିଶାର ସ୍ୱାଭାବିକ ବୃଷ୍ଟିପାତ ୯୨୨ ମିମି ହେବା ପରିବର୍ତ୍ତେ, ଏ ବର୍ଷ ୧୫ ପ୍ରତିଶତ କମ ହୋଇଛି। ନବରଙ୍ଗପୁର ଜିଲ୍ଲାରେ ୪୨ ପ୍ରତିଶତ, କେନ୍ଦ୍ରାପଡ଼ାରେ ୩୮ ପ୍ରତିଶତ, ଗଞ୍ଜାମରେ ୩୫ ପ୍ରତିଶତ କମ୍ ବର୍ଷା ହୋଇଛି। ଆହୁରି ସୂକ୍ଷ୍ମ ସ୍ତରକୁ ନେଲେ କିଛି ସ୍ଥାନରେ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ହୋଇଛି ବୋଲି ଜଣାଯାଏ। ଉଦାହରଣ ସ୍ୱରୂପ, ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ବ୍ଲକ୍‌ରେ ଅଗଷ୍ଟ ମାସ ସାରା ୧୯ ମିମି ବର୍ଷା ହୋଇଛି। ଏକ କିଲୋଗ୍ରାମ ଧାନ ଉତ୍ପାଦନ ପାଇଁ ହାରାହାରି ୩୫୦୦ରୁ ୫୦୦୦ଲିଟର ପାଣି ଆବଶ୍ୟକ ହେଉଥିବା ବେଳେ ବିନା ଇନ୍ଦ୍ରଙ୍କ କୃପାରେ ଧାନଚାଷ କେମିତି ସମ୍ଭବ ହେବ, ଏହା ପାଠକେ ଚିନ୍ତାକରିବେ। ଓଡ଼ିଶା ରାଜ୍ୟରେ ନିଅଣ୍ଟିଆ ଖରିଫ ଧାନ ରବିଋତୁରେ ପୂରଣ କରିବା ଅସମ୍ଭବ। ଆମ ରାଜ୍ୟରେ ଜଳସେଚିତ ଜମିର ପରିସୀମା ଯଦି ଉଚିତ ଭାବେ ବଢୁଥାନ୍ତା, ତେବେ କୃଷି ସାନ୍ଦ୍ରତା ୧୯୯୪- ୯୫ରେ ୧୫୪ ପ୍ରତିଶତ ଥିଲାବେଳେ ପଚିଶବର୍ଷ ପରେ (୨୦୧୯-୨୦)ରେ ମଧ୍ୟ ସେହି ୧୫୪ରେ ସ୍ଥିର ନଥାନ୍ତା। ଏସବୁର ଉର୍ଦ୍ଧ୍ୱରେ ଅଣକୃଷି କାର୍ଯ୍ୟରେ ଧାନ ଜମିର ବ୍ୟବହାର ଧାନ ଉତ୍ପାଦନର ଭବିଷ୍ୟତକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରେ। ଅବଶ୍ୟ କୃଷି ବୈଜ୍ଞାନିକମାନଙ୍କ ପ୍ରଚେଷ୍ଟାରୁ ଉଦ୍ଭାବିତ ନୂତନ ଜ୍ଞାନକୌଶଳ ଆମ ଜମି ହ୍ରାସଜନିତ କ୍ଷତିକୁ ଭରଣା କରି ଆସୁଅଛି, କିନ୍ତୁ ଜଳବାୟୁର ଅନିଶ୍ଚିତତା ଆମର ଲକ୍ଷ ଲକ୍ଷ ଅନୁସୂଚିତ ଜାତି, ଜନଜାତି ଓ ଦୁର୍ବଳ ଜନସାଧାରଣଙ୍କୁ ବିନା ଅନ୍ନରେ ବଞ୍ଚିରହିବାକୁ ଯେ ଦିନେ ବାଧ୍ୟ ନ କରିବ, କିଏ କହିବ ? ଅତଏବ ଭବିଷ୍ୟତରେ ଅନ୍ନ

ଚିନ୍ତାକୁ ଦୂରୀଭୂତ କରିବାକୁ ହେଲେ ଆମକୁ ଚାଉଳ ଉତ୍ପାଦନର ସମସ୍ତ ଦିଗକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। ଭାରତ ସରକାର ଗରିବ ଲୋକଙ୍କୁ ମାଗଣା ଚାଉଳ ବଣ୍ଟନ କରୁଛନ୍ତିର ଅର୍ଥ ନୁହେଁ ଆମର ଉତ୍ପାଦିତ ପରିମାଣ ଓ ଉତ୍ପାଦନ ବ୍ୟବସ୍ଥା ସାରା ବିଶ୍ୱକୁ ଅନ୍ନ ଯୋଗାଇବାରେ ସର୍ବଦା ସକ୍ଷମ। ଗତବର୍ଷଠାରୁ ଧାନ ଉତ୍ପାଦନରେ ଆରମ୍ଭ ହୋଇଥିବା ସମସ୍ୟା ପାଇଁ ଆମ ଦେଶର ଖୁଚୁରା ବଜାରରେ ଚାଉଳର ମୂଲ୍ୟ ଦଶ ପ୍ରତିଶତ ବୃଦ୍ଧି ପାଇଛି। ଆଗାମୀ ଦିନରେ ଏହା ଆହୁରି ବଢ଼ିଲେ, ଦେଶର ନିମ୍ନ ଆୟକାରୀ ଗୋଷ୍ଠୀଙ୍କ ଅନ୍ନଥାଳିରେ ଚାପ ପଡ଼ିବ। ତେଣୁ ଜଳବାୟୁ ଅନୁକୂଳ କୃଷିକୁ ଆହୁରି ସଫଳକାମୀ କରିବାର ଆବଶ୍ୟକତା ରହିଛି। ଆମ ରାଜ୍ୟ ସରକାର ଭୂପୃଷ୍ଠ ଓ ଭୂତଳ ଜଳର ସଂରକ୍ଷଣ ପାଇଁ ମୋ କ୍ଷେତ ପୋଖରୀ, ମତ୍ସ୍ୟ ପୋଖରୀ ସହ ଜଳଛାୟା ମଶନ କାର୍ଯ୍ୟକାରୀ କରିଛନ୍ତି। କେନ୍ଦ୍ର ସରକାର ବିଭିନ୍ନ ଜିଲ୍ଲାରେ ଧାନର ଉତ୍ପାଦନ ବୃଦ୍ଧି ପାଇଁ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଓ ପୂର୍ବାଞ୍ଚଳରେ ସବୁଜ ବିପ୍ଳବ ଯୋଜନାକୁ କାର୍ଯ୍ୟାନ୍ୱୟନ କରିଛନ୍ତି। ରାଜ୍ୟର ଦଶଟି କୃଷି ବିଜ୍ଞାନ କେନ୍ଦ୍ରରେ 'ଜଳବାୟୁ ଅନୁକୂଳ କୃଷି ଉପରେ ଜାତୀୟ ପରିଯୋଜନା'କୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଛି। ସର୍ବୋପରି ଏ ଯୋଜନା ସବୁର କାର୍ଯ୍ୟାନ୍ୱୟନ ଓ ଗ୍ରହଣୀୟତା ଉପରେ ଆମ ଦେଶ ଚାଉଳ ଉତ୍ପାଦନର ସ୍ୱାବଲମ୍ବନତା ନିର୍ଭର କରେ। ଆଜିର ସମାଜରେ କେହି 'ହା ଅନ୍ନ' ନକହୁ, ଏହା ଉପରେ ଭାରତ ସରକାରଙ୍କ ନୀତି ପର୍ଯ୍ୟବେକ୍ଷିତ ହେବା ଉଚିତ।

୦୮.୧୦.୨୦୨୩

# କୃଷକ ବନାମ ଆମେ, ସେମାନେ ଓ ଅନ୍ୟମାନେ

ସ୍ୱାଧୀନତାର ଗତ ପଞ୍ଚସ୍ତରି ବର୍ଷ ମଧ୍ୟରେ ଭାରତର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ ଭାବେ ପରିବର୍ତ୍ତନ ହୋଇଛି। ଦେଶର ପ୍ରଥମ ଜନସୁମାରି (୧୯୫୧ ମସିହା) ସମୟରେ ସାଧାରଣ ଭାରତୀୟଙ୍କ ଆୟୁ ୩୨ ବର୍ଷ ଓ ସାକ୍ଷରତା ୧୮ ପ୍ରତିଶତ ଥିଲା; ବର୍ତ୍ତମାନ ତାହା ଯଥାକ୍ରମେ ୬୯ ବର୍ଷ ଓ ୭୮ ପ୍ରତିଶତରେ ପହଞ୍ଚିଛି। ସେହିପରି ଅର୍ଥନୈତିକ ଦୃଷ୍ଟିରୁ ଆକଳନ କଲେ ସେତେବେଳେ କୃଷି ପଶୁପାଳନ ପରି ପ୍ରାଥମିକ କ୍ଷେତ୍ର ରାଷ୍ଟ୍ରର ସମଗ୍ର ଘରୋଇ ଉତ୍ପାଦକୁ ୫୯ ପ୍ରତିଶତ ଓ ଶିଳ୍ପ, ସେବା ପରି କ୍ଷେତ୍ରରେ ୧୫ ପ୍ରତିଶତ ପ୍ରତିଦାନ ଥିଲାବେଳେ ବର୍ତ୍ତମାନ ତାହା ବସ୍ତୁତଃ ଓଲଟିଯାଇଛି। ଇତିମଧ୍ୟରେ ଏକ ଅନୁନ୍ନତ, ନିର୍ଭରଶୀଳ ରାଷ୍ଟ୍ର ବର୍ତ୍ତମାନ କୃଷିଠାରୁ ଅନ୍ତରୀକ୍ଷ ଗବେଷଣା ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ସ୍ୱାବଲମ୍ବନତା ହାସଲ କରିଛି । ସେତେବେଳେ ଜାମସେଦଜୀ ଟାଟା, ଘନଶ୍ୟାମ ଦାସ ବିରଲାଙ୍କ ପରି ହାତଗଣତି କୋଟିପତି ଥିଲାବେଳେ ଏବେ ଭାରତରେ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ ପଛକୁ ସର୍ବାଧିକ ଅରବପତି ବାସ କରୁଛନ୍ତି। ଅପରପକ୍ଷରେ ଗତ ଶତାବ୍ଦୀର ଶେଷ ଦଶନ୍ଧିରେ ଆରମ୍ଭ ହୋଇଥିବା ବଜାରୀକରଣ ଅର୍ଥନୀତି ଭାରତୀୟମାନଙ୍କୁ ଅର୍ଥନୈତିକ ଦୃଷ୍ଟିକୋଣରୁ ବହୁଧା ବିଭକ୍ତ କରିଛି।

ସଂପ୍ରତି ଦେଶର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ଭିତ୍ତିକରି ଭାରତୀୟମାନଙ୍କୁ ଚାରିଟି ଗୋଷ୍ଠୀରେ ଭାଗ କରାଯାଇପାରେ। ଏମାନଙ୍କୁ ମଧ୍ୟରୁ ସର୍ବୋଚ୍ଚ ସ୍ଥାନରେ ଥିବା ସର୍ବାଧିକ ବିତ୍ତଶାଳୀ ବ୍ୟକ୍ତିମାନେ ହେଉଛନ୍ତି ମୁଖ୍ୟତଃ ବହୁରାଷ୍ଟ୍ରୀୟ କମ୍ପାନୀର ମାଲିକ, ଶିଳ୍ପପତି, ବ୍ୟବସାୟୀ, ଅଭିନେତା, ଖେଳାଳି ଓ କିଛି ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ ଏହି ଗୋଷ୍ଠୀରେ ସାମିଲ ଅଛନ୍ତି। ଦେଶର ସମୁଦାୟ ଅର୍ଥନୀତିକୁ ଏମାନେ ନିୟନ୍ତ୍ରଣ କରନ୍ତି। ଗତ ଜାନୁଆରୀରେ ଅକ୍ସଫାମରୁ ପ୍ରକାଶିତ ତଥ୍ୟ ଅନୁସାରେ ୨୦୨୦-୨୧ ମସିହା କରୋନା କାଳରେ ଦେଶର ଏକ ପ୍ରତିଶତ ଜନତା ଦେଶର ଚାଳିଶ ପ୍ରତିଶତ ସଂପତ୍ତି ରୋଜଗାର କରିଥିଲେ। କହିବା ବାହୁଲ୍ୟ ଦେଶ ଅର୍ଥନୀତିର ଉପରିଭାଗରେ ଥିବା ଏହି ଧନୀ ସଂପ୍ରଦାୟ ସାଧାରଣ ଭାରତୀୟଙ୍କ ପରି ଜୀବନଯାପନ କରନ୍ତି ନାହିଁ।

ଏମାନଙ୍କ ପଛକୁ ଆସନ୍ତି ଆମପରି ମଧ୍ୟବିତ୍ତ ଗୋଷ୍ଠୀ। ଆର୍ଥିକ ପିରାମିଡର ନିମ୍ନ ପାହାଚରେ ଥିବା କିଛି ସାଧାରଣ ଜନତା ଗତ ତିନି ଦଶନ୍ଧି ମଧ୍ୟରେ ଭାରତର ଅର୍ଥନୈତିକ ଉତ୍ଥାନରୁ ସୁଫଳ ପାଇ ନିଜର ଆୟ ବଢ଼ାଇ ମଧ୍ୟବିତ୍ତ ଶ୍ରେଣୀରେ ପରିଣତ ହୋଇଛନ୍ତି। ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ପାଇଁ ଏମାନେ ବହୁ ସଂଖ୍ୟାରେ ଗାଁ ଛାଡ଼ି ଅଧୁନା ସହରରେ ବାସବାସ କରୁଛନ୍ତି। ତଥ୍ୟ ଅନୁସାରେ ୨୦୦୪-୦୫ ମସିହାରେ ଭାରତରେ ଏମାନଙ୍କ ସଂଖ୍ୟା ୧୪ ପ୍ରତିଶତ ଥିଲାବେଳେ ୨୦୨୧-୨୨ରେ ୩୧ ପ୍ରତିଶତ ହେଲାଣି। ଏମାନଙ୍କର ବାର୍ଷିକ ଆୟ ୫ଲକ୍ଷରୁ ୩୦ ଲକ୍ଷ ଟଙ୍କା ମଧ୍ୟରେ। ମୁଖ୍ୟତଃ ସରକାରୀ, ବେସରକାରୀ ଚାକିରିଆ, ଶିକ୍ଷିତ ବର୍ଗ ଓ ସାଧାରଣ ବ୍ୟବସାୟୀମାନେ ଏହି ଗୋଷ୍ଠୀକୁ ପ୍ରତିନିଧିତ୍ୱ କରନ୍ତି। ସେମାନଙ୍କର କାର୍ଯ୍ୟଧାରା ଓ ଜୀବନଯାପନ ପ୍ରଣାଳୀ ହିଁ ପ୍ରକୃତ ଭାରତୀୟ ସମାଜର ଚିତ୍ର ପ୍ରଦାନ କରିଥାଏ। ସମାଜରେ ସନ୍ତୁଳନତା ରକ୍ଷାକରିବାରେ ଏହି ମଧ୍ୟବିତ୍ତ ଗୋଷ୍ଠୀ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି।

ଅନ୍ୟ ଏକ ଶ୍ରେଣୀ ଯେଉଁମାନେ ଭାରତବର୍ଷର ଅର୍ଥନୈତିକ ଓ ଭିତ୍ତିଭୂମି ବିକାଶର ମୁଖ୍ୟ ଅଙ୍ଗ ଅଥଚ ଅବହେଳିତ, ସେମାନେ ହେଲେ ଶ୍ରମିକ ଗୋଷ୍ଠୀ। ଏମାନଙ୍କ ମଧ୍ୟରୁ ୯୩ ପ୍ରତିଶତ ଅଣସଂଗଠିତ। ପ୍ରବାସୀ ଶ୍ରମିକମାନେ ଉତ୍ତମ କର୍ମ ସଂସ୍ଥାନ ଓ ଅଧିକ ଆୟ ଆଶାରେ ନିଜ ଭିଟାମାଟି ଛାଡ଼ିଥାନ୍ତି ବିଭିନ୍ନ ସହରୀ ବସ୍ତି ଓ ଶିଳ୍ପାଞ୍ଚଳରେ ଦୁର୍ବିସହ ଜୀବନଯାପନ କରୁଥିବା ଏପରି ଶ୍ରମିକମାନଙ୍କର ପ୍ରକୃତ ଚିତ୍ର କରୋନା ମହାମାରୀ ବେଳେ ଲୋକଲୋଚନକୁ ଆସିଲା। ଏକ ଅସୁରକ୍ଷିତ ବାତାବରଣ ମଧ୍ୟରେ ରହି ସେମାନେ ନିଜ ଭବିଷ୍ୟତ ପାଇଁ ସର୍ବଦା ଲଢ଼େଇ କରିଥାନ୍ତି। ଏହି ଗୋଷ୍ଠୀର କିଛି ଅଂଶ ନୂତନ କାରିଗରୀ କୌଶଳ ଶିଖି ନିଜର ଆର୍ଥିକ ସ୍ଥିତିକୁ ମଜଭୁତ କରିପାରିଛନ୍ତି।

ଉପରୋକ୍ତ ତିନିଗୋଷ୍ଠୀ ବ୍ୟତୀତ ବଳକା ଭାରତୀୟ କର୍ମଜୀବୀ ନାଗରିକମାନେ ହେଲେ ମୁଖ୍ୟତଃ କୃଷକ। ସରକାରୀ ନଥି ଅନୁସାରେ ଭାରତର ୫୮ ପ୍ରତିଶତ ଜନତା କୃଷିକ୍ଷେତ୍ର ସହ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ଜଡ଼ିତ। ଭାରତୀୟ ସାମାଜିକ ବ୍ୟବସ୍ଥାରେ ସଂପ୍ରତି ଏହି ଗୋଷ୍ଠୀ ହିଁ ସର୍ବାଧିକ ନିଷ୍ପୀଡିତ, ଏଥିରେ ଅନ୍ୟଥା ନାହିଁ। ଫନି, ହୁଡହୁଡ୍, ଫାଇଲିନଠାରୁ ବର୍ତ୍ତମାନ ପଶ୍ଚିମା ଝଡ଼ ପର୍ଯ୍ୟନ୍ତ ସମସ୍ତେ ଏମାନଙ୍କର ଜୀବନଜୀବିକାକୁ ପ୍ରଭାବିତ କରିପାରନ୍ତି । ପ୍ରାକୃତିକ ବିପର୍ଯ୍ୟୟକୁ ଛାଡ଼ିଦେଲେ ଢାଞ୍ଚାଗତ ସମସ୍ୟା ଓ ମନୁଷ୍ୟକୃତ ଅବ୍ୟବସ୍ଥାର ସର୍ବାଧିକ ଶିକାର ହୁଅନ୍ତି । ଭାରତୀୟ କୃଷକ ସଂପ୍ରଦାୟ। ପରିବର୍ତ୍ତିତ ପରିସ୍ଥିତିରେ ସମାଜର ସାମାଜିକ ଓ ଅର୍ଥନୈତିକ ପିରାମିଡର ପାଦଦେଶରେ କୃଷକମାନଙ୍କ ସ୍ଥାନ। 'ବସୁଧୈବ କୁଟୁମ୍ବକମ୍' ବୀଜମନ୍ତ୍ରକୁ ଚରିତାର୍ଥ କରୁଥିବା ଭାରତୀୟ କୃଷକ ତା' ଉତ୍ପାଦ ପାଇଁ ଆବଶ୍ୟକୀୟ ଉତ୍ପାଦନ ଖର୍ଚ୍ଚ ବା ବଜାର ବ୍ୟବସ୍ଥା କିମ୍ୱା

ବୀମା ସୁବିଧା ପାଏନି। କେତେବେଳେ ୫୧୨ କିଲୋ ପିଆଜକୁ ଦୁଇ ଟଙ୍କାରେ ବିକ୍ରି କରେ ତ ଆଉ କେତେବେଳେ ମୁଣ୍ଡ ଉପରେ ଟମାଟୋ ବୋଝକୁ ଧରି ୨୦ କିଲୋମିଟର ଚାଲିଲା ପରେ କିଲୋ ଦୁଇଟଙ୍କା ବଜାର ଦର ଥାଏ। ବହୁ ସମୟରେ ସେମାନଙ୍କୁ ତାଙ୍କ ଫସଲର ବୀମା ଅର୍ଥ ପାଇବା ପାଇଁ ରାଜରାସ୍ତା ଅବରୋଧ କରିବାକୁ ପଡ଼ିଥାଏ। ସେଥିପାଇଁ ଭାରତରେ ବିଚାରପତି, ଜନପ୍ରତିନିଧି, ଯନ୍ତ୍ରୀ, ଡାକ୍ତର, ପ୍ରଫେସର, ବ୍ୟବସାୟୀ, ଖେଳାଳି ଆଦି ସବୁ ବୃତ୍ତିର ନାମକରା ଲୋକମାନେ ନିଜ ବୃତ୍ତି ଉତ୍ତରପିଢ଼ିକୁ ଦେବାରେ ଖୁସି ଅନୁଭବ କରୁଥିବାବେଳେ ଜଣେ ଆଗଧାଡ଼ି କୃଷକ ମଧ୍ୟ ନିଜ ପିଲାକୁ କୃଷି କ୍ଷେତ୍ରରେ ବାନ୍ଧି ରଖିବାକୁ ଚାହେଁନାହିଁ। ସରକାରୀ ତଥ୍ୟ ଅନୁସାରେ ଓଡ଼ିଶା କୃଷକର ଆୟ କୃଷି ଶ୍ରମିକଠାରୁ ବି କମ୍। ତାହା ଗତ କେତେବର୍ଷ ହେଲା ବାର୍ଷିକ ୦.୪୫ ପ୍ରତିଶତ ହିସାବରେ ବଢୁଛି ଏବଂ ସର୍ବଶେଷ ତଥ୍ୟ ଅନୁସାରେ ତାହା ମାସିକ ମାତ୍ର ୫୧୧୨ ଟଙ୍କା। ଏପରି ଆର୍ଥିକ ସ୍ଥିତିରେ କୃଷକର ଭବିଷ୍ୟତ କ'ଣ ? କେବଳ ଆୟ ନୁହେଁ, ସେହି ଅନୁସାରେ କୃଷି ଜୀବିକାକୁ ମିଳୁଥିବା ସାମାଜିକ ସ୍ୱୀକୃତି ମଧ୍ୟ କୃଷିକୁ ଏକ ଅନାକର୍ଷଣୀୟ ବୃତ୍ତି ଭାବେ ଚିତ୍ରିତ କରିଛି। କୃଷି ସଂଖ୍ୟାଧିକ ଭାରତୀୟଙ୍କର ଜୀବିକାର ମାଧ୍ୟମ ଥିଲେ ମଧ୍ୟ ଏପରି ନୈରାଶ୍ୟଜନକ ସ୍ଥିତି ଏ କ୍ଷେତ୍ରକୁ ଯେ ସଂକଟରେ ନ ପକାଇବ, କିଏ କହିବ ? ଭାରତୀୟ ସମାଜର ଏହି ଚାରି ଗୋଷ୍ଠୀ ମଧ୍ୟରେ ଥିବା ଅର୍ଥନୈତିକ ବିଭେଦତା ଭବିଷ୍ୟତରେ ଖାଦ୍ୟ ସଂକଟ ସହ ସାମାଜିକ ବିଶୃଙ୍ଖଳାର କାରଣ ହେବା ଅସମ୍ଭବ ନୁହେଁ। ଅତଏବ ସରକାର କୃଷି କ୍ଷେତ୍ର, କୃଷକର ଆୟ ଓ ସମ୍ମାନ ବୃଦ୍ଧିପାଇଁ ଠୋସ୍ ପଦକ୍ଷେପ ନେବା ଜରୁରୀ। ଏହି କ୍ରମରେ ସର୍ବପ୍ରଥମେ ପ୍ରକୃତ କୃଷକକୁ ଚିହ୍ନଟ କରାଯିବାର ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉ। ସହରରେ ଅବସ୍ଥାପିତ ଜମିଦାରଙ୍କ ଜମି କୃଷକଙ୍କୁ ହସ୍ତାନ୍ତରିତ କରାଯାଉ। ଜମି ସହ ସମସ୍ତ କୃଷି ଆନୁଷଙ୍ଗିକ ଉପାଦାନ ଉପରେ ତା' ଅଧିକାରକୁ ସୁନିଶ୍ଚିତ କରାଯାଉ। କୃଷିରେ ନୂତନ ଜ୍ଞାନକୌଶଳକୁ ସୁନିଶ୍ଚିତ କରାଇବାପାଇଁ ଓ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବାପାଇଁ କୃଷି, ପଶୁପାଳନ, ମତ୍ସ୍ୟ ଜଳସେଚନ ଓ ଋଣ ସଂଲଗ୍ନ କ୍ଷେତ୍ରର ଶିକ୍ଷାର ଓ ଚାକିରିରେ କୃଷକ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଉ। କୃଷି କ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷାପାଇଁ ବିହିତ ବ୍ୟବସ୍ଥା ସହ ଆବଶ୍ୟକୀୟ ଋଣ ପ୍ରଦାନକୁ ସରଳୀକରଣ କରାଯାଉ । ତେବେ ଯାଇ କୃଷି ତା'ର ହୃତ୍‌ଗୌରବ ଫେରିପାଇବ ଓ କୃଷକ ଅନ୍ୟ ଶ୍ରେଣୀର ଜନତାଙ୍କ ସମକକ୍ଷ ଭାବେ ପରିଗଣିତ ହୋଇପାରିବ।

୧୩.୦୪.୨୦୨୩

# ଆନ୍ତର୍ଜାଲର ଜାଲରେ ଆମ କୃଷି

ଓଡ଼ିଶା ସରକାରଙ୍କ ଗୋସୁଗମ ପୋର୍ଟାଲରେ ନଭେମ୍ବର ତିରିଶ ସୁଦ୍ଧା ଚାଷୀମାନେ ରବିଫସଲ ଚାଷ ପାଇଁ ଆଗୁଆ ମଞ୍ଜି ବୁକିଙ୍ଗ କରିପାରିବେ ଏହା ମୋ ସେବା କେନ୍ଦ୍ରରେ ଗୋସୁଗମ ଆପ୍ ମାଧ୍ୟମରେ କରାଯାଇପାରିବ। ଅଧିକ ସହାୟତା ପାଇଁ ଚାଷୀ ୧୫୫୩୩୩କୁ ଯୋଗାଯୋଗ କରିପାରିବେ। କହିବା ବାହୁଲ୍ୟ ମଞ୍ଜି ହିଁ ଯେ କୌଣସି ଫସଲ ଚାଷର ପ୍ରଥମ ଆବଶ୍ୟକତା। ଠିକ୍ ସମୟରେ ଠିକ୍ ମାନର ମଞ୍ଜି ନପାଇଲେ କୃଷକ ସର୍ବାଧିକ କ୍ଷତିଗ୍ରସ୍ତ ହୁଏ। ସବୁ ସମୟରେ ଚାଷୀର ଏହା ମୁଖ୍ୟ ଅଭିଯୋଗ ହୋଇଥାଏ। ବର୍ଷ ବର୍ଷ ଧରି ଏପରି ଏକ ଜଟିଳ ସମସ୍ୟାର ଏତେ ସରଳ ଓ ସୁନ୍ଦର ସମାଧାନ କେବଳ ଇଣ୍ଟରନେଟ୍ (ଆନ୍ତର୍ଜାଲ) ଦ୍ୱାରା ହିଁ ସମ୍ଭବ; ଏହା ଆଉ ଆଶ୍ଚର୍ଯ୍ୟର ପ୍ରସଙ୍ଗ ହୋଇରହିନାହିଁ। ବସ୍ତୁତଃ, ଭବିଷ୍ୟତ ଓଡ଼ିଶାର କୃଷି ଯେ ଇଣ୍ଟରନେଟ୍ ସେବା ଉପରେ ପୂର୍ଣ୍ଣ ନିର୍ଭରଶୀଳ ହେବ, ଏହା ଅନସ୍ୱୀକାର୍ଯ୍ୟ।

ଇତିମଧ୍ୟରେ ଇଣ୍ଟରନେଟ୍ ସାରା ବିଶ୍ୱର ଆବାଳବୃଦ୍ଧବନିତାଙ୍କୁ ନିଜ ଜାଲ ମଧ୍ୟରେ ଛନ୍ଦି ସାରିଲାଣି। ଏହା ଆଉ କେବଳ ଏକ ତଥ୍ୟ ପ୍ରେରଣକାରୀର ମାଧ୍ୟମ ହୋଇ ରହିନାହିଁ ବରଂ ଏହା ପୃଥିବୀର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ପରିବର୍ତ୍ତନର ମୁଖ୍ୟ କାରକ ହୋଇସାରିଛି। ଏକବିଂଶ ଶତାବ୍ଦୀର ମଣିଷର ଦୈନନ୍ଦିନ ଜୀବନଚର୍ଯ୍ୟାରେ ଏହା ସର୍ବାଧିକ ସେବା ପ୍ରଦାନ କରୁଛି। ୧୯୯୫ ମସିହାରେ ଦେଶରେ ଭାରତ ସଞ୍ଚାର ନିଗମ ଦ୍ୱାରା ଆରମ୍ଭ ହୋଇ ଇଣ୍ଟରନେଟ୍ ସେବା ଅଧିକାର ୧୯୯୮ ମସିହାରେ ମୁକ୍ତ ବଜାରୀକରଣ ପ୍ରଭାବରେ ନିଜସ୍ୱ କମ୍ପାନୀଙ୍କୁ ପ୍ରଦାନ କରାଗଲା। ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ସାରାଦେଶର ସବୁକ୍ଷେତ୍ରକୁ ଇଣ୍ଟରନେଟ୍‌ରେ ଯୋଡ଼ିବାକୁ ଡିଜିଟାଲ ଇଣ୍ଡିଆ ଯୋଜନା ଆରମ୍ଭ କଲେ। ତା'ର ଫଳ ସ୍ୱରୂପ ଏବେ ଆମ ଦେଶ ଦ୍ୱିତୀୟ ତୃତୀୟ ଚତୁର୍ଥ ସୋପାନ ଅତିକ୍ରମ କରି ଇଣ୍ଟରନେଟ୍ ସେବାର ପଞ୍ଚମ ସୋପାନରେ ଉପନୀତ। ସାଧାରଣ ଜନତାଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ଅଦ୍ୟାବଧି ଦେଶର ଗ୍ରାମାଞ୍ଚଳରେ ୪,୬୩,୭୦୫ଟି ଜନସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସେମାନଙ୍କ ମାଧ୍ୟମରେ ସାଧାରଣ ଭାରତୀୟ ନାଗରିକ ସମସ୍ତ ସରକାରୀ ସୁବିଧା ପାଇବାର ବ୍ୟବସ୍ଥା ରହିଛି।

ଭାରତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ମନୋରଞ୍ଜନ, ପର୍ଯ୍ୟଟନ, ବ୍ୟବସାୟ ଆଦି ସବୁ କ୍ଷେତ୍ରକୁ ଛୁଇଁବା ପରେ କୃଷି କ୍ଷେତ୍ରରେ ଇଣ୍ଟରନେଟ୍ ସେବାର ପ୍ରୟୋଗ ଆରମ୍ଭ ହେଲା। ଫଳ ସ୍ୱରୂପ ବର୍ତ୍ତମାନ ମୋବାଇଲରେ ଶହଶହ ସଂଖ୍ୟାରେ କୃଷିଭିତ୍ତିକ ୟୁଟ୍ୟୁବ୍ ଚ୍ୟାନେଲ ଓ ପୋର୍ଟାଲ ଖୋଲିଲା; କିନ୍ତୁ ୨୦୧୪ ମସିହାରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦେଶର କୃଷକମାନଙ୍କୁ ମୋବାଇଲ ସହ ଯୋଡ଼ିବାରେ ଏବେ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେଲା। ଡିଜିଟାଲ ଇଣ୍ଡିଆ ସହ ଜନଧନ ଯୋଜନା, ସରକାରଙ୍କର ବିଭିନ୍ନ କୃଷିଭିତ୍ତିକ ଯୋଜନାର ସଫଳ ରୂପାୟନ ପାଇଁ ପଥ ପ୍ରଦର୍ଶକ ହେଲା।

ଆମ ରାଜ୍ୟ ଓଡ଼ିଶା କଥା ଚିନ୍ତା କରାଯାଉ। ଏହାର ଶତକଡ଼ା ସତୁରି ପ୍ରତିଶତ ଲୋକ କୃଷି କ୍ଷେତ୍ର ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡ଼ିତ। ଓଡ଼ିଶାର ଭୂମିରୂପ, ସାଧାରଣ ଜନତାଙ୍କ ଆର୍ଥିକ ମାନଦଣ୍ଡ, କୃଷିକୁ ଏବେ ନିଷ୍ପ୍ରଭ, ପାରମ୍ପରିକ ଓ ପଛୁଆ ପୋଷା ଭାବେ ପରିଗଣିତ କରାଏ। ପ୍ରାକୃତିକ ସମସ୍ୟା ସହ କିଛି ମନୁଷ୍ୟକୃତ ସମସ୍ୟା, ଏଥିପାଇଁ ଦାୟୀ ବୋଲି ଅଭିଯୋଗ ହୁଏ। ସେପରି ମନୁଷ୍ୟକୃତ ସମସ୍ୟା ଦୂରୀକରଣ ପାଇଁ ଗତ କେତେବର୍ଷ ହେଲା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଇଣ୍ଟରନେଟ୍ ସେବା ଉପଯୋଗୀ କରିଆସୁଛନ୍ତି। 'ବୀଜ ରୁ ବଜାର' ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତାକୁ ନିଶ୍ଚିତ କରିବାକୁ ଯାଇ ଓଡ଼ିଶା ସରକାରର ଏସବୁକୁ ପଞ୍ଚସୂତ୍ରୀ (୫-ଟି) ବିଭାଗରେ ସ୍ଥାନିତ କରିଛନ୍ତି। ଏଥିପାଇଁ ଇଣ୍ଟରନେଟ୍ ସେବା ହିଁ ସରକାରଙ୍କର ମୁଖ୍ୟ ମାଧ୍ୟମ ପାଲଟିଛି। ଏହାଦ୍ୱାରା ସରକାର ଅନେକଗୁଡ଼ିଏ ୱେବ୍‌ପୋର୍ଟାଲ ଓ ଆପ୍ ଖୋଲିଛନ୍ତି। ବର୍ତ୍ତମାନ ସରକାର କୃଷକ ଓଡ଼ିଶା ଆପ୍ ଖୋଲି ସମସ୍ତ ଚାଷୀଙ୍କ ସ୍ଥିତି ଜଣାଇବାକୁ ବିଜ୍ଞପ୍ତି ଜାରି କରିଛନ୍ତି। ଅଦ୍ୟାବଧି ପ୍ରାୟ ୪୯.୫ ଲକ୍ଷ କୃଷକ ଏଥିରେ ପଞ୍ଜିକୃତ ହୋଇସାରିଲେଣି। ସେମାନଙ୍କ ପାଇଁ ସରକାର ଉଚିତ୍ ଯୋଜନା କରିବାର ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶା ସିଡ୍ ପୋର୍ଟାଲରେ ସରକାର ନିଜ ପାଖରେ ଥିବା ମଞ୍ଜିର ତଥ୍ୟ ଦେବା ସହ ରାଜ୍ୟର ୮୨୮୫୨ ଜଣ ମଞ୍ଜି ଉତ୍ପାଦନକାରୀଙ୍କ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି। ସରକାର ଗତ କିଛିବର୍ଷ ହେଲା ଏଗ୍ରିସ୍‌ନେଟ୍ ନାମକ ପୋର୍ଟାଲ ମାଧ୍ୟମରେ ଗଭୀର ଅଗଭୀର କୂପ, ନଳକୂପ, ପମ୍ପସେଟ୍, କୃଷି ଯନ୍ତ୍ରପାତିର ସୁବିଧା ଯୋଗାଇ ଆସୁଛନ୍ତି। ପ୍ରତ୍ୟକ୍ଷ ସୁବିଧା ପ୍ରବର୍ତ୍ତନ (ଡିବିଟି) ପୋର୍ଟାଲ ଆସିଲା ପରେ ରିଆତି ସିଧାସଳଖ କୃଷକର ବ୍ୟାଙ୍କ୍ ଖାତାରେ ଜମା ହେଉଛି। ସେହିପରି ଜଳଉତ୍ସ ପାଇଁ ସୌର ଜଳନିଧି ପୋର୍ଟାଲ ସମନ୍ୱିତ କୃଷିପାଇଁ ଆଇଏଫ୍‌ଏସ୍ ପୋର୍ଟାଲ ପନିପରିବା, ଫଳଫୁଲ ଚାଷର ବିକାଶ ପାଇଁ ହଟନେଟ୍ ଆଦି ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନରେ ବିନିଯୋଗ ହେଉଛି। ଏପରିକି ରୋଗପୋକ ନିୟନ୍ତ୍ରଣ ପାଇଁ ଇ-ପେଷ୍ଟ ଓଡ଼ିଶା ପୋର୍ଟାଲ ସହ ମୋବାଇଲ୍ ଆପ୍‌ର

ବିନିଯୋଗ ପରେ ଠିକ୍ ଓ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁଛି । କରୋନା ମହାମାରୀ ସମୟରେ ନିୟନ୍ତ୍ରିତ ଯାତାୟାତକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଆଣ୍ଡ୍ରଏଡ୍ ଫୋନ୍ ମାଧ୍ୟମରେ ଓଡ଼ିଆଭାଷାରେ ସଚିତ୍ର ବୈଜ୍ଞାନିକ ଜ୍ଞାନକୌଶଳ, ସଫଳ କାହାଣୀ ପ୍ରେରଣ କରିବା ସହ ଓଡ଼ିଆ ଭାଷାରେ ସ୍ୱରବାର୍ତ୍ତା ପଠାଇବା ଆରମ୍ଭ କରିଛନ୍ତି । ବ୍ୟବସାୟିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ୧୯୯୬ ମସିହାରେ ଓଡ଼ିଶା ସରକାର ଆପିକଲ ପ୍ରତିଷ୍ଠା କରିଥିଲେ । ୨୦୧୮ ମସିହାଠାରୁ ମୁଖ୍ୟତଃ କୃଷି ଉଦ୍ୟୋଗ ଯୋଜନାରେ ଏହାର ସବୁ ଯୋଜନାକୁ ଇଣ୍ଟରନେଟ୍ ମାଧ୍ୟମରେ ସ୍ୱଚ୍ଛ ଓ ସରଳୀକରଣ କରିବା ଦ୍ୱାରା ରାଜ୍ୟ ସଂପ୍ରତି ମାଛ, ମାଂସ, ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବନତା ଆଡକୁ ଦ୍ରୁତ ଅଗ୍ରସର ହେଉଛନ୍ତି । ଏହାର ପୋର୍ଟାଲ ମାଧ୍ୟମରେ ଓଡ଼ିଶାର ପଢୁଆ ଯୁବକ ଯୁବତୀ ସରକାରୀ ସହାୟତା ନେଇ ସ୍ୱାବଲମ୍ବୀ ହୋଇପାରୁଛନ୍ତି ।

ଆମ ରାଜ୍ୟ ସରକାରଙ୍କର ଯୁଗାନ୍ତକାରୀ କାଳିଆ ଯୋଜନା ମାଧ୍ୟମରେ ଓଡ଼ିଶାର ନାମମାତ୍ର, କ୍ଷୁଦ୍ର, ଭୂମିହୀନ ଚାଷୀ ଓ କୃଷି ଶ୍ରମିକ ନିଜକୁ ପଞ୍ଜିକୃତ କରି ସିଧାସଳଖ ଆର୍ଥିକ ସହାୟତା ପାଇପାରୁଛନ୍ତି । ସେହି ଜ୍ଞାନକୌଶଳକୁ ବିନିଯୋଗ କରି କୃଷକ ପ୍ରତ୍ୟେକ ବର୍ଷ କେନ୍ଦ୍ରସରକାରଙ୍କ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ମଧ ପାଉଛି । କୃଷିଜାତ ଦ୍ରବ୍ୟର ବିକ୍ରିକୁ ସୁଗମ କରିବାକୁ କେନ୍ଦ୍ର ସରକାର ଇ-ନାମ ପୋର୍ଟାଲ୍‌ରେ ସବୁ ମଣ୍ଡିକୁ ଯୋଡ଼ିଛନ୍ତି । ସେହିପରି ରାଜ୍ୟ ସରକାର ଇଣ୍ଟରନେଟ୍ ସେବାକୁ ପ୍ରୟୋଗକରି ଚାଷୀମାନଙ୍କ ବଳକା ଧାନକୁ କ୍ରୟ କରି ସେମାନଙ୍କ ଅର୍ଥ ବ୍ୟାଙ୍କ ଜମାଖାତାକୁ ପ୍ରେରଣ କରିବାରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ପାଳନ ପାଇଁ ଚେଷ୍ଟା କରୁଛନ୍ତି । ତେଣୁ ସରକାରଙ୍କର ସବୁ ବିଭାଗ ନିଜର ସମସ୍ତ କୃଷିଜାତ ଓ କୃଷକ ସମ୍ବନ୍ଧୀୟ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଇଣ୍ଟରନେଟ୍‌କୁ ବିଶ୍ୱସ୍ତ ମାଧ୍ୟମ ଭାବେ ଗ୍ରହଣ କରିଛନ୍ତି ।

୨୦୨୨ ମସିହାରେ ଓଡ଼ିଶା ସରକାର ନିଜର ସବୁ କୃଷିଭିତ୍ତିକ ଯୋଜନା ରୂପାୟନକୁ ସରଳୀକରଣ କରିବାକୁ ଦୁଇଟି ପୋର୍ଟାଲ ଆରମ୍ଭ କରିଛନ୍ତି । ସରକାରଙ୍କର କୃଷି, ଉଦ୍ୟାନକୃଷି, ପ୍ରାଣୀପାଳନ, ମତ୍ସ୍ୟ ବିଭାଗର ସବୁ ଯୋଜନା ଓ କାର୍ଯ୍ୟକ୍ରମ ଏବେ ସୁଗମ ପୋର୍ଟାଲରେ ପଞ୍ଜିକୃତ ଚାଷୀ ପାଇବେ ବୋଲି ନିକଟରେ ବିଜ୍ଞପ୍ତି ଜାରି କରାଯାଇଛି । ସେହିପରି ଚାଳିଶରୁ ଊର୍ଦ୍ଧ୍ୱ ବ୍ୟାଙ୍କ୍ ସହ ସମନ୍ୱୟ ରକ୍ଷା କରି ଓଡ଼ିଶା ସଫଳ ପୋର୍ଟାଲ ମାଧ୍ୟମରେ ସରକାର ତିନିଶହ ପ୍ରକାର କୃଷି ସମ୍ବନ୍ଧୀୟ ଋଣ ସାହାଯ୍ୟରେ ବ୍ୟବସାୟିକ କୃଷି କରିବାର ରାସ୍ତା ପ୍ରଶସ୍ତ କରିଛନ୍ତି । ସବୁ ସମସ୍ୟାର ସମାଧାନ ପାଇଁ ଇଣ୍ଟରନେଟ୍ ସେବାର ସାହାଯ୍ୟ ନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ମଧ କରିଛନ୍ତି ।

ଅପରପକ୍ଷେ, ଏକଥା ଆଲୋଚ୍ୟର ପ୍ରସଙ୍ଗ ଯେ ମାସିକ ୫୧୧୨ ଟଙ୍କା ଆୟ କରୁଥିବା କୃଷକ ପରିବାର ପାଇଁ ଏ ସେବା ପାଇବା କେତେଦୂର ସମ୍ଭବପର ହୋଇପାରିବ ? ତେୟାନବେ ପ୍ରତିଶତ ନାମମାତ୍ର କ୍ଷୁଦ୍ରଚାଷୀଙ୍କ ପାଇଁ ଆଣ୍ଡ୍ରଏଡ୍ ଫୋନ୍ ଓ ବ୍ୟବହାରର ଖର୍ଚ୍ଚ କେତେ ଲାଭପ୍ରଦ ହୋଇପାରିବ ? ପାହାଡ଼ ଜଙ୍ଗଲଭରା ଓଡ଼ିଶାର ଅନୁନ୍ନତ ଅଞ୍ଚଳରେ ଇଣ୍ଟରନେଟ୍ ସେବାର ଭିତ୍ତିଭୂମି କେତେ ସୁଦୃଢ଼ ? ସାରା ଦେଶ ଇଣ୍ଟରନେଟ୍‌ର ପଞ୍ଚମ ସୋପାନ ଆଡକୁ ଦ୍ରୁତଗତିରେ ଅଗ୍ରସର ହେଉଥିଲା ବେଳେ ଫୋନ୍ ସଂଯୋଗୀକରଣ ବଳୟର ବାହାରେ ଥିବା ଓଡ଼ିଶାର ୨୫୦୬୭ ଗ୍ରାମର କୃଷକମାନେ କେମିତି ଏ ସୁବିଧା ପାଇବେ ? ଏସବୁ ଆମ କୃଷିର ଉନ୍ନତିରେ ମୁଖ୍ୟ ଅନ୍ତରାୟ ହେବ ବୋଲି ମନେହୁଏ। ଅତଏବ, କୃଷକମାନଙ୍କ ସ୍ଥିତି ଓ ଅବସ୍ଥିତିକୁ ଅନୁଶୀଳନ କରି ଇଣ୍ଟରନେଟ୍ ଯୋଗାଯୋଗ ସେବାକୁ ସୁଦୃଢ଼ କଲେ ଓଡ଼ିଶାର କୃଷି ଅର୍ଥନୀତି ନିଶ୍ଚିତ ସମୃଦ୍ଧ ହେବ, ଏଥିରେ ଅନ୍ୟଥା ନାହିଁ।

୦୧.୦୩.୨୦୨୩

# ପନିପରିବା ଅଭାବୀ ବିକ୍ରି ଓ ତା'ର ସମାଧାନ

ଗତ ଡିସେମ୍ବର ମାସରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି ହାର ଶତକଡ଼ା ୫.୭୨ ରହିଛି। ଏହାକୁ ନେଇ କେନ୍ଦ୍ର ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ, ଅର୍ଥନୀତିଜ୍ଞ ଗୋଷ୍ଠୀମାନଙ୍କଠାରୁ ଆରମ୍ଭ କରି ସାଧାରଣ ଖାଉଟି ସମସ୍ତେ ଖୁସି। ଗତ ବର୍ଷସାରା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିପାରିବାକୁ ବିଫଳ ହୋଇଥିବା କେନ୍ଦ୍ର ସରକାର ଏ ପରିସଂଖ୍ୟାରେ ବିଶେଷ ଖୁସି। ଏଥିରେ କିନ୍ତୁ ଦେଶର ଅର୍ଦ୍ଧାଧିକ ଜନସାଧାରଣ ଅର୍ଥାତ୍ ଚାଷୀକୁଳ ହତାଶ ହୋଇଛନ୍ତି। ପନିପରିବା ଦରର ଅହେତୁକ ମୂଲ୍ୟ ହ୍ରାସ ଅର୍ଥନୀତିର ଏ ସୁଖଦ ସମାଜର ମୁଖ୍ୟ କାରକ ବୋଲି କୁହାଯାଉଛି। ଏହା ପୁରା ଖାଦ୍ୟ ପଦାର୍ଥର ଦିଗକୁ ପ୍ରଭାବିତ କରିଛି ଓ ସାମଗ୍ରିକ ଭାବେ ବଢ଼ନ୍ତି ମୁଦ୍ରାସ୍ଫୀତି ହାରକୁ ଗତବର୍ଷର ନିମ୍ନତମ ସ୍ଥାନରେ ଆଣି ପହଞ୍ଚାଇଛି।

ସଂପ୍ରତି ସାରା ଦେଶର ଖାଉଟିମାନେ ଅତି କମ୍ ଦରରେ ପନିପରିବା କିଣୁଥିବାବେଳେ ଚାଷୀକୁଳ ଅଭାବୀ ବିକ୍ରି ସମସ୍ୟାରେ ପଡ଼ି ହନ୍ତସନ୍ତ ହେଉଛନ୍ତି। ଡିସେମ୍ବର ମାସର ଶେଷପକ୍ଷରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଗ୍ରାମୀଣ ହାଟମାନଙ୍କୁ ସର୍ଭେ କରି ଦେଖାଯାଇଛି ଯେ ଏ ଋତୁର ପ୍ରମୁଖ ପରିବା ଯଥା- ବାଇଗଣ, ଟମାଟୋ, ଫୁଲକୋବି, ବନ୍ଧାକୋବି ଆଦିକୁ କୃଷକ କେଜି ପିଛା ଦଶଟଙ୍କା ମଧ୍ୟରେ ବିକ୍ରି କରିଛନ୍ତି। ଆମ ରାଜ୍ୟ ବା ଦେଶରେ ଏହା ନୂତନ ସମସ୍ୟା ନୁହେଁ। ୨୦୧୭ ମସିହାରେ ମଧ୍ୟପ୍ରଦେଶର ମନ୍ଦସୌରରେ ପିଆଜର ଅଭାବୀ ବିକ୍ରିକୁ ନେଇ ହୋଇଥିବା ହିଂସାକାଣ୍ଡ ସାରା ଦେଶରେ ଚହଳ ସୃଷ୍ଟି କରିଥିଲା। ସେହିବର୍ଷ ମଧ୍ୟ କେନ୍ଦୁଝର ଜିଲ୍ଲାର ଟମାଟୋ ଚାଷୀ ତାଙ୍କ ଉତ୍ପାଦକୁ ରାସ୍ତାରେ ଆଣି ଢାଳିଥିଲେ। ତେଣୁ ଶୀତଋତୁରେ ଏପରି ଉତ୍ପାଦ ପରିପରିବାର ଅଭାବୀ ବିକ୍ରି ଏକ ପାରମ୍ପରିକ ସମସ୍ୟା।

ଧାନ ଓଡ଼ିଶାର ପ୍ରମୁଖ ଫସଲ। ସବୁ ଶ୍ରେଣୀର କୃଷକମାନଙ୍କର ଏହା ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଜୀବନସହ ଜଡ଼ିତ। କେନ୍ଦ୍ର ସରକାରଙ୍କର ସର୍ବନିମ୍ନ ସହାୟକ ମୂଲ୍ୟ ଯୋଜନାରେ ଅନ୍ୟ ବାଇଶିଟି ଫସଲ ସହ ଧାନ ମଧ୍ୟ ରହିଛି। ତେଣୁ ଧାନ ପାଇଁ ଯେପରି ସରକାର କ୍ୱିଣ୍ଟାଲ ପିଛା ୨୦୪୦ ଟଙ୍କା ଘୋଷଣା କରି ବିକ୍ରିର ସୁବିଧା କରିଦେଇଛନ୍ତି, ପନିପରିବା

ସବୁ ସେହି ଯୋଜନାରେ ସାମିଲ ନଥିବାରୁ ସରକାର ସେମାନଙ୍କ ପାଇଁ କୌଣସି କ୍ରୟଦର ଘୋଷଣା କରନ୍ତି ନାହିଁ। ଓଡ଼ିଶା ପରି ବହୁ ରାଜ୍ୟରେ ପନିପରିବା କ୍ଷୁଦ୍ର ଓ ନାମମାତ୍ର ଶ୍ରେଣୀର ଚାଷୀମାନଙ୍କ ପାଇଁ ଅର୍ଥକରୀ ଫସଲ। ଓଡ଼ିଶା ସରକାରଙ୍କ ତଥ୍ୟ ଅନୁସାରେ ଦେଶର ପ୍ରଥମ ଭାବେ ଝୁଡଙ୍ଗ (୭୧%) ଓ କଖାରୁ (୨୫%) ଉତ୍ପାଦନ ଆମ ରାଜ୍ୟରେ ହୋଇଥାଏ। ଦେଶର ୧୭.୫% ବାଇଗଣ ଓଡ଼ିଶାରେ ଉତ୍ପାଦିତ ହୁଏ। ଏହା ଦେଶର ଦ୍ୱିତୀୟ ବୃହତ୍ତମ ବାଇଗଣ ଉତ୍ପାଦନକାରୀ ରାଜ୍ୟ। ସେହିପରି କନ୍ଦମୂଳ ଉତ୍ପାଦନରେ ମଧ୍ୟ ଆମ ରାଜ୍ୟ ଦେଶରେ ପ୍ରଥମ। ଶୀତଋତୁରେ ଆମ ରାଜ୍ୟରେ ପ୍ରାୟ ତିନିଲକ୍ଷ ଟନ୍ ଆଳୁ ଓ ଚାରି ଲକ୍ଷ ଟନ୍ ପିଆଜ ଉତ୍ପାଦନ ହୋଇଥାଏ। ଟମାଟୋ, ଫୁଲକୋବି, ବନ୍ଧାକୋବି, ପୋଟଳ, କଲରା, କାକୁଡ଼ି ଆଦି ପରିବା ସବୁ ଯଦିଓ ରାଜ୍ୟରେ ବହୁଳ ଭାବେ ଚାଷ କରାଯାଇଥାଏ, ଏହାର ଠିକ୍ ପରିସଂଖ୍ୟାନ ପ୍ରକାଶିତ ହେବା ପ୍ରତୀୟମାନ ହୁଏ ନାହିଁ। ଏହା ମଧ୍ୟରୁ କୌଣସି ପନିପରିବାର ବିକ୍ରିର ଦାୟିତ୍ୱ ସରକାର ନିଅନ୍ତି ନାହିଁ ବା ଦର ନିର୍ଦ୍ଧାରଣ କରନ୍ତି ନାହିଁ। ଅତଏବ ଏହି ଫସଲଗୁଡ଼ିକରୁ ସମ୍ଭାବିତ ଆୟ ଚାଷୀ ଭଗବାନଙ୍କ ଉପରେ ଛାଡ଼ି ଦେଇଥାଏ। ଦୈନିକ ପାଣିପାଗର ଅବସ୍ଥିତି, ବାହାର ରାଜ୍ୟ ଉତ୍ପାଦନର ଆମଦାନୀ, ପର୍ବପର୍ବାଣି ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ମଧ୍ୟ ଦରକୁ ପ୍ରଭାବିତ କରିଥାନ୍ତି। ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗର ଆଦୃତ ହେତୁ ପ୍ରାୟ ପନିପରିବା ସଙ୍କର କିସମର ହୋଇଥିବାରୁ ସେଗୁଡ଼ିକର ମଞ୍ଜି, ସାର, ଔଷଧ, ଜଳସେଚନର ଖର୍ଚ୍ଚ ପାରମ୍ପରିକ ପନିପରିବା କିସମ ଠାରୁ ଢ଼େର ଅଧିକ। ସର୍ବୋପରି ଏସବୁ କୃଷି ଉପକରଣମାନଙ୍କ ମୂଲ୍ୟ ସରକାରୀ ନିୟନ୍ତ୍ରଣ ବାହାରେ ଥିବାରୁ ଓଡ଼ିଶାର ଚାଷୀ ଏପରି ଖର୍ଚ୍ଚ ବହୁଳ ଚାଷ କରି କମ୍‌ଦରରେ ବିକ୍ରି କଲେ କେତେ କଷ୍ଟ ଅନୁଭବ କରୁଥିବ ତାହା ସହଜରେ ଅନୁମେୟ। ସେଥିପାଇଁ ବରଗଡ଼ ଗଞ୍ଜିଆଟିକ୍ରାର ବନ୍ଧାକୋବି ଚାଷୀ କାଶୀନାଥ ପ୍ରଧାନ ତାଙ୍କ ଅମଳ ଉପଯୋଗୀ ଫସଲକୁ ଟ୍ରାକ୍ଟର ମଡ଼େଇ ଦିଅନ୍ତି, ଦେବଗଡ଼ର ରେଙ୍ଗାଲବାହାଲ ଗ୍ରାମର ହୃଷୀକେଶ ପ୍ରଧାନ ତାଙ୍କ ବାଇଗଣ ବାଡ଼ିକୁ ମଧ୍ୟ ଗୋରୁ ଛାଡ଼ି ଦିଅନ୍ତି।

କହିବା ବାହୁଲ୍ୟ, ଆମ ସରକାର ଉତ୍ପାଦନ ବୃଦ୍ଧି ପାଇଁ କିଛି କୃଷକମାନଙ୍କୁ ଆର୍ଥିକ ସହାୟତା ଦେଇ ଯେପରି ପ୍ରୋତ୍ସାହନ କରୁଛନ୍ତି, ତା'ର ଉତ୍ପାଦର ସଂରକ୍ଷଣ, ଭଣ୍ଡାରଣ, ବିକ୍ରି ବ୍ୟବସ୍ଥାର ସରଳୀକରଣ ପାଇଁ ସେପରି କିଛି ସଫଳ ପଦକ୍ଷେପ ନେଇନାହାନ୍ତି। ସରକାର ଅଧୀନରେ କାମ କରୁଥିବା ଓଡ଼ିଶା କୃଷି ବିପଣନ ପରିଷଦର ପଦକ୍ଷେପ ସନ୍ତୋଷଜନକ ନୁହେଁ। ଉତ୍ପାଦନ ପୂର୍ବରୁ ସରକାରଙ୍କ ନିକଟରେ ଜିଲାଓ୍ୱାରୀ ପନିପରିବା କ୍ଷେତ୍ରର ପରିମାଣ ଉପରେ ତଥ୍ୟ ନଥାଏ ନା ତା'ର ବିକ୍ରୟ ପାଇଁ କୌଣସି ଯୋଜନା ଥାଏ। ଆମ ରାଜ୍ୟ ଦଶଟି ଭିନ୍ନ ଜଳବାୟୁ ମଣ୍ଡଳର

ଅପୂର୍ବ ସଂଯୋଗ ସ୍ଥଳ। ଜଳବାୟୁ ମଣ୍ଡଳ ଭିତରେ ନିର୍ଦ୍ଦିଷ୍ଟ ଫସଲ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଗଲେ ତା'ର ବିକ୍ରି ପଥକୁ ସୁଗମ କରାଯାଇପାରନ୍ତା। ସେପରି ବ୍ୟବସ୍ଥା ଅଦ୍ୟାବଧି କରାଯାଇପାରିନାହିଁ। ରାଜ୍ୟର ୧୩୧ଟି ଶୀତଳଭଣ୍ଡାର ମଧ୍ୟରୁ ୯୮ଟି ସଂପୂର୍ଣ୍ଣ ଅଚଳ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଅବ୍ୟବସ୍ଥା, ଅଧିକ ପୁଞ୍ଜିବିନିଯୋଗ ଓ ଟିକସକୁ ନେଇ ବ୍ୟବସାୟୀମାନେ ଶୀତଳଭଣ୍ଡାରରେ ପୁଞ୍ଜି ବିନିଯୋଗ ପାଇଁ ଆଗ୍ରହୀ ନୁହନ୍ତି। ସରକାରଙ୍କର ଏବେ ନୂତନ ଯୋଜନା ଭାବେ କୃଷକ ଉତ୍ପାଦନ କମ୍ପାନୀ (ଏଫ୍‌ପିଓ) ରାଜ୍ୟସାରା ଗଠନ କରାଯାଉଛି। ଏହି ଅନୁଷ୍ଠାନମାନଙ୍କୁ ସଶକ୍ତୀକରଣ କରାଗଲେ ପନିପରିବା ବିକ୍ରିର ଅସୁବିଧାକୁ ଦୂର କରାଯାଇପାରନ୍ତା। ସେମାନଙ୍କୁ ଶୀତଳଭଣ୍ଡାର ଦାୟିତ୍ୱ ନ୍ୟସ୍ତ କରି ତା'ର ତଦାରଖ କରାଯାଆନ୍ତା। ପ୍ରତି ଜିଲ୍ଲାରେ ଜଣେ ପ୍ରଥମ ଶ୍ରେଣୀ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ କୃଷି ବିପଣନ ଅଧିକାରୀ ଭାବେ ନିଯୁକ୍ତ କରି ତାଙ୍କୁ ଉତ୍ତରଦାୟିତ୍ୱ ସମର୍ପଣ କରାଯାଆନ୍ତା। ବୈଷୟିକ ପ୍ରଯୁକ୍ତି ବିଦ୍ୟା ସହାୟତାରେ ତାଙ୍କ ପାଖରେ ଦେଶର ବିଭିନ୍ନ ବଜାରର ପରିସ୍ଥିତି, ଆମର ଉତ୍ପାଦନ ଆମଦାନୀ ରପ୍ତାନି ତଥ୍ୟ ତାଙ୍କ ନିକଟରେ ଉପଲବ୍ଧ ଥାଆନ୍ତା। ବିଭିନ୍ନ ଜିଲ୍ଲାରେ ଅଣଋତୀୟ ଆଳୁ, ପିଆଜକୁ ବାଧ୍ୟତାମୂଳକ ଭାବେ ନ କରାଇ ଋତୀୟ ଉତ୍ପାଦନର ସଂରକ୍ଷଣ ବ୍ୟବସ୍ଥା କରାଗଲେ ଚାରିମାସ ବ୍ୟବଧାନରେ ଚାଷୀ ତାକୁ ଲାଭଜନକ ଦରରେ ବିକ୍ରି କରିପାରନ୍ତା। କେନ୍ଦୁଝର ଜିଲ୍ଲାର ବିଲାତି ଓଡ଼ିଶାର ବିଫଳତା ପରେ ସରକାର ଆଉ କୃଷି ପ୍ରକ୍ରିୟାକରଣ ଶିଳ୍ପ ଉପରେ ସେତିକି ଗୁରୁତ୍ୱଦେବାର ମନେହୁଏ ନାହିଁ। କୃଷିଶିଳ୍ପ ପ୍ରତିଷ୍ଠା କରି ତାକୁ କୃଷକ ଉତ୍ପାଦନ ଗୋଷ୍ଠୀମାନଙ୍କ ସହ ଯୋଡ଼ାଗଲେ ଚାଷୀ ଅଧିକ ଦର ପାଆନ୍ତା ଓ ନୂତନ କୃଷି ଭିତ୍ତିକ ରୋଜଗାର ସୃଷ୍ଟି ହୁଅନ୍ତା। ଏସବୁ ସତ୍ତ୍ୱେ କୌଣସି ଜିଲ୍ଲାରେ ଋଣୀୟ ପନିପରିବାର ଅଭାବୀ ବିକ୍ରି ହେଲେ ସେ ଉତ୍ପାଦକୁ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରି ସ୍ଥାନୀୟ ଶିକ୍ଷା, ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ବିକ୍ରୟ କରିବାକୁ ଜିଲ୍ଲାପାଳଙ୍କୁ କ୍ଷମତା ପ୍ରଦାନ କରାଗଲେ ଏପରି ଅସୁବିଧାର ଅନ୍ତ ହୁଅନ୍ତା।

ଅତଏବ ଅଭାବୀ ବିକ୍ରିର ଏ ସମସ୍ୟାକୁ ଠିକ୍ ଯୋଜନା ମାଧ୍ୟମରେ ସମାଧାନ ନକଲେ ଚାଷୀର ଆୟ ଦ୍ୱିଗୁଣିତ ହେବା ପରିବର୍ତ୍ତେ ଚାଷୀର ଭବିଷ୍ୟତ ଅନ୍ଧକାରମୟ ହେବ, ଏହା ସୁନିଶ୍ଚିତ। ଏଥିପାଇଁ ସରକାରୀ କଳ ଯତ୍ନବାନ ହେବା ଉଚିତ୍।

୧୯.୦୧.୨୦୨୩

# ବୟସ୍କଙ୍କ ହାତରେ ଖାଦ୍ୟ ନିରାପତ୍ତା

ଆନ୍ତର୍ଜାତିକ ଶ୍ରମ ସଂସ୍ଥାର ତଥ୍ୟ ଅନୁସାରେ (୨୦୨୦) ପୃଥିବୀର ଛବିଶ ପ୍ରତିଶତ ଜନସାଧାରଣ କୃଷିକ୍ଷେତ୍ର ସହ ଜଡ଼ିତ। ଆମ ଦେଶରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଅଠାବନ ପ୍ରତିଶତ ଏହି କ୍ଷେତ୍ର ସହ ସଂପୃକ୍ତ ଥିବାବେଳେ ଓଡ଼ିଶାରେ ଏହା ତେଷ୍ଠରି ପ୍ରତିଶତ ଅଟେ। ଗତ ଶତାବ୍ଦୀର ଶେଷ ଦଶନ୍ଧିରେ ଆରମ୍ଭ ହୋଇଥିବା ବଜାରୀକରଣ ଅର୍ଥନୀତିର ପ୍ରଭାବରେ ବହୁ କୃଷକ କୃଷି କ୍ଷେତ୍ରରୁ ମୁହଁ ଫେରାଇବା ଆରମ୍ଭ କରିଛନ୍ତି। ଭାରତ ସରକାରଙ୍କ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଅନୁସାରେ ୨୦୦୪-୦୫ରୁ ୨୦୧୧-୧୨ ମଧ୍ୟରେ ପ୍ରାୟ ଚଉରାଳିଶ ନିୟୁତ କୃଷକ ନିଜ ଜୀବିକା ଛାଡ଼ି ଅଣକୃଷି ଧନ୍ଦାକୁ ଗ୍ରହଣ କରିଛନ୍ତି। ୨୦୧୧ ମସିହାର ଜନସୁମାରି ଅନୁସାରେ ମଧ୍ୟ ପ୍ରତ୍ୟେକ ଦିନ ଦୁଇଶହ କୃଷକ ଚାଷ ଜମି ଛାଡୁଛନ୍ତି। କହିବା ବାହୁଲ୍ୟ, କୃଷି କ୍ଷେତ୍ରକୁ ଛାଡ଼ିବାର ନିଷ୍ପତ୍ତି ନେଉଛନ୍ତି ମୁଖ୍ୟତଃ ଭାରତର ଯୁବ ସଂପ୍ରଦାୟ। ଗତ କରୋନା ମହାମାରୀ ବେଳର ପ୍ରବାସୀ ଶ୍ରମିକମାନଙ୍କ ଘରବାହୁଡ଼ା ଯାତ୍ରାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କେବଳ ଓଡ଼ିଶା ନୁହେଁ; ଦେଶର ପ୍ରତ୍ୟେକ କୋଣ ଅନୁକୋଣରେ ଥିବା ଯୁବଶକ୍ତି କୃଷି ପ୍ରତି ବିମୁଖ ହୋଇ ଅଧିକ ରୋଜଗାରର ଆଶାରେ ଅଣକୃଷି କ୍ଷେତ୍ରରେ କର୍ମସଂସ୍ଥାନ ସନ୍ଧାନରେ ନିଜ ଭିଟାମାଟି ଛାଡ଼ିଛନ୍ତି। ଅତଏବ, ଦେଶରେ ସୁଦୃଢ଼ ଖାଦ୍ୟର ନିରାପତ୍ତା ବା ତିନିଶହ ନିୟୁତ ଟନ୍ ପରିମାଣର ରେକର୍ଡ ଖାଦ୍ୟଶସ୍ୟ ଉତ୍ପାଦନ ମୁଖ୍ୟତଃ ଏହି ବୟସ୍କ କୃଷକମାନଙ୍କ ଯୋଗୁଁ ସମ୍ଭବ ହୋଇଛି, ଏହା ଅନସ୍ୱୀକାର୍ଯ୍ୟ।

ସଂପ୍ରତି ସାରା ବିଶ୍ୱରେ କୃଷିକ୍ଷେତ୍ରର ଓ କୃଷକମାନଙ୍କର ମୌଳିକ ସମସ୍ୟାରେ ଅନେକ ସାମଞ୍ଜସ୍ୟ ରହିଛି। ପୃଥିବୀର ଆଗୁଆ ରାଷ୍ଟ୍ର ଭାବେ ପରିଗଣିତ ତଥା ଆମ ଦେଶରେ ବର୍ତ୍ତମାନ ସୁପରିଚିତ ଗ୍ରୁପ୍-୨୦ ସଦସ୍ୟ ରାଷ୍ଟ୍ରମାନଙ୍କ କୃଷିଜନିତ ଅବସ୍ଥିତିକୁ ଅନୁଶୀଳନ କରାଯାଉ। ଏହି ଗ୍ରୁପର ନିମ୍ନ ପାଞ୍ଚଟି ସ୍ଥାନରେ ରହୁଥିବା ଭାରତ, ଇଣ୍ଡୋନେସିଆ, ଚୀନ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ଦେଶର ଯଥାକ୍ରମେ ୪୨.୬, ୨୮.୫, ୨୫.୩, ୯.୧, ୫.୩ ପ୍ରତିଶତ ଶ୍ରମଶକ୍ତି କୃଷି କ୍ଷେତ୍ରରେ ନିଯୋଜିତ ଅଛନ୍ତି। ଅପରପକ୍ଷେ ଶୀର୍ଷରେ ଥିବା ପାଞ୍ଚଟି ଦେଶ ଯଥା ଅଷ୍ଟ୍ରେଲିଆ, ଫ୍ରାନ୍ସ, କାନାଡା, ଯୁକ୍ତରାଷ୍ଟ୍ର ଆମେରିକା, ଜର୍ମାନୀର ମୋଟ ଶ୍ରମଶକ୍ତିର ମାତ୍ର ୨.୬, ୨.୫.

୧.୫, ୧.୪ ଓ ୧.୨ ପ୍ରତିଶତ କୃଷିକ୍ଷେତ୍ରରେ ଅଛନ୍ତି। ଅର୍ଥାତ କୃଷି କ୍ଷେତ୍ରରେ ଆନୁପାତିକ ଭାବେ କମ୍ ଲୋକ ନିୟୋଜିତ ରହିଥିବା ଦେଶ ହିଁ ବିଶ୍ୱରେ ଅଧିକ ସମୃଦ୍ଧ। ଅବଶ୍ୟ ଭାରତ ପରି ଜନବହୁଳ ରାଷ୍ଟ୍ରରେ କୃଷିକୁ ଅଣଦେଖା କରି ଅନ୍ୟ କ୍ଷେତ୍ରରେ ସଂଖ୍ୟାଧିକ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇବା ଅସମ୍ଭବ। ତେଣୁ ସବୁ ଜନବହୁଳ ରାଷ୍ଟ୍ରରେ କୃଷି ହିଁ ସିଂହଭାଗ ନାଗରିକଙ୍କର ମୁଖ୍ୟ ଜୀବିକା ହୋଇରହିବ । ତେବେ ଆମ ସମାଜ କୃଷିକୁ ଏକ ନିଷ୍ପ୍ରଭ, ଗୌଣ, ନ୍ୟୂନତର ପେସା ଭାବେ ଚିତ୍ରିତ କରିବା ପରେ ସାମାଜିକ ପ୍ରତିଷ୍ଠା ଓ ଅର୍ଥନୈତିକ ସ୍ୱାବଲମ୍ବନତା ପାଇଁ ଭାରତର ଯୁବସମାଜ ଅଣକୃଷି କ୍ଷେତ୍ର ଆଡ଼କୁ ଅଗ୍ରସର ହୋଇଛନ୍ତି। ସରକାରୀ ସ୍ତରରେ ମଧ୍ୟ ଭାରତରେ କାରିଗରୀ କୌଶଳ ବିଭାଗ ଖୋଲାଯାଇ ଯୁବକମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ମାଧ୍ୟମରେ ଶିଳ୍ପ, ନିର୍ମାଣ, ସେବା ଆଦି କ୍ଷେତ୍ରରେ ଅଧିକ ଆୟ ବିଶିଷ୍ଟ ରୋଜଗାର ଦିଆଯାଇପାରୁଛି। ତେଣୁ ସ୍ୱତଃପ୍ରବୃତ୍ତ ଭାବେ  ଗ୍ରାମୀଣ ଭାରତର ବୟସ୍କ ତଥା ଅସହାୟମାନେ ମୁଖ୍ୟତଃ କୃଷି କ୍ଷେତ୍ରକୁ ନିଜ ଜୀବିକା ଭାବେ ଗ୍ରହଣ କରିଛନ୍ତି। ପରିସଂଖ୍ୟାନରୁ ଜଣାଯାଏ ଜଣେ ଭାରତୀୟ କୃଷକର ହାରାହାରି ବୟସ ୫୦.୧ ବର୍ଷ। କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟର ତଥ୍ୟ ମଧ୍ୟ କହେ ଦେଶର ୩୩.୭ ପ୍ରତିଶତ କୃଷକ ୪୧-୫୦ ବର୍ଷ ମଧ୍ୟରେ ଓ ୩୩.୨ ପ୍ରତିଶତ କୃଷକଙ୍କର ୫୧-୬୦ ବର୍ଷ ମଧ୍ୟରେ ଅଛି। ଜାତୀୟ ଯୁବନୀତି ଅନୁସାରେ ଭାରତୀୟ ଯୁବକଙ୍କ ବୟସ ୧୫ ରୁ ୨୯ ବର୍ଷ ମଧ୍ୟରେ ହୋଇଥିବା ବେଳେ, ଏହି ବୟସ ମଧ୍ୟରେ ଥିବା କୃଷକଙ୍କ ସଂଖ୍ୟା ଏଠାରେ ବହୁତ କମ୍। ଏପରି ସମସ୍ୟା କେବଳ ଆମ ଭାରତବର୍ଷରେ ସୀମିତ ନୁହେଁ। ଯୁକ୍ତରାଷ୍ଟ୍ର ଆମେରିକାରେ କୃଷକର ହାରାହାରି ବୟସ ୫୮ ବର୍ଷ ହୋଇଥିବାବେଳେ ଜାପାନରେ ୬୮ ବର୍ଷ। ସମୃଦ୍ଧଶାଳୀ ପାଶ୍ଚାତ୍ୟ ଦେଶମାନଙ୍କରେ କୃଷକଙ୍କର ହାରାହାରି ବୟସ ୬୫ ବର୍ଷରୁ କମ୍ ନୁହେଁ। ତେଣୁ ସାରା ବିଶ୍ୱର ଖାଦ୍ୟ ନିରାପତ୍ତା ସଂପ୍ରତି ବୟସ୍କ କୃଷକମାନଙ୍କ ଦ୍ୱାରା ନିୟନ୍ତ୍ରିତ। ଅର୍ଥାତ ଆମ କୃଷି କ୍ଷେତ୍ର ବର୍ତ୍ତମାନ ଜରାଗ୍ରସ୍ତ ଓ ଏହା ଏକ ପ୍ରମୁଖ ବୈଶ୍ୱିକ ସମସ୍ୟା।

ସୁତରାଂ ପ୍ରଶ୍ନ ଉଠେ, ଭାରତ ପରି ବିଶାଳ ରାଷ୍ଟ୍ର ଯାହାର ଜନସଂଖ୍ୟା ୨୦୫୦ ମସିହା ବେଳକୁ ୧୭୦ କୋଟିକୁ ଅତିକ୍ରମ କରିବ, ଏ ବୟସ୍କମାନଙ୍କ କୃଷି ଉତ୍ପାଦନ ସମସ୍ତଙ୍କୁ କ'ଣ ସୁନିଶ୍ଚିତ ଖାଦ୍ୟ ଯୋଗାଇ ପାରିବ? ଆକଳନ ଅନୁସାରେ ୨୦୫୦ ମସିହା ବେଳକୁ ଆମ ରାଷ୍ଟ୍ରର ଖାଦ୍ୟଶସ୍ୟ ଚାହିଦା ୬୦ ପ୍ରତିଶତ ବୃଦ୍ଧି ପାଇଥିବ। ଖାଦ୍ୟଶସ୍ୟ ତୁଳନାରେ ପନିପରିବା, ଫଳ, ଦୁଗ୍ଧଜାତ ଖାଦ୍ୟ, ମାଂସ ଆଦିର ଚାହିଦା ବହୁଗୁଣିତ ହେବ। ଆମର ଉଦ୍ଭାବିତ ନୂତନ ଜ୍ଞାନକୌଶଳ ସେ ଚାହିଦାକୁ ପୂରଣ କରିବାରେ ସକ୍ଷମ ହେବ ତ? ଆମର କ୍ଷୁଦ୍ରାତିକ୍ଷୁଦ୍ର ଅଣ ଜଳସେଚିତ ଓ ଅସମାନ ଭୂମିରୂପ ଥିବା ଜମିରେ କେଉଁ ଜ୍ଞାନକୌଶଳ ନେଇ ଜଣେ ଷାଠିଏ

ବର୍ଷର ବୃଦ୍ଧ କୃଷକ ଆମ ଘରି ଓଳି ଖାଦ୍ୟକୁ ଭବିଷ୍ୟତରେ ସୁନିଶ୍ଚିତ କରିପାରିବ; ଏହା ନିଶ୍ଚିତ ଭାବେ ଆଲୋଚ୍ୟ ପ୍ରସଙ୍ଗ। ପ୍ରକୃତିଗତ ଓ ମନୁଷ୍ୟକୃତ ସମସ୍ୟାରେ ଛନ୍ଦି ହୋଇ ରହିଥିବା କୃଷି କ୍ଷେତ କିପରି ଜଣେ ସାଧାରଣ ଓଡ଼ିଆ ଯୁବକର ରୋଜଗାରର ମାଧ୍ୟମ ହୋଇପାରିବ, ଆମର ବର୍ତ୍ତମାନର ଯୋଜନା ସେ ସବୁଦିଗରେ କେତେ ଫଳପ୍ରସୂ ହେବ, ଏହା ଚିନ୍ତାର ବିଷୟ।

ଅବଶ୍ୟ ଆମ ଦେଶ ତଥା ରାଜ୍ୟ ସରକାରଗଣ ଇତିମଧ୍ୟରେ ଏ ଦିଗରେ କିଛି ପଦକ୍ଷେପ ନେବା ଆରମ୍ଭ କଲେଣି। କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର ଘରିଟି ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ "କୃଷି କ୍ଷେତ୍ରକୁ ଯୁବକମାନଙ୍କୁ ଆକର୍ଷଣ କରି ବାନ୍ଧିରଖିବା' (ଆର୍ଯ୍ୟା) ନାମରେ ଏକ କ୍ଷୁଦ୍ର ପରିଯୋଜନା ଗତ କେତେ ବର୍ଷ ହେଲା ଆରମ୍ଭ କରିଛନ୍ତି। ଆମ ରାଜ୍ୟ ସରକାରଙ୍କର ମହତ୍ତ୍ୱାକାଂକ୍ଷୀ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ଯୁବକମାନଙ୍କୁ କୃଷି ଉଦ୍ୟୋଗୀରେ ପରିଣତ କରିବା ଦିଗରେ ଅଭିପ୍ରେତ। ଏସବୁ ବ୍ୟତୀତ କୃଷକମାନଙ୍କ ସାହାଯ୍ୟ ପାଇଁ ପାରମ୍ପରିକ ଭାବେ କୃଷିକାର୍ଯ୍ୟର ବିଭିନ୍ନ ଦିଗରେ ସରକାରଙ୍କର ଆର୍ଥିକ ସହାୟତା ଓ ରିଆତି ରହିଛି କିନ୍ତୁ ଏହା ରାଜ୍ୟର ସମ୍ବଳରହିତ ୯୩ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର କୃଷି ପରିବାରର ଦାୟାଦମାନଙ୍କୁ ଠିକ୍ ଭାବରେ ଆକୃଷ୍ଟ କରିପାରୁଛି ତ ? ରାଜ୍ୟର ଅବହେଳିତ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗର ସ୍ୱଳ୍ପ ସମ୍ବଳଧାରୀ ଯୁବକଗଣ ଏହାର ଲାଭ ଉଠାଇପାରୁଛନ୍ତି ତ? ୨୦୩୦ ମସିହା ବେଳକୁ ଭାରତର କେତେ ଯୁବଶକ୍ତି ନିଜକୁ କୃଷି କ୍ଷେତ୍ରରେ ସାମିଲ୍ କରିପାରିବେ ଓ ସେମାନେ ସମାଜର କେଉଁ ଅଂଶକୁ ପ୍ରତିନିଧିତ୍ୱ କରୁଥିବେ, ସେ ଯୋଜନାର ବ୍ଲୁ-ପ୍ରିଣ୍ଟ କାହିଁ ? ସର୍ବନିମ୍ନ ପୁଞ୍ଜି ନଥିବା ଉପରୋକ୍ତ ବର୍ଗର ଯୁବକ ଯୁବତୀମାନଙ୍କ ପ୍ରତି ବ୍ୟାଙ୍କମାନଙ୍କ ମନୋଭାବ କ'ଣ, ସେ ବିଷୟରେ ସରକାର ଅବଗତ କି? କଳା, ସଂସ୍କୃତି, କ୍ରୀଡ଼ା, ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ଯୁବକ ସହ ସଫଳ ଯୁବ କୃଷକ କିପରି ସାମାଜିକ ସ୍ତରରେ ସମତୁଲ ହୋଇପାରିବ, ସେ ସମ୍ବନ୍ଧରେ ସରକାର କ'ଣ ଯୋଜନା କରିଛନ୍ତି ? ଏସବୁ ପ୍ରଶ୍ନର ଉତ୍ତରରେ ହିଁ ଆମ ଭବିଷ୍ୟତର କୃଷି ତଥା ଖାଦ୍ୟ ନିରାପତ୍ତା ନିର୍ଭର କରେ। ବ୍ୟବସାୟୀ, ଓକିଲ, ଠିକାଦାର, ଘକିରିଆ ଆଦି ବିଭିନ୍ନ ପେଷାଦାରଙ୍କ ପରି କୃଷକ ସ୍ୱାବଲମ୍ବୀ ହୋଇ ସାମାଜିକ ସ୍ୱୀକୃତି ପାଇଲେ ହିଁ ତା'ର ପରପିଢ଼ି ଘଷକୁ ଗ୍ରହଣ କରିବେ, ଏଥିରେ ସନ୍ଦେହ ନାହିଁ।

ଏବେ ସାରା ବିଶ୍ୱର କୃଷି ବୟସ୍କଙ୍କ ଦ୍ୱାରା ପରିଚ୍ଚାଳିତ। ସେମାନଙ୍କୁ ନେଇ ଖାଦ୍ୟ ନିରାପତ୍ତା ତଥା ପୁଷ୍ଟି ନିରାପତ୍ତାର ରଙ୍ଗିନ ଚିତ୍ର କେତେ ଦିନ ଆମେ ସମାଜକୁ ଦେଖେଇପାରିବା, ତାହା ଏକ ବିରାଟ ପ୍ରଶ୍ନବାଚୀ। ଏଥିପାଇଁ ସମସ୍ତେ ବେଳହୁଁ ସାବଧାନ ହେବା ଉଚିତ।

୦୨.୦୧.୨୦୨୩

# ବୁଭୁକ୍ଷିତ ଶ୍ରୀଲଙ୍କା : ଆତଙ୍କିତ ଭାରତ

ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ତାମିଲ -ସିଂହଳୀ ଗୃହଯୁଦ୍ଧରୁ ୨୦୦୯ ମସିହାରେ ମୁକ୍ତ ହୋଇ ୨୦୧୯ ମସିହାରେ ଉଚ୍ଚ ମାଧ୍ୟମ ଆୟକାରୀ ରାଷ୍ଟ୍ର ଗୋଷ୍ଠିରେ ନିଜକୁ ସାମିଲ କରିପାରିଥିବା ଶ୍ରୀଲଙ୍କା ୨୦୨୨ ମସିହାରେ ନିଜ ଦୂରଦର୍ଶିତାର ଅଭାବ ଓ ଅପାରଗତାରୁ ପୁଣି ଗୃହଯୁଦ୍ଧ ଆଡକୁ ଠେଲି ହୋଇଯାଇଥିବାର ପ୍ରତୀତ ହୋଇଛି। ଅତ୍ୟଧିକ ମୁଦ୍ରାସ୍ଫୀତି ହାର ଯୋଗୁଁ ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହ ଖାଦ୍ୟ ପଦାର୍ଥର ଦାମ୍ ଏତେ ବଢ଼ିଯାଇଛି ଯେ ଦେଶର କୃଷି ସଚିବ, ଶିଶୁ ଓ ଗର୍ଭବତୀ ମହିଳାଙ୍କ ପାଇଁ ନିଜର ସ୍ୱାର୍ଥ ତ୍ୟାଗ କରିବାକୁ ଦେଶବାସୀଙ୍କୁ ନିବେଦନ କରିଛନ୍ତି। ଭାରତ ସହ ସାଂସ୍କୃତିକ ତଥା ବୌଦ୍ଧିକ ନିବିଡତା ଥିବା ଏହି କ୍ଷୁଦ୍ର ପଡ଼ୋଶୀ ରାଷ୍ଟ୍ରର ଦୁରବସ୍ଥା ଦେଖି ଆମ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏପରି ପରିସ୍ଥିତି ଉପୁଜିବା ଅସମ୍ଭବ ନୁହେଁ ବୋଲି ସାଧାରଣ ଜନତାଙ୍କ ମନରେ ଏକ ଭାବନା ସୃଷ୍ଟି ହେଲାଣି। ସର୍ବୋପରି ଏକବିଂଶ ଶତାବ୍ଦୀରେ ଗୋଟିଏ ବିକାଶୋନ୍ମୁଖୀ ଗଣତାନ୍ତ୍ରିକ ରାଷ୍ଟ୍ରରେ ଖାଦ୍ୟାଭାବରେ ଲୋକେ ହନ୍ତସନ୍ତ ହେବା ସେ ଦେଶର ଆଭ୍ୟନ୍ତରୀଣ ଅବ୍ୟବସ୍ଥା, ରାଜନୈତିକ ମହତାକାଙ୍କ୍ଷୀ ଓ ନେତୃତ୍ୱର ଅପରିଣାମଦର୍ଶିତାକୁ ବୁଝାଏ ଏଥିରେ ଦ୍ୱିମତ ନାହିଁ।

ଭାରତ ସହ ପ୍ରାୟ ସମାନ ସମୟ (୧୯୪୮ ମସିହାରେ) ସ୍ୱାଧୀନତା ପାଇଥିବା ଆମ ଦକ୍ଷିଣରେ ଥିବା ଶ୍ରୀଲଙ୍କା ନିଜର ସ୍ୱତନ୍ତ୍ର ଭୌଗୋଳିକ ପରିସ୍ଥିତି ଓ ସୁନ୍ଦର ପରିବେଶ ପାଇଁ ଆମ ଦେଶଠାରୁ ମଧ୍ୟ ସାମାଜିକ ମୂଲ୍ୟବୋଧରେ ଶ୍ରେଷ୍ଠ ବୋଲି ବିବେଚନା କରାଯାଏ। ଏହାର ମୋଟ କ୍ଷେତ୍ରଫଳର ବୟାଳିଶ ଭାଗ ଥିବା ଚାଷଜମିକୁ ଦେଶର ତିରିଶ ପ୍ରତିଶତ ଶ୍ରମଶକ୍ତି ପରିଚାଳନା କରିଥାନ୍ତି। ଭାରତ ପରି ସ୍ୱାଧୀନତା ସମୟରେ ଏହାର ମୁଖ୍ୟ ଆୟ କୃଷିକ୍ଷେତ୍ର ଥିବାବେଳେ

ବର୍ତ୍ତମାନ ଏହା ଦେଶର ସମଗ୍ର ଘରୋଇ ଉତ୍ପାଦର ମାତ୍ର ୮.୩୬ ପ୍ରତିଶତ ପ୍ରତିଦାନ କରୁଅଛି। ସେବା ଓ ଶିଳ୍ପ ଦେଶର ଅର୍ଥନୀତିର ମୁଖ୍ୟ ଉପାଦାନ ହୋଇଥିଲେ ମଧ୍ୟ ପର୍ଯ୍ୟଟନ ଶିଳ୍ପ ୧୨.୬ ପ୍ରତିଶତ ଯୋଗ କରିଥାଏ। କରୋନା ମହାମାରୀର ଅତର୍କିତ ଆକ୍ରମଣର ସମ୍ମୁଖୀନ ହୋଇ ଏହି ପର୍ଯ୍ୟଟନ କ୍ଷେତ୍ର କ୍ଷତିଗ୍ରସ୍ତ ହେଲା ପରେ ଶ୍ରୀଲଙ୍କାର ଦୁର୍ଦ୍ଦିନ ଆରମ୍ଭ ହୋଇଥିଲା। ଅତ୍ୟଧିକ ଋଣଭାରରେ ବୁଡିଥିବା ଶ୍ରୀଲଙ୍କା ନିଜର ରିକ୍ତ ବୈଦେଶିକ ମୁଦ୍ରାପାଣ୍ଠିକୁ ଧରି ଅତ୍ୟାବଶ୍ୟକ ପେଟ୍ରୋଲ, ଡିଜେଲ, ଇନ୍ଧନ ଗ୍ୟାସ୍, ଔଷଧ ପରି ଦ୍ରବ୍ୟ ଆମଦାନୀରେ ଘୋର ଅସୁବିଧାର ସମ୍ମୁଖୀନ ହେଲା। ଯାହାର ପ୍ରଭାବ ଦେଶର ସବୁ କ୍ଷେତ୍ରକୁ କବଳିତ କଲା ଓ ସରକାର ବାଧ୍ୟ ହୋଇ ଜରୁରିକାଳୀନ ଅବସ୍ଥା ଘୋଷଣା କଲେ। ଏହା ମଧ୍ୟରେ ସରକାର ଆଉ ଏକ ଅପରିଣାମଦର୍ଶୀ ଯୋଜନା ଲାଗୁ କଲେ ଯାହା ଦେଶରେ ଖାଦ୍ୟାଭାବ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କଲା।

ଧାନ ଶ୍ରୀଲଙ୍କାର ମୁଖ୍ୟ ଖାଦ୍ୟଶସ୍ୟ ହୋଇଥିବାବେଳେ ଚା, ରବର, ନଡ଼ିଆ, ବିଭିନ୍ନ ମସଲା ଆଦି ପଦାର୍ଥ ମଧ୍ୟପ୍ରାଚ୍ୟ ଓ ୟୁରୋପୀୟ ଦେଶଗୁଡ଼ିକୁ ରପ୍ତାନି କରି ଏହା ଭଲ ବୈଦେଶିକ ମୁଦ୍ରା ଅର୍ଜନ କରେ। ଦେଶର ଦକ୍ଷିଣାଞ୍ଚଳର ଗ୍ରାମଗୁଡ଼ିକରେ ବୃକ୍କୀୟ ରୋଗ ପ୍ରାଦୁର୍ଭାବର ସମ୍ବେଦନଶୀଳ ପ୍ରସଙ୍ଗକୁ ନିର୍ବାଚନ ଇସ୍ତାହାରରେ ସ୍ଥାନିତ କରି ରାଷ୍ଟ୍ରପତି ଗୋଟାବୟ ରାଜପକ୍ଷ ୨୦୧୯ ସାଧାରଣ ନିର୍ବାଚନରେ ଜୟଯୁକ୍ତ ହେଲେ। କୃଷି ବୈଜ୍ଞାନିକମାନଙ୍କ ମତାମତକୁ ଭ୍ରୂକ୍ଷେପ ନକରି ଅପ୍ରତ୍ୟାଶିତ ଭାବେ ଏପ୍ରିଲ ୨୦୨୧ ମସିହାରେ ରାଷ୍ଟ୍ରପତି ଆର୍ଥିକ ଦୁର୍ଗତି ମଧ୍ୟରେ ଗତି କରୁଥିବା ଶ୍ରୀଲଙ୍କାରେ ସମସ୍ତ ରାସାୟନିକ ସାର, ଔଷଧର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଦେଲେ। ବାର୍ଷିକ ୫୨ ନିୟୁତ ଟନ୍ ଧାନ ଉତ୍ପାଦନ କରୁଥିବା ଦେଶ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିକୁ ଅନୁକରଣ କରିଲା ବେଳକୁ ଏହାର ଉତ୍ପାଦିକତା ଘୋର ନୈରାଶ୍ୟଜନକ ହେଲା। ବହୁ ଚାଷୀ ଏ ଜୈବିକ ପଦ୍ଧତି ଉପରେ ବିଶ୍ୱାସ ନକରି ଜମିକୁ ପଡ଼ିଆ ଛାଡ଼ିଦେଲେ। ଯେଉଁମାନେ ଚାଷ କଲେ ନିମ୍ନ ଉତ୍ପାଦିକତାରେ ପ୍ରଭାବିତ ହୋଇ ବିକ୍ଷୋଭ କରିବା ଆରମ୍ଭ କଲେ। ସେମାନଙ୍କୁ ସରକାର କୋଡ଼ିଏ କୋଟି ଡଲାରର କ୍ଷତିପୂରଣ ରାଶି ଦେବାକୁ ଘୋଷଣା କଲେ; କିନ୍ତୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଚା' ଚାଷ ଓ ଚାଷୀମାନଙ୍କ ପାଇଁ କିଛି କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଗଲା ନାହିଁ। ଗତବର୍ଷ କେବଳ ଚା ରପ୍ତାନି କରି ଶ୍ରୀଲଙ୍କା ୪୨୫ ନିୟୁତ ଡଲାର ବୈଦେଶିକ ମୁଦ୍ରା ଅର୍ଜନ କରିଥିବା ବେଳେ ଚଳିତ ବର୍ଷ ବିନା ରାସାୟନିକ ସାର ଓ ଔଷଧରୁ ଏହାର ଉତ୍ପାଦିକତା ଯଥେଷ୍ଟ କମିଗଲା। ଧାନ ଉତ୍ପାଦନରେ ସ୍ୱାବଲମ୍ବନତା ଆଡକୁ ଗତି କରୁଥିବା ଶ୍ରୀଲଙ୍କା ଚା ଆମଦାନୀ କରିବାକୁ ବାଧ୍ୟ ହେଲା। କହିବା ବାହୁଲ୍ୟ ୧୯୭୯ ମସିହାରେ ପାଞ୍ଚ ଦଶନ୍ଧି ଧରି ହାରାହାରି ୨.୧ ପ୍ରତିଶତ

ଅଭିବୃଦ୍ଧି ହାରରେ ଗତି କରୁଥିବା କୃଷିକ୍ଷେତ୍ର ଓ ଗ୍ରାମୀଣ ଅର୍ଥନୀତିକୁ ଧ୍ୱସ୍ତ କରିଦେଲେ ରାଷ୍ଟ୍ରପତି ରାଜପକ୍ଷ। ଜୈବିକ କୃଷି ପାଇଁ ଆବଶ୍ୟକ କୃଷି ପ୍ରଣାଳୀ, ଜୈବିକ ସାର୍, କମ୍ପୋଷ୍ଟ, କୀଟନାଶକ ଆଦି ପ୍ରସ୍ତୁତି ଓ ତା'ର ଯୋଗାଣର ଯୋଜନା ନକରି ରାତାରାତି ଦେଶକୁ ପୃଥିବୀର ପ୍ରଥମ ଜୈବିକ ରାଷ୍ଟ୍ର ରୂପେ ଘୋଷଣା କରି ଅଜସ୍ର ଖ୍ୟାତି ସାଉଁଟିବାର ପ୍ରଚେଷ୍ଟା କରି ରାଷ୍ଟ୍ରପତି ଦେଶକୁ ଖାଦ୍ୟାଭାବ ପରି ସଂକଟ ମୁହଁକୁ ଠେଲିଦେଲେ। ଫଳସ୍ୱରୂପ ଗତ ଫେବୃଆରୀ ମାସରେ ଦେଶରେ ମୁଦ୍ରାସ୍ଫୀତି ୧୭.୫ ପ୍ରତିଶତ ଥିଲାବେଳେ ମାର୍ଚ୍ଚ ମାସରେ ତାହା ୨୧.୫ ପ୍ରତିଶତକୁ ବୃଦ୍ଧି ପାଇଥିଲା। ପାଇକାରୀ ବଜାରରେ ଚାଉଳ, ଅଟା କେଜି ପିଛା ପ୍ରାୟ ଦୁଇଶହ ଟଙ୍କା, ଦୁଗ୍ଧ ଗୁଣ୍ଡ ଦୁଇହଜାର ଟଙ୍କାରେ ବିକ୍ରି ହେଲା। ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ମୂଲ୍ୟ ମଧ୍ୟ ଆକାଶଛୁଆଁ ହେଲା। ଇଂରେଜ ଶାସନ ଅମଳରୁ ପ୍ରୋତ୍ସାହିତ ଚା, ରବର, ମସଲା ଚାଷକୁ ଅତ୍ୟଧିକ ଗୁରୁତ୍ୱ ଦେଇ ଆବଶ୍ୟକ ଖାଦ୍ୟଶସ୍ୟ, ଡାଲି, ତେଲ, ଚିନି ଆଦିକୁ କମ୍ ପ୍ରାଧାନ୍ୟ ଦେବାର ଦଶା ଶ୍ରୀଲଙ୍କାକୁ ଭୋଗିବାକୁ ପଡ଼ିଲା। ଏହି କ୍ରମରେ ସୁନାମଧନ୍ୟ ଶସ୍ୟ ବିଜ୍ଞାନୀ ପ୍ରଫେସର ଏଲ୍.ଏମ୍. ଗଡ଼ନାୟକଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ। ସେ କହନ୍ତି, ମୌଳିକ ଖାଦ୍ୟଶସ୍ୟକୁ ପ୍ରାଥମିକତା ଦେଇ ଦେଶକୁ ସ୍ୱାବଲମ୍ବୀ କରିସାରିଲା ପରେ କୌଣସି ଜନମଙ୍ଗଳକାରୀ ରାଷ୍ଟ୍ର ଅର୍ଥକରୀ ଫସଲ ବା ରପ୍ତାନିଭିତ୍ତିକ କୃଷିକୁ ଗ୍ରହଣ କରିବା ବିଧେୟ। ଏପରି ବୈଜ୍ଞାନିକ ଜ୍ଞାନ ସମ୍ମତ ତଥ୍ୟକୁ ଅଣଦେଖା କରିଥିବା ଶ୍ରୀଲଙ୍କାର ଜନତା ଏବେ ରାଜରାସ୍ତାରେ ସରକାର ବିରୋଧୀ ହୋଇ ଠିଆ ହୋଇଛନ୍ତି।

କହିବା ବାହୁଲ୍ୟ, ଭାରତ ପରି ବିଶାଳ ବିବିଧତା ସମ୍ପନ୍ନ ରାଷ୍ଟ୍ର ଏପରି ପରିସ୍ଥିତିର ସମ୍ମୁଖୀନ ହେବା ଆଶଙ୍କା କ୍ଷୀଣ। ଶ୍ରୀଲଙ୍କାର ଆୟତନ ଓ ଜନସଂଖ୍ୟା ଭାରତ ତୁଳନାରେ ଖୁବ୍ ନଗଣ୍ୟ। ଭାରତରେ ଜୈବିକ କୃଷି ପ୍ରକ୍ରିୟା ଯେ ସରକାରୀ ଭାବେ ଆରମ୍ଭ ହୋଇନାହିଁ ତା' ନୁହେଁ, ୨୦୧୫ ମସିହାରୁ ପରମ୍ପରାଗତ କୃଷି ବିକାଶ ଯୋଜନାରେ ଜୈବିକ କୃଷିକୁ ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି ଯୋଜନା ୨୦୨୦ ମସିହାରେ ଆରମ୍ଭ କରାଯାଇଛି। ଆନ୍ଧ୍ରପ୍ରଦେଶ ପରି ରାଜ୍ୟ ଜିରୋ ବଜେଟ ପ୍ରାକୃତିକ କୃଷିକୁ ଯଥେଷ୍ଟ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି; କିନ୍ତୁ ଅଦ୍ୟାବଧି ଏସବୁର ପରିମାଣ ଭାରତ ପରି ବୃହତ୍ ଦେଶରେ ଖୁବ୍ ନଗଣ୍ୟ। ଏ ଦେଶରେ ଫରିଦ୍‌କୋଟ୍, ହିସାର ପରି ଅତ୍ୟଧିକ ରାସାୟନିକ ସାର ବ୍ୟବହୃତ କରୁଥିବା ଜିଲ୍ଲା ଅଛନ୍ତି। କନ୍ଧମାଳ ପରି ବହୁତ କମ୍ ସାର ବିନିଯୋଗକାରୀ ଜିଲ୍ଲା ଅଛନ୍ତି। ତଥ୍ୟ ଅନୁସାରେ ଭାରତର ବୟାଳିଶି ପ୍ରତିଶତ ଜିଲ୍ଲା ଦେଶର ପଞ୍ଚାଅଶୀ ପ୍ରତିଶତ ରସାୟନିକ ସାର ବିନିଯୋଗ କରିଥାନ୍ତି। ସିକ୍କିମ୍ ପ୍ରଦେଶକୁ ୨୦୧୬ ମସିହାରୁ ପୂର୍ଣ୍ଣ ଜୈବିକ ରାଜ୍ୟ ଭାବେ ସରକାର ଘୋଷଣା କରିଛନ୍ତି। ଏସବୁର ପ୍ରଭାବ ଆମ ମୋଟ ଖାଦ୍ୟ ଉତ୍ପାଦନରେ ବିଶେଷ

ଗୁରୁତ୍ୱ ରଖେନାହିଁ। ସର୍ବୋପରି ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ କୃଷି ଉତ୍ପାଦନ ମୁଖ୍ୟତଃ ରାଜ୍ୟଗୁଡ଼ିକର ଅଧିକାର ଶ୍ରେଣୀରେ ଅନ୍ତର୍ଭୁକ୍ତ। କରୋନା ମହାମାରୀର ଗତ ଦୁଇବର୍ଷର ବିଭୀଷିକାବେଳେ ଆମ ଦେଶ ଖାଦ୍ୟ ଉତ୍ପାଦନରେ ତା'ର ପୁରୁଣା ସର୍ବାଧିକ ପରିମାଣ ରେକର୍ଡକୁ ଭାଙ୍ଗି ତିନିଶହ ନିୟୁତ ଟନ୍ ଖାଦ୍ୟ ଉତ୍ପାଦନ ସୀମାକୁ ଅତିକ୍ରମଣ କରିଛି। ଏହା ଦେଶର ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ସହ ଦୁଇବର୍ଷ ହେବ ସରକାର ଅଶୀ କୋଟି ଭାରତୀୟଙ୍କୁ ପ୍ରାୟ ମାଗଣା ଖାଦ୍ୟଶସ୍ୟ ବଣ୍ଟନ କରି ଆସୁଛନ୍ତି। ଅତଏବ ଭାରତ କ୍ଷେତ୍ରରେ ଏପରି ଆଶଙ୍କା ନିହାତି ଅମୂଳକ; କିନ୍ତୁ ଏକ ସୁଚିନ୍ତିତ, ଗବେଷଣାଭିତ୍ତିକ ବିକଳ୍ପର ସୁବ୍ୟବସ୍ଥା ନକରି ଭାରତ ପରି ଜନବହୁଳ ରାଷ୍ଟ୍ରରେ ଏପରି ଆଇନ୍ ଲାଗୁ କରାଗଲେ ଏହା ଦେଶର ସାମଗ୍ରିକ ଖାଦ୍ୟ ନିରାପତ୍ତାକୁ ବିପନ୍ନ କରିବ, ଏହା ନିଃସନ୍ଦେହ। ୨୬.୦୪.୨୦୨୨

# ଖାଇବା ତେଲ ଦର ବୃଦ୍ଧିର କାରଣ

ରୁଷ-ୟୁକ୍ରେନ୍ ଯୁଦ୍ଧର ପରିଣାମ ସ୍ୱରୂପ ୟୁକ୍ରେନ୍ ଆକାଶରେ ଧୂଆଁ ଉଠିବା ଆରମ୍ଭ ହେଉ ହେଉ ଭାରତର ଖାଇବା ତେଲ ବଜାରରେ ନିଆଁ ଲାଗିଯାଇଛି । ସୂର୍ଯ୍ୟମୁଖୀ ତେଲର ଦାମ୍ ଲିଟର ପିଛା ପଚିଶରୁ ତିରିଶ ପ୍ରତିଶତ ଗତ ପନ୍ଦର ଦିନ ମଧ୍ୟରେ ବୃଦ୍ଧି ପାଇଛି ଓ ଭବିଷ୍ୟତରେ ଏହା ଆହୁରି ବଢ଼ିବାର ଆଶଙ୍କା ବ୍ୟକ୍ତ କରାଗଲାଣି । ସରକାରୀ ତଥ୍ୟ ଅନୁସାରେ ଚଳିତ ୨୦୨୧-୨୨ ଆର୍ଥିକ ବର୍ଷରେ ଦେଶର ସମୁଦାୟ ଖାଦ୍ୟଶସ୍ୟ ଉତ୍ପାଦନ କରୋନା ବାଧାବିଘ୍ନ ସତ୍ତ୍ୱେ ୩୧.୬ ନିୟୁତ ଟନ୍ ଓ ଫଳ, ପନିପରିବା ଉତ୍ପାଦନ ୩୩୦ ନିୟୁତ ଟନ୍‌କୁ ଅତିକ୍ରମ କରିବ । ଆମେ କୃଷି ଉତ୍ପାଦନ ଅଭିବୃଦ୍ଧିରେ ରେକର୍ଡ ହାସଲ କରିଛୁ; ଧାନ, ଗହମ ଡାଲି, କ୍ଷୀର, ଚିନି ଆଦି ଉତ୍ପାଦନରେ ପୃଥିବୀରେ ଶୀର୍ଷ ସ୍ଥାନରେ ରହିଛୁ, ଆମେ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ, ଏପରିକି ଯେତେ ସ୍ୱପ୍ରଶସ୍ତି ଗାନ କଲେ ମଧ୍ୟ ଭାରତ ଯେ ମୌଳିକ ଆବଶ୍ୟକତା ପାଇଁ ବିଦେଶୀ ରାଷ୍ଟ୍ର ଉପରେ ନିର୍ଭରଶୀଳ, ରୁଷ-ୟୁକ୍ରେନ ଯୁଦ୍ଧର ପ୍ରଭାବ ଆମକୁ ଜଣାଇ ଦେଇଛି ।

ଭାରତ ତୈଳବୀଜ ଉତ୍ପାଦନରେ କେବେ ବି ସ୍ୱାବଲମ୍ବୀ ହୋଇପାରିନାହିଁ । ପରିସଂଖ୍ୟାନରୁ ଜଣାଯାଏ, ଏ ଶତାବ୍ଦୀର ଆରମ୍ଭରୁ ଆମ ଦେଶ ବାର୍ଷିକ ୨ ନିୟୁତ ଟନ୍ ଖାଇବା ତେଲ ଆମଦାନୀ କରୁଥିଲା ବେଳେ ୨୦୦୭-୦୮ ମସିହାରେ ଏହା ୫ ନିୟୁତ ଟନ୍ ହୋଇ ୨୦୧୩-୧୪ ମସିହା ବେଳକୁ ୧୩ ନିୟୁତ ଟନ୍‌ରେ ପହଞ୍ଚିଛି । ଆମର ବାର୍ଷିକ ଚାହିଦା ୨୪ ନିୟୁତ ଟନ୍ ଥିଲାବେଳେ ଉତ୍ପାଦନ ମାତ୍ର ଏଗାର ନିୟୁତ ଟନ୍‌ରେ ସୀମିତ ରହିଛି । ଏହାର ମୂଳରେ ଆମ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ସମାଜର ନିମ୍ନ ତଥା ମଧ୍ୟବିତ୍ତ ଶ୍ରେଣୀର ଜନସାଧାରଣଙ୍କ ଅର୍ଥନୈତିକ ପ୍ରଗତି ଓ ସରକାରୀ ପ୍ରୋତ୍ସାହନ ତଥା ଗତ କେତେବର୍ଷ ହେଲାଣି ଭାରତୀୟମାନଙ୍କର ବ୍ୟଞ୍ଜନର ପରିବର୍ତ୍ତନ ଦାୟୀ । ତେଣୁ ଖାଇବା ତେଲର ଚାହିଦା ପୂରଣ ପାଇଁ ଭାରତ ୨୦୧୮ ମସିହାରେ ପଞ୍ଚାବନ ହଜାର କୋଟି, ୨୦୧୯ ମସିହାରେ ପଞ୍ଚଷଠି ହଜାର କୋଟି, ୨୦୨୦ ମସିହାରେ

ଏକ ଲକ୍ଷ ଶତର ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଯାହା ୨୦୨୨ ମସିହାରେ ଦେଢ଼ ଲକ୍ଷ କୋଟିକୁ ଟପିଯିବାର ଆଶଙ୍କା ରହିଛି। କହିବାବାହୁଲ୍ୟ ସାଧାରଣ ଖାଇବାତେଲ ପାଇଁ ଏପରି ଅର୍ଥ ବ୍ୟୟ ଆମ କୃଷିସଂଲଗ୍ନ ଯୋଜନା ଓ ତା'ର ରୂପାୟନରେ ଥିବା ଛିଦ୍ରଗୁଡ଼ିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଆମ ଦେଶରେ ପ୍ରାୟ ଛବିଶ ନିୟୁତ ହେକ୍ଟର ଜମିରେ ତୈଳବୀଜ ଚାଷ କରାଯାଏ। ସେଥିମଧ୍ୟରୁ ଅଶୀ ପ୍ରତିଶତ ଜମିରେ ସୋୟାବିନ୍, ଚିନାବାଦାମ ଓ ସୋରିଷ ଚାଷ ହୁଏ। ଅବଶିଷ୍ଟ ଜମିରେ ସୂର୍ଯ୍ୟମୁଖୀ, ରାଶି, ଅଳସୀ, ପେଶୀ ଆଦି ଚାଷ ହୋଇଥାଏ। ଏଥିରୁ ଉତ୍ପାଦିତ ଫସଲରୁ ଦେଶର ମୋଟ ପାଇଁ ଭାରତ ଅନ୍ୟ ଦେଶ ଉପରେ ନିର୍ଭର କରେ। ଏଥିପାଇଁ ଯେଉଁ ବୈଦେଶିକ ମୁଦ୍ରା ଖର୍ଚ୍ଚ ହୁଏ, ତାହା ମୋଟ କୃଷିଜାତ ପଦାର୍ଥର ଆମଦାନୀ ମୂଲ୍ୟର ଚାଳିଶ ଭାଗ। ଖାଇବା ତେଲ ଆମର ଏକ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଓ ରାତି ପାହିଲେ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଗରିବ ପରିବାର ଏଠାରେ ବ୍ୟଞ୍ଜନ କରି ସେମାନଙ୍କ ପରିବାର ପୋଷନ୍ତି; ଏସବୁ ଜାଣି ମଧ୍ୟ ଆମେ ଏହାର ପ୍ରତିକାର ପାଇଁ ସେତିକି ଯତ୍ନଶୀଳ ନୋହୁଁ; ଏହା ଅତ୍ୟନ୍ତ ପରିତାପର ବିଷୟ।

ଆଗରୁ ଭାରତୀୟଙ୍କ ପାକପ୍ରଣାଳୀରେ ବିଭିନ୍ନ ପ୍ରକାରର ଦେଶୀୟ ଖାଇବା ତେଲର ବ୍ୟବହାର ଥିଲା। ଏବେ ଆମେ ମୁଖ୍ୟତଃ ପାମୋଲିନ୍, ସୋରିଷ, ସୂର୍ଯ୍ୟମୁଖୀ ଉପରେ ନିର୍ଭରଶୀଳ। ମୋଟ ଖାଇବା ତେଲ ଆମଦାନୀର ବାଷଠି ପ୍ରତିଶତ ପାମୋଲିନ୍ ତେଲ। ଶସ୍ତା ହୋଇଥିବାରୁ ଏହା ନିମ୍ନ ଓ ମଧ୍ୟବିତ୍ତ ପରିବାର ତଥା ବ୍ୟବସାୟିକ କ୍ଷେତ୍ରରେ ବେଶ୍ ଆଦୃତ। ଏହି ତେଲ ମୁଖ୍ୟତଃ ମାଲେସିଆ ଓ ଇଣ୍ଡୋନେସିଆରୁ ଆମଦାନୀ ହୁଏ। ଇଣ୍ଡୋନେସିଆରେ ଫସଲ ପର୍ଯ୍ୟାୟ ପରିବର୍ତ୍ତନ ହେଉ ବା ମାଲେସିଆର ପାକିସ୍ତାନ ପ୍ରୀତି ହେଉ, ତାହା ଭାରତୀୟ ପାମୋଲିନ୍ ବଜାରକୁ ପ୍ରଭାବିତ କରିବା ନିଶ୍ଚିତ । ସୋୟାବିନ୍ ଭାରତର ଏକ ପ୍ରମୁଖ ତୈଳବୀଜ ହେଲେ ମଧ୍ୟ ଆବଶ୍ୟକ ବେଳେ ଆମେ ସୁଦୂର ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ବ୍ରାଜିଲ, ଆର୍ଜେଣ୍ଟିନାରୁ ଆମଦାନୀ କରିଥାଉ। ଆମର ମୋଟ ଆମଦାନୀ ତେଲର ଚଉଦ ପ୍ରତିଶତ ସୂର୍ଯ୍ୟମୁଖୀ ତେଲ। ଏହାର ସତୁରି ପ୍ରତିଶତରୁ ଅଧିକ କେବଳ ୟୁକ୍ରେନ ଆମକୁ ରପ୍ତାନି କରିଥାଏ। ବାକି ତେଲର ମୁଖ୍ୟ ଅଂଶ ରୁଷରୁ ଆସିଥାଏ। ସୁତରାଂ ରୁଷ-ୟୁକ୍ରେନ୍ ଯୁଦ୍ଧରେ ଆମ ସୂର୍ଯ୍ୟମୁଖୀ ତେଲ ଦର ପ୍ରଭାବିତ ହେବା ସୁନିଶ୍ଚିତ। ସରକାର ଏପରି ପରିସ୍ଥିତିକୁ ସମ୍ଭାଳିବାକୁ ଯେ ଯୋଜନା ନାହିଁ, ଏହା ସୁନିଶ୍ଚିତ।

ତେବେ ଭାରତ ସରକାର ଏପରି ନିଅଣ୍ଟିଆ ପରିସ୍ଥିତିକୁ ଠିକ୍ କରିବାକୁ ସେ ପଦକ୍ଷେପ ନେଇନାହାନ୍ତି, ତାହା କହିଲେ ଭୁଲ ହେବ। ୧୯୮୬ ମସିହାରେ ତୈଳବୀଜ ମିଶନ କରି ସରକାର ଉତ୍ପାଦନକୁ କିଛିମାତ୍ରାରେ ବଢ଼େଇଥିଲେ। ପରବର୍ତ୍ତୀ ସମୟରେ ଆଇସୋପମ୍, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ମାଧ୍ୟମରେ ବିଭିନ୍ନ ତୈଳବୀଜ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି।

ଗତବର୍ଷ ଭାରତ ସରକାର ଏଗାର ହଜାର କୋଟି ଟଙ୍କାର ଏକ ମହତ୍ତ୍ୱାକାଙ୍କ୍ଷୀ ଯୋଜନାର ଶୁଭାରମ୍ଭ କରିଛନ୍ତି, ଯାହାଦ୍ୱାର ୨୦୨୫-୨୬ ସୁଦ୍ଧା ଦେଶରେ ତାଳତେଲ କ୍ଷେତ୍ର ତିନିଗୁଣ ବୃଦ୍ଧିପାଇବ।

ଏବେ ଓଡ଼ିଶା କଥା ଆଲୋଚନା କରାଯାଉ। ପାରମ୍ପରିକ ଭାବରେ ସର୍ବଭାରତୀୟ ସ୍ତରଠାରୁ ସବୁ କ୍ଷେତ୍ର ପରି ତୈଳବୀଜ ଉତ୍ପାଦନରେ ମଧ୍ୟ ଓଡ଼ିଶା ବହୁ ନିମ୍ନରେ। ମୁଣ୍ଡପିଛା ଦୈନିକ ୪୫ ଗ୍ରାମ ଖାଇବା ତେଇ ହିସାବକୁ ନେଲେ ଆମର ବାର୍ଷିକ ଆବଶ୍ୟକତା କୋଡ଼ିଏ ଲକ୍ଷ ଟନ୍ ଥିବାବେଳେ ଆମ ରାଜ୍ୟର ଉତ୍ପାଦନ ମାତ୍ର ସାଢ଼େ ପାଞ୍ଚ ଲକ୍ଷ ଟନ୍। କୋରାପୁଟ, ମୟୂରଭଞ୍ଜ ଜିଲ୍ଲାର ଗରିବ ଆଦିବାସୀ ମଧ୍ୟ ୟୁକ୍ରେନ୍‌ରେ ଉତ୍ପାଦିତ ସୂର୍ଯ୍ୟମୁଖୀ ତେଲ ଉପରେ ନିର୍ଭର କରେ। ଓଡ଼ିଶାର ଦଶଟି କୃଷି ଜଳବାୟୁ ମଣ୍ଡଳର ବିବିଧତା ଆମକୁ ବର୍ଷସାରା ବିଭିନ୍ନ ତୈଳବୀଜ ଉତ୍ପାଦନ କରିବାର ସୁଯୋଗ ଦେଉଛି। ଏବେ ଆମ ରାଜ୍ୟର ୬ ଲକ୍ଷ ହେକ୍ଟରରେ ହେଉଥିବା ତୈଳବୀଜ ଚାଷ ମଧ୍ୟରୁ ସର୍ବାଧିକ ଦୁଇଲକ୍ଷ ହେକ୍ଟରରେ ରାଶି ଚାଷ ହୁଏ। ତା' ପଛରେ ପ୍ରାୟ ଦୁଇଲକ୍ଷ ହେକ୍ଟରରେ ଚିନାବାଦାମ ଓ ଏକ ଲକ୍ଷ ହେକ୍ଟରରେ ସୋରିଷ ଚାଷ ହୁଏ। ବଳକା ଏକ ଲକ୍ଷ ହେକ୍ଟରରେ ପେଶୀ, ଅଳସୀ, ସୂର୍ଯ୍ୟମୁଖୀ, ଜଡ଼ା ଆଦି ଚାଷ ହୁଏ। କହିବା ବାହୁଲ୍ୟ ସମୟ ଅନୁସାରେ ଆମ ରୋଷେଇଶାଳରୁ ଚିନାବାଦାମ, ପେଶୀ, ଅଳସା, ମହୁଲ, ରାଶି ଆଦି ତେଲ ଅପସରି ଯାଇ ବିଦେଶୀ ପାମୋଲିନ୍, ସୂର୍ଯ୍ୟମୁଖୀ ସେ ସ୍ଥାନ ନେଇଛି। ରାଜ୍ୟ ସରକାରଙ୍କ ଅର୍ଥନୈତିକ ସର୍ଭେ ଅନୁସାରେ ୨୦୧୪-୧୫ ମସିହାରେ ମୋଟ ଚାଷ ଜମିର ୮.୨୩ ପ୍ରତିଶତ ତୈଳବୀଜ ହେଉଥିବାବେଳେ ୨୦୧୮-୧୯ରେ ଏହା ୭.୫୫ ପ୍ରତିଶତକୁ ଖସି ଆସିଛି। ଉତ୍ପାଦିକତାର ପରିସଂଖ୍ୟାନ ଆହୁରି ନୈରାଶ୍ୟଜନକ। ୧୯୭୧ ମସିହାରେ ଆମର ତୈଳବୀଜ ଉତ୍ପାଦିକତା ୭.୧୪ କ୍ୱିଣ୍ଟାଲ ଥିଲାବେଳେ ୨୦୧୭-୧୮ ମସିହାରେ ତାହା ମାତ୍ର ୮.୮୭ କ୍ୱିଣ୍ଟାଲ ହୋଇଛି। ଅଥଚ ସର୍ବଭାରତୀୟ ସ୍ତରରେ ସେହି ସମୟରେ ଏହା ୫.୨୬ କ୍ୱିଣ୍ଟାଲରୁ ୧୨.୭୦ କ୍ୱିଣ୍ଟାଲକୁ ବୃଦ୍ଧି ହୋଇଛି। ସଙ୍କୁଚିତ ଚାଷଜମି ସାଙ୍ଗକୁ ଉତ୍ପାଦିକତାର ଏପରି ବୃଦ୍ଧି ଓଡ଼ିଶାର କୃଷି ଅର୍ଥନୀତି ଉପରେ କ'ଣ ପ୍ରଭାବ ପକାଇଥିବ, ଏହା ସହଜରେ ଅନୁମେୟ। ରାଜ୍ୟର କେନ୍ଦୁଝର, କୋରାପୁଟ, ଫୁଲବାଣୀ, ଦେବଗଡ଼ ଭଳି ପାହାଡ଼ିଆ ଜିଲ୍ଲାର ନିପାଣିଆ ସୋରିଷ ତେଲ ହେଉ, ଅଥବା ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ଜଳସେଚିତ ତୈଳବୀଜ ହେଉ, କଳାହାଣ୍ଡି ଜିଲ୍ଲାର ସୂର୍ଯ୍ୟମୁଖୀ ହେଉ ବା କେନ୍ଦୁଝର, କୋରାପୁଟର ଅଳସୀ ଚାଷ ହେଉ ତା'ର ଉତ୍ପାଦିକତା ବଢ଼ାଇବା ପାଇଁ ଉପଯୁକ୍ତ ଗବେଷଣା ଓ ଯୋଜନା ନିହାତି ଆବଶ୍ୟକ। ରାଜ୍ୟର ସତୁରି ଭାଗ କୃଷିଜୀବୀ ଜନତାଙ୍କୁ ଯେପରି କାଳିଆ ଯୋଜନା ବା ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନିଧିରେ

ସିଧାସଳଖ ପଇସା ଯୋଗାଇ ଦିଆଯାଉଛି, ସେହିପରି ବିହନ, ସାର ଓ ଆବଶ୍ୟକ ଜ୍ଞାନକୌଶଳ ଯୋଗାଇଦେବା ଆବଶ୍ୟକ। ଧାନଚାଷକୁ ଛାଡ଼ି ଏହି ତୈଳବୀଜ ଚାଷୀଙ୍କୁ ଏକର ପ୍ରତି ଆର୍ଥିକ ସହାୟତା ତାଙ୍କ ଜମାଖାତାକୁ ପଠାଇଲେ ସେମାନେ ନୂତନ ଜ୍ଞାନକୌଶଳ ପ୍ରୟୋଗରେ ଆଗ୍ରହୀ ହେବେ। ଏହା ବ୍ୟତୀତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ କ୍ଷୁଦ୍ର ତେଲ ମିଲ, ଛୋଟ କୃଷି ଯନ୍ତ୍ରପାତି ଯୋଗାଇ ତା'ର ପ୍ରକ୍ରିୟାକରଣ ଓ ବଜାରୀକରଣରେ ସାମିଲ କରିବା ଆବଶ୍ୟକ। ଚଳିତ ବର୍ଷ ସୂର୍ଯ୍ୟମୁଖୀ ମଞ୍ଜିର ଘୋର ଅଭାବ ଓ ରୁଷ- ୟୁକ୍ରେନ୍ ଯୁଦ୍ଧ ଓଡ଼ିଶାର ଅସଂଖ୍ୟ ଗ୍ରାମୀଣ ଜନତାଙ୍କୁ ସମସ୍ୟାରେ ପକାଇବ। ସରକାର ଏଥିପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। 'ବୀଜ'ରୁ 'ବଜାର' ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସରକାରୀ ସହୃଦୟତା ରହିଲେ ଓଡ଼ିଶା ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବ, ଏଥିରେ ଅନ୍ୟଥା ନାହିଁ।

୨୨.୦୩.୨୦୨୨

# କୃଷକଙ୍କୁ ପଚାରେ କିଏ ?

କୃଷକମାନଙ୍କୁ ଗାଳିଦେବା ଏକ ଫେସନ୍‌ରେ ପରିଣତ ହୋଇଛି: *-ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ*

ଜମିରେ ନଡ଼ା ପୋଡ଼ିବା ପ୍ରସଙ୍ଗର ଶୁଣାଣିବେଳେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ପୀଠର ଏପରି କ୍ଷୋଭ ଓ ଖେଦଭରା ଯୁକ୍ତି ଆମ ଭାରତୀୟ ସମାଜରେ କୃଷକଙ୍କ ସ୍ଥିତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ପଞ୍ଚତାରକା ହୋଟେଲର ଶୀତତାପ ନିୟନ୍ତ୍ରଣ କକ୍ଷରେ ଓ ବୈଦ୍ୟୁତିକ ଗଣମାଧ୍ୟମର ପର୍ଦ୍ଦା ଉପରେ ରହି କୃଷକମାନଙ୍କ ଉପରେ ଟିପ୍ପଣୀ କରୁଥିବା ତଥାକଥିତ ବୁଦ୍ଧିଜୀବୀ ଓ ସେମାନଙ୍କ ପାଇଁ ନିୟମ ପ୍ରଣୟନ କରି ତାଙ୍କ ଜୀବିବାକୁ ନିୟନ୍ତ୍ରଣ କରୁଥିବା ପ୍ରାଜ୍ଞମାନଙ୍କୁ କଟୁ ସମାଲୋଚନା କରିଛନ୍ତି ନ୍ୟାୟାଳୟ । ଦେଶର ସାଧାରଣ ଜନତାଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଆସୁଥିବା କୃଷକ ଯଦି ନିଜ ଜୀବନଜୀବିକା ପାଇଁ ବଳକା ନଡ଼ାକୁ ଅନ୍ୟତ୍ର ବିନିଯୋଗ କରିନପାରି ଜମିରେ ନିଆଁ ଲଗାଇ ଦିଏ, ଗୋଟିଏ ଗଣତାନ୍ତ୍ରିକ ସରକାର ତା'ଠାରୁ ଜୋରିମାନା ଆଦାୟ କରିପାରେ; ଅଥଚ ଆମ ମାଟି, ପାଣି, ପବନକୁ ପ୍ରଦୂଷିତ କରୁଥିବା ଶିଳ୍ପପତି, ବ୍ୟବସାୟୀ, ଠିକାଦାର ଆଦି ଧନୀକ ଗୋଷ୍ଠୀର ହୋଇଥିବାରୁ ଯେତେ ବିଷାକ୍ତ ଦ୍ରବ୍ୟ ଛାଡ଼ି ଯମୁନାର ପାଣି, ଦିଲ୍ଲୀର ବାୟୁକୁ ପ୍ରଦୂଷିତ କଲେ ମଧ୍ୟ ତାଙ୍କ ପାଇଁ ଦଣ୍ଡବିଧାନ ନାହିଁ, ତାଙ୍କ ଶିଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର କରିବାର କ୍ଷମତା ସରକାରଙ୍କର ନାହିଁ, ଏହା ହିଁ ଇଙ୍ଗିତ କରୁଛି ଭାରତୀୟ ସମାଜରେ ସ୍ଥାନିତ ବିଭିନ୍ନ ବର୍ଗର ଅବସ୍ଥିତିକୁ ।

ସାଂପ୍ରତିକ ଭାରତୀୟ ସମାଜରେ ପ୍ରଥମେ କୃଷକର ସ୍ଥିତିକୁ ଆକଳନ କରାଯାଉ । ସରକାରୀ ତଥ୍ୟ ଅନୁସାରେ ୨୦୧୩ରେ ଦେଶର ଚଉବନ ପ୍ରତିଶତ ଗ୍ରାମୀଣ ପରିବାର କୃଷି ଓ ତା'ର ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଥିଲାବେଳେ ୨୦୧୯ ମସିହାରେ ଏହା ଅଠାବନ ପ୍ରତିଶତକୁ ବଢ଼ିଛି । ଜାତୀୟ ନମୂନା ସର୍ବେକ୍ଷଣ ସଂସ୍ଥାର ସଦ୍ୟତମ ଅର୍ଥାତ୍ ୭୭ତମ ରିପୋର୍ଟ, ଯାହା କୃଷକ ପରିବାରର ଚାଷ ଓ ପଶୁପାଳନର ଆୟ ଉପରେ ପର୍ଯ୍ୟବସିତ, ତା' ଅନୁସାରେ ଭାରତୀୟ କୃଷକର ମାସିକ ହାରାହାରି ଆୟ ୧୦,୨୧୮ଟଙ୍କା । ଏହି କୃଷକମାନଙ୍କ ମଧ୍ୟରୁ ୮୬ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଶ୍ରେଣୀର । ସଂପ୍ରତି ଦକ୍ଷିଣ ଭାରତର ବନ୍ୟା ପରିସ୍ଥିତି ହେଉ ବା କିଛିମାସ ତଳର ପୂର୍ବଭାରତର ପ୍ରାକୃତିକ ବିପର୍ଯ୍ୟୟ ହେଉ, ଜଳବାୟୁ ପରିବର୍ତ୍ତନର ବିଭୀଷିକାରେ

ବେଶ୍ ପ୍ରଭାବିତ ହୁଅନ୍ତି ଏହି କୃଷକମାନେ। ଏସବୁ ସତ୍ତ୍ୱେ ଭାରତ ପରି ଏକ କୃଷିପ୍ରାଧାନ୍ୟ ରାଷ୍ଟ୍ରରେ ଜଳବାୟୁର ଭିନ୍ନତା ଭିତ୍ତିରେ ଦେଶ ସବୁ ଖାଦ୍ୟଦ୍ରବ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହେବାରେ କିଛି ଅସୁବିଧା ନାହିଁ; କିନ୍ତୁ ସରକାରଙ୍କ ନଜରରେ ବେପରୱା ମନୋଭାବ ଓ ମନମୁଖୀ ଯୋଜନା ଚାପରେ ଉଭୟ କୃଷିକ୍ଷେତ୍ର ଓ କୃଷକ ସମ୍ପ୍ରଦାୟ ପ୍ରପୀଡ଼ିତ, ମାନସିକ ଭାବେ ପରାଧୀନ। କୃଷି ଏକମାତ୍ର ଉତ୍ପାଦନ କ୍ଷେତ୍ର ଯେଉଁଠି ଉତ୍ପାଦନକାରୀ ତା'ର ଉତ୍ପାଦର ମୂଲ୍ୟ ନିର୍ଦ୍ଧାରଣ କରେନାହିଁ। ସମସ୍ତଙ୍କର ପ୍ରଥମ ଆବଶ୍ୟକତା ଖାଦ୍ୟ, ଉତ୍ପାଦନ କରୁଥିବା ଚାଷୀ, ତା' ଉତ୍ପାଦିତ ପଦାର୍ଥ ବିକ୍ରି କରିବା ପାଇଁ ସରକାର ଉପରେ ନିର୍ଭର କଲେ। ସରକାର ମଧ୍ୟ ଶତାଧିକ କୃଷି ଉତ୍ପାଦ ମଧ୍ୟରୁ ମାତ୍ର ଚବିଶଟିରେ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଥାନ୍ତି ଏବଂ ତାହା ଦେଶର ମାତ୍ର ଛ' ପ୍ରତିଶତ କୃଷକଙ୍କ ଭାଗ୍ୟରେ ଜୁଟିଥାଏ। ଏପରି ସ୍ଥିତିରେ କିଏ ବା କୃଷିକୁ ନିଜ ଜୀବିକା ଭାବେ ବାଛିବାକୁ ଶ୍ରେୟସ୍କର ମଣିବ। ସେଥିପାଇଁ ତଥ୍ୟ ଅନୁସାରେ ଦେଶର ଚାଳିଶ ପ୍ରତିଶତ କୃଷକ, କୃଷିକ୍ଷେତ୍ର ଛାଡ଼ିବାକୁ ସତତ ପ୍ରସ୍ତୁତ ଯଦି ଆଉ କିଛି ଉପଯୁକ୍ତ ରୋଜଗାରଭିତ୍ତିକ ଧନ୍ଦା ସେମାନଙ୍କୁ ଯୋଗାଇ ଦିଆଯାଏ। ଓଡ଼ିଶା ରାଜ୍ୟ କଥା ଚିନ୍ତା କରାଯାଉ। କରୋନା ବିଭୀଷିକାବେଳେ ଜଣାପଡ଼ିଲା, ଆମ ରାଜ୍ୟର ଦଶଲକ୍ଷରୁ ଊର୍ଦ୍ଧ୍ୱ ଯୁବଶକ୍ତି ପ୍ରବାସୀ ଶ୍ରମିକ। ଯଦି ଏଠି ସରକାରୀ ତଥ୍ୟ ଅନୁସାରେ କୃଷକ ପରିବାରରେ ମୁଣ୍ଡପିଛା ଆୟ ମାସିକ ୫୧୧୨ ଟଙ୍କା, ସେ ପରିବାରର ଯୁବକ କୃଷି କରିବ କାହିଁକି? ଏହାଠାରୁ ଆହୁରି ପରିତାପର ବିଷୟ ଆମ ରାଜ୍ୟର କୃଷକର ବାର୍ଷିକ ଆୟ ବୃଦ୍ଧି ମାତ୍ର ୦.୪୫ ପ୍ରତିଶତ। ଅନ୍ୟ କୌଣସି ରୋଜଗାର ପନ୍ଥା, ବ୍ୟବସାୟ ଚାକିରିରେ ଏତେ ନିମ୍ନ ମାତ୍ରାର ବୃଦ୍ଧିହାର ରହିଛି କି? ଏପରିକି ତଥ୍ୟ ଅନୁସାରେ କୃଷି ଶ୍ରମିକର ଆୟ ମଧ୍ୟ କୃଷକଠାରୁ ଅଧିକ ଅର୍ଥାତ ପରିବାରର ମୋଟ ଆୟର ୩୭.୧୭ ପ୍ରତିଶତ କୃଷି କ୍ଷେତ୍ରରୁ ଆସୁଥିବାବେଳେ ମଜୁରିରୁ ୩୯.୮ ପ୍ରତିଶତ ଆସୁଛି। ଏପରି ସ୍ଥିତିରେ ସରକାରଙ୍କର ଛ'ବର୍ଷରେ ଦ୍ୱିଗୁଣ ଆୟ, ଯୁବବର୍ଗଙ୍କୁ କୃଷି ପ୍ରତି ଆକର୍ଷଣ କରିବାର ମାଲମାଲ ଯୋଜନା କିପରି ଫଳପ୍ରଦ ହେବ, ତାହା ବିଚାରଯୋଗ୍ୟ।

କୃଷିକ୍ଷେତ୍ର ପ୍ରତି ଏପରି ଦାୟିତ୍ୱହୀନ ମନୋଭାବ ଉପରେ ଓଡ଼ିଶାର ବିଶିଷ୍ଟ କୃଷି ସମାଜବିଜ୍ଞାନୀ ଡା. ଚକ୍ରଧର ଶତପଥୀ ଏକ ସୁନ୍ଦର ମତ ଲେଖିଛନ୍ତି। ତାଙ୍କ ମତରେ ସ୍ୱାଧୀନତା ପରଠାରୁ ଅଦ୍ୟାବଧି ସରକାରଙ୍କର ସବୁ କୃଷିନୀତି ମୁଖ୍ୟତଃ ଉତ୍ପାଦନ ବୃଦ୍ଧି କୈନ୍ଦ୍ରିକ। କୃଷିନୀତିରେ କୃଷକର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ତଥା ବୈଷୟିକ ଜ୍ଞାନର ଉତ୍‌ଥାନ ଉପରେ ଖୁବ୍ କମ୍ ଧ୍ୟାନ ଦିଆଯାଇଛି। ସେଥିପାଇଁ ସାଧାରଣ ଭାବେ କୃଷି ଦେଶର ମୁଖ୍ୟତଃ ଦୁର୍ବଳ ଅସହାୟ, ଅର୍ଦ୍ଧଶିକ୍ଷିତ ଓ ନିର୍ଦ୍ଧନଙ୍କର ବଞ୍ଚିବାର ମାଧ୍ୟମ ହୋଇ ରହିଛି। ସରକାରଙ୍କର ବହୁ ଯୋଜନା ଦୀର୍ଘସୂତ୍ରୀ ବଦଳରେ ସ୍ୱଳ୍ପକାଳୀନ,

ଆକର୍ଷଣୀୟ ତଥା ଭୋଟ କୈନ୍ଦ୍ରିକ ଭାବେ ଅଭିଯୋଗ ହେଉଛି। କହିବା ବାହୁଲ୍ୟ, ଗଣତାନ୍ତ୍ରିକ ବ୍ୟବସ୍ଥାରେ କ୍ଷମତାଲିପ୍ସୁ ସରକାରୀ କଳ ଏପରି କରିବାର ଉଦାହରଣ ଭରପୁର ରହିଛି ଯାହା ପ୍ରକୃତପକ୍ଷେ କୃଷିକ୍ଷେତ୍ରକୁ ଆକର୍ଷଣ କରିବା ପରିବର୍ତ୍ତେ ତା' ପ୍ରତି ଅନାଦର ଭାବ ସୃଷ୍ଟି କରୁଛି।

ପରିବର୍ତ୍ତିତ ବିଶ୍ୱରେ ସାମାଜିକ ପ୍ରଗତି ଅର୍ଥନୈତିକ କାରକଗୁଡ଼ିକଠାରୁ ଭିନ୍ନ ନୁହେଁ। କୃଷିକ୍ଷେତ୍ରରେ ଜୀବିକା ନିର୍ବାହ କରୁଥିବା ନାଗରିକମାନଙ୍କର ସାମାଜିକ ଉତ୍‌ଥାନ ପାଇଁ ସରକାରୀ ସ୍ତରରେ ବା ସାମଗ୍ରିକ ଭାବରେ ଥିବା ଆଭିମୁଖ୍ୟ ଉତ୍ସାହପ୍ରଦ ନୁହେଁ। କୃଷିକ୍ଷେତ୍ରରେ ଅର୍ଥ ବିନିଯୋଗ କରି ସାମାଜିକ ପ୍ରତିଷ୍ଠାପ୍ରାପ୍ତି ଅତ୍ୟନ୍ତ କଷ୍ଟକର। ଆମ ରାଜ୍ୟ କଥା ଚିନ୍ତା କରାଯାଉ। ଏଠି କୃଷିକ୍ଷେତ୍ର ବ୍ୟତୀତ ଅନ୍ୟ ଯେକୌଣସି କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କଲେ ଯେଉଁ ସାମଜିକ ସ୍ୱୀକୃତି ମିଳେ, କୃଷିକ୍ଷେତ୍ରରେ ମିଳେନାହିଁ। ପେସାଦାର ଖେଳାଳିମାନଙ୍କୁ ପର୍ଯ୍ୟାପ୍ତ ଅର୍ଥ ସହ ସରକାରୀ ଚାକିରି, ସରକାରୀ ଜମି, ମୁକ୍ତ ଭ୍ରମଣ ସୁବିଧା ସହ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କର ବ୍ରାଣ୍ଡ ଆମ୍ବାସାଡର ହୋଇ ଅର୍ଥ ଉପାର୍ଜନ କରିବାର ଯଥେଷ୍ଟ ଉଦାହରଣ ରହିଛି। କେବଳ ଖେଳାଳି ନୁହନ୍ତି କଳା, ଭାସ୍କର୍ଯ୍ୟ, ସଂଗୀତ କ୍ଷେତ୍ରରେ ଲୋକ ଏପରି କି ଖଣ୍ଡେ ସରକାରୀ ଚାକିରି ପାଇବାରେ ବି ସେମାନଙ୍କୁ ସମାଜ ସମ୍ମାନ ଦିଏ। ଜଣେ ଖେଳାଳି ଉତ୍ତମ ଖେଳ ପ୍ରଦର୍ଶନ କଲେ କୃଷକର ଖଜଣାରୁ ସଂଗୃହୀତ ଅର୍ଥକୁ ସରକାର ତା' ଉପରେ ଅଜାଡ଼ି ଦିଅନ୍ତି। ଗଣମାଧ୍ୟମ ପ୍ରଶଂସାରେ ଶତମୁଖ ହୋଇପଡ଼େ ଯାହା ଜଣେ ସ୍ୱାଭିମାନୀ ଯୁବ କୃଷକ କ୍ଷେତ୍ରରେ ଦେଖିବାକୁ ମିଳେନି। କେବଳ ପ୍ରଶସ୍ତିପତ୍ର ଓ ଅତି ବେଶୀରେ କେତେ ହଜାର ଟଙ୍କାରେ ତାକୁ ସନ୍ତୁଷ୍ଟ ହେବାକୁ ପଡ଼େ। ଏପରି କି ଆମ ସମାଜର ମଧ୍ୟବିତ୍ତ ପରିବାର ନିଜ କନ୍ୟାଙ୍କୁ ଜଣେ ସରକାରୀ ଚପରାଶି ଜ୍ୱାଇଁ କରିବାକୁ ମନୋନୀତ କରନ୍ତି, ସ୍ୱାଭିମାନୀ ମନୋବୃତ୍ତିର ଯୁବ କୃଷକକୁ ନୁହେଁ। ସମସ୍ତ ପେସାଦାର ମନୋବୃତ୍ତିର ଲୋକ ନିଜ ସନ୍ତାନମାନଙ୍କୁ ତାଙ୍କ ବୃତ୍ତି ଗ୍ରହଣ କରିବାକୁ ଉତ୍ସାହିତ କରନ୍ତି ଯାହା କୃଷକ ପରିବାରରେ ଦେଖାଯାଏ ନାହିଁ। ସରକାର ମଧ୍ୟ ଅନୁରୂପ ଉତ୍ସାହ ପ୍ରଦାନ କରନ୍ତି ନାହିଁ। କୃଷକ ପରିବାରର ପିଲାକୁ କୃଷି ଅଧିକାରୀ, ପଶୁଡାକ୍ତର, ମତ୍ସ୍ୟ ଅଧିକାରୀ ଚୟନରେ ଅଗ୍ରାଧିକାର ନ ହୋଇ ମାଛ ବେପାରୀ ଜୀବନରେ ଦେଖିନଥିବା, କ୍ଷେତ ମାଡ଼ି ନଥିବା ସହରୀ ପିଲାଙ୍କୁ ସେ ଦାୟିତ୍ୱ ଦେଲେ ସେ ଜୀବିକା ପ୍ରତି ଭାବଗତ ସମ୍ପର୍କ ଆସିବ କୁଆଡୁ? କୃଷକ ପରିବାରର ସାମାଜିକ ପ୍ରତିଷ୍ଠା ବଢ଼ିବ କିପରି ?

ଏବେ ଆଲୋଚନା କରାଯାଉ କୃଷିକ୍ଷେତ୍ରରେ ବୈଷୟିକ ଜ୍ଞାନର ପ୍ରୟୋଗକୁ ନେଇ। ଭାରତର ଅଠାବନ ପ୍ରତିଶତ ନାଗରିକଙ୍କର ପ୍ରତ୍ୟକ୍ଷ ଜୀବିକାର ଉନ୍ନତି ପାଇଁ ଆମ ସରକାର ସମଗ୍ର ଘରୋଇ ଉତ୍ପାଦର ମାତ୍ର ୦.୭୭ ପ୍ରତିଶତ ଖର୍ଚ୍ଚ କରନ୍ତି। ଆମ ରାଜ୍ୟରେ ୧୯୬୨

ମସିହାରେ ଦେଶର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ତା'ପରେ ଦେଶରେ ପ୍ରାୟ ୭୫ଟି କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲେ ବି ଓଡ଼ିଶାରେ ସେହି ଗୋଟିଏ ହିଁ ରହିଛି। ଆମ ରାଜ୍ୟର ୯୨ ପ୍ରତିଶତ କୃଷକ ସୀମିତ ସମ୍ବଳରେ ଚାଷ କରନ୍ତି। ମୋଟ ଜନସଂଖ୍ୟାର ଚାଳିଶ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର। ସେମାନଙ୍କର କୌଳିକ ବୃତ୍ତି ପଶୁପାଳନ, ମତ୍ସ୍ୟଚାଷ ଓ ଜଙ୍ଗଲ ସମ୍ପଦ ଥିବାବେଳେ, ଏହା ଉପରେ ଅଧିକ ଗବେଷଣା ପାଇଁ ଚିନ୍ତା କରାଯାଇନାହିଁ। ଅତଏବ ଏହି କ୍ଷେତ୍ରରେ ନିୟୋଜିତ ପରିବାରର ଉନ୍ନତି ହେବ କିପରି ? ସେମାନଙ୍କର ଆବଶ୍ୟକୀୟ ଅତ୍ୟାଧୁନିକ ଜ୍ଞାନକୌଶଳ ଯାହା ଆମ ଜଳବାୟୁ ପାଇଁ ପ୍ରଯୁଜ୍ୟ ତାହା କିପରି ମିଳିବ ? ତେଣୁ ପ୍ରଭୂତ ସମ୍ଭାବନାର ସୁଯୋଗ ଥାଇ ମଧ୍ୟ ଏହି କ୍ଷେତ୍ରଗୁଡ଼ିକର ବିକାଶ ହୋଇପାରିନାହିଁ। କୃଷି କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ବିନିଯୋଗ କରି ବିଶ୍ୱସ୍ତରୀୟ ଉଦାହରଣ ସୃଷ୍ଟି କରିବାର ମାନସିକତା ଆମ ଚାଷୀମାନଙ୍କଠାରେ ଆସିବ କେଉଁଠୁ ? ସେଥିପାଇଁ ବିଭିନ୍ନ ଜଳବାୟୁ ମଣ୍ଡଳ ଥିଲେ ମଧ୍ୟ ଆମ କୃଷକ ପାରମ୍ପରିକ ଚାଷ ପ୍ରଣାଳୀକୁ ଅବଲମ୍ବନ କରୁଛି, ବିଶ୍ୱର ଅନ୍ୟ ପାର୍ଶ୍ୱ ତା' ପାଇଁ ସ୍ୱପ୍ନ।

କୃଷି କ୍ଷେତ୍ରରୁ ଆୟକୁ ଆମ ସଂସ୍କୃତି ସହ ଯୋଡ଼ିବାରେ ଆମ ଦେଶରେ ସେପରି ଆଖିଦୃଶିଆ ପ୍ରୟାସ କରାଯାଇନାହିଁ। ବିବିଧତାର ରାଜ୍ୟ ଓଡ଼ିଶାର ଅସଂଖ୍ୟ ପର୍ବପର୍ବାଣି, ଲୋକକଥା, ଲୋକନୃତ୍ୟ, ଖାଦ୍ୟପେୟ, ପାନୀୟ ଏ ରାଜ୍ୟର ଗ୍ରାମୀଣ ଜନତା ଓ କୃଷି ସହ ଓତପ୍ରୋତ ଭାବେ ଜଡ଼ିତ। କିନ୍ତୁ ଭିନ୍ନ ଭୂମିରୂପ ଜଳବାୟୁ ଫସଲର ଭିନ୍ନତାକୁ ନେଇ କୃଷି ପର୍ଯ୍ୟଟନର ଅସୁମାରୀ ସୁଯୋଗ ଥିବା ଓଡ଼ିଶାରେ ଏ ଦିଗରେ ନିଆଯାଉଥିବା ପଦକ୍ଷେପ ନୈରାଶ୍ୟଜନକ ଯଦିଓ ବିଶ୍ୱ ଅର୍ଥନୀତିର ସିଂହଭାଗ ପର୍ଯ୍ୟଟନ ଶିଳ୍ପରୁ ଆସିଥାଏ। ଏଥିପାଇଁ ସରକାରୀ ଯୋଜନା, ବେସରକାରୀ ଆଗ୍ରହ, ପୁଞ୍ଜି ବିନିଯୋଗ କାହିଁ? ଏହାର ଉନ୍ନତି ହେଲେ କୃଷକ ତଥା ଗ୍ରାମୀଣ ଭାରତର ସାଂସ୍କୃତିକ ପୁନରୁତ୍ଥାନ ହୋଇପାରିବ ଓ ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହେବ।

ଅତଏବ କୃଷିକ୍ଷେତ୍ର, କୃଷକର ସାମାଜିକ, ଅର୍ଥନୈତିକ, ବୈଷୟିକ ଓ ସାଂସ୍କୃତିକ ଉନ୍ନତି ଏକ ସମୃଦ୍ଧ ଭାରତର ଚାବିକାଠି। ଏଥିରେ ସରକାର ଓ ସମାଜର ଭୂମିକା ମହତ୍ତ୍ୱପୂର୍ଣ୍ଣ ଏହାକୁ ଠିକ୍ ଭାବେ କାର୍ଯ୍ୟାନ୍ୱୟନ ନହେଲେ ଆମ ଖାଦ୍ୟ ନିରାପତ୍ତା ବିପର୍ଣ୍ଣ ହେବ, ଏଥିରେ ଅନ୍ୟଥା ନାହିଁ।

୩୦.୧୧.୨୦୨୧

# ଚାଲନ୍ତୁ ଗାନ୍ଧୀଙ୍କୁ ଖୋଜିବା

କରୋନା ମହାମାରୀର ଉତ୍ପୀଡ଼ନରେ ସାରା ବିଶ୍ୱ ତ୍ରସ୍ତ । ଏ ରୋଗ ସାରା ମାନବ ସମାଜକୁ ଏକ ସମ୍ଭାବ୍ୟ ଅଘଟଣକୁ ନେଇ ଭୟଭୀତ କରି କେବଳ ରଖିନାହିଁ ବରଂ ତା'ର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଭିତ୍ତିଭୂମିକୁ ଦୋହଲାଇ ଦେଇଛି । ଆମ ଦେଶର ଅର୍ଥନୀତି ସହ ଜୀବନଜୀବିକା ସନ୍ଧିକ୍ଷଣରେ ପହଞ୍ଚିଥିବାବେଳେ ମଣିଷର ମାନବିକତା କରୋନାର ଭୀଷଣଭାବେ ଆକ୍ରାନ୍ତ, ଏହା ଅନସ୍ୱୀକାର୍ଯ୍ୟ । ଏମିତି ପରିସ୍ଥିତିରେ ମନକୁ ସ୍ୱତଃ ଚାଲିଆସନ୍ତି ମୋହନଦାସ କରମଚାନ୍ଦ ଗାନ୍ଧୀ ।

ଗାନ୍ଧିଜୀ ଜଣେ କେବଳ ମଣିଷ ନଥିଲେ, ସେ ଥିଲେ ଗୋଟିଏ ସ୍ୱୟଂ ସଂପୂର୍ଣ୍ଣ ଅନୁଷ୍ଠାନ । ବହୁ ଅସାଧାରଣ ଗୁଣ, ଅସାଧାରଣ ଶକ୍ତିରେ ଗୁନ୍ଥା ତାଙ୍କ ବ୍ୟକ୍ତିତ୍ୱ । କ୍ଷୀଣ ଖର୍ବକାୟ ଶରୀର, ଆଣ୍ଠୁ ଲୁଚୁ ନ ଥିବା ଧୋତି, ଫୁଙ୍ଗୁଳା ଦେହ, ହାତରେ ବାଡ଼ି ଧରି ଯିଏ ଭାରତ ଭଳି ବିଭିନ୍ନତାର ଦେଶକୁ ଗୋଟିଏ ସୂତାରେ ବାନ୍ଧି ପାରିଥିଲେ, କେବଳ ସ୍ୱାଧୀନତା ସଂଗ୍ରାମ ପାଇଁ ନୁହେଁ ବରଂ ସାଂସ୍କୃତିକ, ସାମାଜିକ ଉତ୍ଥାନ ପାଇଁ ସେ ହିଁ ଗାନ୍ଧିଜୀ । ସେବା, ତ୍ୟାଗ, ପରୋପକାର, ଅହିଂସା, ଏସବୁ ତାଙ୍କ ଜୀବନର ମନ୍ତ୍ର । ସୁତରାଂ, ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ମନକୁ ସ୍ୱତଃ ପ୍ରଶ୍ନ ଆସେ, ତେବେ 'ଗାନ୍ଧିଆନ ଫିଲୋସୋଫି' ବା ଗାନ୍ଧୀ ଚିନ୍ତାଧାରା କ'ଣ ଲୁପ୍ତ ପ୍ରାୟ ? ଏହା କ'ଣ ତା'ର ଔଜ୍ଜ୍ୱଲ୍ୟ ହଜାଇ ବସିଛି ଏ ମଧ୍ୟରେ !

ମୋହନ ଦାସ କରମଚାନ୍ଦ ଗାନ୍ଧୀ ଖ୍ୟାତ ହୋଇନଥିଲେ ମହାତ୍ମା ଗାନ୍ଧୀ ଭାବେ ଯେତେବେଳେ ସାରା ବିଶ୍ୱକୁ କବଳିତ କରିଥିଲା କରୋନା ପରି ଆଉ ଏକ ମହାମାରୀ ସ୍ପାନିଶ୍ ଫ୍ଲୁ ଗୋଟିଏ ପାର୍ଶ୍ୱରେ ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୮)ର ଘନଘଟା ଅନ୍ୟପଟେ ସ୍ପାନିଶ୍ ଫ୍ଲୁର ତାଣ୍ଡବ । ଭାରତୀୟ ହିନ୍ଦୀ ସାହିତ୍ୟର ଯୁଗସ୍ରଷ୍ଟା କବି 'ନିରାଲା' ଏ ମହାମାରୀ ସମୟକୁ ବର୍ଣ୍ଣନା କରିବାକୁ ଯାଇ ଗଙ୍ଗାନଦୀ କୂଳରେ ହୁଏତ ଆଉ ଗଛ ରହିବନି ବୋଲି ତାଙ୍କ କବିତାରେ ବର୍ଣ୍ଣନା କରିଛନ୍ତି । ତଥ୍ୟ ଅନୁସାରେ ବଙ୍ଗଳା ଦୁର୍ଭିକ୍ଷ (୧୯୪୩)ରେ ପ୍ରାୟ ତିରିଶ ଲକ୍ଷ ଲୋକ ପ୍ରାଣ ହରାଇଥିବାବେଳେ ସ୍ପାନିଶ୍ ଫ୍ଲୁ ଦେଢ଼ କୋଟିରୁ ଅଧିକ ଭାରତୀୟଙ୍କ ଜୀବନ ନେଇଥିଲା । ଏପରି

ପରିସ୍ଥିତିରେ ବିଦେଶୀ ଫେରନ୍ତା ମୋହନଦାସ ଗାନ୍ଧୀ ଆରମ୍ଭ କରିଥିଲେ, ସମାଜର ସବୁଠାରୁ ନିଷ୍ପେଷିତ ଶ୍ରେଣୀ କୃଷକମାନଙ୍କୁ ନେଇ ଗୁଜରାଟର ବରଡୋଲ ଆନ୍ଦୋଳନ। ଏଥିରେ ସେନାପତି କରିଥିଲେ ଯୁବ ନେତୃତ୍ୱ ସର୍ଦାର ବଲ୍ଲଭଭାଇ ପଟେଲଙ୍କୁ। ଗୋଟିଏ ପଟେ ମାଡ଼ି ଚାଲିଥିଲା ରକ୍ତବୀର୍ଯ୍ୟ ଦାନର ପରି ସ୍ପାନିଶ୍ ଫ୍ଲୁ। ଅନ୍ୟପଟେ ଗାନ୍ଧିଜୀଙ୍କର ସାମାଜିକ ଆନ୍ଦୋଳନ, ଏକ ବୃହତ ସ୍ୱାଧୀନତା ଆନ୍ଦୋଳନର ଅଂଶ ଭାବରେ। ୧୯୧୮ ମସିହା ମଧ୍ୟଭାଗରୁ ଯେତେବେଳେ ସ୍ପାନିଶ୍ ଫ୍ଲୁରେ ହଜାର ହଜାର କୋଡିଏରୁ ତିରିଶ ବର୍ଷିଆ ଯୁବକଯୁବତୀ ଟଳି ପଡୁଥିଲେ ନିଜେ ରୋଗାକ୍ରାନ୍ତ ମୋହନ ଦାସ ସ୍ପାନିଶ୍ ଫ୍ଲୁ ଆଗରେ ହାର ନ ମାନି ନିଜ ସାମାଜିକ ଦାୟିତ୍ୱକୁ ସାଧାରଣ ଭାରତୀୟଙ୍କୁ ଚେତେଇ ଦେବାକୁ ଭୁଲିନଥିଲେ। ଦକ୍ଷିଣ ଆଫ୍ରିକାରେ ୧୯୦୫ ମସିହାରେ ମାରାତ୍ମକ ପ୍ଲେଗ ମହାମାରୀ ବ୍ୟାପିଥିବାବେଳେ କଳାଲୋକମାନଙ୍କୁ ନିଜର ଦାୟିତ୍ୱ ବିଷୟରେ ସଚେତନ କରିବା ସହ ଗୋରା ଶାସନଙ୍କ ଭେଦଭାବ ନୀତି ଉପରେ ସ୍ୱର ଉତ୍ତୋଳନ କରିଥିଲେ। ସାଂପ୍ରତିକ ପରିସ୍ଥିତିରେ ଭାରତରେ କରୋନା ହୁହୁ ହୋଇ ମାଡ଼ି ଚାଲିଥିବାବେଳେ ଜଣେ ସାଧାରଣ ବ୍ୟକ୍ତି ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ସାଧାରଣ ଲୋକଙ୍କ ସାଥୀରେ ଥିବାର ମନେ ହେଉନାହିଁ। ଏହା ଆମେ ସମସ୍ତେ ଅନୁଭବ କରୁଛନ୍ତି । ଅତଏବ ଏହି ପ୍ରସଙ୍ଗ ଏବେ ଭାରତୀୟ ବୁଦ୍ଧିଜୀବୀ ତଥା ଚିନ୍ତାଶୀଳ ବ୍ୟକ୍ତିଙ୍କୁ 'ଗାନ୍ଧିଆନ୍ ପ୍ରିନସ୍‌ପଲ' ଉପରେ ଭାବିବାକୁ ବାଧ୍ୟ କରିଛି।

ଆମ ଭାରତୀୟ ପରମ୍ପରା, ବୈଦିକ ପରମ୍ପରା ପୃଥିବୀରେ ଅଦ୍ୱିତୀୟ। ଏହା ସ୍ୱଚ୍ଛତା, ସରଳତା, ସ୍ୱଦେଶୀ ଓ ସାର୍ବଜନୀନଭାବ ଉପରେ ପର୍ଯ୍ୟବସିତ ଥିଲା। ଏବେ ତାହା ପଶ୍ଚାତ୍ୟ ସଂସ୍କୃତିର ଅବହାୱାରେ ପ୍ରଭାବିତ ହୋଇ ପୁଞ୍ଜିବାଦୀ, ସ୍ୱାର୍ଥାନ୍ୱେଷୀ ଆଡ଼କୁ ଢଳି ଯାଇଛି। ଆଧୁନିକତାର ଆଳରେ ଭାରତୀୟମାନେ ଅପସଂସ୍କୃତି ରୋଗରେ ଏତେ ମାତ୍ରାରେ ପୀଡ଼ିତ ଯେ ତାହା କରୋନାକୁ ବଳିଯାଇଛି। ଏହାକୁ ଲକ୍ଷ୍ୟକରି ଗାନ୍ଧିଜୀ ୧୯୪୫ ମସିହା ଅକ୍ଟୋବର ୫ ତାରିଖରେ ନେହରୁଙ୍କୁ ପତ୍ର ଲେଖି ଅବଗତ କରିଥିଲେ, ଆମ ଯୁବବର୍ଗ ବର୍ତ୍ତମାନ ଅପସଂସ୍କୃତିର ଚକ୍ରବ୍ୟୁହକୁ ଠେଲି ହୋଇଯାଉଛନ୍ତି। ଦୀର୍ଘବର୍ଷ ଧରି ଅବାଟିଆ ଚାଲିଲାପରେ ଏବେ ସ୍ୱଚ୍ଛ ଭାରତ, ଆତ୍ମନିର୍ଭର ଭାରତ, ସ୍ୱଦେଶୀ ଭାରତକୁ ଆମ ଯୁବବର୍ଗ କିପରି ଗ୍ରହଣ କରିବେ, ଏହା ଚିନ୍ତାର ବିଷୟ।

ଧୋବ ଫରଫର ଇସ୍ତ୍ରି ଭାଙ୍ଗିନଥିବା, ସାଲୁଆର କମିଜ, ବାତାନୁକୁଳିତ ଯାନ, ଆମିଷ ଖାଦ୍ୟ ଆଜିର ସମାଜସେବୀଙ୍କର ବୈଶିଷ୍ଟ୍ୟ। ଗାନ୍ଧୀ ଦର୍ଶନରେ ଅନୁପ୍ରାଣିତ ଯୁବକମାନେ ଏଠି କାହାନ୍ତି ? ତାଙ୍କର ବୈରାଗ୍ୟ ଚିନ୍ତାଧାରା, ପ୍ରାର୍ଥନା, ଉପବାସ, ଧ୍ୟାନ, ଯୋଗ, ସାତ୍ତ୍ୱିକ ଗୁଣଧାରା ସମାଜସେବୀ ଆମ ସମାଜରେ ଏବେ କେତେଜଣ ?

ବିଭିନ୍ନତାର ଦେଶ ଭାରତବର୍ଷକୁ ଗୋଟିଏ ସୂତ୍ରରେ ନିଜ ସୂତାରେ ବାନ୍ଧି ରଖିଥିବାରୁ ସୁଭାଷ ବୋଷ ତାଙ୍କୁ ଡାକିଥିଲେ ବାପୁଜୀ। ନିଃସ୍ୱାର୍ଥପର ଭାବେ ଦୀନଦରିଦ୍ରର ସେବାକୁ ପ୍ରାଧାନ୍ୟ ଦେଇ ଅହିଂସା ଦୀପରେ ସାରା ବିଶ୍ୱକୁ ଆଲୋକିତ କରିଥିବା ଯୁଗପୁରୁଷ ହେଲେ ଗାନ୍ଧିଜୀ। ତାଙ୍କ ଆହ୍ୱାନରେ ଉଦ୍‌ବୁଦ୍ଧ ହୋଇ ତାଙ୍କ ଅନୁଗାମୀ ଭାବେ ଆମ ଓଡ଼ିଶାରେ ତାଙ୍କ ନୀତିନିଷ୍ଠାକୁ ଗ୍ରହଣ କରିଥିଲେ ଉତ୍କଳମଣି ଗୋପବନ୍ଧୁ, ନବକୃଷ୍ଣ ଚୌଧୁରୀ, ପାର୍ବତୀ ଗିରିଙ୍କ ପରି ମହାମନୀଷୀ। ଏବେ କାହିଁ ସେହି ନେତୃତ୍ୱ, କୁଆଡ଼େ ଗଲେ ସେପରି ଅନୁଗାମୀ, ସେପରି ନିଃସ୍ୱାର୍ଥପର ସେବକ, ସମାଜ ସୁଧାରକ ? ଆମ ସମାଜ ଯେତେବେଳେ କରୋନାକୁ ସମ୍ମୁଖୀନ ହେଉଛି, ଗାନ୍ଧିଜୀଙ୍କ ପରି କରୋନା ଯୋଦ୍ଧାର ଆବଶ୍ୟକତା ରହିଛି ଯିଏ ଦେଶର ହଜାର ହଜାର କରୋନା ରୋଗୀଙ୍କ ମନରେ ଆତ୍ମବିଶ୍ୱାସ ଭରିଦେବ, ଯୁଦ୍ଧ କରିବାକୁ ମାନସିକ ଶକ୍ତି ଯୋଗାଇବ। ଭାରତ ଏବେ ଖୋଜୁଛି ଗାନ୍ଧିଜୀଙ୍କୁ ଯିଏ ନିଃସ୍ୱାର୍ଥପର ସମାଜସେବା ତଥା ଭାରତୀୟ ସଂସ୍କୃତିକୁ ପୁଣି ନୂଆ ରାହା ଦେଖାଇବ। ପୁଣି ଏବେ ସାମାଜିକ ବିପ୍ଳବର ମଙ୍ଗ ଧରିବ ଓ ସାରା ମାନବ ସମାଜକୁ ପ୍ରଗତିର ରାସ୍ତା ଦେଖାଇବ।

୦୨.୧୦.୨୦୨୧

# ଜଳବାୟୁ ପରିବର୍ତ୍ତନର ଚକ୍ରବ୍ୟୁହରେ ଆମେ

ଆଷାଢ଼-ଶ୍ରାବଣ ମାସରେ ମୁଣ୍ଡଫଟା ଖରା, ଆଶ୍ୱିନ-କାର୍ତ୍ତିକ ମାସର ମହାବାତ୍ୟା, ଜ୍ୟେଷ୍ଠ ମାସରେ 'ୟସ' ପ୍ରକୋପରେ ସର୍ବାଧିକ ୩୦୪ ମିମି ବୃଷ୍ଟିପାତ ହୋଇଥିବା କୁସୁମି ବ୍ଲକରେ ପରବର୍ତ୍ତୀ ମାସରେ ୮୯ ପ୍ରତିଶତ ସ୍ୱଳ୍ପବୃଷ୍ଟି ତଥା ବର୍ଷା ଋତୁରେ ସାରା ଓଡିଶାରେ ୨୧ ପ୍ରତିଶତ କମ ବୃଷ୍ଟି ଇଙ୍ଗିତ କରୁଛି, ଆମ ଓଡିଶାର ଜଳବାୟୁରେ ସାଙ୍ଘାତିକ ପରିବର୍ତ୍ତନ ହୋଇଛି । ଅନ୍ୟ ପ୍ରଦେଶ ତଥା ରାଜସ୍ଥାନଠାରୁ କେରଳ ପର୍ଯ୍ୟନ୍ତ, କର୍ଣ୍ଣାଟକ ଠାରୁ ଆସାମ ପର୍ଯ୍ୟନ୍ତ ଅତ୍ୟଧିକ ବୃଷ୍ଟି ମଧ୍ୟ ସମାନ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏପରି ଅସନ୍ତୁଳିତ ଜଳବାୟୁ କେବଳ ଭାରତବର୍ଷରେ ଦେଖାଯାଉନାହିଁ, ଇତିମଧ୍ୟରେ କାନାଡା ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ ପରି ଶୀତପ୍ରଧାନ ଦେଶ ଗୁଡିକରେ ଅତ୍ୟଧିକ ଉଚ୍ଚ ତାପମାତ୍ରା ପରିଲକ୍ଷିତ ହୋଇଅଛି । ଚିଲି, ପେରୁ ପରି ଦକ୍ଷିଣ ଆମେରିକୀୟ ରାଷ୍ଟ୍ର କ୍ରମାଗତ ବୃଷ୍ଟିହୀନତାରେ ପ୍ରପୀଡିତ । ଇଟାଲୀ, ଗ୍ରୀସ ଦେଶରେ ବର୍ତ୍ତମାନ ଅସ୍ୱାଭାବିକ ଗରମ । ଜର୍ମାନୀରେ ହଠାତ୍ ବନ୍ୟା ଆସି ଶହଶହ ଲୋକଙ୍କ ପ୍ରାଣହାନି । ଏସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ନୁହେଁ ତ ଆଉ କ'ଣ ? ଏସବୁକୁ ହୃଦୟଙ୍ଗମ କରି କିଛିମାସ ପୂର୍ବେ ପୃଥିବୀର ଚଉଦ ହଜାର ବୈଜ୍ଞାନିକ ସଂପ୍ରତି ବିଶ୍ୱରେ ଜଳବାୟୁ ଜରୁରୀକାଳୀନ ପରିସ୍ଥିତି ଉପୁଜୁଛି ବୋଲି ଦାବି କରିଛନ୍ତି । ପ୍ରସଙ୍ଗ ଆମ ରାଜ୍ୟରୁ ଆରମ୍ଭ କରିବା । ରାଜ୍ୟରେ ୩୦ଟି ଜିଲ୍ଲା ମଧ୍ୟରୁ ୨୭ଟି ଜିଲ୍ଲା ସ୍ୱଳ୍ପ ବୃଷ୍ଟିପାତରେ ପ୍ରପୀଡିତ । ଜୁଲାଇ ମାସ ଶେଷ ସୁଦ୍ଧା ୨୧ ପ୍ରତିଶତ ନିଅଣ୍ଟିଆ ବୃଷ୍ଟି ହୋଇଥିବା ବେଳେ ଏବେ ଏହା ୩୦ ପ୍ରତିଶତ ଅତିକ୍ରମ କରିଛି । ସ୍ୱାଭାବିକ ବୃଷ୍ଟିପାତ ହେବ ବୋଲି ଭବିଷ୍ୟବାଣୀ କରିଥିବା ପାଣିପାଗ ବିଶେଷଜ୍ଞ ନିଅଣ୍ଟିଆ ପରିସ୍ଥିତି ଆହୁରି ଉତ୍କଟ ହେବ ବୋଲି ଚେତାଇ ଦେଲେଣି । ତେଣୁ ସାରା ରାଜ୍ୟ ମରୁଡି ଆଡକୁ ଅଗ୍ରସର ହୋଇଛି । ପାଣିପାଗ ବିଶେଷଜ୍ଞ ସ୍ୱାଭାବିକ ବର୍ଷା (୯୪.୧୦%) ଆକଳନ ଯଦି ଆକ୍ଟୋବର ମାସର ସମ୍ଭାବ୍ୟ ତଥା ନିୟମିତ(!) ବାତ୍ୟାର ପରିମାଣକୁ ମିଶାଇ ପରିସଂଖ୍ୟାନ କରାଯାଏ, ହୁଏତ ତାହା ବାର୍ଷିକ ହାରାହାରି ବୃଷ୍ଟିପାତ ସହ ମିଶିଯାଇ ପାରେ କିନ୍ତୁ ପ୍ରକୃତରେ ଏହାକୁ ଅସମତୁଲ ବୃଷ୍ଟିପାତ କୁହାଯିବ । ଏପରି ବର୍ଷାହେଲେ ଓଡିଶାର ମୋଟ୍ ଖରିଫ ଉତ୍ପାଦନର ନବେ ପ୍ରତିଶତ ଉତ୍ପାଦନ କରୁଥିବା ଧାନଚାଷର ଅବସ୍ଥା କ'ଣ ହେବ। ଏହା ଆମ ଓଡିଶା ପରି କୃଷି ପ୍ରଧାନ ଗରିବ ରାଜ୍ୟର ଗ୍ରାମୀଣ

ଅର୍ଥନୀତି ତଥା ସାମାଜିକ ଓ ସଂସ୍କୃତିକ ଚଳଣି ଉପରେ ଯଥେଷ୍ଟ ପ୍ରଭାବ ପକାଇବ। ଖାଦ୍ୟ ନିରାପତ୍ତା କ୍ଷୁର୍ଣ୍ଣ ହେବ, ପୁଷ୍ଟିହୀନତା ବୃଦ୍ଧି ପାଇବ। ରୋଜଗାର ତଥା କ୍ରୟ ଶକ୍ତି ହ୍ରାସ ପାଇବ ଏବଂ ସର୍ବୋପରି ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏ ଜଳବାୟୁ ପରିବର୍ତ୍ତନ ତଥା ପାଣିପାଗର ଅନିୟମିତତା ବର୍ତ୍ତମାନ ସାରା ଦେଶରେ ଅନୁଭୁତି ହେଉଛି। ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଉତ୍ତରାଖଣ୍ଡର ଭୂସ୍ଖଳନ ମଧ୍ୟ ଏହି ଜଳବାୟୁ ପରିବର୍ତ୍ତନର ଅନ୍ୟତମ ପ୍ରତିଫଳନ।

ନିକଟ ଅତିତରେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଆନ୍ତଃସରକାରୀ କମିଟି ତା'ର ଷଷ୍ଠ ରିପୋର୍ଟରେ ବିଶ୍ୱର ବିଷମ ପରିସ୍ଥିତି ଉପରେ ଆଲୋକପାତ କରିଛି। ୨୦୧୫ ପ୍ୟାରିସ ଚୁକ୍ତିର ନୈରାଶ୍ୟଜନକ ଅଗ୍ରଗତି ସହ ଆଗାମୀ କୋଡିଏ ବର୍ଷ ମଧ୍ୟରେ ପୃଥିବୀର ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ୍ ବଢ଼ିଯିବ ବୋଲି ଏଥିରେ ସତର୍କ କରିଦିଆଯାଇଛି। ଏହି ତାପମାତ୍ରା ବୃଦ୍ଧି ଯୋଗୁଁ ସାରା ବିଶ୍ୱରେ ଅସହ୍ୟ ଗରମ, ଅସହ୍ୟ ଶୀତ, ବନ୍ୟା, ବାତ୍ୟା, ମରୁଡିର ବିଭିଷିକା, ଭୁସ୍ଖଳନ, ହିମସ୍ଖଳନ ବୃଦ୍ଧି ପାଇବ। ବୈଜ୍ଞାନିକଙ୍କ ତଥ୍ୟ ଅନୁସାରେ ୧ ଡିଗ୍ରୀ ତାପମାତ୍ରା ବୃଦ୍ଧି ଜଳବାୟୁର ସାତ ପ୍ରତିଶତ ଅଧିକ ଜଳକଣା ରଖିବାକୁ ସୁଯୋଗ ପ୍ରଦାନ କରେ। ବସ୍ତୁତଃ, ବାଦଲଫଟା ବର୍ଷାର ପରିମାଣ ଆଗାମୀ ଦିନରେ ବଢ଼ିଯିବ। ଏହି ତାପମାତ୍ରା ବୃଦ୍ଧି ଉତ୍ପାଦିତ ଖାଦ୍ୟଶସ୍ୟରେ ପୁଷ୍ଟିକୁ ମଧ୍ୟ କମାଇଥାଏ। ଅତଏବ ତାପମାତ୍ରା ବୃଦ୍ଧି ଯୋଗୁଁ କେବଳ ଧନଜୀବନ କ୍ଷୟକ୍ଷତି ହେବନାହିଁ ତା ସହ ପୁଷ୍ଟିହୀନତା ବୃଦ୍ଧିପ୍ରାପ୍ତ ହେବ। ନାସାର ସଦ୍ୟତମ ରିର୍ପୋଟ ଅନୁସାରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏହି ଶତାବ୍ଦୀର ଶେଷ ପୂର୍ବରୁ ଆମ ଦେଶର ମୁମ୍ବାଇ, ଚେନ୍ନାଇ, ବିଶାଖାପାଟଣା ପରି ବାରଟା ସହର ସମୁଦ୍ର ଗର୍ଭରେ ଲୀନ ହେବ। ଓଡିଶାର ପାରାଦ୍ୱୀପ ବନ୍ଦର ମଧ୍ୟ ନିଜର ଅସ୍ତିତ୍ୱ ହରାଇବ। ଗତବର୍ଷ ଗୁଡିକରେ ବିଶ୍ୱର ତାପମାତ୍ରା ବଢ଼ିବାରେ ଜଙ୍ଗଲରେ ଲାଗୁଥିବା ନିଆଁର ଗୁରୁତ୍ୱପୁର୍ଣ୍ଣ ଭୂମିକା ରହଛି। ଏପରି ଦାବାଗ୍ନି ଦ୍ୱାରା ଧନ ଜୀବନ ହାନୀ ସହ ଲକ୍ଷ ଲକ୍ଷ ପଶୁପକ୍ଷୀ, ଦୁର୍ଲଭ ବୃକ୍ଷ ଲୋପପାଉଛନ୍ତି। ସଂପ୍ରତି ବିଶ୍ୱର ବିଭିନ୍ନ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରର ଦାବାଗ୍ନି, ଗାର୍ଡିଆନ, ଓ୍ୱାଶିଂଟନ୍ ପୋଷ୍ଟ, ନୂ୍ୟର୍କ ଟାଇମସ୍‌ର ଶିରୋନାମା ପାଲଟିଛି। ବର୍ତ୍ତମାନ ଆଲଜେରିଆରେ ଲାଗିଥିବା ଜଙ୍ଗଲୀ ନିଆଁ ସହରାଞ୍ଚଳରେ ପ୍ରବେଶ କରି ୬୫ଜଣ ଲୋକଙ୍କ ଜୀବନ ନେଇଛି। ତୁର୍କୀ, ସାଇପ୍ରସ୍ ଓ ଅନ୍ୟାନ୍ୟ ଆରବୀୟ ରାଷ୍ଟ୍ରରେ ଜଙ୍ଗଲ ନିଆଁର ପ୍ରଭାବରେ ଦିନର ତାପାମାତ୍ରା ୫୦ ସେଲ୍‌ସିୟସ୍ ଅତିକ୍ରମ କିରିଛି। ଉପଗ୍ରହ ମାଧ୍ୟମରେ ଉତ୍ତୋଳିତ ଚିତ୍ର ଅନୁସାରେ ସାଇବେରିଆରେ ଲାଗିଥିବା ନିଆଁ ସମସ୍ତ ରେକର୍ଡକୁ ଭାଙ୍ଗିଛି। ଗ୍ରୀସ୍ ଓ ଇଟାଲୀରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ଆମେରିକାର କାଲି'ର୍ଣ୍ଣିଆରେ ୧୮୦୦ ବର୍ଗ କିମି ଜଙ୍ଗଲ ଧ୍ୱଂସ ପାଇଛି। ଅଷ୍ଟ୍ରେଲିଆ ଠାରୁ ଇଣ୍ଡୋନେସିଆ ପର୍ଯ୍ୟନ୍ତ ସବୁ ଅଞ୍ଚଳରେ ଦାବାଗ୍ନି

ତା'ର ପ୍ରକୋପ ଦେଖାଇଛି । ଆମାଜନ୍ ଅବବାହିକା ଅଞ୍ଚଳର ଘଞ୍ଚ ଜଙ୍ଗଲ ପ୍ରତିଦିନ ଏପରି ଜଙ୍ଗଲ ନିଆଁର ଶିକାର ହୋଇଛି । ହଜାର ହଜାର କିମି ଦୀର୍ଘ ଚାରଣ ଭୂମି, ଜଙ୍ଗଲ ଜମି ନଷ୍ଟ ଦ୍ୱାରା ପୃଥିବୀର ଜୈବ ବିବିଧତା ମଧ୍ୟ ପ୍ରଭାବିତ ହୋଇଛି । ଓଡିଶା କଥା ବିଚାରକୁ ନେଲେ ଗତବର୍ଷ (ନଭେମ୍ବର-ଜୁନ୍ ୨୦୨୧) ଭାରତରେ ୩,୪୫,୯୮୯ ଜଙ୍ଗଲି ନିଆଁରୁ ସର୍ବାଧିକ ଓଡିଶାରେ ୫୧,୯୬୮ଟି ହୋଇଥିଲା । ବିଶ୍ୱର ଏକ ବିଖ୍ୟାତ ଜୈବମଣ୍ଡଳ ଶିମିଳିପାଳ ଅଭୟାରଣ୍ୟ ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା । ଶିମିଳିପାଳର ଭୟଙ୍କର ଦାବାଗ୍ନି, ଏହା ନିକଟସ୍ଥ କୁମୁମି ବ୍ଲକର ସର୍ବାଧିକ ବର୍ଷା ଓ ସ୍ୱଳ୍ପ ବୃଷ୍ଟିପାତ ଆମକୁ ପରିବର୍ତ୍ତିତ ଜଳାବାୟୁର ସର୍ତକଘଣ୍ଟି ବଜାଉନାହିଁ କି ? ନିକଟରେ ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସାରା ବିଶ୍ୱ ତଥା ମାନବ ସମାଜକୁ ଏ ସର୍ତକଘଣ୍ଟି ଶୁଣିବାକୁ ଆହ୍ୱାନ କରିଛନ୍ତି । ଆସନ୍ତା ନଭେମ୍ବର ୧୧-୧୨ ତାରିଖରେ ଗ୍ଲାସଗୋଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ସମ୍ମିଳନୀରେ ଏହା ଉପରେ ଘମାଘୋଟ୍ ଆଲୋଚନା ହେବ ବୋଲି ଇଂଲଣ୍ଡର ମନ୍ତ୍ରୀ ତଥା ସମ୍ମିଳନୀର ଅଧ୍ୟକ୍ଷ ଆଲୋକ ଶର୍ମା ପ୍ରକାଶ କରିଛନ୍ତି । ୧୯୯୭ ମସିହାରେ କ୍ୟୋଟୋ ପ୍ରୋଟୋକଲ୍ ଓ ତା' ପରବର୍ତ୍ତୀ ପ୍ୟାରିସ୍ ଚୁକ୍ତିନାମା ଉପରେ ସରଗରମ ଆଲୋଚନା ହୋଇ ସାରା ବିଶ୍ୱର ମଙ୍ଗଳ ପାଇଁ ଏକ ଗ୍ରହଣୀୟ ପ୍ରସ୍ତାବକୁ ବିଶ୍ୱବାସୀ ଅନେଇ ରହିଛନ୍ତି ।

ଅନ୍ୟ ପକ୍ଷରେ ମଣିଷ ନିଜେ ହିଁ ଜଳବାୟୁ ପରିବର୍ତ୍ତନର ଚକ୍ରବ୍ୟୁହରେ ଫଶିଯାଇଛି । ଜଳବାୟୁକୁ ବିଗାଡିବାରେ ମଣିଷ ହିଁ ମୁଖ୍ୟ ସୂତ୍ରଧାରର ଭୂମିକା ନେଇଛି । ଆଧୁନିକତାର ଦ୍ୱାହିଦେଇ ଅତ୍ୟଧିକ ଶିଳ୍ପାୟନ, ପେଟ୍ରୋଲିୟମଜାତ ଦ୍ରବ୍ୟର ମାତ୍ରାଧିକ ବ୍ୟବହାର, ଜୀବାଶ୍ମ ବ୍ୟବହୃତ ମଟରଗାଡିର ଅହେତୁକ ବୃଦ୍ଧି, ଘନ ଜଙ୍ଗଲ କ୍ଷୟକୁ ପ୍ରଶୟ ଦେଇଛି । ଜଙ୍ଗଲ କାଟିବା ଦ୍ୱାରା ଅଙ୍ଗାରକ ଗ୍ରହଣ ଓ ବିନିଯୋଗର ପରିମାଣ କମିଯିବା ଆମ ଜଳବାୟୁ ପାଇଁ ହାନିକାରକ । କୃଷିରେ ଅତ୍ୟାଧିକ ରାସାୟନିକ ସାର ପ୍ରୟୋଗ, ଜଳସେଚିତ ଧାନ ଚାଷକୁ ପ୍ରଶୟ ଦେଇ ବାୟୁମଣ୍ଡଳରେ ମିଥେନ୍, ନାଇଟ୍ରେଟ୍ ଅକ୍ସାଇଡ୍ ବଢାଇବା ଜଳବାୟୁ ପାଇଁ ଅନୁକୁଳ ନୁହେଁ । ଭାରତର ସବୁଜ ଘର ଗ୍ୟାସ ନିର୍ଗମନର ୭୩ ପ୍ରତିଶତ ଶକ୍ତି ଉତ୍ପାଦନରୁ ଆସୁଥିବା ବେଳେ ୧୬% କୃଷି, ୭% ଶିଳ୍ପ ଓ ୩% ବର୍ଜ୍ୟବସ୍ତୁରୁ ଆସିଥାଏ । ଏପରିକି ପୃଥିବୀର ମୋଟ୍ ଧାନ ଚାଷରୁ ନିର୍ଗମନ ଏହି ଗ୍ୟାସର ୧୮ ପ୍ରତିଶତ କେବଳ ଭାରତରୁ ହିଁ ଆସିଥାଏ । ସେ ଯାହାହେଉ ପ୍ରତ୍ୟେକ ମଣିଷ ନିଜକୁ ପ୍ରକୃତି ସହ ଯୋଡିପାରିଲେ ଜଳବାୟୁରେ ସନ୍ତୁଳନତା ରକ୍ଷା କରାଯାଇପାରିବ ।

ତା ୦୧.୦୯.୨୦୨୧

# କେ କହି ପାରିବ ପୁରୁଷା ?

ଜମନ ମରଣ ବରଷା, କେ କହି ପାରିବ ପୁରୁଷା – ଓଡିଆ ଭାଷାର ଏହି ପୁରାତନ ଲୋକକଥା ବାରମ୍ବାର ସତ୍ୟ ପ୍ରମାଣିତ ହେବାକୁ ଯାଉଅଛି । ଗତ ଶତାବ୍ଦୀର ଶେଷ ଦଶନ୍ଧିଗୁଡିକରେ ବିଜ୍ଞାନର ପ୍ରଖର ଅଗ୍ରଗତି ଓ ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଏକବିଂଶ ଶତାବ୍ଦୀର ମଣିଷକୁ ନିଶ୍ଚିତଭାବେ ସମୃଦ୍ଧିର ଶିଖର ଦେଶରେ ପହଞ୍ଚାଇବାର ଆତ୍ମାଭିମାନ ସୃଷ୍ଟି କରାଇଛି । ବିଶ୍ୱର ବିଭିନ୍ନ ଆଶ୍ଚର୍ଯ୍ୟଜନକ ତଥ୍ୟର ଆବିଷ୍କାର ଓ ନୂତନ ଯନ୍ତ୍ର ମାନଙ୍କର ଉଦ୍ଭାବନା ଆଧୁନିକ ମଣିଷକୁ ସମୃଦ୍ଧଶାଳୀ ଓ ଦିଗବିଜୟ କରାଇଛି । ଏଥିରେ ଅନ୍ୟଥା ନାହିଁ, କିନ୍ତୁ ଅଦ୍ୟାବଧି କିଛି ଅନାବିଷ୍କୃତ ଅଥଚ ଦୈନନ୍ଦିନ ଜୀବନଚର୍ଯ୍ୟାରେ ବ୍ୟବହୃତ ଉପାଦାନର ରହିଯାଇଛି, ଯାହା ମଣିଷକୁ ସୁଚାଇ ଦେଉଛି ଆହୁରି ବହୁତ ରାସ୍ତା ଚାଲିବାକୁ ବାକି ଅଛି । ଜନ୍ମ ଓ ମୃତ୍ୟୁର ଆଗପଛ ଯେପରି ଏବେ ବି ରହସ୍ୟାବୃତ ସେହିପରି ବର୍ଷାର ଆଗମନ ଏକ ଅନାବିଷ୍କୃତ ପ୍ରସଙ୍ଗ ବୋଲି ଆମ ଭାରତୀୟ ସଂସ୍କୃତି କହିଆସିଛି ।

ବିଶ୍ୱସ୍ତରୀୟ ପାଣିପାଗ ଅବସ୍ଥାକୁ ତର୍ଜମା କଲେ ଜଣାଯାଏ ଯେ ଗତ ଦଶନ୍ଧିଗୁଡିକରେ ପାଣିପାଗ ବିଶେଷଜ୍ଞମାନଙ୍କ ଆକଳନ ବହୁ ଭାବରେ ଲକ୍ଷ୍ୟଭ୍ରଷ୍ଟ ହୋଇଛି । ୟୁରୋପ, ଉତ୍ତର ଆମେରିକା ଆଦି ମହାଦେଶଗୁଡିକରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ହୋଇଥିବା ଅତ୍ୟଧିକ ବୃଷ୍ଟିପାତ, ମହାବାତ୍ୟା, ବନ୍ୟା ଏହାର ପ୍ରମାଣ । ସଂପ୍ରତି କାନାଡା ଦେଶରେ ଅତ୍ୟଧିକ ତାପମାତ୍ରା ଏହାର ଏକ ଜ୍ୱଳନ୍ତ ପ୍ରମାଣ । ଆମ ଭାରତର ଭାରତୀୟ ପାଣିପାଗ ବିଭାଗ ଓ ଏହାର ଆନୁଷଙ୍ଗିକ କାର୍ଯ୍ୟାଳୟ, ତତ୍‌ସଂଲଗ୍ନ ବୈଜ୍ଞାନିକମାନେ ପାଣିପାଗ ବିଷୟରେ ଆଗୁଆ ଆକଳନ କରିଥାନ୍ତି । ଦେଶରେ ବିଭିନ୍ନ ଜିଲ୍ଲାରେ ଅବସ୍ଥିତ ରେନ୍‌ଗଜ୍ ଷ୍ଟେସନ୍‌ରୁ ମିଳିଥିବା ତଥ୍ୟ ଆଧାରରେ ପ୍ରତିବର୍ଷ ହାରାହାରି ବାର୍ଷିକ ବୃଷ୍ଟିପାତ, ତାପମାତ୍ରା ଆଦି ଅନୁଧ୍ୟାନ କରାଯାଇ ବିଭିନ୍ନ ପରିସଂଖ୍ୟାନ ହିସାବରୁ ଏହି ଆକଳନ କରାଯାଇଥାଏ । ଭାରତ ପରି ବିରାଟ ଦେଶରେ ରାଜ୍ୟରୁ ରାଜ୍ୟ, ଦିନରୁ ଦିନ, ମାସରୁ ମାସ, ସ୍ଥାନରୁ ସ୍ଥାନ ବୃଷ୍ଟିପାତରେ ପାର୍ଥକ୍ୟ ରହିବା ସୁନିଶ୍ଚିତ । ଏହା ସହ ଏଲନିନୋ, ଲାନିନାର ପ୍ରଭାବ ମଧ୍ୟ ଆମର ମୌସୁମି ବୃଷ୍ଟିପାତକୁ ନିୟନ୍ତ୍ରଣ କରେ । ତେଣୁ ପ୍ରତି ତିନି ଚାରିବର୍ଷ ଅନ୍ତରରେ ଜଳବାୟୁ ଆମକୁ ଅଙ୍କେ ବହୁତେ ଧୋକା ଦେଇଥାଏ ।

ଏବେ ଆମ ଓଡିଶାର ସାଂପ୍ରତିକ ଆବସ୍ଥା କଥା ଆଲୋଚନା କରାଯାଉ । ପାଣିପାଗ ବିଶେଷଜ୍ଞଙ୍କର ଆଗୁଆ ପ୍ରାରମ୍ଭିକ ଆକଳନ, ଦେଶରେ ଏ ବର୍ଷ ଉତ୍ତମ ଅର୍ଥାତ୍ ୯୬ ପ୍ରତିଶତ ମଧ୍ୟରେ ବୃଷ୍ଟିପାତ ହେବାର ସୂଚନା ଦେଲା । ତଦନୁସାରେ ଆମ ରାଜ୍ୟରେ ମଧ୍ୟ ଉତ୍ତମ ବୃଷ୍ଟିପାତ

ହେବ ବୋଲି ସ୍ଥାନୀୟ ପାଣିପାଗ ବିଶେଷଜ୍ଞମାନେ ମତପ୍ରକାଶ କଲେ। ମୌସୁମିବାୟୁ ମଧ୍ୟ ଏ ବର୍ଷ ଠିକ୍ ସମୟରେ ଅର୍ଥାତ ଜୁନ୍ ଦଶ ତାରିଖରେ ଆମ ଓଡିଶାକୁ ଛୁଇଁଲା। ଏହା ପୂର୍ବରୁ ମେ ମାସର ଶେଷ ସପ୍ତାହ ବାତ୍ୟା 'ୟସ୍'ର ପ୍ରଭାବରେ ଓଡିଶାରେ ବିକ୍ଷିପ୍ତ ଭାବେ ବର୍ଷା ହୋଇଥିଲା। ବହୁ ସ୍ଥାନରେ ଜମି ବନ୍ୟା ପ୍ଲାବିତ ହେଲା। ଏହା ପରବର୍ତ୍ତୀ ଫସଲ ପାଇଁ ଉପାଦେୟ ବୋଲି ବିଚାର କରାଗଲା। ଜୁନ୍ ମାସ ଆମ ରାଜ୍ୟରେ କୃଷି କାର୍ଯ୍ୟରେ ଆଦ୍ୟମାସ। ସେଥିପାଇଁ କେଉଁ କାଳରୁ ଅକ୍ଷୟ ତୃତୀୟା ଓ ରଜ ସଂକ୍ରାନ୍ତି ଆମ ରାଜ୍ୟର କୃଷି କାର୍ଯ୍ୟର ମାଇଲ ଖୁଣ୍ଟ। ଅକ୍ଷୟ ତୃତୀୟାରୁ ଆରମ୍ଭ ଚାଷକାମର ସଜବାଜ ରଜ ବେଳକୁ ପୂର୍ଣ୍ଣରୂପ ନିଏ। ଓଡିଶାର ମୋଟ ଚାଷ ଜମି ମଧ୍ୟରୁ ଅର୍ଦ୍ଧାଧିକ ଜମିରେ ଖରିଫ୍ ଋତୁରେ ଧାନଚାଷ ହୁଏ ଯାହା ସମୁଦାୟ ଖାଦ୍ୟଶସ୍ୟ ଉତ୍ପାଦନର ପାଖାପାଖି ନବେ ପ୍ରତିଶତ। ସେହି ଧାନଚାଷ ଓଡିଶାର ସାମାଜିକ, ଅର୍ଥନୈତିକ କେନ୍ଦ୍ରବିନ୍ଦୁ। କହିବା ବାହୁଲ୍ୟ, ଏବେ ତାକୁ ନେଇ ଓଡିଶା ରାଜନୀତିର ପାଣିପାଗ ମଧ୍ୟ ଚଳଚଞ୍ଚଳ ହେଲାଣି। ତେବେ ଏହି ଧାନଚାଷ ମୁଖ୍ୟତଃ ଆମ ରାଜ୍ୟରେ ବାର୍ଷିକ ବୃଷ୍ଟିପାତ ଉପରେ ବହୁଭାବରେ ନିର୍ଭର କରେ। ଆମ ରାଜ୍ୟର ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଜନିତ ବୃଷ୍ଟିପାତ (ଜୁନ୍‌ରୁ ସେପ୍ଟେମ୍ବର ମାସ) ବାର୍ଷିକ ବୃଷ୍ଟିପାତର ଅଶି ପ୍ରତିଶତ ହୋଇଥାଏ। ଓଡିଶାରେ ଜୁନ୍ ଜୁଲାଇ, ଅଗଷ୍ଟ, ସେପ୍ଟମ୍ବର ମାସରେ ହାରାହାରି ୨୧୦.୭, ୩୪୯.୮, ୩୫୭.୩ ଓ ୨୪୨.୫ ମିମି ବର୍ଷା ଯଥାକ୍ରମେ ହୋଇଥାଏ। ଏଥିରେ କୌଣସି କାରଣରୁ ବିଶେଷ ବ୍ୟତିକ୍ରମ ଦେଖାଦେଲେ ତାହା ପ୍ରାକୃତିକ ବିପର୍ଯ୍ୟୟର ରୂପନିଏ ଓ ସାଧାରଣ ଓଡିଆ ଏଥିରେ ପ୍ରଭାବିତ ହୁଏ। ଦଶ ପ୍ରତିଶତରୁ ଅଧିକ ହେଲେ ଏହା ଚାଷବାଷ ଉପରେ ପ୍ରଭାବ ପକାଏ। ସେଥିପାଇଁ ଏକଦା ଆମର କେନ୍ଦ୍ର କୃଷିମନ୍ତ୍ରୀ ଚତୁରାନନ ମିଶ୍ର କହିଥିଲେ "ସ୍ୱୟଂ ଇନ୍ଦ୍ରଦେବ ହେଉଛନ୍ତି ଦେଶର ପ୍ରକୃତ କେନ୍ଦ୍ରମନ୍ତ୍ରୀ, ସେ ନାମକୁ ମାତ୍ର"। ତାଙ୍କ ଉକ୍ତିକୁ ଅନୁଶୀଳନ କଲେ ଜଣାଯିବ, ଆମର କୃଷି କର୍ମଣ ପୁରସ୍କାର ସବୁ ବସ୍ତୁତଃ ଇନ୍ଦ୍ରଦେବଙ୍କ ଆର୍ଶୀବାଦର ଫଳ। ଶ୍ରୀ ମିଶ୍ରଙ୍କର ଉକ୍ତିର ପ୍ରାସଙ୍ଗିକତା ସବୁ ସମୟରେ ଆମେ ଉପଲବ୍ଧି କରୁଛୁ। ପାଣିପାଗ ବିଶେଷଜ୍ଞଙ୍କ ସବୁ ଭବିଷ୍ୟବାଣୀ ସତ୍ତ୍ୱେ ଜୁନ୍ ମାସରେ ଓଡିଶାରେ ୩୧୪ ଟି ବ୍ଲକରୁ ୧୫୨ ଟି ବ୍ଲକରେ ସ୍ୱଳ୍ପ ବୃଷ୍ଟିପାତ ହୋଇଛି। ଜୁନ୍ ମାସରେ ରାଜ୍ୟର ସତର ପ୍ରତିଶତ କମ୍ ବୃଷ୍ଟିପାତର ସମ୍ମୁଖୀନ ହୋଇଛନ୍ତି ଚଉଦଟି ଜିଲ୍ଲା। ଭଦ୍ରକ ଜିଲ୍ଲା ଯାହା 'ୟସ'ର ପ୍ରକୋପରେ ଜୁନ୍‌ମାସ ପ୍ରାରମ୍ଭରେ ପାଣିରେ ଉବୁଟୁବୁ ହୋଉଥିଲା, ସେଥିରେ ୫ ପ୍ରତିଶତ କମ୍ ବୃଷ୍ଟି ହୋଇଛି। ସେହିପରି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଯଥାକ୍ରମେ ୫୧ ଓ ୪୬ ପ୍ରତିଶତ କମ୍ ବୃଷ୍ଟି ହୋଇଛି। ସ୍ୱଳ୍ପ ବୃଷ୍ଟି କେବଳ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ସିମୀତ ହୋଇରହିନାହିଁ। ଆଭ୍ୟନ୍ତରୀଣ ବଲାଙ୍ଗୀର, ଅନୁଗୋଳ, କଳାହାଣ୍ଡି, ରାୟଗଡା ପରି ଜିଲ୍ଲାରେ

ଯଥାକ୍ରମେ ୩୯%, ୩୪%, ୨୮% ଓ ୨୬% ନିଅଣ୍ଟିଆ ବର୍ଷା ହୋଇଛି। ଏହି ଜିଲ୍ଲାଗୁଡିକର ଏକ ତୃତୀୟାଂଶରୁ ଅଧିକ ବ୍ଲକରେ ଅବସ୍ଥା ସଙ୍କଟାପନ୍ନ ବୋଲି କୁହାଯାଉଛି। ସ୍ୱଳ୍ପ ବୃଷ୍ଟିପାତ ହୋଇଥିବା ୧୫୨ ବ୍ଲକ ମଧ୍ୟରୁ ୩୪ ବ୍ଲକରେ ୫୯%ରୁ ଅଧିକ ନିଅଣ୍ଟିଆ ବୃଷ୍ଟି ହୋଇଛି, ୫୭ଟି ରେ ୩୯%ରୁ କମ୍ ରହିଛି। ୬୧ଟି ବ୍ଲକରେ ୧୯.୩୯% କମ୍ ବୃଷ୍ଟି ହୋଇଛି। ଜୁନ୍ ମାସ ଶେଷ ସୁଦ୍ଧା ଆମ ରାଜ୍ୟର ଅର୍ଦ୍ଧାଧିକ ଜମିରେ ବୁଣାବୁଣି ସରିଯାଇଥାଏ। ଏବେ ଏହି ଜମି ଗୁଡିକର ମାଟିରେ ଆର୍ଦ୍ରତାର ସ୍ୱଳ୍ପତା ପିରଲକ୍ଷିତ ହେଲାଣି। ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ମୁଖ୍ୟତଃ ଉଚ୍ଚଜମି ରହିଥିବାରୁ ସେଠାରେ ଚାଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଯଥେଷ୍ଟ। ମୌସୁମୀ ବର୍ଷାର ଏପରି ସ୍ଥିତି ଲାଗି ରହିଲେ ନିଅଣ୍ଟିଆ ଜିଲ୍ଲା ସଂଖ୍ୟା ନିକଟରେ କୋଡିଏକୁ ଟପି ଯିବାର ବହୁତ ସମ୍ଭାବନା ରହିଛି। ଏ ସବୁ ଲକ୍ଷ କରି ଜୁଲାଇ ମାସ ପନ୍ଦର ସୁଦ୍ଧା ପାଣିପାଗ ନ ସୁଧୁରିଲେ ଚାଷ ପ୍ରଣାଳୀକୁ ପରିବର୍ତ୍ତନ କରନ୍ତୁ ବୋଲି କୃଷି ବେଶେଷଜ୍ଞମାନେ ମତ ଦେଲେଣି। ସୁତରାଂ ଏପରି ପରିସ୍ଥିତିରେ ଚାଷୀଟିଏ କରିବ କଣ? ବିଜ୍ଞାନର ଜୈତ୍ରଯାତ୍ରାରେ ଆତ୍ମଗର୍ବୀ ହେଇଥିବା ମଣିଷ ସମାଜ ପ୍ରକୃତିର ଖେଳକୁ ଆଜି ପର୍ଯ୍ୟନ୍ତ କଳନା ଯେ କରିପାରିନାହିଁ, ଏହା ପ୍ରମାଣିତ।

ଇତି ମଧ୍ୟରେ 'ଫାଇଲିନ୍', 'ହୁଡହୁଡ' ଠାରୁ 'ଫଣି', 'ୟସ୍' ପର୍ଯନ୍ତ ସବୁ ବାତ୍ୟାକୁ ଆଗୁଆ ଆକଳନ କରି ଆମେ ତାର ମୁକାବିଲା କରିବାରେ ସଫଳ ହୋଇଛନ୍ତି, କିନ୍ତୁ ପାଣିପାଗକୁ ସୂକ୍ଷ୍ମସ୍ତରରେ ଠିକ୍ ଆକଳନ କରି ତାର ନିର୍ଯାସ କରିବାରେ ଆମେ ଯେ ପୁର୍ଣ୍ଣ ସଫଳତା ପାଇ ପାରୁନାହାଁନ୍ତି, ଆମକୁ ସ୍ୱୀକାର କରିବାକୁ ପଡିବ। ୧୯୯୫ରୁ ଦୁଇ ଦଶନ୍ଧିମଧ୍ୟରେ ଭାରତର ତିନି ଲକ୍ଷ କୃଷକ ଆତ୍ମହତ୍ୟା ପଛରେ ଏ ଅନିୟମିତ ପାଣିପାଗର ମଧ୍ୟ କଛି ଭୂମିକା ରହିଛି। ୨୦୦୭ରେ ଆମ ଜାତୀୟ ପାଣିପାଗ ଆଗୁଆ ଆକଳନରେ ବୃଷ୍ଟିପାତ ୯୩ ପ୍ରତିଶତ ଥିବାବେଳେ ଏହା ୧୦୬ ପ୍ରତିଶତ ହୋଇଥିଲା। ସେହିପରି ୨୦୦୯ରେ ଦେଶରେ ୯୩ ପ୍ରତିଶତ ବୃଷ୍ଟିପାତ ଆଶା କରାଯାଉଥିବାବେଳ ତାହା ୭୮ ପ୍ରତିଶତ ହୋଇଥିଲା। ୨୦୧୬ରେ ଆକଳନ ଅପେକ୍ଷା ଅଧିକ ବୃଷ୍ଟିପାତ ହୋଇଥିଲା। ଅତଏବ ଭାରତ ପରି ବୃହତ ଦେଶରେ ଜାତୀୟ ପାଣିପାଗ ଆକଳନ ଅପେକ୍ଷା ରାଜ୍ୟ ଜିଲ୍ଲା ବା ବ୍ଲକସ୍ତରୀୟ ଆକଳନକୁ ଠିକ୍ ନିରୂପଣ କରିବାକୁ ପଦକ୍ଷେପ ନେବା ଉଚିତ୍। ନୂତନ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟାର ସମାହାରରେ ପାଣିପାଗ ଆକଳନ ନିର୍ଭୁଲ ହେଲେ, ଏହା ଦେଶର ସାମାଜିକ ଓ ଅର୍ଥନୈତିକ ପରିସ୍ଥିତିକୁ ବହୁମାତ୍ରାରେ ସୁଧାରିନେବ, ଏଥିରେ ଦ୍ୱିମତ ନାହିଁ।

ତା ୦୮.୦୭.୨୦୨୧

# ବିଷର୍ଣ୍ଣ ବିପନ୍ନ ଅବସନ୍ନ : ଆମ ଅନ୍ନଦାତା

କରୋନା ମହାମାରୀର ପ୍ରାଦୁର୍ଭାବରେ ସାରା ବିଶ୍ୱ ଗ୍ରସ୍ତ ଥିଲାବେଳେ ଆମ କୃଷକ ଭାରତର କୌଣସି ନାଗରିକକୁ ଖାଦ୍ୟାଭାବର ଅଭିଯୋଗ କରିବାକୁ ସୁଯୋଗ ଦେଇନାହାନ୍ତି। ଏପରିକି ଲକ୍‌ଡାଉନ୍, ସଟ୍‌ଡାଉନ୍ ବେଳେ ପୁଲିସର ନାଲି ଆଖିକୁ ଭୃକ୍ଷେପ ନକରି ଦେଶର ମୋଟ ଖାଦ୍ୟଶସ୍ୟ ଉତ୍ପାଦନକୁ ରେକର୍ଡ଼ ପରିମାଣ ୨୯୫ ନିୟୁତ ଟନକୁ ପହଞ୍ଚାଇଛନ୍ତି। ଅପରପକ୍ଷରେ ଦେଶର ଦୁଇ ମୁଖ୍ୟ ଖାଦ୍ୟଶସ୍ୟ ଧାନର ଅମଳ ଓ ଗହମ ଚାଷର ଆରମ୍ଭ ସମୟରେ ଦିଲ୍ଲୀର ରାଜରାସ୍ତାରେ କରୋନା ଓ ଥଣ୍ଡାର ବିଭୀଷିକାକୁ ଖାତିର ନକରି ବିକ୍ଷୋଭ କରିଛନ୍ତି। କହିବା ବାହୁଲ୍ୟ କୃଷକ ବିକ୍ଷୋଭ ଦେଶର ସମସ୍ତ ଆଞ୍ଚଳିକ ସମ୍ବାଦପତ୍ରର ଦୈନିକ ସମାଚାରର ଏକ ନିଶ୍ଚିତ ପ୍ରସଙ୍ଗ। ଏଥିରେ ନୂତନତ୍ୱ କିଛି ନାହିଁ; କିନ୍ତୁ ପ୍ରଥମେ ଆଧ୍ୟାଦେଶ, ତା'ପରେ ତାକୁ ଆଇନ୍‌ରେ ପରିଣତ କରି ଲାଗୁ କଲାବେଳକୁ ଦେଶର ଆଗୁଆ କୃଷି ପ୍ରଧାନ ପ୍ରଦେଶ ପଞ୍ଜାବ, ହରିୟାଣା ଆଦିର ଚାଷୀମାନେ ଏହାକୁ ଖୁବ୍ ବିରୋଧ କରୁଛନ୍ତି। ରାଜନୀତିର ପଶାପାଲିକୁ ଗଡ଼ିଯିବା ପୂର୍ବରୁ ସରକାର ଏହାକୁ ନିୟନ୍ତ୍ରଣ କରିବାକୁ ଯେ ଚେଷ୍ଟା କରିନାହାନ୍ତି, ତା' ନୁହେଁ। ବିଭିନ୍ନ ମାଧ୍ୟମରେ କୃଷକମାନଙ୍କ ନିକଟରେ ପହଞ୍ଚିବାକୁ ସରକାର ଭରପୂର ପ୍ରୟାସ କରିଛନ୍ତି। ଏପରିକି ସ୍ୱୟଂ ପ୍ରଧାନମନ୍ତ୍ରୀ ବିଭିନ୍ନ କୃଷକମାନଙ୍କୁ ଏହାର ପ୍ରୟୋଜନୀୟତା ଉପରେ ବୁଝାଇଛନ୍ତି, କିନ୍ତୁ କୃଷକ ସଂଗଠନଗୁଡ଼ିକ ପୁଞ୍ଜିପତିଙ୍କ ଚାପରେ ଏପରି ଆଇନ୍ ପ୍ରଣୟନ କରିଥିବାର ଆରୋପ ଲଗାଇଛନ୍ତି। ସରକାରଙ୍କ ବିଭିନ୍ନ ଯୁକ୍ତି ଯଥା, କୃଷି ପାଇଁ ଉନ୍ନତ ଭିତ୍ତିଭୂମିର ବ୍ୟବସ୍ଥା, ମୁକ୍ତ ସୁଦୃଢ଼ ବଜାରୀକରଣ ଓ ପୁଞ୍ଜିନିବେଶକୁ ପ୍ରୋତ୍ସାହନ, କୃଷକ ସଂପ୍ରଦାୟକୁ ସନ୍ତୁଷ୍ଟ କରିପାରିନାହିଁ।

ଏ ପ୍ରସଙ୍ଗରେ ଆମ ଓଡ଼ିଶା କଥା ଚିନ୍ତା କରାଯାଉ। ଆମ ରାଜ୍ୟର ୮୩ ପ୍ରତିଶତ ଜନସାଧାରଣ ଗ୍ରାମାଞ୍ଚଳରେ ରହନ୍ତି। ସରକାରୀ ତଥ୍ୟ ଅନୁସାରେ ଆମ କୃଷକ ପରିବାର ପ୍ରାୟ ୬୦ଲକ୍ଷ ହୋଇଥିବାବେଳେ ଏଥିରୁ ମୁଖ୍ୟଭାଗ ଧାନଚାଷ ହିଁ କରନ୍ତି। ଖରିଫ ଉତ୍ପାଦନର ୯୦ ପ୍ରତିଶତ କେବଳ ଧାନ। କହିବାକୁ ଗଲେ, ଧାନ ହିଁ ଆମ ରାଜ୍ୟର ଗ୍ରାମୀଣ ଅର୍ଥନୀତି ଓ ଖାଦ୍ୟ ନିରାପତ୍ତାର ପ୍ରମୁଖ ଅଙ୍ଗ; କିନ୍ତୁ ଉପକୂଳ ଅଞ୍ଚଳଠାରୁ ଆଭ୍ୟନ୍ତରୀଣ ପଶ୍ଚିମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଧାନଚାଷୀମାନଙ୍କ ଆନ୍ଦୋଳନ ଦେଖିବାକୁ ମିଳେ। ସରକାରଙ୍କର ଅଣଧାନ ଫସଲକୁ ସବୁ

ପ୍ରୋତ୍ସାହନ ଦେବା ସତ୍ତ୍ୱେ ଧାନ ଜମିର ଅଞ୍ଚଳ ହ୍ରାସ ପାଉନି ବରଂ ଓଡ଼ିଶା ସରକାର ଧାନ ଫସଲ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ପାଞ୍ଚ ପାଞ୍ଚଥର କୃଷି କର୍ମଣ ପୁରସ୍କାର ପାଇଛନ୍ତି। ତଥାପି ପ୍ରତ୍ୟେକ ବର୍ଷ ଠିକ୍ ସମୟରେ ଉନ୍ନତ ଧାନ ବିହନ ଯୋଗାଣ, ସାର ଅଭାବ, ରୋଗପୋକ ସମସ୍ୟା ଓ ଶେଷକୁ ଅମଳକୁ ବିକ୍ରି ନେଇ ଚାଷୀ ରାଜରାସ୍ତାକୁ ଓହ୍ଲାଉଛି। ଏହା ମଧ୍ୟ ପ୍ରଣିଧାନଯୋଗ୍ୟ ଯେ ତିତିଲି, ଫାଇଲିନ୍, ହୁଡ଼ହୁଡ଼ ପରି ଅନେକ ମହାବାତ୍ୟା, ମରୁଡ଼ି, ବନ୍ୟାକୁ ସମ୍ମୁଖୀନ ହୋଇ ଆମ ଓଡ଼ିଆ ଚାଷୀ ଅତି କମ୍‌ରେ ଧାନ ଉତ୍ପାଦନରେ ତ ରାଜ୍ୟକୁ ସ୍ୱାବଲମ୍ବୀ କରିପାରିଛି। ହେଲେ ମାର୍ଗଶିର ଅମଳ ମାସରେ କୃଷକର ବିଷର୍ଣ୍ଣ ମୁହଁ ସୂଚେଇ ଦେଉଛି କୃଷକର ଯେତେ ଅମଳ ହେଲେ ବି ମନରେ ଖୁସି ନାହିଁ।

ତଥ୍ୟ ଅନୁସାରେ ଓଡ଼ିଶା ଚାଷୀର ମୁଣ୍ଡପିଛା ଆୟ ବାର୍ଷିକ ୯୨୭୭୨ ଟଙ୍କା। ଏହା ମଧ୍ୟ କୁହାଯାଉଛି ଯେ ୨୦୦୨-୦୩ ରୁ ୨୦୧୫-୧୬ ତେର ବର୍ଷ ମଧ୍ୟରେ ଓଡ଼ିଶା ଚାଷୀଙ୍କର ଆୟ ସାତଗୁଣ ବଢ଼ିଛି। ଓଡ଼ିଶାର ବୟାନବେ ପ୍ରତିଶତ କୃଷକ ପରିବାର କ୍ଷୁଦ୍ର ଓ ନାମମାତ୍ର ଶ୍ରେଣୀର ହୋଇଥିବାବେଳେ ଜାତୀୟ ସ୍ତରରେ ଏହା ୮୬ ପ୍ରତିଶତ। ସବୁ ବ୍ଲକର ଏକତୃତୀୟାଂଶ ଚାଷ ଜମି ବି ଜଳସେଚିତ ନୁହେଁ। ପ୍ରତିବର୍ଷ ଖରିଫ୍ ଫସଲ ଅମଳବେଳେ ଅଭିଶପ୍ତ ଅକ୍ଟୋବରର ଅଜଣା ଭୟରେ ଚାଷୀ ଶଙ୍କାଗ୍ରସ୍ତ। କୁହାଯାଉଛି ମୋଟ ଚାଷୀମାନଙ୍କର ସତୁରିଭାଗ ଭାଗଚାଷୀ, ଯାହାଙ୍କ ନାଁରେ ଜମି ନାହିଁ, ଅର୍ଥାତ୍ ସରକାରୀ ନଥିରେ ସେମାନେ ଚାଷିଭାବେ ଗଣ୍ୟ ନୁହନ୍ତି। ଅତଏବ ପ୍ରାକୃତିକ ବିପର୍ଯ୍ୟୟ ପ୍ରପୀଡ଼ିତ ଚାଷୀଙ୍କୁ ସରକାର ଯାହା ଅନୁଦାନ ଦିଅନ୍ତି, ତାହା ଚାଲିଯାଏ ସହରରେ ବସିଥିବା ଜମିମାଲିକର ଜମାଖାତାକୁ। ତେଣୁ ସାମାଜିକ, ଅର୍ଥନୈତିକ ସ୍ତରରେ ବିପନ୍ନ ଏ ଚାଷୀ ପାଖରେ ଠିଆ ହେବାପାଇଁ କିଏ ଅଛି ? ସରକାର କିଛି ଋଣ ଛାଡ଼କରିଦେଲେ, ଏହି ଧୋବଧାବଳିଆ ଚାକିରିଆ, ଠିକାଦାର, ବ୍ୟବସାୟୀ ଗୋଷ୍ଠୀ ଚିତ୍କାର କରନ୍ତି; ଆଳୁ, ବାଇଗଣ, ଟମାଟୋ, କୋବି କିଲୋ ପିଛା କୋଡ଼ିଏ ଟଙ୍କାରୁ ଡେଇଁଗଲେ କ୍ଷୋଭ ପ୍ରକାଶ କରନ୍ତି। ଅନ୍ୟପକ୍ଷରେ ସରକାରୀ କର୍ମଚାରୀ ବର୍ଷକୁ ଦି'ଥର ଡିଅରନେସ୍ ଭତ୍ତା ବଢ଼ିବାର ସୁଯୋଗ ପାଆନ୍ତି। ବର୍ଷକୁ ବର୍ଷ ଦରମା ବଢ଼ିବା ସୁନିଶ୍ଚିତ। ଥରେ ରାଜ୍ୟ ବା ଦେଶର ଆଇନ ପ୍ରଣୟନ ସଂସ୍ଥାର କୋଠାକୁ ପଶିଗଲେ ଜୀବନସାରା ପେନସନ। କେନ୍ଦ୍ର ସରକାରଙ୍କ କର୍ମଚାରୀମାନଙ୍କ କଥା ଅଲଗା। ବିଭିନ୍ନ ବର୍ଗର କର୍ମଚାରୀମାନଙ୍କ ପାଇଁ ଦରମା ସହ କପଡ଼ା ଧୁଆ ଖର୍ଚ୍ଚ, ଔଷଧ ଖର୍ଚ୍ଚ, ପିଲାଙ୍କ ପାଠପଢ଼ା ଖର୍ଚ୍ଚ, ନିଜ ମୋଟର ଗାଡ଼ି ପାଇଁ ତେଲଖର୍ଚ୍ଚ, ଏପରି କି ସମ୍ବାଦପତ୍ର ଖର୍ଚ୍ଚ ବି ମିଳିଥାଏ। ଗ୍ରାମଞ୍ଚଳରେ ଅବସ୍ଥିତ ଆମ ରାଜ୍ୟ କଣିହାଁ ବ୍ଲକ ଅବସ୍ଥିତ କେନ୍ଦ୍ରୀୟ ତାପଜ ବିଦ୍ୟୁତ କର୍ମଚାରୀଙ୍କ ଉଦାହରଣ ନିଆଯାଉ। କରୋନାରେ ସାଧାରଣ ଚାଷୀଟିଏ

ଅସ୍ତବ୍ୟସ୍ତ ହେଉଥିବାବେଳେ ଏହାର ପ୍ରତ୍ୟେକ କର୍ମଚାରୀ ଲକ୍ଷ ଲକ୍ଷ ଟଙ୍କା ଦଶହରା ବୋନସ୍ ପାଇଛନ୍ତି। ଅଥଚ ସେ ଶିଳ୍ପ ଦ୍ୱାରା ପ୍ରଭାବିତ ସର୍ବହରା ଜମିମାଲିକ, ସେ ଅଞ୍ଚଳ ଭାଗଚାଷୀ, ଶିଳ୍ପ ପ୍ରଦୂଷିତ ଜଳବାୟୁରେ ପ୍ରପୀଡ଼ିତ ସେ ଅଞ୍ଚଳର ସାଧାରଣ ଚାଷୀ କେତେ ଟଙ୍କା ସେ ଶିଳ୍ପ ବା ସରକାରଙ୍କ ଠାରୁ ପାଇଥାଏ ? ସେ ଅନ୍ନଦାତାମାନେ ସେସବୁ ପାଇବାର ଯୋଗ୍ୟ ନା ନାହିଁ, ଏହା ଆଲୋଚ୍ୟର ପ୍ରସଙ୍ଗ, ତଥ୍ୟ ଅନୁସାରେ ୧୯୬୦ ମସିହାରେ କ୍ୱିଣ୍ଟାଲ ପିଛା ୭୬ଟଙ୍କାରେ ଗହମ ବିକ୍ରି କରୁଥିବା କୃଷକ ୨୦୧୫ ମସିହାରେ ତା'ର ବିକ୍ରି ମୂଲ୍ୟକୁ ୧୯ଗୁଣ ବଢ଼ାଇଥିବାବେଳେ, ସେ ଗାଁରେ ଚାକିରି କରିଥିବା ପ୍ରାଥମିକ ଶିକ୍ଷକର ଦରମା ୨୮୦ରୁ ୩୫୦ ଗୁଣ ବଢ଼ିଛି। ହାରାହାରି ଭାବେ ସବୁ ସରକାରୀ ଚାକିରିଆଙ୍କ ଦରମା ୧୨୦ରୁ ୧୫୦ଗୁଣ ବଢ଼ିଛି। ସମାଜର ଏ ଅସନ୍ତୁଳିତ ବ୍ୟବସ୍ଥା, ଆମର ଅନ୍ନଦାତାଙ୍କ ସାମାଜିକ ସ୍ଥିତିକୁ ବିପନ୍ନ କରୁନାହିଁ କି ?

ଗତ ନଭେମ୍ବର ମାସରୁ କେରଳ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ଫସଲଗୁଡ଼ିକ ବ୍ୟତୀତ ଷୋହଳଟି ଫଳ, ପନିପରିବା, ମସଲା ଜାତୀୟ ଫସଲରେ ସର୍ବନିମ୍ନ ସହାୟକ ମୂଲ୍ୟ ଦେବାକୁ ଘୋଷଣା କରିଛନ୍ତି। ଏହି ସର୍ବନିମ୍ନ ସହାୟକ ମୂଲ୍ୟ ଯାହା ଚାଷୀମାନଙ୍କର ମୁଖ୍ୟ ଉତ୍ପାଦକୁ ସହାୟତା ପ୍ରଦାନ କରୁଥିଲା, ତା'ର ସନ୍ଦିହାନ ସ୍ଥିତିକୁ ନେଇ କୃଷକମାନେ ଆଜି ରାଜରାସ୍ତାରେ। ସ୍ୱୟଂ କେନ୍ଦ୍ର କୃଷିମନ୍ତ୍ରୀଙ୍କ ଆଶ୍ୱାସନାରେ ମଧ୍ୟ ସେମାନେ ସନ୍ତୁଷ୍ଟ ହୋଇପାରିନାହାନ୍ତି। ମୁଖ୍ୟତଃ ଏହି ଧାନ, ଗହମ ଯାହାପାଇଁ ଏ ଆନ୍ଦୋଳନ ଚାଲିଛି, ଆମ କୃଷକମାନେ ତାକୁ ଉତ୍ପାଦନ କରି ସ୍ୱାଧୀନତା ପରର ପଚାଶ ନିୟୁତ ଟନ୍‌ରୁ ୨୯୫ ନିୟୁତ ଟନ୍‌କୁ ପହଞ୍ଚାଇଛନ୍ତି। ପୃଥିବୀରେ ଦ୍ୱିତୀୟ ସ୍ଥାନ ଅଧିକାର କରାଇଛନ୍ତି ଏହି ଦୁଇ ଫସଲ ଉତ୍ପାଦନରେ। ଏଥିରେ ଥିବା ବୀମାର ସୁବିଧା ସର୍ବନିମ୍ନ ସହାୟକ ମୂଲ୍ୟର ସୁବିଧା ଓ ସରକାରୀ ବିକ୍ରିବଟାର ପ୍ରୋତ୍ସାହନ ପାଇଁ ଚାଷୀ ଏ ଦୁଇ ଫସଲକୁ ଜାବୁଡ଼ି ଧରିଛନ୍ତି କିନ୍ତୁ ଉତ୍ପାଦନର ପ୍ରତ୍ୟେକ ସ୍ତରରେ ନିଜର ହକ୍ ପାଇଁ ଦାବି କରିବାକୁ ଯାଇ ଅମଳ ଋତୁରେ ଆମ ଅନ୍ନଦାତାର ଶୁଖିଲା ଅବସନ୍ନ ମୁହଁରେ ହସ ଫୁଟାଇବା ଆମ ଗଣତାନ୍ତ୍ରିକ ରାଷ୍ଟ୍ରର କର୍ତ୍ତବ୍ୟ ନୁହେଁ କି ? କରୋନା ମହାମାରୀ ବେଳେ ଦେଶର ଅର୍ଥନୀତିକୁ ସମ୍ଭାଳିଥିବା ଦେଶର ଏହି ୫୮ ପ୍ରତିଶତଙ୍କ ଅବସନ୍ନ ମୁହଁ ଆମକୁ ବିଚଳିତ କରୁନି। ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ। ଆମ ରାଜ୍ୟ ସରକାରଙ୍କର କାଳିଆ ଯୋଜନା ହେଉ ବା କେନ୍ଦ୍ର ସରକାରଙ୍କର ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ଯୋଜନାର କେତେ ହଜାର ଟଙ୍କା କ'ଣ ଆମ ଅନ୍ନଦାତାଙ୍କ ବିଷଣ୍ଣ ମୁହଁରେ ସବୁଦିନ ହସ ଫୁଟାଇପାରିବ, ଏହା ଚିନ୍ତା କରିବାର ସମୟ ଆସିଛି।

୦୬.୦୬.୨୦୨୧

# ତେଲ ତାଉ କାହିଁକି

ପେଟ୍ରୋଲ, ଡିଜେଲ ଚଢ଼ା ଦର ସାଙ୍ଗକୁ ଗତ ଛ' ମାସରେ ଭାରତୀୟ ଖାଉଟି ବଜାରରେ ଖାଇବା ତେଲ ଅହେତୁକ ଦରବୃଦ୍ଧି ସାଧାରଣ ଜନତାଙ୍କ ଅର୍ଥନୈତିକ ସ୍ଥିତି ଉପରେ ପ୍ରଭାବ ପକାଇଛି। ସଂସଦର ଅଧିବେଶନରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ୍ ଖାଇବା ତେଲର ଦରବୃଦ୍ଧିକୁ ଆନ୍ତର୍ଜାତିକ ବଜାର ତୁଳନାରେ କମ୍ ବୋଲି ଦର୍ଶାଇଥିବାବେଳେ ପ୍ରକୃତ ପକ୍ଷେ ଏହାର ପ୍ରଚ୍ଛଦପଟରେ ଥିବା ବିଭିନ୍ନ କାରଣକୁ ନେଇ ବିଭିନ୍ନ ସ୍ତରରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପୃଥିବୀରେ ମୁଖ୍ୟ ଖାଇବାତେଲ ଆମଦାନୀ ରାଷ୍ଟ୍ରଭାବେ ଆମ ଦେଶ ମୋଟ ଘରୋଇ ଚାହିଦାର ପ୍ରାୟ ଷାଠିଏରୁ ସତୁରି ପ୍ରତିଶତ ବିଦେଶରୁ ଆମଦାନୀ କରିଥାଏ। ଦେଶର ଖାଇବା ତେଲର ଆବଶ୍ୟକତା ଛବିଶ ନିୟୁତ ଟନ ଥିବାବେଳ ଆମେ ମାତ୍ର ଆଠ ନିୟୁତ ଟନ୍ ଖାଇବାତେଲ ଉତ୍ପାଦନ କରିଥାଉ। ଗତ ୨୦୦୯ ଆର୍ଥିକ ବର୍ଷରେ ଭାରତ ପ୍ରାୟ ପନ୍ଦର ନିୟୁତ ଟନ୍ ତେଲ ଆମଦାନୀ କରିଛି ଯାହାର ମୂଲ୍ୟ ଆନ୍ତର୍ଜାତିକ ବଜାରରେ ୭୩୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅତଏବ ଭାରତ ପରି ବିଶାଳ ରାଷ୍ଟ୍ରର ବହୁଳ ଜନସଂଖ୍ୟା, ପ୍ରଚୁର ଚାଷ ଜମି, ବିବିଧ ଜଳବାୟୁ ବିଦେଶକୁ ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ କରିପାରୁନି, ଏହା ଆମର କୃଷି ସଂଲଗ୍ନ ଯୋଜନାଗୁଡିକରେ ଥିବା ଅଦୃଶ୍ୟ ଫାଙ୍କାଗୁଡିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଭାରତରେ ୨୬ ନିୟୁତ ହେକ୍ଟର ଜମିରେ ତୈଳବୀଜ ଫସଲ ଚାଷ କରାଯାଏ। ସେଥିମଧ୍ୟରୁ ପାଖାପାଖି ପ୍ରାୟ ଅଶୀ ପ୍ରତିଶତରେ ସୋୟାବିନ୍, ଚିନାବାଦାମ ଓ ସୋରିଷ ଚାଷ ହୁଏ। ଅବଶିଷ୍ଟ ଜମିରେ ସୂର୍ଯ୍ୟମୁଖୀ, ରାଶି, ଅଳସୀ, ପେଶୀ, ଜଡା ଆଦି ଚାଷ କରାଯାଏ। ମଞ୍ଜିରୁ ତୈଳ ଉତ୍ପାଦନର ହାରକୁ ୨୮ ପ୍ରତିଶତ ନେଇ ହିସାବ କଲେ ଆମର ଉତ୍ପାଦିତ ୮୪ ନିୟୁତ ଟନ୍ ଖାଇବାତେଲ ମୋଟ ଆବଶ୍ୟକତାର ମାତ୍ର ତିରିଶି ପ୍ରତିଶତ ଅଟେ। ଅତଏବ ଅବଶିଷ୍ଟ ସତୁରି ପ୍ରତିଶତ ତେଲକୁ ଭାରତ ବିଦେଶ ମାଟିରୁ କିଣିବାକୁ ବାଧ୍ୟ ହୁଏ। ଏହି ଆମଦାନୀ ତେଲର ମୂଲ୍ୟ ମୋଟ କୃଷିଜାତ ଦ୍ରବ୍ୟ ଆମଦାନୀର ତିନି ପ୍ରତିଶତ ତଥା ଦେଶର ସର୍ବମୋଟ ଆମଦାନୀର ତିନି ପ୍ରତିଶତ ଅଟେ। ତେଣୁ ଖାଇବା ତେଲ ଉତ୍ପାଦନକୁ ଆବଶ୍ୟକୀୟ ପ୍ରମାଣ ଦେଇଥାଏ।

ଆମ ଦେଶରେ ମୋଟ ଆମଦାନୀ ତେଲର ୬୨ ପ୍ରତିଶତ ପାମୋଲିନ୍ ତେଲ, ୨୧ ପ୍ରତିଶତ ସୋୟାବିନ୍ ତେଲ ଓ ୧୬ ପ୍ରତିଶତ ସୂର୍ଯ୍ୟମୂଖି ତେଲ ହୋଇଥାଏ। ଅପେକ୍ଷାକୃତ ଶସ୍ତା ପାମୋଲିନ୍ ତେଲ ମାଲେସିଆ, ଇଣ୍ଡୋନେସିୟାରୁ ଆସୁଥିବାବେଳେ ସୋୟାବିନ୍ ବ୍ରାଜିଲ୍, ଆର୍ଜେଣ୍ଟିନା ଓ ସୂର୍ଯ୍ୟମୁଖୀ ୟୁକ୍ରେନ୍ ତଥା ରୁଷିଆରୁ ଆସିଥାଏ। ତେଣୁ ଭାରତୀୟ ରୋଷେଇଶାଳର ବାସନା ତଥା ବ୍ୟଞ୍ଜନର ସ୍ୱାଦ ଯେ ବିଦେଶୀ ବଜାରଦ୍ୱାରା ପରିଚାଳିତ ହୁଏ, ଏହା କହିବା ଭୂଲ ନୁହେଁ। ଖାଇବାତେଲର ଚାହିଦା ମେଣ୍ଟାଇବାକୁ ୧୯୮୬ ମସିହାରେଦେଶରେ ତୈଳବୀଜ ମିଶନ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆଇସୋପମ୍ ଯୋଜନାରେ ଦେଶର ଚଉଦଟି ପ୍ରମୁଖ ତୈଳ ଉତ୍ପାଦନକାରୀ ରାଜ୍ୟ ସାମିଲ ହୋଇଥିଲେ ମଧ୍ୟ ଉତ୍ପାଦକତାରେ ଭାରତ ବିଶ୍ୱ ହାରଠାରୁ ବହୁ ପଛରେ। ସେଥିପାଇଁ ୨୦୧୮-୧୯ ମସିହାରୁ ଜାତୀୟ ଖାଦ୍ୟ ନିରାପତ୍ତା ମିଶନରେ ତୈଳବୀଜ ଓ ପାମ୍ଅଏଲ୍ ଚାଷକୁ ଗୁରୁତ୍ୱ ଦିଆଯାଉଛି। ଚାଷୀକୁ ତୈଳବୀଜ ଚାଷକୁ ଆକୃଷ୍ଟ କରି ଗତ ଦଶନ୍ଧି (୨୦୧୦-୨୦୨୦)ମଧ୍ୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୦୦୦ ଟଙ୍କାରୁ ୧୮୬୮ ଟଙ୍କାକୁ ବୃଦ୍ଧି କରାଯାଇଥିଲାବେଳେ ସୋରିଷ ମୂଲ୍ୟ ୧୮୫୦ରୁ ୪୬୫୦ ଟଙ୍କା ଚିନାବାଦାମ ମଞ୍ଜିର ମୂଲ୍ୟ ୨୩୦୦ ଟଙ୍କାରୁ ୫୨୭୫ ଟଙ୍କା, ସୋୟାବିନ୍ ୧୪୦୦ ଟଙ୍କାରୁ ୩୭୧୦ ଟଙ୍କା ତଥା ରାଶିର ମୂଲ୍ୟ ୨୨୦୦ ଟଙ୍କାରୁ ୬୮୫୫ ଟଙ୍କାକୁ ବୃଦ୍ଧି କରାଯାଇଛି। ତଥାପି ଆବଶ୍ୟକୀୟ ଭିତ୍ତିଭୂମି, ସୁଦୃଢ଼ ବଜାର ବ୍ୟବସ୍ଥା, ପ୍ରକ୍ରିୟାକରଣର ଅଭାବ, ଜଳବାୟୁ ଉପଯୋଗୀ ଉନ୍ନତ କିସମର ଅଭାବ ପାଇଁ ତୈଳବୀଜ ଏକ ଗୌଣ ଫସଲ ଭାବେ ଭାରତରେ ବିବେଚିତ ହେଉଅଛି। ମୋଟ ତୈଳବୀଜ ଉତ୍ପାଦନର ୭୨ ପ୍ରତିଶତ ଅଣଜଳସେଚିତ ବୃଷ୍ଟିପୁଷ୍ଟ ଅଞ୍ଚଳରେ ଚାଷ କରାଯାଇଥିବାରୁ ଉତ୍ପାଦକତା ବହୁତ କମ୍ ରହୁଛି।

ଏହି କ୍ରମରେ ଆମ ଓଡ଼ିଶା କଥା ଚିନ୍ତା କରାଯାଉ। ନିକଟରେ ଓଡିଶା ବିଧାନ ସଭାରେ ଖାଇବା ତେଲର ବର୍ଦ୍ଧିତ ଦରକୁ ନେଇ ଚିନ୍ତାପ୍ରକଟ କରାଯାଇଛି। ଯଦିଓ ବିଭିନ୍ନ ଟିକସ ପ୍ରଣୟନ ଓ ଡିଜେଲ ଦର ବୃଦ୍ଧି, ତୈଳ ଦରକୁ ପ୍ରଭାବିତ କରିଛି, ତଥାପି ଆମ ରାଜ୍ୟ ଖାଇବାତେଲର ଉତ୍ପାଦନର ସ୍ୱାବଲମ୍ବତାର ସୀମାଠାରୁ ବହୁ ପଛରେ ରହିଛି। ଆମ ରାଜ୍ୟରେ ୫.୯ ଲକ୍ଷ ହେକ୍ଟର ଜମିରେ ତୈଳବୀଜ ଫସଲ ଚାଷ କରାଯାଉଥିଲାବେଳେ ଏହାର ଏକ ତୃତୀୟାଂଶ ଅର୍ଥାତ ପ୍ରାୟ ୨ଲକ୍ଷ ହେକ୍ଟର ଜମିରେ କେବଳ ରାଶି ଚାଷ କରାଯାଉଛି। ଏହା ପଛକୁ ଚିନାବାଦାମ (୧୯୨ ଲକ୍ଷ ହେ) ଓ ସୋରିଷ (୧୦୨ ଲକ୍ଷ ହେ) ଚାଷ କରାଯାଉଛି। ସୂର୍ଯ୍ୟମୁଖୀ, ପେଶୀ, ଅଳସୀ, ଜଡା ଚାଷ ଜମିର ପରିସୀମା ନଗଣ୍ୟ। ସେହି କ୍ରମରେ ରାଜ୍ୟର ଉତ୍ପାଦନ ତଥା ସ୍ଥାନୀୟ ବଜାର ମଧ୍ୟ ନିୟନ୍ତ୍ରିତ ହୋଇଥାଏ। ରାଜ୍ୟ ଅର୍ଥନୈତିକ ସର୍ଭେର ତଥ୍ୟ ଅନୁସାରେ ଓଡିଶାରେ ତୈଳବୀଜ

ଫସଲ କ୍ଷେତ ୨୦୧୪-୧୫ ମସିହାରେ ମୋଟ ଚାଷଜମିର ୮.୨୩ ପ୍ରତିଶତ ଥିବାବେଳେ ୨୦୧୮-୧୯ରେ ଏହା ୭.୫୫ ପ୍ରତିଶତକୁ ଖସିଆସିଛି। ସେହି ସମୟରେ ଧାନ ପରବର୍ତ୍ତୀ ଫାଙ୍କା ଜମି ପରିମାଣ ୯.୧୩ ଲକ୍ଷ ହେକ୍ଟରରୁ ୧୦.୭୭ ଲକ୍ଷ ହେକ୍ଟର ବଢ଼ିଛି। ୨୦୦୫-୦୬ ରୁ ୨୦୧୭-୧୮ ଦଶନ୍ଧି ମଧ୍ୟରେ ଫସଲ ସାନ୍ଦ୍ରତା ୧୫୭ରୁ ୧୫୧ ପ୍ରତିଶତ କମିଛି। କହିବା ବାହୁଲ୍ୟ ପ୍ରତିବର୍ଷ ଖାଇବା ତେଲର ଚାହିଦା ବଢୁଥିବାବେଳେ ତୈଳବୀଜ ଫସଲ ଚାଷ କ୍ଷେତର ଆକାର କମିକମି ଯାଉଛି। ଦଶଟି ଭିନ୍ନ ଜଳବାୟୁ ମଣ୍ଡଳ ଥିବା ଓଡିଶାରେ ଏପରି ସ୍ଥିତି ବୁଦ୍ଧିଜୀବୀ, ବିଶେଷଜ୍ଞମାନଙ୍କୁ ଆଚମ୍ଭିତ କରୁଅଛି। କେନ୍ଦୁଝର, କୋରାପୁଟ୍, ଫୁଲବାଣୀ ଭଳି ଜିଲ୍ଲାର ପାହାଡିଆ ଅଞ୍ଚଳର ନିପାଣିଆ ସୋରିଷହେଉ ବା ଉପକୂଳବର୍ତ୍ତୀ ଜିଲ୍ଲାର ଜଳସେଚିତ ସୋରିଷ ହେଉ, କେଉଁଝର, କୋରାପୁଟ ଜିଲ୍ଲା ପାହାଡିଆ ଢାଲୁର ଅଳସୀ ହେଉ ବା ମୟୁରଭଞ୍ଜ, କେନ୍ଦୁଝରର ପେଶୀ ଚାଷ ହେଉ କଳାହାଣ୍ଡି ଜିଲ୍ଲାର ସୂର୍ଯ୍ୟମୁଖୀ ବା କପା ହେଉ ଅଥବା ସାରା ଓଡିଶାର ରାଶି ବା ଚିନାବାଦାମ ଫସଲ ହେଉ, ସବୁସ୍ଥାନରେ ଏହି ଅର୍ଥକାରୀ ଫସଲର ପରିସୀମା ଓ ଉତ୍ପାଦିକତା ବଢାଇବାପାଇଁ ଦୀର୍ଘସୂତ୍ରୀ ତଥା ତ୍ୱରିତ ପଦକ୍ଷେପର ଆବଶ୍ୟକତା ରହିଛି। ଓଡିଶା, ଯାହାର ସତୁରି ପ୍ରତିଶତ ଜନତା ଏବେ ବି କୃଷି ଉପରେ ନିର୍ଭରଶୀଳ, ଛପନ ଲକ୍ଷ କୃଷି ପରିବାର କାଳିଆ ଯୋଜନାଦ୍ୱାରା ବ୍ୟାଙ୍କ ମାଧ୍ୟମରେ ସିଧାସଳଖ ସରକାରଙ୍କ ଆର୍ଥିକ ସୁବିଧା ପାଇପାରୁଛନ୍ତି, ସେମାନଙ୍କ ପାଇଁ ଉପଯୁକ୍ତ ଅଧିକ ଅମଳକ୍ଷମ ଜଳବାୟୁ ସମ୍ବେଦନଶୀଳ କିସମ, ପ୍ରକ୍ରିୟାକରଣ ପାଇଁ ଗାଁଗାଁରେ କ୍ଷୁଦ୍ର ତେଲ ମିଲ୍ ଓ ଦୃଢ଼ ତଥା ସରଳୀକରଣ ବଜାର ବ୍ୟବସ୍ଥା ଓ ଉପଯୁକ୍ତ ଭିତ୍ତିଭୂମିର ବ୍ୟାବସ୍ଥା କରାଗଲେ ଓଡିଶା ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ ହେବାସହ ସ୍ଥାନୀୟ ବଜାର ଦର ନିୟନ୍ତ୍ରଣ କରିପାରିବ, ଏଥିରେ ଅନ୍ୟଥା ନାହିଁ। ଆତ୍ମନିର୍ଭର ଭାରତ ତଥା ଏକ ସୁସ୍ଥ, ସମୃଦ୍ଧ, ସ୍ୱାବଲମ୍ବୀ ଓଡିଶା ଗଠନରେ ତୈଳବୀଜ ଫସଲ ଚାଷ ପାଇଁ ଏକ ଉପଯୁକ୍ତ ଯୋଜନା ଓ ତା'ର ଠିକ୍ କାର୍ଯ୍ୟାନ୍ୱୟନ ଫଳବତୀ ସାବ୍ୟସ୍ତ ହେବ।

ତା ୦୫.୦୪.୨୦୨୧

# ମହାମାରୀର ମହାଯୋଦ୍ଧା: ଆମ କୃଷକ

ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ତଥ୍ୟ ଅନୁସାରେ ବର୍ତ୍ତମାନ ସାରା ବିଶ୍ୱ ଗତ ଶହେ ବର୍ଷର ସବୁଠାରୁ ଭୟଙ୍କର ଅର୍ଥନୈତିକ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି। ଏହାଦ୍ୱାରା ୧୭୦ଟି ରାଷ୍ଟ୍ରର ସାଧାରଣ ନାଗରିକମାନଙ୍କ ମୁଣ୍ଡପିଛା ଆୟ ପ୍ରଭାବିତ ହେବ ବୋଲି ଏହି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଡ. ଜେରୋଗିରା ପ୍ରକାଶ କରିଛନ୍ତି। ଆମ ଦେଶରେ ଜାତୀୟ ପରିସଂଖ୍ୟାନ ସଂସ୍ଥାର ସଦ୍ୟତମ ତ୍ରୟମାସିକ (ଏପ୍ରିଲ୍-ଜୁନ୍)ରିପୋର୍ଟ ଅନୁସାରେ ଦେଶର ଅର୍ଥନୀତି ହାର ଏହି ସମୟ ମଧ୍ୟରେ ୨୩.୯% ତଳକୁ ଖସିଛି। ଦେଶର ନିର୍ମାଣ କ୍ଷେତ୍ରରେ ୫୦.୩%, ହୋଟେଲ ଯୋଗାଯୋଗ ପରିବହନ ୪୭%, ଉତ୍ପାଦନ ୨୯.୩% ହ୍ରାସ ପାଇଛି। ଏହା ଦେଶର ଅର୍ଥଶାସ୍ତ୍ରୀ, ଯୋଜନା ପ୍ରଣୟନକାରୀ, ବିତ୍ତୀୟ ଅନୁଷ୍ଠାନଠାରୁ ଆରମ୍ଭ କରି ରାଜନେତା ତଥା ସବୁ ଗଣମାଧ୍ୟମର ଆଲୋଚ୍ୟର ପ୍ରସଙ୍ଗ ହୋଇଛି। ଗତ ମାର୍ଚ୍ଚ୨୪ ତାରିଖରୁ ଆରମ୍ଭ ଲକ୍‌ଡାଇନ୍, ସଟ୍‌ଡାଇନ ପ୍ରକ୍ରିୟା ଯୋଗୁଁ ବୃହତ ଶିଳ୍ପ ଅନୁଷ୍ଠାନଠାରୁ କ୍ଷୁଦ୍ର ଖୁଚୁରା ବ୍ୟବସାୟୀ, ତୀର୍ଥସ୍ଥଳୀ, ସଭାସମିତି, ଗମନାଗମନ ସବୁ ବନ୍ଦ ହୋଇଯିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି।

ଲଗ୍‌ଡାଉନ୍ ପରବର୍ତ୍ତୀ ଅବସ୍ଥାରେ ଦେଶର ବିଭିନ୍ନ କୋଣରେ ଅସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଲକ୍ଷଲକ୍ଷ ଶ୍ରମିକମାନଙ୍କ ସ୍ୱଗୃହ ପ୍ରତ୍ୟାବର୍ତ୍ତନ, ଦେଶର ଅର୍ଥନୈତିକ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରାଇଛି। ଏସବୁ ସହିତ ସରକାରଙ୍କର କରୋନା ମହାମାରୀ ପ୍ରତି ଗୁରୁତ୍ୱ ଦେଇ ଅର୍ଥନୈତିକ କାର୍ଯ୍ୟକ୍ରମ ପ୍ରତି ଉଦାସୀନତା ପରିସ୍ଥିତିକୁ ଆହୁରି ଜଟିଳ କରାଇଛି। ଏଠାରେ ପ୍ରଣିଧାନଯୋଗ୍ୟ ଯେ ଦେଶର ଘରୋଇ ଉତ୍ପାଦକୁ ସିଂହଭାଗ ପ୍ରଦାନ କରୁଥିବା ସେବା (୫୩.୩୩%), ଶିଳ୍ପ (୨୪.୮୮%) କ୍ଷେତ୍ରର ଏପରି ଅବସ୍ଥା ଦେଖି ଆମ ଅର୍ଥନୀତିର ଅଭିବୃଦ୍ଧି ହାର ଗତ ପଞ୍ଚଦଶନ୍ଧିର ସର୍ବନିମ୍ନକୁ ଖସିଯିବ ବୋଲି ଖୋଦ୍ ରିଜର୍ଭ ବ୍ୟାଙ୍କ ଅନୁମାନ କଲାଣି।

ଏହାକୁ ପ୍ରତିହତ କରିବାକୁ ସରକାରଙ୍କ ସୁଧହାର ଯୋଜନା, ଆତ୍ମନିର୍ଭରଶୀଳ ଭାରତ, ମେକ୍ ଇନ୍ ଇଣ୍ଡିଆ ଯେ ଯଥେଷ୍ଟ ହୋଇପାରୁନାହିଁ, ଆମେ ଅନୁଭବ କଲେଣି।

ଜାତୀୟ ଅର୍ଥନୀତିର ଏପରି ଦୁର୍ଦ୍ଦିନ ସମୟରେ କେବଳ ଆମ କୃଷିକ୍ଷେତ୍ର ହିଁ ଆମ ପାଇଁ ସମ୍ଭାବନାର ଆଲୋକ ଦେଖାଇଛି। କହିବା ବାହୁଲ୍ୟ, ସବୁ ଘାତପ୍ରତିଘାତ ସହି, ଅର୍ଥନୀତିର ସର୍ବନିମ୍ନ ସ୍ଥାନରେ ରହି, ଖଟିଖିଆ ମଜୁରିଆ ଗାଉଁଲି ଲୋକଙ୍କ ପେସା ଭାବେ ପରିଚିତ କୃଷିକ୍ଷେତ୍ର ଦେଶର ଏକମାତ୍ର ନିର୍ଭରଯୋଗ୍ୟ ଅର୍ଥନୈତିକ ଶକ୍ତି କେନ୍ଦ୍ର ବୋଲି ବିବେଚିତ ହୋଇଛି। ଦେଶର ସମୁଦାୟ ମାନବ ସମ୍ବଳର ୫୮% ଜୀବନଜୀବିକା ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଏହି କ୍ଷେତ୍ରକୁ ହିଁ କେବଳ ମହାମାରୀ ବିଶେଷ ପ୍ରଭାବିତ କରିପାରି ନାହିଁ। ଏହାର ଅର୍ଥ ନୁହେଁ ଯେ ଏହାକୁ ପୃଷ୍ଠପୋଷକତା କରୁଥିବା ଦେଶର ୧୪.୫ କୋଟି ପରିବାର ଏଥିରେ କ୍ଷତିଗ୍ରସ୍ତ ହୋଇନାହାନ୍ତି; ସେମାନେ ମଧ୍ୟ ଜୁଲମର ଶିକାର ହୋଇଛନ୍ତି। ନିଜ ଉତ୍ପାଦିତ ଦ୍ରବ୍ୟକୁ ଲକ୍‌ଡାଉନ ବେଳେ ଜମିରେ ନଷ୍ଟ ହେବାର ଦେଖି ଦୁଃଖିତ ହୋଇଛନ୍ତି। ଶହଶହ ଏକର ପନିପରିବା, ତରଭୁଜ, ପାଚିଲା କଦଳୀ ବଜାରକୁ ନ ଯାଇପାରି ସଡ଼ିବାର ଦୃଶ୍ୟ ବିଭିନ୍ନ ଗଣମାଧ୍ୟମର ଶିରୋନାମା ପାଲଟିଛି; କିନ୍ତୁ ଦେଶର ୧୩୦ କୋଟି ଜନତାଙ୍କୁ ଖାଦ୍ୟାଭାବର ଅଭିଯୋଗ କରିବାକୁ ସୁଯୋଗ ଦେଇନାହାନ୍ତି। କୌଣସି ସ୍ଥାନରେ ଖାଉଟିମାନଙ୍କ ଦରବୃଦ୍ଧି ପ୍ରତିବାଦର ସ୍ୱର ଶୁଭିନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା କେବଳ କୃଷି ଅଭିବୃଦ୍ଧି ହାର ୩% ବଢ଼ିନାହିଁ, ବରଂ ଏହି ଲକ୍‌ଡାଉନ ସମୟରେ ରବି ଫସଲର ରେକର୍ଡ ଅମଳ ପାଇଁ ଦେଶର ମୋଟ ଖାଦ୍ୟଶସ୍ୟ ଉତ୍ପାଦନ ୨୯୦ ନିୟୁତ ଟନ୍ ଓ ଉଦ୍ୟାନ ଫସଲ ୩୨୦ ନିୟୁତ ମେଟ୍ରିକ୍ ଟନ୍ ଅତିକ୍ରମ କରିଛି।

ପରବର୍ତ୍ତୀ ଅବସ୍ଥାରେ ଦେଶରେ ମହାମାରୀ ହୁ ହୁ ହୋଇ ବଢ଼ିଚାଲିଥିଲା ବେଳେ ବି ଚାଷୀ ଖରିଫ ଋତୁରେ ଗତବର୍ଷଠାରୁ ଅଧିକ ସାତ ପ୍ରତିଶତ ଜମିରେ ଚାଷ କାମ କରିଛନ୍ତି। ଏହା କେବଳ ଧାନ ପରି ମୁଖ୍ୟ ଖାଦ୍ୟଶସ୍ୟ (୧୦%)ରେ ସୀମିତ ନୁହେଁ ବରଂ ଡାଲି ଜାତୀୟ ଫସଲ ୫%, ତୈଳବୀଜ ୧୩%ରେ ମଧ୍ୟ ଉତ୍ପାଦନ ବଢ଼ିଛି। କରୋନାକୁ ପ୍ରତିହତ କରିବାକୁ ସଂଯମତା ରକ୍ଷାକରି ସବୁ ଭାରତୀୟଙ୍କ ପାଇଁ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରାଇବାକୁ ଅଣ୍ଟାଭିଡ଼ିଛି ଭାରତୀୟ ଚାଷୀ। ସେଥିପାଇଁ ଦେଶର ଖର୍ଚ୍ଚ ମହାମାରୀ ବେଳେ ୨୬.୭ ପ୍ରତିଶତ କମିଥିବାବେଳେ କେବଳ ଜୁଲାଇ ମାସରେ ଟ୍ରାକ୍ଟର ବିକ୍ରି ୩୮.୫ ପ୍ରତିଶତ ବଢ଼ିଛି। ଏହା ଚାଷୀର ଦୃଢ଼ ମନୋବଳ ଓ ଅଦମ୍ୟ ସାହସକୁ ଇଙ୍ଗିତ କରୁଛି। କହିବା ବାହୁଲ୍ୟ, ୨୦୦୮ ମସିହାର ବିଶ୍ୱ ଅର୍ଥନୀତିର ମାନ୍ଦାବସ୍ଥାକୁ ଭାରତରେ ଏହି କୃଷକ ସଂପ୍ରଦାୟ ସମ୍ଭାଳି ଥିଲେ। ତାଙ୍କର ପ୍ରଚେଷ୍ଟାରୁ ବିଶ୍ୱର

ଦ୍ୱିତୀୟ ବୃହତମ ଜନସଂଖ୍ୟା ବିଶିଷ୍ଟ ଏହି ରାଷ୍ଟ୍ର ଡାଲି, ଦୁଗ୍ଧ, ଅଦା, ଆମ୍ବ, କଦଳୀ, ଅମୃତଭଣ୍ଡା ଉତ୍ପାଦନରେ ପୃଥିବୀରେ ପ୍ରଥମ ଏବଂ ଧାନ, ଗହମ, ଆଖୁ, ପନିପରିବା, ଆଳୁ, ପିଆଜ, ଚିନାବାଦାମ, ଫଳ ଉତ୍ପାଦନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ସର୍ବବୃହତ ପଶୁ ସଂପଦର ଅଧିକାରୀ ଭାରତୀୟ ଚାଷୀ ହୋଇଥିବା ବେଳେ ମାଛ, ମାଂସ, ଅଣ୍ଡା ଉତ୍ପାଦନରେ ବି ସେମାନେ ନିଜ କୃତିତ୍ୱ ପ୍ରଦର୍ଶନ କରିଛନ୍ତି। ୫୮% ଭାରତୀୟ ଦେଶର ସମଗ୍ର ଘରୋଇ ଉତ୍ପାଦକୁ ୧୬% ପ୍ରଦାନ କରୁଥିଲେ ବି ବାର୍ଷିକ ୩୮.୫୪ ବିଲିୟନ ଆମେରିକୀୟ ଡଲାରର କୃଷିଜାତ ଦ୍ରବ୍ୟ ରପ୍ତାନି କରି ଦେଶର ବୈଦେଶିକ ମୁଦ୍ରା ପାଣିକୁ ସଶକ୍ତ କରିବାରେ ସାହାଯ୍ୟ କରୁଛନ୍ତି। ସୁତରାଂ ଦେଶର ଅଗଣିତ ସ୍ୱାସ୍ଥ୍ୟ କର୍ମଚାରୀ, ପୁଲିସ ନିଜ ଜୀବନକୁ ବାଜିଲଗାଇ କରୋନା ସହ ଲଢ଼େଇ କରି ଯୋଦ୍ଧାର ସମ୍ମାନ ପାଉଥିଲାବେଳେ ଏହା ପ୍ରଚ୍ଛଦପଟ ନିରବ ନାୟକଙ୍କୁ ସମାଜ ଏତେ ହତାଦର କରେ କାହିଁକି ? ସାରା ବିଶ୍ୱ ଏ ମହାମାରୀରେ ଘାଣ୍ଟି ହେଉଥିବାବେଳେ, ଆନ୍ତର୍ଜାତିକ ଗମନାଗମନ ବନ୍ଦ ହୋଇଥିବାବେଳେ ଯଦି ଆମେ ଖାଦ୍ୟଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇ ନଥାନ୍ତେ, କ'ଣ ହୋଇଥାନ୍ତା ଆମର। ଜୁଲାଇ ମାସର ବୃଷ୍ଟିହୀନତା, ଅଗଷ୍ଟ ମାସର ବନ୍ୟା, ଅଭିଶପ୍ତ ଅକ୍ଟୋବରର ସମ୍ଭାବ୍ୟ ମହାବାତ୍ୟାକୁ ଭ୍ରୂକ୍ଷେପ ନକରି ଯେଉଁ ଓଡ଼ିଆ ଗରିବ ଚାଷୀ ଆପଣଙ୍କୁ ଖାଦ୍ୟ ଯୋଗାଇଛି, ସେ ଯଦି ଯୋଦ୍ଧା ପଦବାଚ୍ୟ ନହୁଏ ତେବେ ହେବ କିଏ ? ଗାଁ ଗହଳରେ କରୋନା ସଂକ୍ରମଣକୁ ଭୟ କରି ଯଦି ଚାଷୀ ଘରୁ ନ ବାହାରେ, ଆପଣ ବଞ୍ଚିବେ ତ ? ତେଣୁ କରୋନା ମହାମାରୀ ବିପକ୍ଷରେ ମହାଯୋଦ୍ଧା ହେଉଛି ଆମ ଚାଷୀ। ସେମାନେ ଆମ ଅର୍ଥନୀତିର ଜ୍ୱଳନ୍ତ ପ୍ରଦୀପ। ସେମାନଙ୍କର ଉନ୍ନତି ହେଲେ ଦେଶର ଉନ୍ନତି। ଏହାକୁ ସ୍ୱୀକାର କରିବାକୁ ପଡ଼ିବ।

କେନ୍ଦ୍ର ଓ ରାଜ୍ୟ ସରକାର କୃଷକ ପରିବାର ପାଇଁ ଯୋଜନା ପରେ ଯୋଜନା କରି ଚାଲିଛନ୍ତି। କେନ୍ଦ୍ର ସରକାର ଇତିମଧ୍ୟରେ ଏକଲକ୍ଷ କୋଟି ଟଙ୍କାର କୃଷି ଭିତ୍ତିଭୂମି ଯୋଜନା ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ କୃଷି ସମ୍ମାନ ହେଉ ବା ଆମ ରାଜ୍ୟର କାଳିଆ, ବଳରାମ ଯୋଜନା ହେଉ ଏତିକି କ'ଣ ଯଥେଷ୍ଟ ଗୋଟିଏ କୃଷକ ପରିବାର ପାଇଁ ? ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କ'ଣ ବାନ୍ଧିପାରିବ କୃଷକ ପରିବାରର ପଢୁଆ ପୁଅକୁ ଚାଷ ଜମିରେ। ଯଦି ଏ ସବୁରେ କୃଷକ ଖୁସି ଥାଆନ୍ତା, ତା' ପୁଅକୁ ସେ ପୁଣି ପ୍ରବାସୀ ଶ୍ରମିକ ହେବାକୁ ପଠାନ୍ତା ନାହିଁ ଦୂର ପ୍ରଦେଶକୁ। ଚାଷୀ ଚାହେଁ ତା' ସବୁ ଫସଲ ପାଇଁ ବୀମା, ସବୁ ଜମିକୁ ଜଳ, ସବୁ ଉତ୍ପାଦକୁ ମୂଲ୍ୟ। ସମସ୍ତଙ୍କ ମୁହଁକୁ ଖାଦ୍ୟ ଯୋଗାଉଥିବା ଯୋଦ୍ଧାମାନଙ୍କର ଏତିକି ଦାବି କ'ଣ ନ୍ୟାୟ

ସଙ୍ଗତ ନୁହେଁ ? ଘରର ରୋଜଗାରିଆ ପୁଅ ଅଣକୃଷି କାମରେ ଲାଗିଲେ ଋଷର ଡୋରି ଧରେ ତା' ଘରଣୀ । ତା ନାଁରେ ନଥାଏ ଜମି ନା ତା' ପାଇଁ ଥାଏ ସରକାରୀ ସୁବିଧା । ତା' ନାଁରେ 'ସୁଭଦ୍ରା' ଯୋଜନାରେ ଜମି ପଟ୍ଟା କରି ତାକୁ ମାଲିକାଣୀ ଆଖ୍ୟା ଦେବାରେ ଅସୁବିଧା କେଉଁଠି ? ସହରୀ ବାବୁମାନଙ୍କ ପୈତୃକ ଜମିକୁ ପୁରୁଷ ପୁରୁଷ ଧରି ଚାଷ କରି ଶୋଷିତ ହେଉଥିବା ଭାଗଋଷୀକୁ ତା' ମାଟି ଫେରାଇ ଦେବାରେ ସରକାର ଶକ୍ତ 'ସୁଦର୍ଶନ' ଯୋଜନା ପ୍ରଣୟନ କରି ସେମାନଙ୍କୁ ସମ୍ମାନିତ କରିବାରେ କାର୍ପଣ୍ୟ କାହିଁକି ?

ଏବେ ସଠିକ୍ ସମୟ ଉପନୀତ । ସେମାନଙ୍କ ଉତ୍ପାଦିତ ଖାଦ୍ୟ ଖାଇ ଆପଣ କରୋନା ମହାମାରୀକୁ ପ୍ରତିରୋଧ କରୁଛନ୍ତି, ତେଣୁ ତାଙ୍କୁ ସମାଜ ସମ୍ମାନିତ କରୁ, ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେଉ ଏକା ହିଁ ଏହି ମହାଯୋଦ୍ଧାମାନଙ୍କ ଋଣ ଶୁଝିବାର ଏକମାତ୍ର ବିକଳ୍ପ ।

ତା.୧୦.୦୯.୨୦୨୦

# ସୁଭଦ୍ରା ଅପେକ୍ଷାରେ

ଓଡିଶା ସରକାର 'କାଳିଆ' ପରେ 'ବଳରାମ' ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟର କୃଷକ ଆୟ ବୃଦ୍ଧି ଜରିଆରେ ଗ୍ରାମିଣ ଅର୍ଥନୀତିକୁ ସୁଦୃଢ଼ କରାବାପାଇଁ ୨୦୧୮-୧୯ ରବି ଋତୁରେ ଆରମ୍ଭ କରାଯାଇଥିଲା 'କାଳିଆ' ଯୋଜନା। ସେଥିପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ୬୦ ଲକ୍ଷ କୃଷି ପରିବାର କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ବ୍ୟାଙ୍କ ଜମାଖାତାରେ ସହାୟତା ରାଶି ଜମା କରି ସେମାନଙ୍କ ମୌଳିକ କୃଷିଜନିତ ଅବଶ୍ୟକତା ପୂରଣ କରିବା ଏହାର ଉଦ୍ଦେଶ୍ୟ ଥିଲା। ଆମରାଜ୍ୟରେ ବୟାନବେ ପ୍ରତିଶତ ଚାଷୀ ଏହି ଶ୍ରେଣୀର। ପାଞ୍ଚଗୋଟି ଫସଲ ଋତୁରେ ସେମାନଙ୍କ ପାଇଁ ୨୫ ହଜାର ଟଙ୍କାର ବ୍ୟବସ୍ଥା କରାଯାଥିଲା। ଭୂମିହୀନଙ୍କ ପାଇଁ ଛେଳି, କୁକୁଡା, ବତକ ପାଳନ, ମହୁଚାଷ ଓ ଛତୁଚାଷ ପରି ଆନୁଷଙ୍ଗିକ କୃଷିରେ ସାହାଯ୍ୟ କରିବାକୁ ବାର ହଜାର ପାଞ୍ଚଶହ ଟଙ୍କାର ଅନୁଦାନ ବ୍ୟବସ୍ଥା ଥିଲା। ଏହା ବ୍ୟତୀତ, ଚାଷୀ, ଗରିବ ଗାଉଁଲି ଜମିହୀନ ତଥା ସମାଜର ଦୁର୍ବଳତମ ହରିଜନ, ଆଦିବାସୀ ଶ୍ରେଣୀର ଲୋକମାନଙ୍କ ପାଇଁ ମାଗଣା ବୀମା, ତାଙ୍କ ପିଲାମାନଙ୍କ ପାଇଁ ବୃତ୍ତି ବ୍ୟବସ୍ଥା କରାଯାଇଥିଲା। ତେବେ ରାଜ୍ୟ ସରକାର ଓଡିଶାର ଭୂମିହୀନ ତଥା ଭାଗଚାଷୀମାନଙ୍କ ପାଇଁ 'ବଳରାମ' ଯୋଜନା ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ରାଜ୍ୟର ଖାଦ୍ୟ ଉତ୍ପାଦନରେ ଭାଗଚାଷୀର ଭୂମିକା ସବୁଠାରୁ ଗୁରୁତ୍ୱପୁର୍ଣ୍ଣ। ମୁକ୍ତ ବଜାର ଅର୍ଥନୀତିର ପ୍ରବେଶ ପରେ ନବେ ଦଶକ ପ୍ରାରମ୍ଭରୁ କୃଷିର ସାମାଜିକ ପ୍ରତିଷ୍ଠା ଯଥେଷ୍ଟ ଭାବେ ପ୍ରଭାବିତ ହେଲା। ଗ୍ରାମାଞ୍ଚଳର ସ୍ୱଚ୍ଛଳବର୍ଗ, ଧନିକ ଶ୍ରେଣୀ, ଜମିଦାରମାନେ ଗାଁ ଛାଡି ସହରାଭିମୂଖୀ ହେଲେ। ସେମାନେ ସେଠାରେ ବିଭିନ୍ନ ଅଣକୃଷି କାମକୁ ଆପଣାଇଲାବେଳେ ଗାଁରେ ତାଙ୍କ ଜମିବାଡିର ଦେଖାଶୁଣା ଓ ତତ୍ତ୍ୱବଧାନରେ ଗରିବ ଓ ଭୂମିହୀନ ତଥା ଭାଗଚାଷୀମାନେ ରଖିଲେ। ଅପରପକ୍ଷରେ ଜମିର ମାଲିକମାନେ ବିନା ଖର୍ଚ୍ଚରେ ଆରାମରେ ଜମିର ଉତ୍ପାଦରୁ ଭାଗ ପାଇଲେ। ସରକାରୀ ଅନୁଦାନ ଜମି ମାଲିକ ଜମାଖାତାରେ ପହଞ୍ଚିଲା, କିନ୍ତୁ ଦୁର୍ବିପାକକୁ ସହି ଜମିରେ ସବୁ ପରିଶ୍ରମ ଦେଇ ଖର୍ଚ୍ଚ କରିଥିବା ଭାଗଚାଷର ଋଣ ବଢିବାକୁ ଲାଗିଲା। ନୂତନ ଭାଗଚାଷୀ ନିୟାମକ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ହୋଇପାରିନଥିବାରୁ ଭାଗଚାଷୀ ଜମି ସରକାରୀ ସାହାଯ୍ୟ କିମ୍ବା ବ୍ୟାଙ୍କ ଋଣର ସୁବିଧାରୁ ବଞ୍ଚିତ। ତେଣୁ ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହେବା ପରେ ସେ ଚାଷ ଛାଡି ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ଚାଲିଯାଏ। ଏହିପରି ଚାଷିକୁ ଆର୍ଥିକ ସହଯୋଗ କରିବାକୁ ସରକାର ଏକ ନୂତନ ଯୋଜନା 'ବଳରାମ' ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଭୂମିହୀନ ବା ଭାଗଚାଷୀମାନେ ପାଞ୍ଚଜଣିଆ ଗ୍ରୁପ କରି ବ୍ୟାଙ୍କରୁ ଋଣ ନେବେ। ଆସନ୍ତା ଦୁଇ ବର୍ଷରେ ଏପରି ୭ ଲକ୍ଷ ଚାଷୀଙ୍କୁ ୧ ହଜାର ୪୦ କୋଟି ଟଙ୍କା ସହାୟତା କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ଉପରୋକ୍ତ ଦୁଇ ଯୋଜନାକୁ ଅନୁଧ୍ୟାନ କଲେ ଜଣାଯାଏ ଏହା ମୁଖ୍ୟତଃ ପୁରୁଷକୈନ୍ଦ୍ରିକ। ମୁକ୍ତବଜାର ବ୍ୟବସ୍ଥାରେ ସମଗ୍ର ଘରୋଇ ଉତ୍ପାଦକୁ କୃଷି କ୍ଷେତ୍ରର ପ୍ରତିଦାନ ହ୍ରାସ ପାଇଛି। ସେବା, ନିର୍ମାଣ, ଶିଳ୍ପ ପରି କ୍ଷେତ୍ରର ବଜାରକରଣ ଓ ପ୍ରୋତ୍ସାହନ ଯୋଗୁଁ ପୁରୁଷମାନେ ସେଥିରେ ବିଭିନ୍ନ କୁଶଳୀ ବା ଅଣ-କୁଶଳୀ ଶ୍ରମିକ ଭାବେ ନିୟୋଜିତ ହୋଇ ଅଧିକ ଅର୍ଥ ରୋଜଗାର କରୁଛନ୍ତି। ତେଣୁ ଗ୍ରାମାଞ୍ଚଳରେ ରହୁଥିବା ସ୍ତ୍ରୀଲୋକମାନେ କୃଷି ସହିତ ଧିରେ ଧିରେ ଜଡିତ ହୋଇଛନ୍ତି। କହିବାକୁ ଗଲେ କୃଷିର ଲିଙ୍ଗ ପରିବର୍ତ୍ତନ ହୋଇଛି। ବିଶିଷ୍ଟ ସାମାଜିକ ବିଜ୍ଞାନୀ ଗ୍ରାହମ ପେବଲସ୍‌ଙ୍କ ଭାଷାରେ ଭାରତରେ ଜଣେ ମହିଳା କୃଷକ ହିସାବରେ ପରିଗଣିତ ହୁଏ ନାହିଁ, ସେ କେବଳ ଜଣେ କୃଷକର ସ୍ତ୍ରୀ, ସେଥିପାଇଁ ତାର ଆତ୍ମହତ୍ୟାକୁ କୃଷିଜନିତ ଆତ୍ମହତ୍ୟା ଭାବରେ ଅଭିହିତ କରାଯାଏ ନାହିଁ। ଓଡିଶାରେ କୃଷିଜୀବି ମହିଳାଙ୍କ କୃଷିକ୍ଷେତ୍ରକୁ ପ୍ରତିଦାନକୁ ବ୍ୟାଖ୍ୟା କରିବାକୁ ଯାଇ ବିଶିଷ୍ଟ କୃଷିବିଜ୍ଞାନୀ ଡଃ ଚକ୍ରଧର ଶତପଥୀ ଏହି ମହିଳାମାନେ ବାଇଶି ପ୍ରକାର କାର୍ଯ୍ୟରେ ନିୟୋଜିତ ଥିବାର ପ୍ରକାଶ କରିଛନ୍ତି (୧୯୯୦)। ତଥ୍ୟ ଅନୁସାରେ ବର୍ତ୍ତମାନ ମହିଳାମାନେ ଧାନଚାଷର ୩୨ ପ୍ରକାର କାର୍ଯ୍ୟରୁ ୨୫ ଟିରେ ପଶୁପାଳନର ୧୪ ପ୍ରକାରରୁ ୧୧ଟି କାମରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ୨୦୧୫-୧୬ ମସିହାରେ ଦେଶରେ କରାଯାଇଥିବା କୃଷି ସମ୍ବନ୍ଧୀୟ ଗଣନାରେ ମାତ୍ର ୧୩.୮୭ ପ୍ରତିଶତ ମହିଳାଙ୍କ ନାମରେ ଜମି ଅଛି। ସେହି ଅନୁସାରେ ଜଣେ ମହିଳା ବ୍ୟାଙ୍କରୁ ଋଣ ଓ ସରକାରୀ ସହାୟତା ପାଇବାକୁ ହକ୍‌ଦାର ହୋଇଥାଏ। ଅବଶ୍ୟ ରାଜ୍ୟରେ ମିଶନ ଶକ୍ତି ଓ ଜୀବିକା ମିଶନ ଯୋଜନା ଯୋଗୁଁ ମହିଳାଙ୍କ ଗୁରୁତ୍ୱ ବଢିଛି, କିନ୍ତୁ ଆମକୁ ମାନିବାକୁ ପଡିବ ଅଦ୍ୟାବଧି ଆମ ଦେଶ ଓ ରାଜ୍ୟରେ ମହିଳାମାନଙ୍କୁ ଚାଷୀ ଭାବରେ ଉପଯୁକ୍ତ ଗୁରୁତ୍ୱ ଦିଆଯାଉନାହିଁ। ଏହି କାରଣରୁ ବୋଧହୁଏ ଏମାନଙ୍କପାଖେ ବୈଷୟିକ ଜ୍ଞାନ ପହଞ୍ଚିପାରୁନି ଏବଂ ଗ୍ରାମିଣ ଅର୍ଥନୀତି ଓ କୃଷି ଅର୍ଥନୀତିରେ ଆଶାନୁରୂପକ ବିକାଶ ହୋଉନାହିଁ।

ଅତଏବ ସମୟ ଆସିଛି, ସରକାର ମହିଳାମାନଙ୍କୁ ଚାଷୀର ମାନ୍ୟତା ଦିଅନ୍ତୁ। 'କାଳିଆ', 'ବଳରାମ' ଯୋଜନା ପରେ କେବଳ କୃଷିରେ ମହିଳାମାନଙ୍କ ଭାଗୀଦାରିତାକୁ ସୁନିଶ୍ଚିତ କରିବାକୁ ସୁଭଦ୍ରା ଯୋଜନା ପ୍ରଣୟନ ହେଉ। ତାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରତ୍ୟେକ କୃଷି ପରିବାରରେ ପୁରୁଷ ସହ ମହିଳାଙ୍କ ନାମରେ ଜମି ପଞ୍ଜିକରଣ ହେଉ। ଏହାଦ୍ୱାରା ମହିଳାମାନେ ସ୍ୱାଧୀନଭାବେ ଚାଷ କାମରେ ଅର୍ଥ ବିନିଯୋଗ କରିପାରିବେ, ବ୍ୟାଙ୍କ ଋଣ ଓ ସରକାରୀ ସହାୟତା ପାଇପାରିବେ। ସ୍ୱୟଂ ସହାୟକ ଗୋଷ୍ଠୀ ଯୋଜନା ଭଳି ସୁଭଦ୍ରା ଯୋଜନା ମଧ୍ୟ ମହିଳା ସଶକ୍ତୀକରଣ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ପରିଗଣିତ ହେବ। ଏହା ଆମ ରାଜ୍ୟର ଅର୍ଥନୀତିକୁ ସୁଦୃଢ କରିବା ସହ ସାମାଜିକ ଉନ୍ନତି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଭାବରେ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ।

ତା.୦୬.୦୭.୨୦୨୦

# ଛ' ବର୍ଷରେ ଦ୍ୱିଗୁଣ ଆୟ, ସତ ନା ସ୍ୱପ୍ନ

ଗଙ୍ଗା ସଫେଇ ଅଭିଯାନ, ସ୍ୱଚ୍ଛଭାରତ ଅଭିଯାନ ପରି ମହତ୍ତ୍ୱକାଙ୍କ୍ଷୀ ଯୋଜନାର ସୂତ୍ରଧାର ଆମ ପ୍ରଧାନମନ୍ତ୍ରୀ ଗତ ଫେବୃୟାରୀ ମାସରେ ଦେଶର ଷାଠିଏ ଭାଗ ଜନତାଙ୍କ ଆୟକୁ ଛ'ବର୍ଷରେ ଦ୍ୱିଗୁଣିତ କରିବାର ଭରସା ଦେଇ ସେମାନଙ୍କୁ ଏକ ସୁନ୍ଦର ସ୍ୱପ୍ନ ରାଜ୍ୟକୁ ନେଇଯାଇଛନ୍ତି। ଏହାକୁ ନେଇ ସେମାନେ ଦେଶର ରାଜନୀତି, କୃଷିନୀତି, ଅର୍ଥନୀତି ସହ ସଂଶ୍ଳିଷ୍ଟ ଜନତା ତଥା ବୁଦ୍ଧିଜୀବିମାନଙ୍କ ମହଲରେ ବେଶ୍ ଆଲୋଡନ ସୃଷ୍ଟି ହୋଇଛି। ଆମ ରାଜ୍ୟର କୃଷି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମଧ୍ୟ ଇତ୍ୟବସରରେ ଏକ ବିରାଟ ଆଲୋଚନାଚକ୍ର ଏହାକୁ ନେଇ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧିନତାର ସତୁରି ବର୍ଷ ମଧ୍ୟରେ ପ୍ରତ୍ୟେକ ବାର୍ଷିକ ତଥା ପଞ୍ଚବାର୍ଷିକ ଯୋଜନାରେ ପ୍ରତ୍ୟେକ ସରକାର କୃଷି କୃଷକର ଉନ୍ନତି ପାଇଁ ଯୋଜନାମାନ ଘୋଷଣା କରିଥାନ୍ତି। କିନ୍ତୁ ସାଂପ୍ରତିକ ପରିସ୍ଥିତିରେ ଏପରି ଘୋଷଣା ଜଣେ ସାଧାରଣ ଭାରତୀୟ ନାଗରିକ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାରତୀୟ କୃଷକର ବର୍ତ୍ତମାନର ସ୍ଥିତି ଉପରେ ଆଲୋଚନା କରାଯାଉ। ଦେଶର ସମଗ୍ର ଘରୋଇ ଉତ୍ପାଦକୁ ଏହି କୃଷକମାନଙ୍କ ଅବଦାନ କମିକମି ଆସି ଶତକଡା ୧୫ ଭାଗରେ ପହଞ୍ଚିଲାଣି। ମୋଟ କୃଷକ ପରିବାର ମଧ୍ୟରୁ ୬୭ ପ୍ରତିଶତଙ୍କର ଏକ ହେକ୍ଟରରୁ କମ୍ ଜମି ଅଛି। ପ୍ରତିଦିନ ହଜାର ହଜାର କୃଷି ପରିବାର ସଦସ୍ୟ କେବଳ କୃଷି କ୍ଷେତ୍ର ନୁହେଁ, ନିଜ ଭିଟାମାଟି ଛାଡି ଅଣକୃଷି କାମ ପାଇଁ ସହରାଭିମୁଖୀ। ତଥ୍ୟ ଅନୁସାରେ ଉଦାରୀକରଣ ଅର୍ଥନୀତିର ଅଭ୍ୟୁଦୟ ପରେ ୧୯୯୭ ରୁ ୨୦୦୫ ମସିହା ମଧ୍ୟରେ ଦେଶରେ ପ୍ରତ୍ୟେକ ୩୨ ମିନିଟରେ ଜଣେ କୃଷକ ଆତ୍ମହତ୍ୟା କରୁଛି। ଏହିସବୁ ସମସ୍ୟାକୁ ଆଖି ଆଗରେ ରଖି ପୂର୍ବ ସରକାରମାନଙ୍କ ଦ୍ୱାରା କରାଯାଇଥିବା ଲୋଭନୀୟ ଯୋଜନା ଯଥା ଋଣଛାଡ, ସୁଧହ୍ରାସ ଇତ୍ୟାଦି ସବୁ ଚାଷୀମାନଙ୍କୁ ଆକୃଷ୍ଟ କରିପାରୁନାହିଁ। ଅତଏବ ପ୍ରକୃତ ସମସ୍ୟାର ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପ ସବୁ ସନ୍ତୋଷଜନକ ଫଳ ଦେଇପାରୁନାହାଁନ୍ତି। ତେଣୁ ଚାଷୀ ଚାଷ ପ୍ରତି ମୁହଁ ମୋଡୁଛି।

ଚାଷୀର ଚାଷପ୍ରତି ଥିବା ମୋହ ଭଙ୍ଗ ହେବାର କାରଣ ହେଲା ଏହି ସଂସ୍ଥାନକୁ ସେ ଆଉ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ତା'ପାଇଁ ସର୍ବୋତ୍ତମ ବୋଲି ବିବେଚନା କରିପାରୁନାହିଁ। ସାମାଜିକ ଅବସ୍ଥିତିରେ ବର୍ତ୍ତମାନ ଚାଷୀର ସ୍ଥାନ ସମାଜରେ ସବୁଠାରୁ ନିମ୍ନରେ। ଅର୍ଥନୈତିକ

ସ୍ଥିତିକୁ ଆକଳନ କଲେ ଜଣାଯାଏ ପରିସଂଖ୍ୟାନ ଗୋଲକ ଧନ୍ଦାରେ ଚାଷୀର ସ୍ଥିତି ଗୋଟିଏ ମୋହରା। ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ତଥ୍ୟ କହେ ୨୦୦୨-୦୩ରୁ ୨୦୧୨-୧୩ ଦଶବର୍ଷ ମଧ୍ୟରେ ଭାରତୀୟ କୃଷକର ଆୟ ତିନିଗୁଣ ବଢ଼ିଛି। ୨୦୦୨-୦୩ ମସିହାରେ ଏହା ବାର୍ଷିକ ୨୫,୩୮୦ ଟଙ୍କା ଥିବାବେଳେ ୨୦୧୨-୧୩ରେ ୭୭,୧୧୨ ଟଙ୍କା ହୋଇଛି। ଏହି ସମୟ ମଧ୍ୟରେ କୃଷି କ୍ଷେତ୍ରର ଆୟ ୪୬ରୁ ୪୮%, ପଶୁପାଳନରୁ ୪ରୁ ୧୨% ବଢ଼ିଥିବାବେଳେ ଗ୍ରାମାଞ୍ଚଳ ଅଣକୃଷି କାର୍ଯ୍ୟରୁ ଆୟ ୧୧ ରୁ ୮ ପ୍ରତିଶତ ଓ ମୁଜୁରିରୁ ୩୯ ରୁ ୩୨ ପ୍ରତିଶତକୁ କମିଛି। ତଥାପି ଆମେ କହୁଛୁ କୃଷି କ୍ଷେତ୍ରରୁ ଆୟ ସବୁବେଳେ କମିକମି ଯାଉଛି। ଏସବୁକୁ ଅନୁଶୀଳନ କଲେ ଜଣାଯିବ ଯେ ପ୍ରକୃତରେ ଯଦି ମୁଦ୍ରାସ୍ଫିତିକୁ ହିସାବକୁ ନିଆଯାଇଥାନ୍ତା ଏହି ସମୟରେ ଆୟ ଦ୍ୱିଗୁଣ ହେବା ବି କଷ୍ଟକର ହୋଇଥାନ୍ତା। କାରଣ ଗତ କେତେବର୍ଷ ମଧ୍ୟରେ ସରକାର କୃଷିକ୍ଷେତ୍ର ପାଇଁ ଥିବା ବହୁ ନିୟମର ପରିବର୍ତ୍ତନ କରିଛନ୍ତି ଯାହାପାଇଁ ମଞ୍ଜି ଓ ସାରର ଦର ବର୍ତ୍ତମାନ ସରକାରୀ ନିୟନ୍ତ୍ରଣରୁ ବାହାରେ। ଏହା ବ୍ୟତୀତ ଆମର ଜଳସେଚିତ ଜମି ପରିମାଣର ବାର୍ଷିକ ଅଭିବୃଦ୍ଧି ଅତ୍ୟନ୍ତ ନିରୁତ୍ସାହଜନକ। ହାତଗଣତି କେତୋଟି ଫସଲକୁ ଛାଡିଦେଲେ ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟବସ୍ଥା ପ୍ରାୟ ଫସଲରେ ନାହିଁ। ଏବେ ବି ଦେଶର ପଞ୍ଚାଅଶୀ ପ୍ରତିଶତ କୃଷକ ଫସଲ ବୀମା ସମ୍ବନ୍ଧରେ ଅଜ୍ଞ। ନିଜ ଉତ୍ପାଦ ପାଇଁ ବଜାର ଓ ତା'ପାଇଁ ଉପଯୁକ୍ତ ମୂଲ୍ୟ ବ୍ୟବସ୍ଥା କୌଣସି ସରକାର କରିପାରିନାହାଁନ୍ତି। ତା'ସତ୍ତ୍ୱେ ସୀମିତ ସମ୍ବଳରୁ ଦ୍ୱିଗୁଣ ଆୟକୁ ଆମେ ଏକ ମହତ୍ତ୍ୱକାଙ୍କ୍ଷୀ ଯୋଜନା ଛଡା କଣ କହିପାରିବା। ଇତି ମଧ୍ୟରେ କେନ୍ଦ୍ରସରକାର କୃଷି କ୍ଷେତ୍ରର ଉତ୍ପାଦିକତା ବୃଦ୍ଧି ପାଇଁ ଓ କୃଷକର ବିଶ୍ୱସନୀୟତା ଫେରାଇ ଆଣିବାପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଭଣ୍ଡାର ଘର ଯୋଜନା, ଜାତୀୟ କୃଷକ ବଜାର ପ୍ରତିଷ୍ଠା ପରି କାର୍ଯ୍ୟକ୍ରମ ହାତକୁ ନେବା ଆରମ୍ଭ କରିଛନ୍ତି ଯାହାର ପ୍ରକୃତ କାର୍ଯ୍ୟାନ୍ୱୟନ ରାଜ୍ୟ ସରକାରମାନଙ୍କ ହାତରେ।

ଏବେ ଓଡିଶା ରାଜ୍ୟର କୃଷକ ମାନଙ୍କର ସ୍ଥିତି କଥା ଚିନ୍ତା କରାଯାଉ। କହିବା ବାହୁଲ୍ୟ, ମରୁଡି, ବନ୍ୟା, ବାତ୍ୟା, ମହାବାତ୍ୟା ପରି ସବୁ ପ୍ରାକୃତିକ ବିପର୍ଯ୍ୟୟ ଓଡିଶା କୃଷକର ଭାଗ୍ୟରେ ଯେମିତି ଲେଖାଯାଇଛି। ଏଠାରେ ଚାଷୀ ଓ ଚାଷର ଅବସ୍ଥା ଏମିତି ଯେ ତଥ୍ୟ ଅନୁସାରେ ଗତ ୨୦୦୫-୦୬ ରୁ ୨୦୧୦-୧୧ ମଧ୍ୟରେ ମୋଟ୍ ଚାଷୀମାନଙ୍କ ମଧ୍ୟରୁ ୪,୬୦,୦୦୦ ଚାଷ ଛାଡିଛନ୍ତି।

ଓଡିଶାକୁ ଆମେ କୃଷି ପ୍ରଧାନ ଦେଶ କହୁଥିଲା ବେଳେ କୃଷିରୁ ଆୟ ଘରୋଇ ଉତ୍ପାଦକୁ ୧୨.୩% ଥିଲାବେଳେ ଜାତୀୟ ସ୍ତରରେ ଏହା ୧୫.୭%। ପ୍ରତିବର୍ଷ ଅର୍ଥାତ୨୦୧୨-୧୩

ରେ ୧୫.୧%, ୨୦୧୩-୧୪ ରେ ୧୩.୧%, ୨୦୧୪-୧୫ରେ ୧୨.୩%, ଏପରି ଭାବେ ଏହା ଦୃତ ଗତିରେ କମି କମି ଚାଲିଛି। ଏଥିରୁ କୃଷି ପ୍ରତି ଆମ ଜନସାଧାରଣ କେତେ ଆକୃଷ୍ଟ ଓ ଏହା ଏଠି କେତେ ଲାଭକାରୀ ତାହା ସହଜରେ ଅନୁମେୟ। ଆହୁରି ମଧ୍ୟ ତଥ୍ୟ କହେ, ଉପରୋକ୍ତ ପାଞ୍ଚ ବର୍ଷ ମଧ୍ୟରେ ଆମରାଜ୍ୟରେ ନାମମାତ୍ର ଚାଷୀମାନଙ୍କ ସଂଖ୍ୟା ୭,୭୧,୦୦୦ ବଢ଼ିଛି। ଏହାର ଅର୍ଥ ମୁଣ୍ଡପିଛା ଚାଷ ଜମିର ପରିମାଣ ଦ୍ରୁତ ଗତିରେ କମୁଛି। ୨୦୧୩ ସମିହା ସୁଦ୍ଧା ରାଜ୍ୟରେ ମୋଟ୍ ୩୧୪ଟି ବ୍ଲକରେ ୩୫ ପ୍ରତିଶତ ଜମି ଜଳସେଚିତ ଥିଲା। ପଶ୍ଚିମ ଓଡିଶାରେ କୃଷି କ୍ଷେତ କଥା କହିଲେ ନ ସରେ। ଏହାର ୯୫ଟି ବ୍ଲକରୁ ୬୭ ବ୍ଲକରେ ଏକ ତୃତୀୟାଂଶ ଜମି ବି ଜଳସେଚନର ସୁବିଧା ପାଇବାରୁ ବଞ୍ଚିତ। ଆମ ଚାଷୀ କେତେବେଳେ କେମିତି ଭାବେ ଚାଷର ବିଭିନ୍ନ ଅତ୍ୟାବଶ୍ୟକ ଉପାଦାନ ପାଆନ୍ତି, ଏହା କାହା ନିକଟରେ ଅଛପା ନାହିଁ। ସଦ୍ୟତମ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁସାରେ ଆମ ରାଜ୍ୟର ଚାଷୀର ହାରାହାରି ମାସିକ ଆୟ ୪,୯୭୬ ଟଙ୍କା ହୋଇଥିବାବେଳେ ପଞ୍ଜାବରେ ଏହା ୧୮,୦୫୯ ଟଙ୍କା। ଲୁଧିଆନା, ଅମୃତସର ବା ହିସାରର କୃଷକ ଆମ ମୟୁରଭଞ୍ଜ, ସୁନ୍ଦରଗଡ, ବୌଦ୍ଧ ଜିଲାର ଚାଷୀ ସହ କୌଣସି ଭାବେ ତୁଳନୀୟ ନୁହେଁ। କିନ୍ତୁ ଜମିକୁ ଜଳ, ଚାଷୀ ଦ୍ୱାରରେ ମଞ୍ଜି, ସାର, କୀଟନାଶକ, ଉତ୍ପାଦର ଉଚିତ୍ ବଜାର ଓ ମୂଲ୍ୟ ଏବଂ ତା ଫସଲର ନିରାପତ୍ତା ସୁନିଶ୍ଚିତ କରାଇବା ଗୋଟିଏ କୃଷିପ୍ରଧାନ ରାଷ୍ଟ୍ରରେ ସରକାରର କର୍ତ୍ତବ୍ୟ ନୁହେଁ କି ? ୪୮୦ କିମି ବିସ୍ତୀର୍ଣ୍ଣ ସମୁଦ୍ର ସୀମା, ୧୧% ଭୂତଳ ସ୍ୱଚ୍ଛଜଳ, ଦଶଟି କୃଷି ଜଳବାୟୁ ମଣ୍ଡଳ, ଅସଂଖ୍ୟ ନଦନଦୀ, ଅଶୀ ପ୍ରତିଶତ ଗ୍ରାମାଞ୍ଚଳର ପରିଶ୍ରମୀ ଜନତା, ପ୍ରକୃତିଦତ୍ତ ପ୍ରଭୂତ ଜୈବବିବିଧତା, ବିଭିନ୍ନ ଫସଲ, ଫୁଲ, ଫଳର ଭଣ୍ଡାର ଆମ ଓଡିଶା କୃଷକ ମାନଙ୍କର ସଂପଦ। ଏହାର ସୁବିନିଯୋଗ ପାଇଁ ଉଦ୍ୟମ ସରକାର, କୃଷି ସଂଗଠନ ତଥା ପ୍ରତ୍ୟେକ କୃଷକର କର୍ତ୍ତବ୍ୟ। କେବଳ ଧାନ ନୁହେଁ ଆମ୍ବ, ସପୁରିଠାରୁ ଆରମ୍ଭକରି ମୁଗ, ବିରି, କ୍ଷୀର, ମାଛ ପର୍ଯ୍ୟନ୍ତ ସବୁଥିରେ ଚାଷୀ ଅଭାବୀ ବିକ୍ରିରେ ଭୀତତ୍ରସ୍ତ। ଉପଯୁକ୍ତ ଯାନ୍ତ୍ରିକରଣ, ଉତ୍ପାଦର ପ୍ରକ୍ରିୟାକରଣ ଓ ବଜାରୀକରଣ ଓ ଚାଷର ବିଭିନ୍ନ ସ୍ତରରେ ଅଧିକ ପୁଞ୍ଜି ବିନିଯୋଗ କୃଷକର ଆୟ ବଢାଇବାରେ ସହାୟକ ହୋଇପାରିବ। ଜଳବାୟୁର ତାଡନା ସହ ଆମର ମାନସିକତା ବେଳେବେଳେ ଆମ ସମୃଦ୍ଧି ପଥରେ ଅନ୍ତରାୟ ସୃଷ୍ଟି କରୁଛି। କିନ୍ତୁ ପ୍ରକୃତିଦତ୍ତ ନୈସର୍ଗିକ ଭଣ୍ଡାର ସହ ବୈଜ୍ଞାନିକ ଜ୍ଞାନକୌଶଳର ସୁବିନିଯୋଗ ଆମ ଚାଷର ଆୟକୁ ଅନାୟାସରେ ଛ' ବର୍ଷରେ ଦ୍ୱିଗୁଣିତ କରିପାରିବ, ଏଥିରେ ଦ୍ୱିମତ ନାହିଁ।

ତା ୨୬.୦୮.୨୦୧୬

# ଡାଲି ଦର ଖସୁନି କାହିଁକି ?

କ୍ରାଇସିଲ୍ ସଂସ୍ଥାର ସଦ୍ୟତମ ଗବେଷଣାମୂଳକ ତଥ୍ୟ ଅନୁସାରେ ଗତ ଦଶନ୍ଧି ମଧ୍ୟରେ ସବୁ ଖାଦ୍ୟ ପ୍ରଦାର୍ଥମଧ୍ୟରୁ ଡାଲି ଜାତୀୟ ଶସ୍ୟର ଦରବୃଦ୍ଧି ସର୍ବାଗ୍ରେ । ଆମ ରାଜ୍ୟରେ ଗତ ବର୍ଷେ ଧରି ଡାଲିର ଦର କମିବାର ନା ନେଉନାହିଁ । ଗତ ନିର୍ବାଚନ ବେଳେ ଡାଲିଦର ଏକ ମୁଖ୍ୟ ପ୍ରସଙ୍ଗ ଥିଲା । ଏ ବର୍ଷ ଡାଲି ଫସଲ ଉତ୍ପାଦନ ବୃଦ୍ଧି ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି । ସର୍ବୋପରି ଏହି ଫସଲର ଉପଯୋଗିତାକୁ ଲକ୍ଷ୍ୟ କରି ବିଶ୍ୱଖାଦ୍ୟ ସଂସ୍ଥା ୨୦୧୬-୧୭ ବର୍ଷକୁ ସାରା ପୃଥିବୀରେ ଆନ୍ତର୍ଜାତିକ ଡାଲି ଫସଲର ବର୍ଷ ଭାବେ ପାଳନ କରୁଅଛି । ଏହି ସଂସ୍ଥାର ରିର୍ପୋଟ ଅନୁସାରେ ପୃଥିବୀର ୮୦ କୋଟି ଲୋକ ପୁଷ୍ଟିହୀନତାର ଶୀକାର ହୋଇଛନ୍ତି । ଭାରତର ଏକ-ତୃତୀୟାଂଶରୁ ଅର୍ଦ୍ଧେକ ଜନ୍ମିତ ଶିଶୁ ଏହି କାରଣରୁ ବିଭିନ୍ନ ରୋଗ ବା ମୃତ୍ୟୁର ଶିକାର ହେଉଛନ୍ତି । ଆମ ଦେଶର ଭାତ, ରୁଟି, ତଳକୁ ଡାଲି ଗୋଟିଏ ପାରମ୍ପରିକ ଖାଦ୍ୟ । ଏଠି ଏବେ ବି ଶାକାହାରୀମାନଙ୍କ ସଂଖ୍ୟା ବହୁତ ଅଧିକ, ଯେଉଁମାନଙ୍କ ଶରୀରକୁ ପ୍ରୋଟିନ୍ ଓ ଏମିନୋ ଏସିଡ୍ ମୁଖ୍ୟତଃ ଡାଲି ଯୋଗାଇଥାଏ । ଅତଏବ ବର୍ତ୍ତମାନର ବଜାର ଏହି ଲୁକକାୟିତ ପୁଷ୍ଟିହିନତାକୁ କେତେ ମାତ୍ରାରେ ପ୍ରଭାବିତ କରୁଛି, ତାହା ସହଜରେ ଅନୁମେୟ ।

ଆମ ଦେଶ ପୃଥିବୀର ସବୁଠାରୁ ଅଧିକ ଜମିରେ ଡାଲି ଚାଷ କରୁଥିବା, ସର୍ବାଧିକ ଡାଲି ଉତ୍ପାଦନକାରୀ ଓ ଆମଦାନୀ କରୁଥିବା ଦେଶ । ଆମଦେଶ ପ୍ରତିବର୍ଷ ମୋଟ୍ ଉତ୍ପାଦନର ଆହୁରି କୋଡିଏ ପ୍ରତିଶତ, ଅର୍ଥାତ ଚାରିରୁ ସାଢେଚାରି ନିୟୁତ ଟନ୍ ଡାଲି ବାହାରୁ ଆମଦାନୀ କରିବାକୁ ବାଧ ହୋଇଥାଏ । ଏହାର କାରଣ ଆମର ସ୍ୱଳ୍ପ ଉତ୍ପାଦିକତା । କାନାଡା, ଆମେରିକା ଆଦି ଦେଶରେ ଏହା ହେକ୍ଟର ପିଛା ୨୦ କ୍ୱିଣ୍ଟାଲରୁ ଅଧିକ ହୋଉଥିଲା ବେଳେ ଏପରିକି ପଡୋଶି ମିଆଁମାରରେ ୧୪ କ୍ୱିଣ୍ଟାଲ୍ ହେଉଥିବାବେଳେ, ଆମ ଦେଶରେ ମାତ୍ର ୬.୮୫ କ୍ୱିଣ୍ଟାଲ୍ ।

ପରିସଂଖ୍ୟାନରୁ ଜଣାଯାଏ, ସ୍ୱାଧିନତା ପରଠାରୁ ଆମର ଧାନ ଉତ୍ପାଦନ ୫.୧ ଗୁଣ, ଗହମ୧୪.୩ ଗୁଣ, ମକା ୧୨.୮ ଗୁଣ, ତୈଳବୀଜ ଫସଲ ୬.୦ ଗୁଣ ବଢିଥିବାବେଳେ ଡାଲି ମାତ୍ର ୨.୨ଗୁଣ ବଢିଛି। ୧୯୬୦-୬୧ ମସିହାରେ ଉତ୍ପାଦକିତା ୫.୩୯ କ୍ୱିଣ୍ଟାଲ୍ ଥିବାବେଳେ ୨୦୧୪-୧୫ ମସିହାରେ ଏହା ୭.୪୩ କ୍ୱିଣ୍ଟାଲ୍‌ରେ ପହଞ୍ଚିଛି। ସେଥିପାଇଁ ସ୍ୱାଧିନତାବେଳେ ଆମର ମୁଣ୍ଡପିଛା ପ୍ରାପ୍ତ ଡାଲିର ପରିମାଣ ୬୦ ଗ୍ରାମକୁ ଟପିଯାଉଥିବାବେଳେ, ଅଧୁନା ତାହା ୪୦ ଗ୍ରାମକୁ ଛୁଇଁ ପାରୁନାହିଁ। ସରକାର ଯଦିଓ ବିଭିନ୍ନ ମିଶନ ମାଧ୍ୟମରେ ଡାଲି ଉତ୍ପାଦନକୁ ବଢାଇବାପାଇଁ ଚେଷ୍ଟା କରୁଛନ୍ତି ଏହା ସନ୍ତୋଷଜନକ ଫଳ ଦେଉନାହିଁ। ସେଥିପାଇଁ ବିଭିନ୍ନ ସାମାଜିକ ଓ ବୈଷୟିକ କାରଣ ଦାୟୀ। ଏବେବି ସମୁଦାୟ ଡାଲି ଜାତୀୟ ଫସଲର ଶତକଡା ୮୭ ଭାଗ ଅଣଜଳସେଚିତ, ବୃଷ୍ଟିପୁଷ୍ଟ ଅଞ୍ଚଳରେ ହେଉଛି ଯାହାପାଇଁ ଆମର ଉତ୍ପାଦକିତା ଲକ୍ଷ ପହଞ୍ଚିପାରୁନି ଓ ସାରା ଦେଶରେ ଡାଲି ଦର ଖସିବାର ନା ନେଉନି। ଆମ ରାଜ୍ୟ ଓଡିଶା କଥା ଚିନ୍ତା କରାଯାଉ। ପାରମ୍ପରିକଭାବେ ଓଡିଆମାନଙ୍କର ଭାତ ଥାଳି ସାଙ୍ଗରେ ଡାଲି ଗିନାକୁ ଯୋଡାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ମଧ୍ୟବିତ୍ତ ଶ୍ରେଣୀ ଓ ତାଙ୍କ ତଳ ବର୍ଗର ଲୋକମାନଙ୍କ ଦୈନନ୍ଦିନ ଖାଦ୍ୟ ଥାଳିରେ ଆଉ ଡାଲି ନାହିଁ। ରାଜ୍ୟ କୃଷି ବିଭାଗର ପରିସଂଖ୍ୟାନ ଅନୁସାରେ ଓଡିଶା କେବେ ଡାଲି ଫସଲ ଉତ୍ପାଦନରେ ବଳକା ରାଜ୍ୟ ହୋଇରହିନାହିଁ। ଆମ ରାଜ୍ୟର ଦଶଟି କୃଷି ଜଳବାୟୁ ମଣ୍ଡଳ, ପ୍ରଭୁତ ବର୍ଷା ଓ ଭୂତଳଜଳ, ଅସଂଖ୍ୟ ନଦନଦୀ ମଧ୍ୟ ରାଜ୍ୟକୁ ଏହାର ତୃତୀୟ ମୁଖ୍ୟଖାଦ୍ୟରେ ସ୍ୱାବଲମ୍ବୀ କରିପାରୁନାହିଁ। ଏହା ଅତ୍ୟନ୍ତ ପରିତାପର ବିଷୟ। ଉନ୍ନତମାନର ମଞ୍ଜି ଯୋଗାଣ ଠାରୁ ଯୋଗାଣ ସମୟ, ଜଳସେଚନ ସହ ବୈଷୟିକ ଜ୍ଞାନର ଅଭାବ ଏହାର ପ୍ରମୁଖ କାରଣ ହୋଇପାରେ। କିନ୍ତୁ କେନ୍ଦ୍ରୀୟ ଡାଲି ଫସଲ ଗବେଷଣା ଅନୁଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ତଥା ପ୍ରମୁଖ ଡାଲି ବୈଜ୍ଞାନିକ ଡଃ.ମାସୁଦ ଅଲ୍ଲୀଙ୍କର ଗବେଷଣାମୂଳକ ତଥ୍ୟ କହେ କେବଳ ଉନ୍ନତମାନର ବିହନ ଡାଲି ଫସଲର ଉତ୍ପାଦିକତାକୁ ଶତକଡା ୨୦ ଭାଗ ବଢେଇପାରିବ। ଏହି ଅନୁସାରେ ଦେଖିଲେ ଆମ ରାଜ୍ୟରେ ବିହନ ପରିବର୍ତ୍ତନର ହାର ଅତ୍ୟନ୍ତ ନୈରାଶ୍ୟଜନକ। ଆମ ଓଡିଶାର ବୈଜ୍ଞାନିକମାନେ ଆମ ଜଳବାୟୁକୁ ଖାପଖୁଆଉଥିବା, ମୁଖ୍ୟତଃ ଅଣ୍ଡା ସହଣିଶକ୍ତି ଥିବା ଓ ସର୍ବୋପରି ଚାଷିକୁ ଆର୍କଷଣ କରିପାରୁଥିବାର ବିହନ କିସମ ଉଦ୍ଭାବନ କରିବାରେ ଅଦ୍ୟାବଧି ସେପରି ସଫଳ ହୋଇପାରିନାହାଁନ୍ତି। ସରକାର ଯେଉଁ ମଞ୍ଜି ଯୋଗାଉଛନ୍ତି ସେଥିରୁ ସିଂହଭାଗ ଗୁଜରାଟ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ପରି ରାଜ୍ୟରୁ ଆସୁଛି। ଏହା ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ। ସେଥିପାଇଁ ରାଜ୍ୟର ବିହନ ପରବର୍ତ୍ତନର ହାର ମୁଗ, ବିରି ଓ ହରଡରେ ଯଥାକ୍ରମେ ୨.୮୮, ୨.୧୯ ଓ ୪.୧୪ ମଧ୍ୟରେ ସୀମିତ।

ଆମର ପୁରୁଣା ଓ ନିମ୍ନ ଅମଳକ୍ଷମ ଦେଶୀ କିସମମାନଙ୍କ ଠାରୁ ଅଧିକ ଅମଳ ଆଶା କରିବା ବୃଥା। ରାଜ୍ୟରେ ଡାଲି ଜାତୀୟ ଫସଲ ଚାଷ ହୋଇଥିବା ୨୦.୮୮ ଲକ୍ଷ ହେକ୍ଟର ଜମିରୁ ମାତ୍ର ୫.୦୭ କ୍ୱିଣ୍ଟାଲ ହିସାବରେ ହେକ୍ଟର ପିଛା ଅମଳ ମିଳେ। ସେହି ତୁଳନାରେ ପଡୋଶୀ ଆନ୍ଧ୍ର ପ୍ରଦେଶ (୯.୨୮ କ୍ୱିଣ୍ଟାଲ) ବିହାର (୧୦.୪୪ କ୍ୱିଣ୍ଟାଲ) ପଶ୍ଚିମବଙ୍ଗ (୭.୪୩ କ୍ୱିଣ୍ଟାଲ୍) ଅଟେ। ଏପରିକି ଆମର ୩୦ ଟି ଜିଲ୍ଲାରେ ମଧ୍ୟ ଉତ୍ପାଦିକତାରେ ତାରତମ୍ୟ ଆଶ୍ଚର୍ଯ୍ୟଜନକ। ରାୟଗଡା ଜିଲ୍ଲାରେ ଡାଲି ଉତ୍ପାଦ ହେକ୍ଟର ପିଛା ୬.୯୮ କ୍ୱିଣ୍ଟାଲ୍ ଥିବାବେଳେ ଶିଳ୍ପ ବିହୀନ କ୍ଷୁଦ୍ର ଜିଲ୍ଲା ଦେବଗଡରେ ମାତ୍ର ୩.୯୮କ୍ୱିଣ୍ଟାଲ। ହରଡ ଫସଲର ଉତ୍ପାଦ ରାୟଗଡାରେ ୧୦.୮୫ କ୍ୱିଣ୍ଟାଲ୍ ଉପରେ ଥିବାବେଳେ ପଡୋଶୀ କୋରାପୁଟରେ ୬.୦୮ କ୍ୱିଣ୍ଟାଲ୍ ଓ ନୁଆପଡାରେ ୬.୦୨ କ୍ୱିଣ୍ଟାଲ୍। କେବଳ ନୂତନ ଅଧିକ ଅମଳ ଅମଳକ୍ଷମ ହରଡ କିସମ ଯୋଗୁଁ ଏହା ସମ୍ଭବ। ସେହିପରି ବିରି ଫସଲ କନ୍ଧମାଳ, କୋରାପୁଟ, ଦେବଗଡ ପରି ଜିଲ୍ଲାରେ ସାଢେ ତିନି କ୍ୱିଣ୍ଟାଲ୍ ପାଖାପାଖି ଥିବାବେଳେ କଳାହାଣ୍ଡିରେ ସାଢେ ପାଞ୍ଚ କ୍ୱିଣ୍ଟାଲ୍ ଅଟେ। କେବଳ ବ୍ୟବସାୟୀ ଗୋଷ୍ଠୀଙ୍କୁ ଆରୋପ ଲଗାଇବା ପୂର୍ବରୁ ଆମେ ଆମର ଉତ୍ପାଦନ କାହିଁକି ବଢେଇ ପାରୁନାହୁଁ, ସେ ସମ୍ବନ୍ଧରେ ଚିନ୍ତା କରିବାର ସମୟ ବର୍ତ୍ତମାନ ଉପନୀତ। ଏଥିପାଇଁ ଚାଷୀ, ବୈଜ୍ଞାନିକ ଓ ପ୍ରଶାସକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟର ଆବଶ୍ୟକତା ରହିଛି। ଓଡିଶା ପରି ରାଜ୍ୟ, ଯେଉଁଠି ଅଦ୍ୟାବଧି ଶତକଡା ୬୦ ପ୍ରତିଶତ ଜନସାଧାରଣ ମାତ୍ର ତେର ପ୍ରତିଶତ ଘରୋଇ ଉତ୍ପାଦକୁ ପ୍ରତିଦାନ କରୁଥିବା ଏହି ବୃତ୍ତିକୁ ସେମାନଙ୍କର ମୁଖ୍ୟ ଜୀବିକାଭାବେ ଗ୍ରହଣ କରିଛନ୍ତି ସେଠାରେ ରାଜ୍ୟର ହରିଜନ, ଶିଶୁ, ମହିଳା, ଶ୍ରମିକ ସମୁହ ଅନ୍ୟାୟ ଭାବେ ପୁଷ୍ଟିହୀନତାର ଶିକାର ହୋଇଚାଲନ୍ତି। ଅତଏବ ଏହି ଡାଲି ଫସଲର ଉତ୍ପାଦନ ଓ ଉତ୍ପାଦିକତାକୁ ସରକାର ପ୍ରାଧାନ୍ୟ ଦେବା ଉଚିତ। ଆନ୍ତର୍ଜାତିକ ଡାଲି ଫସଲ ବର୍ଷରେ ଆମ ପାଇଁ ଏହା ହିଁ ଆହ୍ୱାନ।

ତା ୨୬.୦୫.୨୦୧୬

# ଏସ୍‌ଇଜେଡ୍ ବନାମ ଏସ୍‌ଏଜେଡ୍

ସିଙ୍ଗୁର, ନନ୍ଦୀଗ୍ରାମ, କଳିଙ୍ଗନଗର, ପୋସ୍କୋ ପ୍ରକଳ୍ପ ଏରିଆ ବା ଭାରତର ଯେ କୌଣସି ସ୍ଥାନରେ ଶିଳ୍ପ ଗଠନ ପାଇଁ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ (ଏସ୍‌ଇଜେଡ୍) ଘୋଷଣା ଦ୍ୱାରା ଯେ ଆଇନଶୃଙ୍ଖଳା ବ୍ୟାହତ ହେଉଛି , ତା'ର ମୂଳ କାରଣ ବିସ୍ଥାପିତ ଓ ସଂସ୍ଥାପନ ସମସ୍ୟାକୁ ନେଇ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ଗଠନ ଓ ଏକ ଦେଶ ବିରୋଧି ପଦକ୍ଷେପ, ଭାବିବା ଭୁଲ ହେବ। ଏହା ଯଦି ହୋଇଥାନ୍ତା ଉଚ୍ଚତମ ନ୍ୟାୟାଳୟ ତାଙ୍କ ରାୟରେ ୮୩ଟି ଜୋନ୍ କରିବାକୁ ଅନୁମତି ଦେଇ ନ ଥାନ୍ତେ। ସହସ୍ର ସହସ୍ର ବର୍ଷଧରି ଭାରତୀୟଙ୍କର ଚାଲିଆସୁଥିବା ପେଷା, କୃଷିର ମୂଲ୍ୟ ଦିନକୁ ଦିନ କମିଯାଉଛି। ଗତବର୍ଷର ସର୍ବେକ୍ଷଣ ଅନୁସାରେ ଦେଶର ସମଗ୍ର ଘରୋଇ ଉତ୍ପାଦର ମାତ୍ର ୧୮.୫ ପ୍ରତିଶତ କୃଷି କ୍ଷେତ୍ରରୁ ଆସିଛି। ଅତ୍ୟାଧୁନିକ ସଭ୍ୟତାର ଆଲୋକ ଦେଖିଲା ପରଠାରୁ ଆସ୍ତେ ଆସ୍ତେ ଏହାର ପ୍ରତିଦାନ ମାନବ ସମାଜର ସାମଗ୍ରିକ ଆର୍ଥିକ ମାନଦଣ୍ଡ ପ୍ରତି କମି ଆସୁଛି। ବର୍ତ୍ତମାନର ଜଗତିକରଣ ଓ ଉଦାରିକରଣ ଅର୍ଥନୀତିରେ ସେବା ଏବଂ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଆଖିଦୃଶିଆ ରହିଛି ଓ ଏମାନଙ୍କର ଘରୋଇ ଉତ୍ପାଦକୁ ପ୍ରତିଦାନ ଯଥାକ୍ରମେ ୫୫.୧ ଓ ୨୬.୪ ପ୍ରତିଶତ। ତେଣୁ ଏକ ନିମ୍ନାଭିମୁଖୀ କ୍ଷେତ୍ରକୁ ଆବୋରି ବସିଥିବା ରାଷ୍ଟ୍ର ଯେ ନିଶ୍ଚୟ ଅର୍ଥନୈତିକ ସ୍ତରରେ ଦୁର୍ବଳ ହୋଇଯିବ ଏଥିରେ ଦ୍ୱିମତ ନାହିଁ। କିନ୍ତୁ ଯେଉଁ ଦେଶର ସମୁଦାୟ ଜନସଂଖ୍ୟାର ସତୁରି ପ୍ରତିଶତ କୃଷିକ୍ଷେତ୍ର ଉପରେ ନିର୍ଭରଶୀଳ, ସେଠାରେ ସେମାନଙ୍କର ସ୍ୱାର୍ଥକୁ ଆଖି ବୁଜିଦେବା କେବଳ ଅସମୀଚିନ ହେବ ନାହିଁ, ରାଷ୍ଟ୍ର ବିରୋଧି ମଧ୍ୟ ହେବ।

ସ୍ୱତନ୍ତ୍ର ଅର୍ଥନୈତିକ ଗଠନର ମୂଳ ଉଦ୍ଦେଶ୍ୟ ହେଲା ବିଦେଶି ପୁଞ୍ଜି ବିନିଯୋଗକୁ ପ୍ରୋତ୍ସାହିତ କରିବା ଓ ସେଠାକାର ଶିଳ୍ପୋଦ୍ୟୋଗୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ରିହାତି ପ୍ରଦାନ କରି ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଇବା। ଅପ୍ରେଲ, ୨୦୦୦ ମସିହାରୁ ଆରମ୍ଭ କରାଯାଇଥିବା ଏକ ନୂତନ ଯୋଜନାରେ ସମୟାନୁକ୍ରମେ ପରିବର୍ତ୍ତନକରି ସେଥିରେ ଥିବା ନିୟମଗୁଡ଼ିକୁ ଆହୁରି କୋହଳ କରାଯାଇଛି। ପୁଞ୍ଜିନିବେଶକାରୀଙ୍କ ବିଶ୍ୱାସନିୟତା ବଢାଇବା ପାଇଁ ଏବଂ ସେମାନଙ୍କୁ ଅଧିକରୁ ଅଧିକ ଆର୍କଷଣ କରିବାକୁ ଫେବୃୟାରୀ ୧୦, ୨୦୦୬ ରୁ ଏସଇଜେଡ୍ ନିୟମ, ୨୦୦୫ କୁ ଦେଶସାରା ଲାଗୁ କରାଯାଇଛି। ସରକାରୀ ତଥ୍ୟ ଅନୁସାରେ ମାର୍ଚ୍ଚ ୨୦୦୭ ସୁଦ୍ଧା ୨୩୭ଟି ଏହିଭଳି ଜୋନ୍ ଗଠନକୁ ସରକାର ମଞ୍ଜୁରୀ ଦେଇଛନ୍ତି। ଏହି ଶିଳ୍ପାଞ୍ଚଳଗୁଡ଼ିକପାଇଁ ସ୍ୱତନ୍ତ୍ର ନିୟାମବଳୀ ପ୍ରସ୍ତୁତବେଳେ ଟିକସ ଆଦାୟର କୋହଳ ସହ ସେମାନଙ୍କୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବା ଓ ରପ୍ତାନି ପାଇଁ ପ୍ରୋତ୍ସାହନ କରିବା ପାଇଁ ବ୍ୟବସ୍ଥା ରଖାଯାଇଛି। ଏ ସବୁ ଦ୍ୱାରା ଦେଶର ରାଜସ୍ୱ ନିଶ୍ଚୟ ବୃଦ୍ଧି ପାଇବ। କିଛି ଶିକ୍ଷିତ ଯୁବକ ଯୁବତୀ ଓ କୁଶଳୀ ଶ୍ରମିକ ନିଯୁକ୍ତି

ପାଇବେ। ଏହି ଯୋଜନା ସଠିକ୍ ଭାବରେ ଓ ଠିକ୍ ସମୟରେ ସମାପନ ହୋଇ ପାରୁନାହିଁ। ସେଥିପାଇଁ ବାସ୍ତୁହରା ଲୋକମାନେ ନିଜର ଜୀବନକୁ ପଣ ଲଗାଇବାକୁ ପଛାଉନାହାଁନ୍ତି। ତାଙ୍କ ଭିଟାମାଟି, ସାଥୀସହୋଦର, ଗାଁ ମାଟି, ଗାଁ ଜମି, ମନ୍ଦିର, ନାଳ, ତରୁଲତାଙ୍କର ମୋହ ଶେଷକୁ ସେମାନଙ୍କୁ ହିଂସ୍ର କରାଇବାକୁ ବାଧ୍ୟ କରୁଛି। କେତେକ ସ୍ଥାନରେ କିଛି ସ୍ୱାର୍ଥାନ୍ୱେଷୀ ରାଜନୈତିକ ଦଳ ଏହାକୁ ଅଧିକ ରଙ୍ଗ ଦେଉଛନ୍ତି। ଯାହାର ଫଳ ଦେଖାଯାଇଛି ନନ୍ଦିଗ୍ରାମରେ। ନନ୍ଦିଗ୍ରାମର ଅଗ୍ନି ଏ ପର୍ଯ୍ୟନ୍ତ ନିର୍ବାପିତି ହୋଇପାରିନାହିଁ। ଓଡିଶାରେ ପ୍ରଭାବିତ ପୋସ୍କୋ ଉଦ୍ୟୋଗର କର୍ମଚାରୀଙ୍କୁ ସାଧାରଣ ଜନତା (ସନ୍ତ୍ରାସବାଦୀ ବା ନକ୍ସଲବାଦୀ ନୁହନ୍ତି)ଙ୍କ ଦ୍ୱାରା ଅପହରଣ କରାଯାଇଛି। ସବୁଜାଗାରେ ଅସନ୍ତୋଷର ବହ୍ନି।

କିଛି ସ୍ଥାନରେ ଲୋକଙ୍କୁ ବାସ୍ତୁହରା ହେବାକୁ ବାଧ୍ୟ କରାଯାଉଛି। ତାଙ୍କ ଜୀବନ ଜୀବିକା ଗ୍ରହଣ କରିବାର ସ୍ୱାଧିନତା ଅପହରଣ କରାଯାଇଛି। ଏସବୁ ସହ ଭିଟାମାଟି ଛାଡୁଥିବା ଲୋକମାନଙ୍କର ଜମିବାଡି ଚାଲିଯାଉଛି ଧୂଳିଧୂଆଁ ପୂର୍ଣ୍ଣ ଦୂଷିତ ସହରରେ ପରିବର୍ତ୍ତନ ହେବାକୁ, ଯାହାକି ଏବେ ସୁକିନ୍ଦା, ତାଳଚେର, ଅନୁଗୁଳ, ଝାରସୁଗୁଡା ହୋଇଛି। ସରକାରୀ ନିୟମ ଅନୁସାରେ କେବଳ ଅନାବାଦୀ ଜମିରେ ଏପରି ଜୋନ୍ ପ୍ରତିଷ୍ଠା କରାଯାଇ ପାରିବ କିମ୍ବା ଅତି ବେଶୀରେ କିଛି ଫସଲ ଜମି ଗ୍ରହଣ କରିପାରିବେ। ତାହା ପୁଣି ସେହି ଜମିମାଲିକଙ୍କର ଅନୁମୋଦନ କ୍ରମେ। ତେବେ ଯେଉଁଥିପାଇଁ ସେ ସ୍ଥାନର ଚାଷୀ ସମାଜ, ବିଭିନ୍ନ ସଂଗଠନ ତାକୁ ଜୀବନ ପରିବର୍ତ୍ତେ ଛାଡିବାକୁ ପ୍ରସ୍ତୁତ ନୁହନ୍ତି, ତାହା ହେଉଛି ତାଙ୍କର ସ୍ୱର୍ଣ୍ଣପ୍ରସୂ ଜମି। ସେଥିପାଇଁ ଗୋଟିଏ ଶିଳ୍ପ ପ୍ରତିଷ୍ଠାର ଚୁକ୍ତି ସ୍ୱାକ୍ଷର ପରଠାରୁ ଅନିଶ୍ଚିତତା ଲାଗି ରହୁଛି। ପାଞ୍ଚ ହଜାର କୋଟି ଟଙ୍କା ଅଟକଳ ଯୋଜନା ରଖିଥିବା ଶିଳ୍ପପତିକୁ ଦଶହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ପ୍ରଶ୍ନ ଉଠେ ଏସବୁ ମୂଳଭିତ୍ତି ଶିଳ୍ପକୁ ପରିବର୍ତ୍ତନ କରି ଯଦି କୃଷି କରି ଦିଆଯାଆନ୍ତା, ତେବେ କିପରି ହୁଅନ୍ତା। ଆମ ଦେଶର ବୁଦ୍ଧିଜୀବିଙ୍କ ସଂଖ୍ୟାର ଅଭାବ ନାହିଁ ଯେଉଁ ମାନେ ଦେଶର ଶାସକ, ପ୍ରଶାସକ ତଥା ବିଭିନ୍ନ ଉଚ୍ଚପଦବୀରେ ଅଧିଷ୍ଠିତ। ସେମାନଙ୍କ ମୁଣ୍ଡକୁ ଏ ପ୍ରସଙ୍ଗ ଆନ୍ଦୋଳିତ କରିବା ଉଚିତ୍। ଏହାହେଲେ ନିଶ୍ଚିତ ଭାବେ କୃଷି ଓ କୃଷକର ଉନ୍ନତି ହୁଅନ୍ତା। ଦେଶର ସତୁରୀ ଭାଗ ଲୋକଙ୍କୁ ସିଧାସଳଖଭାବେ ଏହି ଉନ୍ନୟନ କାର୍ଯ୍ୟକ୍ରମରେ ସମ୍ପୃକ୍ତ କରାଯାଇ ପାରନ୍ତା। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜନ୍ତାନାହିଁ। ଚାଷୀ ମଧ୍ୟ ଆଧୁନିକ ପ୍ରଣାଳୀରେ ଚାଷ କରିବା ଶିଖନ୍ତା। କୃଷିକୁ ରପ୍ତାନିଭିମୂଖୀ ଓ ବ୍ୟବସାୟିକଧର୍ମୀ କରଯାଇପାରନ୍ତା।

ଅବଶ୍ୟ ଏହାର ଏକ ଭିନ୍ନରୂପ ଆମ ଜ୍ଞାତ ବା ଅଜ୍ଞାତସାରରେ ଗତ କେତେ ବର୍ଷ ହେଲା କୃଷି କ୍ଷେତ୍ରରେ ପ୍ରବେଶ କଲାଣି। କୃଷିଜାତୀୟ ସାମଗ୍ରୀର ଖୁଚୁରା ବ୍ୟବସାୟକୁ ନେଇ କିଛି ବୃହଦାକାର ଶିଳ୍ପ ଗୋଷ୍ଠୀ, ଚାଷୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଯୁଦ୍ଧ ଚାଲିଛି। ନବେ ଦଶକର

ପ୍ରଥମ ଭାଗରୁ ଦେଶରେ ଆରମ୍ଭ ହୋଇଥିବା ନୂତନ ଅର୍ଥନୈତିକ ସମୀକରଣ ଆମ ସମସ୍ତଙ୍କୁ ଅଳ୍ପେ ବହୁତେ ସ୍ପର୍ଶ କରିଛି ଯଦିଓ ବହୁ ସମାଜସେବୀ ଓ ବେସରକାରୀ ସଂଗଠନ ଦାବି କରନ୍ତି କୃଷି କ୍ଷେତ୍ରର ଆଦ୍ୟାବଧି ଏହା ପ୍ରଭାବ କିଛିନାହିଁ। ଗତ କେତେବର୍ଷ ହେଲା ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ୍, ନୂଆଦିଲ୍ଲୀ ପରି ବଡ଼ ବଡ଼ ସହରରେ ଆରମ୍ଭ ହୋଇଥିବା ରିଲାଏନସ୍, ଭାରତୀ, ଟାଟା, ବିରଳା, ଆଇଟିସି ଆଦି କମ୍ପାନିମାନଙ୍କର କୃଷିଜାତ ଦ୍ରବ୍ୟ ବିକ୍ରି କେନ୍ଦ୍ର ଖୋଲିବା ଏହାର ଏକ ଉଦାହରଣ। ରିଲାଏନସ୍ ବଡ ବଡ ସହରରେ ଏହି ସବୁ କେନ୍ଦ୍ର ଖୋଲି ସାରି ଏବେ କଟକ, ଭୁବନେଶ୍ୱର ପରି ଦ୍ୱିତୀୟ ଶ୍ରେଣୀ ସହରରେ ଖୋଲିବାକୁ ନିଷ୍ପତ୍ତି ନେଇଛି। ଆଗାମୀ ବର୍ଷ ମଧ୍ୟରେ ଏହା ଦେଶର ଆଠ ଦଶଟି ସହରର ପ୍ରମୁଖ ସ୍ଥାନରେ ଏପରି ବିପଣୀ ଖୋଲିବାର ଆଶା ରଖିଛି। ରିଲାଏନ୍ସ ଫ୍ରେସ୍ ଯୋଜନାକୁ ଦେଖିଲେ ଆମ ସରକାରୀ କଳର ପାରିବାରପଣିଆ ଧରାପଡ଼ିଯାଏ। ଭଲ କିସମର ବିହନ, ଆଧୁନିକ ଜ୍ଞାନ କୌଶଳ, ନିଶ୍ଚିତ ମୂଲ୍ୟ, ଶୀତଳ ଭଣ୍ଡାର, ପର୍ଯ୍ୟାପ୍ତ ଗୋଦାମ ବ୍ୟବସ୍ଥାସହ ସର୍ବୋପରି ବାତାନୁକୂଳିତ ଟ୍ରକ୍‌ରେ ଗାଁ'ରୁ କେନ୍ଦ୍ର ପର୍ଯ୍ୟନ୍ତ ଟଟକା ପରିବା ଆଣିବା ଓ ସେଗୁଡିକର ଗୁଣବତ୍ତା ଉପରେ ଆବଶ୍ୟକ ପଦକ୍ଷେପ ନେବା ନିଶ୍ଚୟ କୃଷି କ୍ଷେତ୍ର ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ। ସ୍ୱାଧିନତା ପରଠାରୁ ଯୋଜନା ପରେ ଯୋଜନା କରି ସରକାର ଯାହା କରିପାରି ନାହାନ୍ତି, କିଛି ବ୍ୟବସାୟୀ ତାହା କରି ଦେଖାଇବାକୁ ଅଣ୍ଟା ଭିଡ଼ିଛନ୍ତି ଓ ପ୍ରାଥମିକ ସଫଳତା ହାସଲ କଲେଣି।

ସରକାର କେବଳ ଶିଳ୍ପ ପଛରେ ଧାଇଁଛନ୍ତି ଚାଷିକୁ କିଛି ସବସିଡ଼ିର ଭୂଆଁବୁଲାଇ ଦେଇ। କହିବା ବାହୁଲ୍ୟ ଏହି ବ୍ୟବସାୟୀମାନଙ୍କୁ ଯଦି ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ଭଳି ସ୍ୱତନ୍ତ୍ର କୃଷି ଭିତ୍ତିକ ଜୋନ୍ (ଏସ୍‌ଏଜେଡ୍) ପ୍ରତିଷ୍ଠା କରିବାକୁ ସୁଯୋଗ ଦିଆଯାଆନ୍ତା ତେବେ ହୁଏତ ଚାଷୀ ଚାଷ ପ୍ରତି ବିମୁଖ ହୁଅନ୍ତାନି। ସରକାରୀ ଆକଳନ କହେ ଗତ ଆର୍ଥିକ ବର୍ଷରେ ୬୩ଟି ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌ରେ ୧୧,୧୯୪ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହୋଇ ମାତ୍ର ୧୫,୦୯୭ ଜଣ କର୍ମସଂସ୍ଥାନ ପାଇଛନ୍ତି। ସେତିକି ଟଙ୍କା ବିନିଯୋଗ କରିଥିଲେ କେତେ ଚାଷୀ ଉପକୃତ ହୁଅନ୍ତେ ତାହା ସମସ୍ତେ ଜାଣନ୍ତି। ଗତ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ କହେ ଆମ ଦେଶର ଚାଳିଶ ପ୍ରତିଶତ କୃଷକ ତାଙ୍କର ଏହି ଜୀବିକା ଛାଡିବାକୁ ପ୍ରସ୍ତୁତ, ଅନନ୍ୟୋପାୟ ହୋଇ ସେମାନେ କୃଷିକୁ ଜୀବିକାରୂପେ ଗ୍ରହଣ କରିଛନ୍ତି। ଭାରତ ଭଳି ଜନବହୁଳ ରାଷ୍ଟ୍ରରେ ଶିଳ୍ପ କେବେହେଲେ ସବୁ ଯୋଗ୍ୟ ନାଗରିକଙ୍କୁ କର୍ମ ସଂସ୍ଥାନ ଯୋଗାଇ ପାରିବ ନାହିଁ। କିନ୍ତୁ କୃଷିକୁ ହତାଦର କରିବା, ଦୁରଦୃଷ୍ଟି ନ ରଖିବା, ଭବିଷ୍ୟତର ଉତ୍କଟ ବେକାରୀ, ଉଚ୍ଚ ମୁଦ୍ରାସ୍ଫୀତି ସର୍ବୋପରି ନକ୍ସଲ ବିପଦ ପରି ସମାଜିକ ଅବ୍ୟବସ୍ଥାକୁ ଡାକି ଆଣୁଛି।

## ଓଡ଼ିଶା କୃଷି ଅର୍ଥନୀତିର ମନଃସ୍ଥିତି (୨୦୦୦-୨୦୨୩)

ଓଡ଼ିଶାର ସମଗ୍ର ଘରୋଇ ଉତ୍ପାଦର ୨୩.୪୩ ପ୍ରତିଶତ କୃଷିକ୍ଷେତ୍ରରୁ ଆସେ। ଏଠାରେ ଯାହା ଅଛି କ୍ୱଚିତ ପ୍ରଦେଶରେ ତାହା ଦେଖିବାକୁ ମିଳେ। ଜଳବାୟୁମଣ୍ଡଳ ଅନୁସାରେ ଏହାକୁ ଦଶଟି କୃଷି ଜଳବାୟୁ ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଜୋନ୍‌ର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି। ଯେପରିକି ଉପକୂଳବର୍ତ୍ତୀ ଅଞ୍ଚଳରେ ମାଛ ଓ ଚିଙ୍ଗୁଡ଼ି ଭଲ ଭାବରେ ଚାଷ କରାଯାଇପାରିବ। ପଶ୍ଚିମାଞ୍ଚଳ, କଳାହାଣ୍ଡି, ବଲାଙ୍ଗିର ଅଞ୍ଚଳର କୃଷ୍ଣକାର୍ପାସ ମୃତ୍ତିକାରେ କପାଚାଷ କରାଯାଇପାରିବ। ବୌଦ ଫୁଲବାଣୀ ଅଞ୍ଚଳର ଅଦା, ହଳଦୀର ସ୍ୱାତନ୍ତ୍ର୍ୟ ଓ ଚମତ୍କାରିତା ପାଇଁ ଏହା ସାରା ବିଶ୍ୱ ବଜାରରେ ନାମ କରିପାରିବ। ମଧ୍ୟ ମାଳ ଜଳବାୟୁ ମଣ୍ଡଳ ଯଥା ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଅଞ୍ଚଳରେ କଦଳୀ, ଆମ୍ବ ପରି ପ୍ରଚୁର ବଜାର ଚାହିଦା ଥିବା ଫଳଚାଷ କରଯାଇପାରିବ। ବଲାଙ୍ଗିର, କଳାହାଣ୍ଡି ଓ ଅନୁଗୋଳ ଅଞ୍ଚଳର ପିଆଜ ଚାଷକୁ ଆହୁରି ପ୍ରୋତ୍ସାହିତ କରାଯାଇ ପାରିବ। କୋରାପୁଟ ଜିଲ୍ଲାର ଜଳବାୟୁରେ ପନିପରିବା ସହ ଉତ୍କୃଷ୍ଟ ମସଲା ଚାଷ କରାଯାଏ। କହିବା ବାହୁଲ୍ୟ ଯେଉଁ ଅଞ୍ଚଳରେ ଯେଉଁ ଚାଷ ଚାଲିଛି ତାକୁ ଆବଶ୍ୟକ ବୈଜ୍ଞାନିକ ଦିଗଦର୍ଶନ ଓ ଭିତ୍ତିଭୂମି ଯୋଗାଇ ଦେବାକୁ ପଦକ୍ଷେପ ନେବାକୁ ହେବ। ଏହା ହେଲେ କୌଣସି ସଂଗଠନ ବିରୋଧ କରିବାର ନାହିଁ। ରାଜ୍ୟ ତଥା ଦେଶରେ ପୁଞ୍ଜି ବିନିଯୋଗ କରୁଥିବା ବଡ଼ବଡ଼ କମ୍ପାନୀଗୁଡ଼ିକୁ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ପ୍ରତିଷ୍ଠା ନ୍ୟାୟରେ ସୁବିଧା ଦେଲେ ସେମାନେ ଆକର୍ଷିତ ହେବେ। ଏହି କୃଷି ଜଳବାୟୁ ଜୋନ୍‌ରେ ନିର୍ଦ୍ଦିଷ୍ଟ ଫସଲ ଉତ୍ପାଦନକରି କମ୍ପାନୀମାନେ ନିଜେ ଲାଭ ରଖିବା ସହ କୃଷିକୁ ନୂତନ ପଦ୍ଧତି, ଜ୍ଞାନକୌଶଳ, ଉଚିତ୍ ମୂଲ୍ୟ ସର୍ବୋପରି ଦେଶ ବିଦେଶର ବଜାର ସହ ଯୋଗସୂତ୍ର କରାଇବାରେ ସାହାଯ୍ୟ କରିବେ। ସରକାର ମଧ୍ୟ ଚାହିଁଲେ ଏସ୍‌ଇଜେଡ୍‌ର ସୁବିଧା ନେଉଥିବା କମ୍ପାନିମାନଙ୍କୁ ଏସ୍‌ଏଜେଡ୍ ଭଳି ପ୍ରକଳ୍ପ ଗ୍ରହଣ କରିବାକୁ ରାଜି କରାଇପାରିବେ। ଏହାଦ୍ୱାରା ସେ ଅଞ୍ଚଳର ପ୍ରାକୃତିକ ସମ୍ପଦର ସୁବିନିଯୋଗ ହୋଇପାରିବ। ପରିବେଶ ସନ୍ତୁଳନ ସହ ଖାଦ୍ୟ ନିରାପତ୍ତାପାଇଁ ଚିନ୍ତିତ ହେବାକୁ ପଡିବ ନାହିଁ। ସରକାର ଯଦି ଦୃଢ଼ ଇଚ୍ଛାଶକ୍ତି ରଖିବେ, ସେହିଭଳି ଜୋନ୍ ଗଠନକରି ବାହାବା ନେଇ ପାରିବେ। ଚାଷୀଙ୍କ ଦ୍ୱାରରେ ଋଣ, କୃଷିବୀମା ଯୋଜନା, ପ୍ରାକୃତିକ ସମ୍ପଦର ସୁବିନିଯୋଗ କୌଶଳ, ଖାଦ୍ୟ ସଂରକ୍ଷଣ ଓ ଉନ୍ନତ ପ୍ୟାକେଜ୍ ବ୍ୟବସ୍ଥା ଶୈଳୀ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ଜ୍ଞାନ ଚୌପାଲ୍‌ର ବ୍ୟବହାର ଓ ସର୍ବୋପରି ବଜାର ଭିତ୍ତିକ କୃଷି ପ୍ରଣାଳୀ ଗ୍ରହଣ କରି ଚାଷୀକୁ ଲାଭବାନ୍ କରାଇପାରିବେ ଓ କୃଷିରେ ନୂତନ ଦିଗନ୍ତ ଉନ୍ମୋଚିତ ହେବ। ଏହାଛଡା ଓଡିଶାରେ ଅଦ୍ୟାବଧି କାର୍ଯ୍ୟ କରୁଥିବା କୃଷି ବିପଣନ ପରିଷଦ ଓ ଇପିକଲ୍ ଭଳି ସଂସ୍ଥାର କାର୍ଯ୍ୟକୁ ସମୀକ୍ଷାକରି ସେମାନଙ୍କୁ କ୍ରିୟାଶୀଳ କରିବାକୁ ପଡିବ। ନିଜ ସ୍ୱାର୍ଥର ସୁରକ୍ଷାପାଇଁ କୃଷକମାନଙ୍କ ମନରେ ଜାଗରଣ ସୃଷ୍ଟି କରିବାକୁ କୃଷକ ସଂଗଠନ ଓ ସମବାୟ ସଂସ୍ଥା ଗଠନକୁ ଅଗ୍ରାଧିକାର ଦେବାକୁ ହେବ। ୦୪.୦୬.୨୦୧୪

# ବଞ୍ଚିଥିଲେ....କ'ଣ କରିଥାନ୍ତେ ଗାନ୍ଧିଜୀ ?

ଗାନ୍ଧିଜୀ ଓରଫ ମୋହନଦାସ କରମଚାନ୍ଦ ଗାନ୍ଧୀ ତଥା ଭାରତର ପ୍ରିୟ ବାପୁଜୀଙ୍କୁ ଜଣେ ବିରଳ ସାମାଜିକ ସଂସ୍କାରକ ଓ ଉତ୍ତମ ବ୍ୟକ୍ତିଭାବେ ସାରା ବିଶ୍ୱ ବିବେଚନା କରେ। ଭାରତର ସ୍ୱାଧିନତା ସଂଗ୍ରାମକୁ ଭାରତୀୟ ସମାଜିକ ଚଳଣି ସହ ମିଶାଇ ସେ ଏକ ନୂତନ ଚିନ୍ତାଧାରା ସୃଷ୍ଟି କରିଥିଲେ ଯାହାକୁ ଦୁନିଆଁ 'ଗାନ୍ଧିଆନ୍ ପ୍ରିନ୍ସିପଲ୍' କୁହେ। ତାଙ୍କର ବହୁକଥା ବହୁଲୋକଙ୍କ ମନକୁ ପାଇ ନ ପାରେ, କିନ୍ତୁ ସର୍ବାନ୍ତଃକରଣରେ ମଣିଷକୁ ଭଲ ପାଉଥିବା ମଣିଷଟିଏ ଥିଲେ ଗାନ୍ଧିଜୀ। ଚିନ୍ତନ, କଥନ ଓ ତା'ର କାର୍ଯ୍ୟାନ୍ୱୟରେ ସେଇ ଗୋଟିଏ ଲୋକ 'ଗାନ୍ଧିଜୀ'। ସାଂପ୍ରତିକ ପରିସ୍ଥିତିରେ ଏ ଲେଖକ ମନରେ ଏପରି ଅଦ୍ଭୁତ ଚିନ୍ତାଧାରାର ଅଭ୍ୟୁଦୟ ହେବାର କାରଣ ଆଜି ଭାରତର ନେତୃତ୍ୱ ନେଉଥିବା ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ଆଧ୍ୟାତ୍ମିକ ନେତାମାନଙ୍କର ଭାବନାକୁ ନେଇ। ସାମାଜିକ ଚରିତ୍ରଗତ ସ୍ଖଳନ, ଦୁର୍ନୀତି, ବ୍ୟଭିଚାର, ହିଂସା, ପ୍ରତିହିଂସା ପରି ଭାରତୀୟମାନଙ୍କ ଶରୀରରେ ବହୁଥିବା ଦୁଷିତ ରକ୍ତକୁ ନେଇ ଗାନ୍ଧିଜୀ କେଉଁ ପବିତ୍ର ଭୂମିର ପରିକଳ୍ପନା କରିଥାନ୍ତେ ? ଉଚ୍ଚ ଅଭିବୃଦ୍ଧି ହାର ପାଇଁ ହଜାର ହଜାର ଗ୍ରାମୀଣ କୁଟୀରଶିଳ୍ପକୁ ମାରି ବଡବଡ ପୁଞ୍ଜିପତିଙ୍କୁ ପ୍ରୋତ୍ସାହନ ଦେବା, ଶୃଙ୍ଖଳିତ ଯୌଥ ପରିବାରରୁ ବିଶୃଙ୍ଖଳିତ ସ୍ୱାର୍ଥପରତାକୁ ଆପଣେଇବା, ଉଚ୍ଚମନା ଶାସକଙ୍କ ହାତରୁ ନୀଚମନା, କୁସଂସ୍କାରୀ ନେତା ଓ ପ୍ରଶାସକ ହାତକୁ ଆଇନ ଚାଲିଯିବା, ଦୁସ୍ଥ ଖାଦ୍ୟ ନିରାପତ୍ତାକୁ ନ ସଜାଡି ଉଚ୍ଚାକାଙ୍କ୍ଷୀ ଖାଦ୍ୟ ନିରାପତ୍ତା ଘୋଷଣା କରୁଥିବା ଭାରତବର୍ଷରେ ଗାନ୍ଧିଜୀ କ'ଣ କରୁଥାନ୍ତେ ? ଅସହଯୋଗ ନା ମୌନ ନା ଅନାହାର ଆନ୍ଦୋଳନ କ'ଣ କରିଥାନ୍ତେ ଗାନ୍ଧିଜୀ ? ଆମର ବର୍ତ୍ତମାନ ଭାରତୀୟ ନେତୃଗଣ ତାଙ୍କୁ କ'ଣ ନେତା ଭାବେ ସ୍ୱୀକାର କରିଥାନ୍ତେ ? ଟଙ୍କାକିଆ ଚାଉଳ ଖାଇ ନିକମା ହୋଇ ଗାଁ'ରେ ବସିଥିବା ଯୁବକ ତାଙ୍କ ଡାକରାରେ କ'ଣ ସାମାଜିକ ସଂଗ୍ରାମରେ ନିଜକୁ ସାମିଲ କରିଥାନ୍ତା ? ଗତ ଦଶନ୍ଧିଧରି ଆମ ଦେଶକୁ ଜଣେ ବିଶ୍ୱସ୍ତରୀୟ ଅର୍ଥନୀତିଜ୍ଞ ଓ ତାଙ୍କର ଦଳ ନେତୃତ୍ୱ ଦେଉଛନ୍ତି। ନବେଦଶକର ଦେବାଳିଆ ଅର୍ଥନୀତିକୁ ସଜାଡିବାକୁ ଆସି ସେ ବର୍ତ୍ତମାନ ଦେଶର ପ୍ରଧାନମନ୍ତ୍ରୀ। ତାଙ୍କ ଅମଳରେ ଗତ ୨୦୦୯-୧୦ରୁ ୨୦୧୨-୧୩ ପର୍ଯ୍ୟନ୍ତ ଆମ ଅର୍ଥନୀତି ଅଭିବୃଦ୍ଧିହାର ଯଥାକ୍ରମେ ୮,

୬, ୯, ୩, ୨ ଓ ୫.୦ ପ୍ରତିଶତ ରହିଆସିଛି। ଏଇ ଜୁନ୍ ୨୦୧୩ ପର୍ଯ୍ୟନ୍ତ ଏହା ୪.୪ ପ୍ରତିଶତକୁ ଖସି ଆସିଲାଣି। ଯେଉଁମାନଙ୍କ ଭରସାରେ ସେ ଅଭିବୃଦ୍ଧି ହାରକୁ ଦୁଇଅଙ୍କ ବିଶିଷ୍ଟ କରିବାକୁ ଚିନ୍ତା କରିଥିଲେ, ସେମାନେ ଏବେ କରଛଡା ଦେବାରୁ ସେ ବହୁତ ଚିନ୍ତିତ। ଗାନ୍ଧିଜୀ ଥିଲେ କହିଥାନ୍ତେ ଆରେ ନିଜ ଗାଁ, ନିଜ ଦେଶକୁ ଶକ୍ତ କର, ବାହାର ଲୋକର ଧନରେ ଧନୀ ହେବାର ଯେଉଁମାନେ ସ୍ୱପ୍ନ ଦେଖୁଛନ୍ତି, ସେମାନେ ଭବିଷ୍ୟତରେ କାଙ୍ଗାଳ ହୋଇଛନ୍ତି। ସେଥିପାଇଁ ସେ ଏକଦା କହିଥିଲେ ମୋ ଘରର ଝରକା ସବୁ ଖୋଲିଦିଅ। ସବୁ ଆଡୁ ପବନ ଆସି ମୋ ଘର ସୁଗନ୍ଧିତ କରୁ, କିନ୍ତୁ ତାହା ମୋତେ ଯେମିତି ଉଡ଼ାଇ ନ ନେଉ। ନିଜ ଘରେ ଲକ୍ଷାଧିକ କୃଷକ ଆତ୍ମହତ୍ୟା କରୁଥିବାବେଳେ ଆମେ ଯେତେବେଳେ ପରଧନରେ ନିଜ ଅଭିବୃଦ୍ଧିହାର ବଢାଇ ଚାଲିଲେ, ସେତେବେଳେ ନିଜ ଭିତ୍ତି ଦୃଢ କରିବାକୁ ପଦକ୍ଷେପ ନେଲେନି କାହିଁକି ? ଆମର ମୂଳଦୁଆ, ଆମ କୃଷି, ପଶୁପାଳନ, କୁଟୀର ଶିଳ୍ପ, ପ୍ରାକୃତିକ ସମ୍ପଦ, ଖଣି ଖାଦାନ, ମାନବ ସମ୍ବଳକୁ ଠିକ୍ ନୀତିରେ ପରିଚାଳିତ ନ କରି ପରଧନରେ ନିଜେ ବଳିୟାନ ହୋଇଛନ୍ତି ବୋଲି ଭାବିଲେ ଏବଂ ଭାରତୀୟ ସଂସ୍କୃତିର 'ଛୋଟ ହିଁ ସୁନ୍ଦର, ସରଳ ଚଳଣି ହିଁ ସମୃଦ୍ଧିର ରାସ୍ତା' ତାକୁ ଭୁଲି ବେପରୁଆ ଖର୍ଚ୍ଚ କରିବାକୁ ଉଚିତ୍ ଭାବିଲେ। ବିକଶିତ ଆମେରିକା, ଇଉରୋପୀୟ ରାଷ୍ଟ୍ରମାନଙ୍କର ନିମ୍ନ ଅଭିବୃଦ୍ଧିହାର ଦେଖି ତାଙ୍କ ଧନରେ ଆମେ ଆଗାମୀ ଶତାବ୍ଦୀର ବିଶ୍ୱ ଅର୍ଥନୀତି ଶାସକ ହେବାକୁ ସ୍ୱପ୍ନ ଦେଖିଲେ। ଆମ ଦେଶର ୭୦ ପ୍ରତିଶତ ଲୋକ ଗ୍ରାମବାସୀ, ୬୦ ପ୍ରତିଶତ ଲୋକ କୃଷକ, ଏକଚତୁର୍ଥାଂଶରୁ ଅଧିକ ଲୋକ ଏବେବି ସର୍ବନିମ୍ନ ମୌଳିକ ସୁବିଧା ଠାରୁ ଦୂରରେ ରହି କୁସଂସ୍କାର ଦାରିଦ୍ର୍ୟ ତାଡନାରେ ଦୈନିକ ୨୫ରୁ ୩୩ ଟଙ୍କା ମଧ୍ୟରେ ଅତ୍ୟନ୍ତ ଦୟନୀୟ ଭାବରେ ଜୀବନଯାପନ କରନ୍ତି। କିଛି ଧନୀକ ଶ୍ରେଣୀର ଲୋକଙ୍କ ଚଳଣିକୁ ଆମେ 'ଭାରତ ହସୁଅଛି ବା ଇଣ୍ଡିଆ ସାଇନିଙ୍ଗ' ଭାବେ ଭୁଲ ବିବେଚନା କଲେ।

୨୦୦୮ ମସିହା ବେଳର ଉଚ୍ଚ ଅଭିବୃଦ୍ଧି ହାର ଆମକୁ ଅନ୍ଧ କରିଦେଲା, ଯାଦ୍ୱାରା ଆମେ ଚିନ୍ତା କରିପାରିଲୁ ନାହିଁ ଏବେ ବି ଆମେ ବହୁକ୍ଷେତ୍ରରେ ବହୁପଛରେ। ମୌଳିକ ଆବଶ୍ୟକତାରେ ଆମେ ସ୍ୱାବଲମ୍ବୀ ନୁହେଁ। ୨୦୧୧ ମସିହା ବେଳକୁ ଆମେ ଦୃଷ୍ଟି ଦେଇନଥିବା ଦେଶର ଖାଦ୍ୟ ଅର୍ଥନୀତି ଉତ୍କଟ ହେଲା ବେଳକୁ ଆମର ଅର୍ଥନୀତିଜ୍ଞ ଏହାକୁ ରୋକିବାରେ ବିଫଳ ହେଲେ। ଆମ ମୁଦ୍ରାର ମୂଲ୍ୟ ତଳକୁ ଖସିବା ଆରମ୍ଭ ହେଲା। ତଥାପି ସ୍ୱପ୍ନରେ ମସ୍‌ଗୁଲ ଥିବା ଭାରତୀୟ ନେତୃତ୍ୱ ଏଥିରେ ଚେତିଲେ ନାହିଁ। ବରଂ ଦେଶର ଧନୀକ ବ୍ୟବସାୟୀ, ନେତା, ପ୍ରଶାସକ ଗୋଷ୍ଠୀ ଟଙ୍କାର ଅବମୂଲ୍ୟାୟନକୁ ଲକ୍ଷ୍ୟକରି ପ୍ରଚୁର ସୁନା କିଣିଲେ। ବାର୍ଷିକ ହାରାହାରି ନଅଶହ ଟନ୍ ସୁନା କିଣିବାରୁ ଆମର ପ୍ରବଳ ବୈଦେଶିକ ମୁଦ୍ରା ବହିର୍ଗତ ହେଲା। ୨୦୧୧-୧୨

ମସିହାରେ ଆମେ କେବଳ ତୈଳବୀଜ ଦ୍ରବ୍ୟ ଓ ସୁନା କିଣାରେ ୮୮.୨ ବିଲିୟନ ଡଲାର ବାହାର ଦେଶକୁ ଦେଇଦେଲେ। ତା'ପରେ ଆରମ୍ଭ ହେଲା ଆମର ଦୂରାବସ୍ଥା। ଅର୍ଥନୀତିରେ ନିଜକୁ ସିଂହ ମନେକରୁଥିବା ଭାରତ ଗୋଟିଏ ମୂଷିକ ଭାବେ ପ୍ରମାଣିତ ହେଲା। ସିରିଆରେ ଯୁଦ୍ଧର ଆଶଙ୍କା ହେଲେ ଆମ ସେନସେକ୍ସ ଖସିଲା, ମୁଦ୍ରାର ମୂଲ୍ୟ ବି ଖସିଲା। ଏବେ କେବଳ ପାଶ୍ଚାତ୍ୟ ଦେଶ ନୁହେଁ, ଆରବୀୟ, ପ୍ରାଚୀୟ ଯେଉଁଠି ବି ଅର୍ଥନୀତିକୁ ଥଣ୍ଡା ହେବ ଆମକୁ ଡେଙ୍ଗୁ, ଚିକେନଗୁନିଆଁ ହେବାର ପରିସ୍ଥିତି ଆସିଯାଇଛି। ଆମେ ପାଶ୍ଚାତ୍ୟ ଦେଶମାନଙ୍କ ସହ ବନ୍ଧୁତାକୁ ମୁଖ୍ୟ ସ୍ଥାନ ଦେଇଛୁ। ଯେଉଁ ଗାନ୍ଧିଜୀଙ୍କର ନେତୃତ୍ୱ ବ୍ରିଟିଶମାନଙ୍କୁ ଧରାଶାୟୀ କରିଥିଲା, ସେମାନଙ୍କର ସେନ୍‌ସେକ୍ସ ବୃଦ୍ଧିରେ ଆମେ ଉତ୍ସାହିତ। ସେମାନ କାନ୍ଦିଲେ ଆମେ ଚେତାଶୂନ୍ୟ ହେଲେ। ଏ କିଭଳି ଅର୍ଥନୀତି ? କହିବା ବାହୁଲ୍ୟ, ଆମର ପଡୋଶୀ, ଆମର ଭାବଗତ, ସାଂସ୍କୃତିକ ଐକ୍ୟ ଥିବା ଦକ୍ଷିଣ ଏସୀୟା ରାଷ୍ଟ୍ରଗଣ, ପାରସ୍ୟ ଉପସାଗରୀୟ ବନ୍ଧୁଗଣକୁ ନ୍ୟୂନରେ ରଖି ବର୍ତ୍ତମାନ ଆମେ ପୁଣି ସେହି ବ୍ୟବସାୟୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ କବଳିତ। ଆମ ମୁଦ୍ରାକୁ ସର୍ବଦା ଡଲାର ନିକଟବର୍ତ୍ତୀ କରିବାକୁ ଚାହିଁ ଆମ ସାହି ପଡିଶା, ବନ୍ଧୁ, ଜ୍ଞାତିମାନଙ୍କ ସହଯୋଗେରେ ଯୌଥ ପରିବାରର ଧର୍ମକୁ ଆମେ ଭୁଲିଯାଇଛୁ। ଗାନ୍ଧୀଙ୍କ ବିଚାରର ପ୍ରତିକୂଳତା ଏବେ ଆମକୁ ସମ୍ମୁଖୀନ ହେଲାବେଳକୁ ଆମର ପ୍ରଧାନମନ୍ତ୍ରୀ ନିଜର ମୌନତା ଭଙ୍ଗକରି ଲୋକଙ୍କୁ ସୁନା ନ କିଣିବାକୁ ପରାମର୍ଶ ଦେଲେଣି; ତାଙ୍କର ମନ୍ତ୍ରୀ ରାତ୍ରିରେ ପେଟ୍ରୋଲ ପମ୍ପ ବନ୍ଦ କରିବାକୁ ପ୍ରସ୍ତାବ ଦେଉଛନ୍ତି ଏବଂ ଆଉ ଜଣେ ମନ୍ତ୍ରୀ ସୁନା ବନ୍ଧା ପକାଇ ଦେଶର ଚଳନ୍ତି ଜମାଖାତାକୁ ସମ୍ଭାଳି ନେବାକୁ ଉପଦେଶ ଦେଉଛନ୍ତି। ଗାନ୍ଧୀ ଥିଲେ କ'ଣ ଏପରି ଉପଦେଶ ଦେଇଥାନ୍ତେ ? ଦେଶକୁ ଆମଦାନୀ ହେଉଥିବା ମୋଟ୍ ସୁନାର ଏକ ତୃତୀୟାଂଶ ଅଳଙ୍କାର ହୁଏନି, ବରଂ ଧନୀ ବ୍ୟବସାୟୀ, ନେତା ଓ ଚାକିରିଆମାନେ ବିସ୍କୁଟ ଆକାରରେ ରଖନ୍ତି।

ଖାଦ୍ୟ ନିରାପତ୍ତା ବିଲ୍ ଓ ଭୋଟ କିଣା ରାଜନୀତିକୁ ଦେଖି ହୁଏତ ଗାନ୍ଧୀ ପୁଣି ନୁଆଖଲିରେ ବସିଥାନ୍ତେ ଅନଶନରେ। କହିଥାନ୍ତେ, ଆମ ଭାରତୀୟ ଯୁବକ-ଯୁବତୀ ହୀନବୀର୍ଯ୍ୟ ଟଙ୍କାକିଆ ଚାଉଳ ଖାଇବେ ନାହିଁ; ତାଙ୍କର କାମ ଦରକାର, ସେମାନେ ଖଟିକି ଖାଇବେ, ତାଙ୍କୁ କାମ ଦିଅ। ସାଧାରଣ ଜନତାର ମୋପେଡରେ ପେଟ୍ରୋଲ ପକାଇବାକୁ ବାରଣ ନ କରି ଅନଶନ କରିଥାନ୍ତେ ସବୁ ରାଜନୈତିକ ଦଳ ଏଥରର ନର୍ବାଚନକୁ ପାଦରେ, ବସରେ, ରେଳରେ କିମ୍ବା ସର୍ବନିମ୍ନ ସଂଖ୍ୟକ ମୋଟର ବ୍ୟବହାର କରି ଯାତ୍ରା କିରିବାକୁ। ଆମର ନେତୃବର୍ଗ ଏଥିରେ ରାଜି ହେବେ ତ ? ସ୍ୱୟଂ ପ୍ରଧାନମନ୍ତ୍ରୀ ଏହାକୁ ଆରମ୍ଭ କରିବାକୁ ଅନୁରୋଧ କରିଥାନ୍ତେ। ଦେଶର ୬୦ ପ୍ରତିଶତ ମାନବସମ୍ବଳ ବିନିଯୋଗରେ ଉତ୍ପନ୍ନ ପଦାର୍ଥର ଚାହିଦା ଆମ ଆନ୍ତର୍ଜାତିକ ବଜାରରେ ନ୍ୟୁନତମ।

ଏହାର ବିକାଶକୁ ପାଥେୟ ନ କରି ଦେଶର ଅଗଣିତ ପଢୁଆ ଯୁବକ-ଯୁବତୀଙ୍କୁ ଆମ ଦେଶରେ ନ ପଢାଇ ବାହାର ଦେଶକୁ ପଠାଇବାକୁ ସେ ବିରୋଧ କରିଥାନ୍ତେ। ଅର୍ଥନୀତିକୁ ଦୃଢ କରିବା ନାଁ'ରେ ଶିକ୍ଷାକୁ ଅର୍ଥକୈନ୍ଦ୍ରିକ କରି ସ୍ୱାଧିନ ଭାରତର ବହୁ ଉଚ୍ଚଶିକ୍ଷିତ ଯୁବକ ବର୍ତ୍ତମାନ ବିଦେଶରେ ଶରଣାର୍ଥୀ। ସେମାନଙ୍କ ପାଇଁ ଖର୍ଚ୍ଚ ହୋଇଥିବା ପୁଞ୍ଜିର ମଜା ନେଉଛନ୍ତି ମୁଖ୍ୟତଃ ପାଶ୍ଚାତ୍ୟ ଦେଶସମୂହ। ଦେଶ ସ୍ୱାଧିନତା ବେଳର ମୁଖ୍ୟ ଜୀବିକା ଶିକ୍ଷକତା, ଏବେ ପଛଧାଡିର ପେଶା। ଏଭଳି ପରିସ୍ଥିତିକୁ କ'ଣ ଗାନ୍ଧୀ ସହ୍ୟ କରିପାରିଥାନ୍ତେ! ନିଜ ଦେଶର ବ୍ୟାଙ୍କ ଛାଡି ବିଦେଶୀ ବ୍ୟାଙ୍କରେ ଟଙ୍କା ରଖୁଥିବା ମହାଜନମାନଙ୍କୁ ଗାନ୍ଧିଜୀ ନିଶ୍ଚିତ ବାଟକୁ ଆଣିପାରିଥାନ୍ତେ। ସେଥିପାଇଁ ତ ଟାଟା, ବିରଳା, ବଜାଜ ପରି ବ୍ୟବସାୟୀମାନେ ତାଙ୍କର ବନ୍ଧୁ ହୋଇପାରିଥିଲେ। ନିଜର ନିଃସ୍ୱାର୍ଥପରତା, ସାର୍ବଜନୀନଭାବ, ତ୍ୟାଗ ମନୋଭାବରେ ସାରା ବିଶ୍ୱକୁ ଆଲୋକିତ କରୁଥିବା ଅହିଂସାର ପୂଜାରୀ 'ଗାନ୍ଧିଜୀ'ଙ୍କୁ ଚାଲ ଖୋଜିବା ହୁଏତ ସେ ଆବିର୍ଭୂତ ହୋଇ ଦେଶକୁ ପୁଣି ପରାଧୀନ ଅର୍ଥନୀତିରୁ ମୁକ୍ତ କରିବାକୁ ଏକ ନୂତନ ଆନ୍ଦୋଳନ ଆରମ୍ଭ କରିବେ।

ତା ୨୦.୧୨.୨୦୧୩

# ଖାଦ୍ୟ ଚିନ୍ତା ଜରୁରୀ

ଖାଦ୍ୟ ନିରପତ୍ତା ପ୍ରସଙ୍ଗ ଆସିଲା ବେଳକୁ ସମସ୍ତଙ୍କର ଦୃଷ୍ଟି ଭାତ ଆଉ ରୁଟିରେ ସୀମିତ ହୋଇଯାଏ ଯଦିଓ ଗୋଟିଏ ସୁସ୍ଥ ଜୀବନଯାପନ ପାଇଁ ଏକ ସନ୍ତୁଳିତ ଖାଦ୍ୟର ଆବଶ୍ୟକତା ରହିଥାଏ। ବର୍ତ୍ତମାନ ସରକାରଙ୍କର ବହୁ ମହତ୍ତ୍ୱାକାଂକ୍ଷୀ ଖାଦ୍ୟ ନିରାପତ୍ତା ବିଲ୍ ଯାହା ବର୍ତ୍ତମାନ ଅଧ୍ୟାଦେଶ ବଳରେ ଆଇନ୍‌ରେ ପରିଣତ ହୋଇଛି, ତାହା ଦେଶର ୮୨ କୋଟି ସାଧାରଣ ଜନତାଙ୍କୁ ଖାଦ୍ୟ ନିରାପତ୍ତା ଦେବାକୁ ଉଦ୍ଦିଷ୍ଟ ବୋଲି କୁହାଯାଇଛି। ଏହା ମଧ୍ୟ କେବଳ ଭାତ ଓ ରୁଟି ମଧ୍ୟରେ ସୀମିତ। ଏହି ବିଲ୍ ପୂର୍ବରୁ ବିଭିନ୍ନ ପ୍ରାଦେଶିକ ସରକାର ରାଜ୍ୟବାସୀଙ୍କୁ ମୁଖ୍ୟ ଖାଦ୍ୟ ସ୍ୱଳ୍ପ ମୂଲ୍ୟରେ ଅର୍ଥାତ୍ କେଜି ପ୍ରତି ଟଙ୍କାଏ, ଦୁଇ ଟଙ୍କା ହିସାବରେ ଯୋଗାଇ ଆସିଲେଣି। ରାଜସ୍ଥାନ ଭଳି ପ୍ରଦେଶରେ ଗରିବ ସୀମାରେଖା ତଳେ ରହୁଥିବା ଲୋକମାନଙ୍କ ପାଇଁ ଚିନି ମଧ୍ୟ କେଜି ପିଛା ଦଶ ଟଙ୍କାରେ ଯୋଗାଇ ଦେବା ଦାବୀ ହେଲାଣି। କିନ୍ତୁ ଖାଦ୍ୟ ତ କେବଳ ଭାତ ଓ ରୁଟି ମଧ୍ୟରେ ସୀମିତ ନୁହେଁ, ଅନ୍ୟାନ୍ୟ ଖାଦ୍ୟ କଥା ଚିନ୍ତା କରାଯାଉ। ଶ୍ୱେତସାର ଠାରୁ ପୁଷ୍ଟିସାର ଆମ ଶରୀର ପାଇଁ ଅଧିକ ଉପାଦେୟ। ଶ୍ୱେତସାର ଆବହମାନକାଳରୁ ସବୁ ସମୟରେ ମଣିଷ ପାଖରେ ସହଜଲବ୍ଧ ହୋଇଥିବାବେଳେ ପୁଷ୍ଟିସାର ମିଳିବା ବ୍ୟୟସାପେକ୍ଷ ହୋଇଥାଏ। ତେବେ ସରକାରମାନେ ଖାଦ୍ୟ ନିରାପତ୍ତା କଥା ଚିନ୍ତା କଲାବେଳେ ଏ ସବୁ ପ୍ରସଙ୍ଗକୁ ଏଡାଇ ଯାଆନ୍ତି। ଏକଥା ମଧ୍ୟ ଏଠାରେ ପ୍ରଣିଧାନଯୋଗ୍ୟ ଯେ ମାନନୀୟ ମୁଲାୟମଜୀ ଯିଏ ଭାରତ ସରକାରଙ୍କ ସ୍ଥିତିକୁ ବାହାରୁ ଡିରା ଦେଇ ଠିଆ କରାଇଛନ୍ତି, ସେ କହଛନ୍ତି, ଏତେ ଶସ୍ତାରେ ଯଦି ଚାଉଳ, ଗହମ ସାଧାରଣ ଜନତାଙ୍କୁ ଯୋଗାଇ ଦିଆଯିବ ତେବେ କିଏ କାହିଁକି ବା ଚାଷକରିବାକୁ ଆଗ୍ରହୀ ହେବେ। ଏକଥାର ମଧ୍ୟ ଗୁରୁତ୍ୱ ରହିଛି। ଜାତୀୟ ନମୁନା ସର୍ବେକ୍ଷଣ ତଥ୍ୟ ଅନୁସାରେ ଦେଶର ଶତକଡା ୪୦ ଭାଗ କୃଷକ ଯେ କୌଣସି ସମୟରେ କୃଷି କାର୍ଯ୍ୟ ଛାଡିବାକୁ ପ୍ରସ୍ତୁତ ଯଦି ତାଙ୍କୁ ଅନ୍ୟ କିଛି ରୋଜଗାର ପନ୍ଥା ମିଳେ ଏବଂ ଏ ସଂଖ୍ୟା ମଧ୍ୟ ଆସ୍ତେଆସ୍ତେ ବଢିବାକୁ ଲାଗିଛି। ରିହାତି ଚାଉଳ, ଗହମ, କିଛି ତ ଖୋଲା ବଜାରକୁ ନିଶ୍ଚୟ ଆସିବ। ସରକାର ଯଦି ଚାଷୀଠାରୁ ଉଚିତ୍ ଦାମରେ ତା'ର ଉତ୍ପାଦକୁ କିଣିବାକୁ ନିଶ୍ଚିତ ନ କରିବେ, ଏହାର ପ୍ରତିକୂଳ ପ୍ରଭାବ ଆମର ମୁଖ୍ୟ ଖାଦ୍ୟ ଶସ୍ୟ ଉପରେ ଭବିଷ୍ୟତରେ ନିଶ୍ଚିତ ପଡିବ। ଗତ କିଛି ଦିନ ତଳେ ଆମ

ରାଜ୍ୟର ଜଣେ କ୍ଷୁଦ୍ର ଚାଷୀ ନିଜର ୧୯ ବସ୍ତା ଧାନ ଧରି ବାରମ୍ବାର ସମବାୟ ସମିତିକୁ ବିକ୍ରି ପାଇଁ ଦଉଡି ନିରାଶ ହେବାପରେ ପ୍ରାଣ ହରାଇଲେ। ଭବିଷ୍ୟତରେ ଏପରି ଅଘଟଣ ବଢିଯିବାର ଯଥେଷ୍ଟ ସମ୍ଭାବନା ରହିଛି। କୃଷି, ପଶୁପାଳନ, ମତ୍ସ୍ୟ ଓ ଜଙ୍ଗଲ ସମ୍ପଦ ଅଦ୍ୟାବଧି ଆମ ରାଜ୍ୟର ଶତକଡା ୬୦ ଭାଗ ଲୋକଙ୍କର ଜୀବନଜୀବିକା ମୁଖ୍ୟପନ୍ଥା ହୋଇରହିଛି। କୃଷି କ୍ଷେତ୍ର ଯାହା ସ୍ୱାଧିନତା ପରବର୍ତ୍ତୀ ସମୟରେ ରାଜ୍ୟର ସମଗ୍ର ଘରୋଇ ଉତ୍ପାଦ ଅର୍ଥାତ ଜିଡିପିର ୭୦ ପ୍ରତିଶତ ଥିଲା ବର୍ତ୍ତମାନ ତାହା ସତର ପ୍ରତିଶତକୁ ଖସି ଆସିଲାଣି। ଅର୍ଥାତ ୪୦ ପ୍ରତିଶତ ଲୋକ ରାଜ୍ୟର ୮୩ ପ୍ରତିଶତ ଘରୋଇ ଉତ୍ପାଦକୁ ଉପଭୋଗ କରୁଥିବାବେଳେ, ଅଧିକ ଭାଗ ଲୋକ ଏହି ୧୭ ପ୍ରତିଶତ ଉପରେ ନିର୍ଭର କରନ୍ତି। ମୁଖ୍ୟଭାଗ ଅଣକୃଷି କ୍ଷେତ୍ର ଯଥା-ଶିଳ୍ପ, ସେବା, ନିର୍ମାଣ ଇତ୍ୟାଦି କ୍ଷେତ୍ର ସହ ଜଡିତ ଥାଆନ୍ତି। ସାଂପ୍ରତିକ ସମୟରେ ରାଜ୍ୟର ସର୍ବମୋଟ କ୍ଷେତି ଅଞ୍ଚଳ ବର୍ଷକୁ ବର୍ଷକୁ କମିବାରେ ଲାଗିଛି। ଗତ ଦଶନ୍ଧି ମଧ୍ୟରେ ଏହା ୫୮୪୫ ହଜାର ହେକ୍ଟର (୨୦୦୧-୦୨)ରୁ ୫୨୯୨ ହଜାର ହେକ୍ଟର (୨୦୧୧-୧୨)କୁ ଖସି ଆସିଛି। କେବଳ ଖାଦ୍ୟଶସ୍ୟ ଉତ୍ପାଦନ ଗୋଟିଏ ବର୍ଷ ୨୦୦୯-୧୦ ରୁ ୨୦୧୦-୧୧ ମଧ୍ୟରେ ୧୦.୮ ପ୍ରତିଶତ କମିଛି। ଏହି ସମୟ ମଧ୍ୟରେ ଆମର ୭୦ ପ୍ରତିଶତ ଚାଷ ଜମିରେ ହୋଇଥିବା ଧାନର କ୍ଷେତ ଅଞ୍ଚଳ ମଧ୍ୟ କମିଛି। କେବଳ ତୈଳଜାତୀୟ ଶସ୍ୟ ଉତ୍ପାଦନ ଏହି ବର୍ଷରେ ୩୮ ଭାଗ କମିଛି। ଖାଦ୍ୟଶସ୍ୟ ଉତ୍ପାଦନର ଏପରି ସ୍ଥିତି ଆମର ଖାଦ୍ୟ ନିରାପତ୍ତାକୁ କିପରି ସ୍ଥାୟୀକରିବ, ଏହା ନିଶ୍ଚିତଭାବେ ଆଲୋଚ୍ୟର ପ୍ରସଙ୍ଗ। ଏବେ ଆମ ଉତ୍ପାଦନ ଓ ଆବଶ୍ୟକତାକୁ ତୁଳନା କରାଯାଉ। ଆମ ରାଜ୍ୟର ଖାଦ୍ୟଶସ୍ୟ ଉତ୍ପାଦିକତା ହେକ୍ଟର ପିଛା ୧୪୪୨ କିଗ୍ରା ଥିବାବେଳେ ଜାତୀୟ ସ୍ତରରେ ଏହା ୧୯୨୧ କିଗ୍ରା ଅଟେ। ପଞ୍ଜାବ ଭଳି କୃଷିସମୃଦ୍ଧ ରାଜ୍ୟରେ ଏହା ୪୧୮୦ କିଗ୍ରା ରହିଛି। ଏଥିରୁ ଆମେ ଉତ୍ପାଦିକତାରେ କେଉଁଠି ତାହା ସହଜରେ ଅନୁମେୟ। ସରକାରଙ୍କର କୃଷିଭିତ୍ତିକ ସମସ୍ତ ଯୋଜନା ରୂପାୟନରେ ଆମର ଏପରି ନୈରାଶ୍ୟଜନକ ପରିସ୍ଥିତି ରହିଛି।

ସାଧାରଣତଃ ଗୋଟିଏ ପରିବାରର ଆର୍ଥିକ ଅବସ୍ଥାର ଉନ୍ନତି ଘଟିଲେ ତା'ର ଅଣଖାଦ୍ୟ ଖର୍ଚ୍ଚ ବଢିଥାଏ ଏବଂ ଖାଦ୍ୟ ମଧ୍ୟରେ ଶସ୍ୟଜାତୀୟ ଖାଦ୍ୟର ଆବଶ୍ୟକତା କମିଥାଏ। ପ୍ରାପ୍ତ ତଥ୍ୟ ଅନୁସାରେ ଆମ ରାଜ୍ୟର ଲୋକମାନଙ୍କର ମୁଖ୍ୟ ଖର୍ଚ୍ଚ ଖାଦ୍ୟ ଉପରେ ହୋଇଥାଏ। ୧୯୯୩ରୁ ୨୦୦୮ ମସିହା, ଗତ ୧୫ ବର୍ଷ ମଧ୍ୟରେ ଆମ ରାଜ୍ୟର ଗ୍ରାମୀଣ ଲୋକମାନଙ୍କର ମୁଣ୍ଡପିଛା ମାସିକ ଚାଉଳ ଖର୍ଚ୍ଚ୧୫.୨୦ କିଗ୍ରାରୁ୧୩.୧୩ କିଗ୍ରାକୁ କମିଛି। ସହରୀ ଲୋକଙ୍କର ମଧ୍ୟ ସେହି ଅନୁପାତରେ ଚାଉଳ ଚାହିଦା କମିଛି। ସେମାନଙ୍କର ଆଗ୍ରହ ଅନ୍ୟପକ୍ଷରେ ଚାଉଳ ଅପେକ୍ଷା

ଗହମ ପ୍ରତି ବଢ଼ିଛି । ଜଣେ ଗ୍ରାମୀଣ ଓଡିଆର ମୁଣ୍ଡପିଛା ମାସିକ ଖାଦ୍ୟଶସ୍ୟ ଚାହିଦା ୧୩.୩ କିଗ୍ରାରୁ ୯୪ ପ୍ରତିଶତ କେବଳ ଚାଉଳ ଓ ୬ ପ୍ରତିଶତ ଗହମ ହୋଇଥିବାବେଳେ ଜାତୀୟ ସ୍ତରରେ ଏହା ଯଥାକ୍ରମେ ୫୬ ଓ ୪୪ ପ୍ରତିଶତ ରହିଛି । ଆମ ସାଧାରଣ ଓଡିଆ ପରିବାରର କ୍ଷୀର ବାବଦ ଖର୍ଚ୍ଚ ଜାତୀୟ ସ୍ତରରୁ ଅଧାରୁ ବି କମ୍ । ଏଥିରୁ ଆମ ଖାଦ୍ୟ ନିରାପତ୍ତାର ମାନ ସହଜରେ ଅନୁମେୟ । ଏହା ମଧ୍ୟ ଜଣାଯାଏ ଯେ ଧାନ ବ୍ୟତୀତ ଅନ୍ୟ କୌଣସି ଫସଲ ଉତ୍ପାଦନରେ ଆମ ରାଜ୍ୟର ଆଖିଦୃଶିଆ ବଳକା ନ ଥାଏ । ଆମକୁ ପୁଷ୍ଟିସାର ଯୋଗାଉଥିବା ଡାଲିଜାତୀୟ ଫସଲକଥା ଚିନ୍ତା କରାଯାଉ । ଆମ ରାଜ୍ୟର ମୋଟ ଚାହିଦା ୨୦୧୦-୧୧ ବର୍ଷରେ ୧୦.୮୬ ଲକ୍ଷଟନ ଥିବାବେଳେ ଆମର ଉତ୍ପାଦନ ୯.୯୯ ଲକ୍ଷ ଟନରେ ସୀମିତ । ଏହାର ଅର୍ଥ ମୁଣ୍ଡପିଛା ଦୈନିକ ଅତିକମରେ ୫୦ଗ୍ରାମ୍ ଭାଗ ଡାଲି ନେଲେ ଆମର ୮୭ ହଜାର ଟନ୍ ଅଧିକ ଡାଲି ଆବଶ୍ୟକ ପଡୁଥିଲା । ତୈଳଜାତୀୟ ଫସଲ ଉତ୍ପାଦନ ଆହୁରି ନୈରାଶ୍ୟଜନକ । ଆମର ଆବଶ୍ୟକତା ବାର୍ଷିକ ୨୦.୭୯ ଲକ୍ଷ ଟନ୍ ଥିବାବେଳେ ଉତ୍ପାଦନ ମାତ୍ର ୬.୩୮ ଲକ୍ଷ ଟନ୍ ଉତ୍ପାଦନ ହୋଇଛି । ଦୈନିକ ମୁଣ୍ଡ ପିଛା ୪୫ ଗ୍ରାମ ହିସାବ କଲେ ଆହୁରି ୧୪.୪୧ ଲକ୍ଷ ଟନ୍‌ର ଆବଶ୍ୟକତା ରହିଛି ।

ଆମ ରାଜ୍ୟରେ ସାଧାରଣଲୋକଙ୍କର ଖାଦ୍ୟ ନିରାପତ୍ତା ଏଥିରୁ ସହଜରେ ଜଣାଯାଏ । ଏବେ ବି ରାଜ୍ୟର ଦୁଇ ତୃତୀୟାଂଶ ଜମିରେ ନିଶ୍ଚିତ ଜଳସେଚନର ସୁବିଧା ନାହିଁ ; ମଞ୍ଜି ଓ ସାରର ଦର ହୁହୁ ଭାବେ ବଢୁଛି । ବିକ୍ରିଦର ଉପରେ ଚାଷୀର ବା ସରକାରଙ୍କର ପୂର୍ଣ୍ଣ ନିୟନ୍ତ୍ରଣ ନାହିଁ । ଧାନ ଭଳି କେତୋଟି ଖାଦ୍ୟଶସ୍ୟକୁ ଛାଡିଦେଲେ ଅର୍ଥକରୀ ଫସଲ ଗୁଡିକରେ ବୀମାର ସୁବିଧା ନାହିଁ; ସର୍ବୋପରି ଅଶୀ ପ୍ରତିଶତ ଚାଷୀ ନାମମାତ୍ର ଓ କ୍ଷୁଦ୍ର ଶ୍ରେଣୀର । ସେମାନେ ନିଜର ଖାଦ୍ୟ ନିରାପତ୍ତା ରକ୍ଷାକରି ରାଜ୍ୟର ୪ କୋଟିରୁ ଉର୍ଦ୍ଧ୍ୱ ଜନତାଙ୍କୁ କିପରି ଖାଦ୍ୟ ଯୋଗାଇବେ, ଚିନ୍ତାର ବିଷୟ । ଏଥିପ୍ରତି ସରକାରଙ୍କ ନିଘା ରହିବା ଅବଶ୍ୟକ ନଚେତ୍ ଏ ଖାଦ୍ୟ ନିରାପତ୍ତା ଏକ ଆଲୋଚ୍ୟର ପ୍ରସଙ୍ଗ ହୋଇ ରହିଯିବ ।

ତା ୨୪.୦୭.୨୦୧୩

# ଭୋକିଲାଙ୍କ ସଂଖ୍ୟା ବଢୁଛି

ରୋମ ନଗରୀରେ ୧୯୯୬ ମସିହାରେ ହୋଇଥିବା ବିଶ୍ୱ ଖାଦ୍ୟ ସମ୍ମିଳନୀରେ ୨୦୧୫ ସୁଦ୍ଧା ପୃଥିବୀରେ କ୍ଷୁଧାର୍ତ୍ତମାନଙ୍କ ସଂଖ୍ୟା ଅଧା କରିବାକୁ ସଂକଳ୍ପ ନିଆଯାଇଥିଲା। ୨୦୦୭-୦୮ ମସିହା ବେଳକୁ, ଅର୍ଥାତ୍ ସମ୍ମିଳନୀର ଦଶ ବର୍ଷ ପରେ ଦେଖାଗଲା ବିକାଶୋନ୍ମୁଖୀ ରାଷ୍ଟ୍ରମାନଙ୍କରେ ସେମାନଙ୍କ ସଂଖ୍ୟା ବୟାଅଶୀ କୋଟିକୁ ପହଞ୍ଚିଯାଇଛି, କିନ୍ତୁ ଘୋଷଣାନାମାରେ ପ୍ରତ୍ୟେକ ବର୍ଷ ୩୧ ନିୟୁତ ଲୋକଙ୍କୁ ଏହି ଗୋଷ୍ଠିରୁ ବାଦ ଦେବା ପାଇଁ ସ୍ଥିର କରାଯାଇଥିଲା। ଏବେ ବିଶ୍ୱ ଖାଦ୍ୟ ସଂସ୍ଥାର ଅନୁଧ୍ୟାନରୁ ଜଣାଯାଏ, ପ୍ରତିବର୍ଷ ପୃଥିବୀରେ ପାଖାପାଖି ଚାରି ନିୟୁତ ଲୋକ ଏହି ଭୋକିଲା ଗୋଷ୍ଠୀରେ ସାମିଲ ହୋଇଛନ୍ତି। ବର୍ତ୍ତମାନର ବର୍ଦ୍ଧିଷ୍ଣୁ ଖାଦ୍ୟଶସ୍ୟର ମୂଲ୍ୟ ଯୋଗୁଁ ଆଉ ଏକ ଶହ ନିୟୁତ ଲୋକ ଏହି ଜନସାଧାରଣଙ୍କ ସହ ଯୋଡ଼ିହେଇଛନ୍ତି।

କୃଷିଜାତ ଦ୍ରବ୍ୟମାନଙ୍କ ଚାହିଦା ବୃଦ୍ଧି, ମୁଖ୍ୟ ଖାଦ୍ୟଶସ୍ୟର ଯୋଗାଣ ହ୍ରାସ ସହ ପାଶ୍ଚାତ୍ୟ ଦେଶମାନଙ୍କର ବହୁ ପରିମାଣର ଜମି ଜୈବ ଇନ୍ଧନର ଉତ୍ପାଦକୁ ପରିବର୍ତ୍ତନ ହେବା ଯୋଗୁଁ ଗତ କେତେ ବର୍ଷ ହେଲା ଖାଦ୍ୟଶସ୍ୟର ମୂଲ୍ୟ ବିଶ୍ୱ ବଜାରରେ ଆଶାତୀତଭାବେ ବୃଦ୍ଧି ପାଇଛି। ଅର୍ଥନୀତିଜ୍ଞ ଅର୍ମତ୍ୟ ସେନଙ୍କ ଭାଷାରେ ବର୍ତ୍ତମାନ ଭୋକିଲା ଖାଲି ପେଟ ଓ ତେଲ ଟ୍ୟାଙ୍କରମାନଙ୍କର ପୁରାପେଟ ମଧ୍ୟରେ ଚାଲିଥିବା ପ୍ରତିଦ୍ୱନ୍ଦିତାରେ ଏହା ଫଳ। ଏହା ବ୍ୟତୀତ ପୃଥିବାରୀ ୫-୧୦ ନିୟୁତ ହେକ୍ଟର ଚାଷଜମି ପ୍ରତିବର୍ଷ ଅବକ୍ଷୟ ହେଉଛି। ପ୍ରାପ୍ତ ତଥ୍ୟ ଅନୁସାରେ ଭାରତ ଭଳି କୃଷି ପ୍ରଧାନ ଦେଶରେ ୫,୯୨,୦୦୦ ବର୍ଗ କିମି ଜମିର କ୍ଷୟ ଘଟିଛି ଏବଂ ଏହା ପ୍ରାୟ ଅଠର କୋଟି ଲୋକଙ୍କୁ କ୍ଷତିଗ୍ରସ୍ତ କରିଛି। ବିଶ୍ୱ ତାପମାତ୍ରା ଶତାବ୍ଦୀର ଶେଷ ବେଳକୁ ହାରାହାରି ପାଞ୍ଚ ପ୍ରତିଶତ ବଢିବାର ଆଶା ରହିଛି।

ଆମ ଦେଶ ଭାରତବର୍ଷ କଥା ଚନ୍ତା କରାଯାଉ। ବିଶ୍ୱର ଦ୍ୱିତୀୟ ବୃହତ୍ତମ ଜନବହୁଳ ରାଷ୍ଟ୍ର, ବିଶ୍ୱ ଜନସଂଖ୍ୟାର ପ୍ରାୟ ଏକ ଷଷ୍ଠାଂଶର ଅଧିକାରୀ ଭାରତ। ୧୯୫୦-୫୧ ଓ ୨୦୦୬-୦୭ ଜନସଂଖ୍ୟା ଆମର ହାରାହାରି ୨.୧ ପ୍ରତିଶତ ବଢିଥିଲାବେଳେ ଖାଦ୍ୟଶସ୍ୟ ଉତ୍ପାଦନ ୨.୫

ପ୍ରତିଶତ ବଢ଼ିଥିଲା, କିନ୍ତୁ ଉଦାରୀକରଣ ଅର୍ଥନୀତି ପ୍ରବେଶ ପରଠାରୁ, ଅର୍ଥାତ ୧୯୯୦ରୁ ୨୦୦୭ ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ଉତ୍ପାଦନକୁ ସମୀକ୍ଷା କଲେ ଦେଖାଯିବ ଯେ ଏହା ବାର୍ଷିକ ମାତ୍ର ୧.୨ ପ୍ରତିଶତ ହାରରେ ବଢ଼ିଛି ଯଦିଓ ଜନସଂଖ୍ୟା ହାରାହାରି ୧.୯ ପ୍ରତିଶତ ବଢ଼ିଛି। ଭାରତ ଚିନି, ଗହମ, ଖାଇବା ତେଲ, ଡାଲି ଆଦି ଆତ୍ୟାବଶ୍ୟକ ଦ୍ରବ୍ୟ ଆମଦାନୀ କରିବାକୁ ବାଧ୍ୟ ହେଉଛି। ଏହାର ମୁଖ୍ୟ କାରଣ ଅଦ୍ୟାବଧି ଆମର ସମୁଦାୟ ଚାଷ ଜମିର ପ୍ରାୟ ଏକ ତୃତୀୟାଂଶ ଜଳସେଚିତ ଏବଂ କୃଷି କ୍ଷେତ୍ରର ଅନ୍ୟକ୍ଷେତ୍ର ତୁଳନାରେ ଆନୁପାତିକ ଭାବେ ପୁଞ୍ଜି ବିନିଯୋଗ କମ୍। ଏହା ୧୯୮୦-୮୩ ମସିହାରେ ଦେଶର ସମୁଦାୟ ଘରୋଇ ଉତ୍ପାଦନର ୧.୪୬ ପ୍ରତିଶତ ଥିଲାବେଳେ ୨୦୦୩-୦୬ ମଧ୍ୟରେ ୦.୪ ପ୍ରତିଶତ ଖସି ଆସିଛି।

ଆମ ଗ୍ରାମିଣ ଅର୍ଥନୀତିର ଅବସ୍ଥା ଅତ୍ୟନ୍ତ ନୈରାଶଜନକ, କିନ୍ତୁ ପରିତାପର ବିଷୟ ଆମର କିଛି ଅର୍ଥନୀତିଜ୍ଞ ଏହାକୁ ଦଲାଲ ଷ୍ଟ୍ରିଟର ପାରଦର ମାପ ସହ ତଉଲୁଛନ୍ତି। ଗତ ଦଶନ୍ଧିରେ ଦେଢ଼ ଲକ୍ଷ କୃଷକ ଅତ୍ମହତ୍ୟା କରିବାର ସମ୍ବାଦ ବିଭିନ୍ନ ଗଣମାଧ୍ୟମର ମୁଖ୍ୟ ଶିରୋନାମା ହୋଇଛି। ଏହା ବିକାଶଶୀଳ ରାଜ୍ୟ ମହାରାଷ୍ଟ୍ର, ପଞ୍ଜାବ, କର୍ଣ୍ଣାଟକର ସୀମା ଅତିକ୍ରମ କରି ଓଡିଶାପରି ଗରିବ ରାଜ୍ୟକୁ ଗ୍ରାସ କଲାଣି। ସରକାରଙ୍କ ଯୋଜନା ସବୁ ଫଳବତୀ ହେବାର ଆଶା ବହୁ ଦୂରରେ। ଆମର ମୁଣ୍ଡପିଛା ବାର୍ଷିକ ଖାଦ୍ୟଶସ୍ୟ ଆବଶ୍ୟକତା ୧୬୭ କି.ଗ୍ରା.। ନବେ ଦଶକରେ ଏହା ୧୭୦ କି.ଗ୍ରା. ଥିଲାବେଳେ ୨୦୦୫-୦୬ ବେଳକୁ ଏହା ୧୬୦ କି.ଗ୍ରା.କୁ ଖସି ଆସିଛି। ଏହାର କାରଣ ଆମର ଖାଦ୍ୟଶସ୍ୟ ଉତ୍ପାଦନ ଦୋଳାୟମାନ ଅବସ୍ଥାରେ ରହିଛି। ଉଦାହରଣ ସ୍ୱରୂପ, ୨୦୦୧-୦୨ ମସିହାରେ ଭାରତ ୨୧୨.୯ ନିୟୁତ ଟନ ଖାଦ୍ୟସଶ୍ୟ ଉତ୍ପାଦନ କରିଥିଲାବେଳେ ତା ପରବର୍ଷ ତାହା ୧୭୪.୮ ନିୟୁତ ଟନକୁ ଖସି ଆସିଥିଲା। ୨୦୦୩-୦୪ରେ ୨୧୩.୨ ନିୟୁତ ଟନ୍ ଉତ୍ପାଦନ ହେଲାବେଳକୁ ତା ପରବର୍ଷ ୧୯୮.୪ ନିୟୁତ ଟନ୍‌କୁ କମି ଆସିଥିଲା। ଏ ସବୁକୁ ଆନୁଧ୍ୟାନ କଲେ ଜଣାଯାଏ ୨୦୦୨-୦୩ ମସିହାରେ ଦେଶର ୨୧ଟି ଜଳବାୟୁ ଉପମଣ୍ଡଳରେ ସ୍ୱଳ୍ପ ବୃଷ୍ଟିପାତ ହେବାରୁ ଆମର ଉତ୍ପାଦନ ପୂର୍ବ ବର୍ଷ ତୁଳନାରେ ପ୍ରାୟ ପଚାଶ ନିୟୁତ ଟନ୍ କମିଯାଇଥିଲା। ଏହି ଗୋଟିଏ ଦଶନ୍ଧି ମଧ୍ୟରେ ଆମର ମାସିକ ପ୍ରାପ୍ତ ଶସ୍ୟ ଜାତୀୟ ଖାଦ୍ୟ ମୁଣ୍ଡ ପିଛା ଭାବେ ୧୪.୨୫ କିଗ୍ରାରୁ ୧୨.୫ କିଗ୍ରାକୁ କମି ଆସିଛି।

ଡାଲି ଜାତୀୟ ଫସଲର ଉତ୍ପାଦନ ଅତ୍ୟନ୍ତ ନୈରାଶଜନକ। ଗତ ପଚାଶ ବର୍ଷ ମଧ୍ୟରେ ଆମ ଦେଶର ଡାଲି ଉତ୍ପାଦନ ମାତ୍ର ୨-୩ ନିୟୁତ ଟନ୍ ବଢ଼ିଛି। ସେହି ଅନୁସାରେ ଆମର ଡାଲି ଖାଇବା ଦୈନିକ ୬୦ ଗ୍ରାମରୁ ୩୫ ଗ୍ରାମ କମି ଆସିଛି। ଏ ସବୁର ପ୍ରତିଫଳନ ଦୁଇଅଙ୍କ ବିଶିଷ୍ଟ

ମୁଦ୍ରାସ୍ଫୀତିରେ ଦେଖିବାକୁ ମିଳୁଛି। ସରକାର ଅବଶ୍ୟ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନା ମାଧ୍ୟମରେ ଗରିବ ଶ୍ରେଣୀର ଲୋକମାନଙ୍କୁ ରିଆତି ଦରରେ ଖାଦ୍ୟଶସ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏନସିଏଆରର ତଥ୍ୟ ଅନୁସାରେ ଦେଶର ୪୦ ପ୍ରତିଶତ ରେସନ କାର୍ଡ ପ୍ରକୃତ ହିତାଧିକାରୀଙ୍କ ପାଖରେ ନାହିଁ। ଏହା ବ୍ୟତୀତ ଦେଶରେ ବର୍ତ୍ତମାନ ୨୩ ନିୟୁତ ଜାଲ ରେସନ କାର୍ଡ ଚାଲୁଥିବାର ତଥ୍ୟ ରହିଛି।

ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ର ହିସାବରେ ସ୍ୱାଧିନତାର ୬୩ ବର୍ଷ ପରେ ମଧ୍ୟ ଆମେ ସମସ୍ତଙ୍କ ପାଇଁ ଖାଦ୍ୟକୁ ଏକ ମୌଳିକ ଅଧିକାର ରୂପେ ସାମ୍ବିଧାନିକ ସ୍ୱିକୃତୀ ଦେଇ ପାରିଲୁ ନାହିଁ। ଚାଷି ଉପଯୋଗୀ ଜମିକୁ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର ନକରିବାକୁ ଅଇନ ପ୍ରଣୟନ ହୋଇପାରିଲା ନାହିଁ। କୃଷିକୁ ସାଧାରଣ ଜନତାଙ୍କ ରୋଜଗାର ପନ୍ଥା କରିବାକୁ ହେଲେ କୃଷି ଗବେଷଣା କେବଳ ଗବେଷଣାଗାର ମଧ୍ୟରେ ସୀମିତ ନ ରହି କିମ୍ବା ବୈଜ୍ଞାନିକମାନଙ୍କ ପଦୋନ୍ନତିର ପରିମାପକ ନହୋଇ ପରିବର୍ତ୍ତିତ ପରିବେଶରେ ସ୍ଥାନ ଭିତ୍ତିକ ହେଉ। ଦେଶର ମୁଖ୍ୟ ଉତ୍ପାଦନକାରୀ ନାମମାତ୍ର ଓ କ୍ଷୁଦ୍ର ଚାଷୀମାନଙ୍କ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଣ, ଜ୍ଞାନକୌଶଳ ଯୋଗାଣ, ଗ୍ରାମୀଣ ଭିତ୍ତିଭୂମିର ବିକାଶ, ଉତ୍ପାଦର ସଠିକ୍ ବିତରଣ, ପକ୍ରିୟାକରଣ ଓ ବିପଣନକୁ ସରକାର ନିର୍ଭରଯୋଗ୍ୟ କରାନ୍ତୁ। ଏସ୍‌ଇଜେଡ ଭଳି ଏସଏଜେଡ କରିବାକୁ ବହୁ ରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ଦାୟିତ୍ୱ ଦିଅନ୍ତୁ। ଏହା କୃଷକର ମନରେ ନିଶ୍ଚିତ ଉତ୍ସାହ ଆଣିଦେବ ଓ ଖାଦ୍ୟ ଉତ୍ପାଦନ ବଢିବ। ଅବଶ୍ୟ ଉଚ୍ଚତମ ନ୍ୟାୟାଳୟଙ୍କ ଭାଷାରେ ଖାଦ୍ୟ ଉତ୍ପାଦନ ଓ ଖାଦ୍ୟ ନିରାପତ୍ତା ସମାନ କଥା ନୁହେଁ। ଲକ୍ଷ ଲକ୍ଷ ଟନର ଖାଦ୍ୟ ଶସ୍ୟ ପୋକ ରୋଗରେ ସଢି ନଷ୍ଟ ହେଲାବେଳକୁ ଦେଶରେ ଭୋକିଲାଙ୍କ ସଂଖ୍ୟା ବଢି ଚାଲିଛି। ସେଥିପାଇଁ କୁହାଯାଇଛି ପ୍ରତି ଚାରି ଜଣରେ ଜଣେ ଭାରତୀୟ ଖାଦ୍ୟାଭାବ ଓ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ଅତଏବ କୃଷି କ୍ଷେତ୍ର ହିଁ ଏକମାତ୍ର ପନ୍ଥା ଯାହା ବିଶ୍ୱରୁ ବେରୋଜଗାର, ଖାଦ୍ୟ ସମସ୍ୟା ଓ ପୁଷ୍ଟିହୀନତା ଦୂର କରିପାରିବ। ଏହାର ବିକାଶରେ ପୁଞ୍ଜି ବିନିଯୋଗ କଲେ ତାହା ଅନ୍ୟ ଯେକୌଣସି କ୍ଷେତ୍ର ଅପେକ୍ଷା ଦାରିଦ୍ର ଦୂରୀକରଣ ଦୁଇଗୁଣ କାର୍ଯ୍ୟ କରେ। ତେଣୁ ଏହି ପାରମ୍ପରିକ ଜୀବିକାର ଜୀବନ ସଞ୍ଚାର ପାଇଁ ତଥା ଭୋକିଲା ସାମ୍ରାଜ୍ୟର ପତନ ପାଇଁ ଏକ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ସଠିକ୍ ଯୋଜନା ଓ ସ୍ୱଚ୍ଛ କାର୍ଯ୍ୟାନ୍ୱୟନର ସଂକଳ୍ପ ଆବଶ୍ୟକ।

ତା ୦୬.୧୦.୨୦୧୦

# ଆମେ ଡାଲି ଖାଇପାରିବା ତ ?

ଭାତ ସହ ଡାଲି ଭାରତୀୟମାନଙ୍କର ମୁଖ୍ୟ ଖାଦ୍ୟ। ଉତ୍ତର ଭାରତୀୟମାନଙ୍କର ଭାତ ବଦଳରେ ରୁଟି ପ୍ରମୁଖ ଖାଦ୍ୟ ହୋଇଥିଲେ ମଧ୍ୟ ସାରା ଭାରତରେ ଡାଲିର ସ୍ଥାନ ଅଦ୍ୱିତୀୟ। ସଂପ୍ରତିକ ଅର୍ଥନୈତିକ ପରିବେଶରେ ଡାଲିର ମୂଲ୍ୟବୃଦ୍ଧିକୁ ନେଇ ସାଧାରଣ ଲୋକଟିଏ କ'ଣ ଖାଇବ, ତାହା ଚିନ୍ତାର ବିଷୟ ହୋଇପଡିଛି। ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ରିର୍ପୋଟ କହେ ଓଡିଶା, ଝାଡଖଣ୍ଡ, ମଧ୍ୟପ୍ରଦେଶ ଇତ୍ୟାଦି ରାଜ୍ୟର ଏମିତି କିଛି ଜିଲ୍ଲା ଅଛି ଯାହାର ଅଧିବାସୀଙ୍କର ଦୈନିକ ମୁଣ୍ଡପିଛା ଖାଦ୍ୟ ପାଇଁ ଖର୍ଚ୍ଚ ଆଠଟଙ୍କାରୁ କମ୍। ସୁତରାଂ ସେହି ଲୋକମାନଙ୍କର ଭାତ ଡାଲିରୁ ଡାଲିକୁ ବାଦ ଦିଆଗଲେ ପୁଷ୍ଟିସାର ଭରଣା କରୁଥିବା ଖାଦ୍ୟ ଆଉ ନାହିଁ। ଗରିବ ଲୋକମାନଙ୍କପାଇଁ ମାଛ, ମାଂସ ଅପହଞ୍ଚ ଦୂରତାରେ ଥିବାରୁ ଡାଲିକୁ ଗରିବ ଲୋକର ମାଂସ କୁହାଯାଏ। ଏହା ଶରୀର ବୃଦ୍ଧି ସହ ମାନସିକ ବିକାଶରେ ସାହାଯ୍ୟ କରେ। ଡାଲି ନ ମିଳିଲେ ସରକାରଙ୍କ ପୁଷ୍ଟିହୀନତା ଦୂରୀକରଣ ଯୋଜନା କିପରି ଫଳବତୀ ହେବ ତାହା ଆଲୋଚ୍ୟର ପ୍ରସଙ୍ଗ।

ଭାରତ ଡାଲିଜାତୀୟ ଫସଲ ଉଦ୍ଦିଷ୍ଟ ଜମି ଓ ଉତ୍ପାଦନରେ ପୃଥିବୀରେ ଏକ ନମ୍ବର ସ୍ଥାନରେ ଅଛି। ପ୍ରମୁଖ ରାଜ୍ୟ ଗୁଡିକ ମଧ୍ୟରେ ମଧ୍ୟପ୍ରଦେଶ ଶତକଡା (୨୫ଭାଗ), ଉତ୍ତର ପ୍ରଦେଶ (୧୭ ଭାଗ), ମହାରାଷ୍ଟ୍ର (୧୪ ଭାଗ), ରାଜସ୍ଥାନ (୧୧ ଭାଗ) ଓ ଆନ୍ଧ୍ରପ୍ରଦେଶ (୯ଭାଗ) ଡାଲି ଉତ୍ପାଦନ କରିଥାନ୍ତି। ଡାଲି ଜାତୀୟ ଫସଲ ଚାଷ ପାଇଁ ସରକାରୀ ଉଦାସୀନତା ଓ ସଠିକ୍ ଯୋଜନା ଅଭାବରୁ ଦେଶରେ ଏହାର ଉତ୍ପାଦନର ହାର ସନ୍ତୋଷଜନକ ନୁହେଁ। ସବୁଜ ବିପ୍ଲବ ପୂର୍ବରୁ ଏ ପର୍ଯ୍ୟନ୍ତ ବିଭିନ୍ନ ଖାଦ୍ୟର ଦଶନ୍ଧି ସମୟ ଉତ୍ପାଦନର ତାଲିକା ପ୍ରଦତ୍ତ ସାରଣୀରେ ଦିଆଗଲା।

| **ଖାଦ୍ୟ/ବର୍ଷ (ନିୟୁତ ଟନ୍‌ରେ)** | **୧୯୬୨ -୬୩** | **୧୯୭୨ -୭୩** | **୧୯୮୨ -୮୩** | **୧୯୯୨ -୯୩** | **୨୦୦୩ -୦୪** |
|---|---|---|---|---|---|
| ଖାଦ୍ୟଶସ୍ୟ | ୮୧.୬ | ୧୦୩.୫ | ୧୩୦.୮ | ୧୭୪.୮ | ୧୯୯.୭ |
| ଶସ୍ୟଜାତୀୟ | ୬୯.୬ | ୯୨.୬ | ୧୧୯.୫ | ୧୬୧.୭ | ୧୮୬.୫ |
| ଡାଲିଜାତୀୟ | ୧୨.୦ | ୧୦.୯ | ୧୧.୦୩ | ୧୩.୦ | ୧୩.୨ |
| ତୈଳବୀଜ ଜାତୀୟ | ୭.୨ | ୮.୬ | ୧୦.୫ | ୧୯.୧ | ୨୦.୩ |
| ଆଳୁ | ୨.୯ | ୪.୭ | ୯.୬ | ୧୫.୬ | ୨୪.୨ |
| ଦୁଗ୍ଧ | ୨୦.୨ | ୨୩.୦ | ୩୪.୦ | ୫୫.୮ | ୮୭.୭ |

ପ୍ରଦତ୍ତ ସାରଣୀରୁ ଜଣାଯାଏ ଯେ ସବୁଜ ବିପ୍ଳବ ପରେ ଦେଶରେ ପ୍ରମୁଖ ଖାଦ୍ୟ ସଂଲଗ୍ନ ପ୍ରଦାର୍ଥ ଯଥା-ଶସ୍ୟ, ତୈଳବୀଜ, ଆଳୁ, ଦୁଗ୍ଧ ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଘଟିଛି। କିନ୍ତୁ ଡାଲି ଉତ୍ପାଦନ କ୍ଷେତ୍ରରେ ଏହା ଆଦୌ ସନ୍ତୋଷଜନକ ନୁହେଁ। ସବୁଜ ବିପ୍ଳବ ପରେ ଧାନ, ଗହମ ଆଦି ଶସ୍ୟ ଉତ୍ପାଦନର ପ୍ରଭୁତ ବୃଦ୍ଧି ଘଟିଲା। ଉତ୍ତରଭାରତରେ ଗାଙ୍ଗେୟ ସମତଳ ଅଞ୍ଚଳରେ ଡାଲିଜାତୀୟ ଚାଷ ଜମି ହଠାତ୍ ହ୍ରାସ ପାଇଲା। ୧୯୭୦-୭୧ ମସିହାରେ ଯାହା ୧୦.୮ ନିୟୁତ ହେକ୍ଟର ଥିଲା ୨୦୦୪ ବେଳକୁ ତାହା ୬.୯ ନିୟୁତ ହେକ୍ଟରକୁ ଖସି ଆସିଲା। ଅବଶ୍ୟ ଦକ୍ଷିଣ ଭାରତରେ ଥିବା କିଛି ଅନୁର୍ବର, ଅଣଜଳସେଚିତ ଜମିରେ ଏହା ଚାଷ କରାଗଲା କିନ୍ତୁ ଉତ୍ପାଦନର ଯେଉଁ ଦ୍ରୁତ ହ୍ରାସ ଘଟିଲା ତାହା ଭରଣା ହୋଇପାରିଲା ନାହିଁ। ସର୍ବୋପରି ଅଦ୍ୟାବଧି ଡାଲିଜାତୀୟ ଫସଲ ଚାଷ ଚାଷୀମାନଙ୍କ ପାଇଁ ଆକର୍ଷଣୀୟ ନୁହେଁ। ଏହାର ମୁଖ୍ୟ କାରଣ ଭାତ ଓ ରୁଟି ଭାରତୀୟ ଲୋକମାନଙ୍କର ମୁଖ୍ୟ ଖାଦ୍ୟ ଏବଂ କୃଷିରେ ବିନିଯୋଗ ଥିବା ସଂଖ୍ୟାଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପ୍ରଥମେ ନିଜ ପରିବାରର ପେଟ ପୋଷଣ ପାଇଁ ମୁଖ୍ୟ ଖାଦ୍ୟଶସ୍ୟ ଗୁଡିକ ଚାଷକରିଥାନ୍ତି। ତା'ପରେ ବିଭିନ୍ନ ସମୟରେ ସରକାରୀ ପ୍ରୋତ୍ସାହନର ସୁଯୋଗ ନେଇ ତୈଳବୀଜ ଓ ଦୁଗ୍ଧର ଉତ୍ପାଦନ ବୃଦ୍ଧି ପାଇଲା, କିନ୍ତୁ ଡାଲିଜାତୀୟ ଫସଲ ବର୍ଷ ବର୍ଷ ଧରି କ୍ରମାଗତ ଭାବେ ସରକାରୀ ଉଦାସୀନତାର ଶିକାର ହେଲା। ଏହାର ପରିଣତି ସ୍ୱରୂପ ବର୍ତ୍ତମାନ ଦେଶରେ ଡାଲି ଚାହିଦା ଆମେ ପୂରଣ କରିପାରୁନାହାଁନ୍ତି। କହିବା ବାହୁଲ୍ୟ, ସବୁଜ ବିପ୍ଳବର ଅଭ୍ୟୁଦୟ ପରଠାରୁ ଦୀର୍ଘ ଚାଳିଶ ବର୍ଷ ଧରି ଏନେଇ ଆମର ସମସ୍ତ ଗବେଷଣା ଓ ସଂପ୍ରସାରଣକୁ ଲୋକାଭିମୁଖୀ କରିବାରେ ଆମେ ବିଫଳ ହୋଇଛୁ। ସର୍ବୋପରି ୨୦୦୩-୦୪ ମସିହାରେ ଜାତୀୟ ଡାଲି ଉତ୍ପାଦନ ୧୪.୯୪ ନିୟୁତ ଟନ୍ ଥିଲାବେଳେ ୨୦୦୪-୦୫ରେ ୧୩.୩୮ ନିୟୁତ ଟନ୍ ଓ ୨୦୦୫-୦୬ରେ ୧୩.୧୫ ନିୟୁତ ଟନ୍ ହୋଇଛି। ଅର୍ଥାତ୍ ଉତ୍ପାଦନ କମିକମି ଯାଇଛି। ସେହି ପରିପ୍ରେକ୍ଷୀରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଜର୍ଜବୁଶ୍‌ଙ୍କ ମୂଲ୍ୟବୃଦ୍ଧି ଥିଓରୀ ଅନୁସାରେ ଦେଶରେ ଡାଲିଜାତୀୟ ଫସଲ ଦର ବଢ଼ିବା ଅସ୍ୱାଭାବିକ ନୁହେଁ। ଆମର ବାର୍ଷିକ ୧୭ ନିୟୁତ ଟନ୍ ଡାଲି ଆବଶ୍ୟକ ଥିଲାବେଳେ ଯଦି ଆମେ ୧୩ ନିୟୁତ ଟନ ଉତ୍ପାଦନ କରୁ, ତେବେ ଏ ଜନସଂଖ୍ୟା ବିସ୍ଫୋରଣ, ମଧ୍ୟବିତ୍ତ୍ ଶ୍ରେଣୀର ଉତ୍‌ଥାନ, ଅତ୍ୟଧିକ ଖାଦ୍ୟ ପ୍ରକ୍ରିୟାକରଣ ଦ୍ରବ୍ୟ ଓ ସହଜ ବଜାର ସୁବିଧାର ଅଭ୍ୟୁଦୟରେ ଆମର ଏକ ଚର୍ତୁଥାଂଶ ଗରିବ ସୀମାରେଖା ତଳେ ରହୁଥିବା ଲୋକ ଡାଲି ଟିକିଏ ଖାଇବାକୁ ପାଇବେ ତ ? ଆମ ଗାଁ ଗହଳିରେ ରହୁଥିବା ଓ ସହରରେ ନିମ୍ନ ଆର୍ଥିକସ୍ଥିତି ମଧ୍ୟରେ ଜୀବନ କାଟୁଥିବା ଲୋକ ମୁଦ୍ରାସ୍ଫୀତି କ'ଣ ବୁଝନ୍ତିନି। ସେମାନେ ଏ ଡାଲିର ମୂଲ୍ୟ ବୃଦ୍ଧିକୁ ସହପାରିବେନି। ଜାତୀୟସ୍ତରରେ ଡାଲିଜାତୀୟ

ଫସଲର ଦର ଗତ କେତେ ବର୍ଷ ହେଲା ୨୦-୩୦ ପ୍ରତିଶତ ବୃଦ୍ଧିପାଉଛି। ଏସବୁ କିଏ ନିୟନ୍ତ୍ରଣ କରିବ ? ବାହାର ଦେଶରୁ ଡାଲି ଡଲାରରେ କିଣି ଖାଇବା ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ପକ୍ଷେ କ'ଣ ସମ୍ଭବ ? ଏହା ମଧ୍ୟ ଆର୍ଶ୍ଚର୍ଯ୍ୟର କଥା ଯେ ପୃଥିବୀରେ ଡାଲି ଉତ୍ପାଦନରେ ଏକ ନମ୍ବର ଥିବା ଭାରତ ଉତ୍ପାଦିକତା ତାଲିକାରେ ୧୧୮ ନମ୍ବର ସ୍ଥାନରେ ରହିଛି।

ଏବେ ଆମ ଓଡିଶା କଥା ଚିନ୍ତା କରାଯାଉ। ପ୍ରତ୍ୟେକ ସଭାସମିତିରେ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନଙ୍କର ଏକ ସ୍ଥିରିକୃତ ଭାଷଣ- ଓଡିଶା ଏକ ଗରିବ ରାଜ୍ୟ, ସମସ୍ତ ପ୍ରାକୃତିକ ସମ୍ବଳ ଥାଇ ମଧ୍ୟ ଆମେ ସବୁଠାରୁ ଗରିବ। ଏତେ ଗରିବ ଥାଇ ମଧ୍ୟ ଆମ ସମସ୍ତଙ୍କର ମୁଖ୍ୟ ଖାଦ୍ୟ ଭାତ ଓ ଡାଲି। ଆମ ରାଜ୍ୟର ଦଶଟି କୃଷି ଜଳବାୟୁ ମଣ୍ଡଳରେ ଚାଷିମାନେ ମୁଗ, ହରଡ, ବୁଟ, କୋଳଥ ଆଦି ଚାଷ କରନ୍ତି। ଯଦିଓ ବିରି ଉତ୍ପାଦନ ଆମର ଡାଲି ଜାତୀୟ ଫସଲ ଖସଡାରେ ଦ୍ୱିତୀୟ ତଥାପି ଓଡିଆମାନେ ଏହାକୁ ପ୍ରାୟତଃ ଡାଲି ଭାବରେ ବ୍ୟବହାର କରନ୍ତିନାହିଁ। ଆମ ରାଜ୍ୟରେ ସର୍ବମୋଟ୍ ୧୯୫୧ ହଜାର ହେକ୍ଟର ଜମିରେ ଡାଲିଜାତୀୟ ଫସଲ ଚାଷ କରାଯାଏ। ଏଥିରୁ ମୁଗ ୭୪୦, ବିରି ୫୯୮, କୋଳଥ ୨୫୯, ହରଡ ୧୩୩ ହଜାର ହେକ୍ଟରରେ ହୁଏ, କିନ୍ତୁ ଉତ୍ପାଦକତା ଭିତ୍ତିରେ ଦେଖାଗଲେ ଜଣାଯାଏ ଜାତୀୟ ସ୍ତରରେ ଏହା ୫.୯୪ କ୍ୱିଣ୍ଟାଲ ହୋଇଥିଲାବେଳେ ଆମ ରାଜ୍ୟରେ ମାତ୍ର ୪.୪୪ କ୍ୱିଣ୍ଟାଲ। ଉତ୍ତରପ୍ରଦେଶରେ ଏହା ଆଠ କ୍ୱିଣ୍ଟାଲ, ଆନ୍ଧ୍ରପ୍ରଦେଶରେ ୭.୭ କ୍ୱିଣ୍ଟାଲ ଓ ମଧ୍ୟପ୍ରଦେଶରେ ୭.୬ କ୍ୱିଣ୍ଟାଲ। ଆମ ରାଜ୍ୟର କଳାହାଣ୍ଡି, ଭଦ୍ରକ ଜିଲ୍ଲା ମୁଗ, ବିରି ଉତ୍ପାଦନରେ ସର୍ବାଗ୍ରେ ଥିଲାବେଳେ ଫୁଲବାଣୀ, କୋରାପୁଟ୍, କେଉଁଝର ଆଦି ଜିଲ୍ଲା ନିମ୍ନରେ ଅଛନ୍ତି। ଅତ୍ୟନ୍ତ କ୍ଷୋଭର ବିଷୟ ୧୯୫୦-୫୧ ମସିହା ବେଳକୁ ଆମ ଦେଶର ଉତ୍ପାଦକତା ୪.୪୮ କ୍ୱିଣ୍ଟାଲରୁ ୨୦୦୬-୦୭ ମସିହାରେ ୫.୯୪ କ୍ୱିଣ୍ଟାଲକୁ ବୃଦ୍ଧି ପାଇଥିଲାବେଳେ, ଆମ ରାଜ୍ୟରେ ୫.୨୦ କ୍ୱିଣ୍ଟାଲରୁ ୪.୪୪ କ୍ୱିଣ୍ଟାଲକୁ ହ୍ରାସ ପାଇଛି। ଆକଳନ ଅନୁସାରେ ଆମ ରାଜ୍ୟର ୪ କୋଟି ଜନସାଧାରଣଙ୍କର ଖାଦ୍ୟ ଓ ମଞ୍ଜି ଇତ୍ୟାଦି ବାବଦରେ ୧୦.୪୮ ଲକ୍ଷ ଟନ୍ ଆବଶ୍ୟକତା ଥିଲାବେଳେ ଆମେ ମାତ୍ର ୮.୬୬ ଲକ୍ଷ ଟନ୍ ଉତ୍ପାଦନ କରିଛୁ।

ସୁତରାଂ ୨ଲକ୍ଷ ଟନ୍ ଅଧିକ ଡାଲି ଆବଶ୍ୟକ କରୁଥିବା ଗରିବ ରାଜ୍ୟ ଓଡିଶାର ସାଧାରଣ ଲୋକଟିଏ ଡାଲି ଖାଇପାରିବ ତ ?

କୃଷିଜାତ ପଦାର୍ଥର ଦର ଯାହା ଏକ ଜାତୀୟ ସମସ୍ୟା ଥିଲା, ବର୍ତ୍ତମାନ ପରିସ୍ଥିତିରେ ଏକ ଆନ୍ତର୍ଜାତିକ ସମସ୍ୟା ରୁପେ ମୁଣ୍ଡ ଟେକୁଛି। ଯୁକ୍ତରାଷ୍ଟ୍ର ଆମେରିକା ଭଳି ଧନିକ ଦେଶରେ

ଅର୍ଥନୀତିରେ ମାନ୍ଦା ପରିସ୍ଥିତି ଆସିଛି। ଭାରତ ମଧ୍ୟ କୃଷି କ୍ଷେତ୍ରରେ ଆଶାନୁରୁପ ସଫଳତା ହାସଲ ନକରିପାରିବାରୁ ଅର୍ଥନୀତି ବୃଦ୍ଧି ହାର ଦ୍ୱିଅଙ୍କ ବିଶିଷ୍ଟ ସଂଖ୍ୟାକୁ ଛୁଇଁ ପାରୁନି। ସେଥିପାଇଁ ଦେଶର ଦୁଇ ପ୍ରମୁଖ ଅର୍ଥନୀତିଜ୍ଞ, ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ବେଶ ଚିନ୍ତିତ। କୃଷିର ଜଟିଳ ସମସ୍ୟାଗୁଡିକର ସମାଧାନ ଖୋଜିବା ସବୁଠାରୁ କଷ୍ଟକର ବୋଲି ସେମାନେ ହୃଦୟଙ୍ଗମ କରିସାରିଲେଣି। ସଂପ୍ରତିକ ପରିସ୍ଥିତିରେ ଖାଉଟି ଦ୍ରବ୍ୟର ମୂଲ୍ୟ ବୃଦ୍ଧି ସର୍ବୋପରି ଡାଲି, ତେଲର ମୂଲ୍ୟ, ଦେଶର ଖାଦ୍ୟ ଅର୍ଥନୀତିକୁ ଏକ ଘଡିସନ୍ଧି ମୁହୂର୍ତ୍ତରେ ଛିଡା କରାଇଛି। ଡାଲି ଉତ୍ପାଦନରେ ମନ୍ଥର ଗତି ଚନ୍ତାର ପ୍ରସଙ୍ଗ ହୋଇଛି। କୃଷକ ଓ ସରକାର ଉଭୟଙ୍କର ଏହା ପ୍ରତି କ୍ରମାଗତ ବୈମାତୃକ ମନୋଭାବ ପୋଷଣ ଯେ ଏହାର ମୁଖ୍ୟ କାରଣ, ଏଥିରେ ଦ୍ୱିମତ ନାହିଁ। ସମୁଦାୟ ଡାଲିଜାତୀୟ ଫସଲ ଜମିର ମାତ୍ର ୧୩.୬ ପ୍ରତିଶତ ଜଳସେଚିତ ଓ ଏଥିରେ ସାର ପ୍ରୟୋଗ ଓ ସଂରକ୍ଷଣ ବ୍ୟବସ୍ଥା ନଗଣ୍ୟ, ଏହା ହିଁ ତାହାର ମୁଖ୍ୟ କାରଣ। ଅଧିକ ଅମଳକ୍ଷମ ବିହନ ପ୍ରଚଳନ ସାଙ୍ଗକୁ ସମନ୍ୱିତ ଖାଦ୍ୟସାର ଓ ସଂରକ୍ଷଣ ପ୍ରକ୍ରିୟା ଡାଲିଜାତୀୟ ଫସଲ ଉତ୍ପାଦନକୁ ନିଶ୍ଚୟ ବଢାଇବ ଏଥିରେ ସନ୍ଦେହ ନାହିଁ। ଏହାର ଉତ୍ପାଦନରେ ଥିବା ଆଞ୍ଚଳିକ ବୈଷମ୍ୟକୁ ଦୂର କରିବା ପାଇଁ ସ୍ଥଳବିଶେଷରେ ଯୋଜନା ପ୍ରଣୟନ ଓ ତା'ର ଉପଯୁକ୍ତ କାର୍ଯ୍ୟାନ୍ୱୟନରେ ନିହାତି ଆବଶ୍ୟକତା ରହିଛି। ଆମ ରାଜ୍ୟର ବାର୍ଷିକ ବୃଷ୍ଟିପାତ ହାରାହାରି ୧୫୦୦ ମିମି; ଏହା ସମଗ୍ର ଦେଶର ଛ' ପ୍ରତିଶତ ଜଳସଂମ୍ପଦର ଅଧିକାରୀ, ଦଶ ପ୍ରତିଶତ ବୃଷ୍ଟି ଜଳକୁ ନଦୀରେ ଧାରଣ କରେ, କିନ୍ତୁ ତା'ର ଡାଲିଜାତୀୟ ଫସଲ ଉତ୍ପାଦନ ଜଳାଭାବରୁ କମିଯାଏ, ଏହା ଅତ୍ୟନ୍ତ ପରିତାପର ବିଷୟ। ରାଜ୍ୟର ୯୨ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷିଙ୍କୁ ଖାଦ୍ୟ ନିରାପତ୍ତା ସହ ସ୍ୱଳ୍ପ ସୁଧ ବିଶିଷ୍ଟ ଋଣ ଓ ବୀମା ଯୋଗାଇ ଦେଲେ ଆମ ରାଜ୍ୟରେ ଡାଲିର ଅଭାବ ରହିବନାହିଁ। ଏଥିପାଇଁ ଦୀର୍ଘସୂତ୍ରୀ, ଦୂରଦୃଷ୍ଟିସମ୍ପନ୍ନ ଯୋଜନାର ଆବଶ୍ୟକତା ରହିଛି।

ତା ୨୪.୦୫.୨୦୦୮

# ଓଡ଼ିଶାରେ କୃଷିଜୀବି ମହିଳାଙ୍କ ସ୍ଥିତି

ଆମ ରାଜ୍ୟର ମୋଟ ଘରୋଇ ଉତ୍ପାଦର ପଚିଶି ପ୍ରତିଶତ କୃଷି କ୍ଷେତ୍ରରୁ ଆସେ। ଗାଁ ଗହଳରେ ରହୁଥିବା ଶତକଡା ପଞ୍ଚାଅଶୀ ଲୋକଙ୍କର ମୁଖ୍ୟ ଜୀବିକା ହେଲା କୃଷି ଓ ଏହାର ଆନୁଷଙ୍ଗିକ କର୍ମ ହେଲା ପଶୁପାଳନ, ମତ୍ସ୍ୟଚାଷ, କୁକୁଡା ପାଳନ, କାରିଗରୀ, ହସ୍ତଶିଳ୍ପ ଓ ଛୋଟ ବ୍ୟବସାୟ ଆଦି। ୨୦୦୧ ମସିହା ଜନଗଣନା ଅନୁସାରେ ଆମ ରାଜ୍ୟର ମୋଟ୍ ୩ କୋଟି ୬୮ ଲକ୍ଷର ଜନସଂଖ୍ୟାର ୪୯.୩ ପ୍ରତିଶତ ମହିଳା। ଅର୍ଥାତ୍ ମହିଳା ପୁରୁଷର ଅନୁପାତ ୯୭୨ ଯାହା ଜାତୀୟ ଅନୁପାତ ଠାରୁ (୯୨୭) ବହୁ ଉର୍ଦ୍ଧ୍ୱରେ। ଗ୍ରାମୀଣ ଓଡିଶାରେ ଏହା ଆହୁରି ଅଧିକ -୯୮୬। ଏଠାରେ କୃଷି କାର୍ଯ୍ୟ କେବଳ ଯେ ପୁରୁଷମାନେ କରନ୍ତି ତା'ନୁହେଁ, ଏଥିରେ ମଧ୍ୟ ମହିଳାମାନଙ୍କର ଯଥେଷ୍ଟ ଭାଗିଦାରୀ ରହିଛି। ଓଡିଶାର ସମୁଦାୟ କୃଷିରେ ନିଯୋଜିତ ଥିବା ମହିଳାଙ୍କ ମଧ୍ୟରେ ଶତକଡା ୯୮.୫୪ ଭାଗ ଗାଁ ଗହଳିରେ। ରାଜ୍ୟର ମୋଟ କାର୍ଯ୍ୟକ୍ଷମ ମହିଳାମାନଙ୍କ ଏକ ବିବରଣୀ ନିମ୍ନରେ ଦିଆଗଲା।

| ବର୍ଷ | ମୋଟ କାର୍ଯ୍ୟକ୍ଷମ ମହିଳା (ଲକ୍ଷରେ) | ପ୍ରତିଶତ | କୃଷି କ୍ଷେତ୍ରରେ ଥିବା ମହିଳା (ଲକ୍ଷରେ) | ପ୍ରତିଶତ |
|---|---|---|---|---|
| **୧୯୮୧** | | | | |
| ଗ୍ରାମୀଣ | ୨୪.୫୧ | ୯୪.୭୪ | ୧୦.୮୦ | ୯୭.୬୫ |
| ସହରୀ | ୧.୩୬ | ୫.୨୬ | ୦.୨୬ | ୨.୩୫ |
| ମୋଟ | ୨୫.୮୭ | ୧୦୦.୦୦ | ୧୧.୦୬ | ୧୦୦.୦୦ |
| **୧୯୯୧** | | | | |
| ଗ୍ରାମୀଣ | ୩୦.୮୨ | ୯୫.୦୬ | ୧୪.୯୪ | ୯୭.୯୦ |
| ସହରୀ | ୧.୫୯ | ୪.୯୪ | ୦.୩୨ | ୨.୧୦ |
| ମୋଟ | ୩୨.୪୧ | ୧୦୦.୦୦ | ୧୫.୨୬ | ୧୦୦.୦୦ |
| **୨୦୦୧** | | | | |
| ଗ୍ରାମୀଣ | ୪୨.୧୩ | ୯୪.୧୫ | ୯.୪୫ | ୯୮.୫୪ |
| ସହରୀ | ୨.୬୧ | ୫.୮୫ | ୦.୧୪ | ୧.୪୬ |
| ମୋଟ | ୪୪.୭୪ | ୧୦୦.୦୦ | ୯.୫୯ | ୧୦୦.୦୦ |

ଉପରୋକ୍ତ ସର୍ବେକ୍ଷଣ ତଥ୍ୟରୁ ଜଣାଯାଏ ଯେ ରାଜ୍ୟର ଗ୍ରାମାଞ୍ଚଳରେ ମହିଳାମାନଙ୍କ କୃଷିକ୍ଷେତ୍ରରେ ଯୋଗଦାନର ପ୍ରତିଶତ ଇତିମଧ୍ୟରେ ବୃଦ୍ଧି ପାଇଛି ଯଦିଓ ମୋଟ କାର୍ଯ୍ୟକ୍ଷମ ମହିଳାଙ୍କର ପ୍ରତିଶତ ହ୍ରାସପାଇଛି। ସେହି ଅନୁସାରେ ସହରୀ ମହିଳା ମାନେ କୃଷିକୁ ଛାଡିବାରେ ଲାଗିଛନ୍ତି। କିନ୍ତୁ ରାଜ୍ୟର ପ୍ରାୟ ୪୫ ଲକ୍ଷ କାର୍ଯ୍ୟକ୍ଷମ ମହିଳାଙ୍କ ମଧ୍ୟରୁ ୯.୬ ଲକ୍ଷ କେବଳ କୃଷି କ୍ଷେତ୍ରରେ କାମ କରନ୍ତି। ଓଡିଶାରେ କୃଷି କ୍ଷେତ୍ରରେ ନିୟୋଜିତ ମହିଳାମାନଙ୍କର ଶିକ୍ଷାଗତ ଯୋଗ୍ୟତା, ଆର୍ଥିକ ସ୍ୱାବଲମ୍ବନଶୀଳତା, ନିଷ୍ପତ୍ତି ଦେବାର କ୍ଷମତା, କୃଷି ସମ୍ବନ୍ଧୀୟ ଜ୍ଞାନକୁ ବିବେଚନା କଲେ ଜଣାଯିବ ଓଡିଶାରେ କୃଷିର ସନ୍ତୋଷଜନକ ଅଭିବୃଦ୍ଧି ନହେବାର କାରଣ ଏମାନଙ୍କୁ ଲକ୍ଷ୍ୟ ରଖି କିଛି ନିର୍ଦ୍ଦିଷ୍ଟ ଫଳପ୍ରସୂ ଯୋଜନା ଏ ପର୍ଯ୍ୟନ୍ତ ପ୍ରଣୟନ କରାଯାଇନାହିଁ।

ପ୍ରଫେସର ଚକ୍ରଧର ଶତପଥୀଙ୍କ ଗବେଷଣାତ୍ମକ ତଥ୍ୟରୁ ଜଣାଯାଏ ଓଡିଶାର କୃଷିଜୀବି ମହିଳାମାନେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ପ୍ରାୟ ସତେଇଶ ପ୍ରକାର କାର୍ଯ୍ୟ କରିଥାନ୍ତି। ଏହା ବ୍ୟତୀତ ଘରର ପଶୁପାଳନର ମୁଖ୍ୟ ଦାୟିତ୍ୱ ସେମାନେ ନେଇଥାନ୍ତି। ଆନ୍ତର୍ଜାତିକ ଶ୍ରମ ସଂସ୍ଥାର ତଥ୍ୟ ଅନୁସାରେ ପୁରୁଷ ୬୦ ପ୍ରତିଶତ ପରିବାର ପାଇଁ ଖର୍ଚ୍ଚ କରୁଥିଲାବେଳେ ମହିଳାଟିଏ ନିଜ ଆୟର ୯୦ ପ୍ରତିଶତ ପରିବାର ପାଇଁ ଖର୍ଚ୍ଚ କରେ। ତେଣୁ କୃଷିର ଚାରି ପ୍ରତିଶତ ଅଭିବୃଦ୍ଧିହାର ନ ପହଞ୍ଚିବାର ଏକ ମୁଖ୍ୟ କାରଣ କୃଷିଜୀବୀ ମହିଳାମାନଙ୍କୁ ଉପଯୁକ୍ତ ନଜର ନଦେବା ନୁହେଁ କି ?

ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନ ରାଜ୍ୟରେ ବ୍ୟାପିଲା ପରେ ମହିଳାମାନେ କିଛି ପରିମାଣରେ ଆର୍ଥିକ ଓ ମାନସିକ ସ୍ତରରେ ସୁଦୃଢ ହୋଇଛନ୍ତି। ସେମାନେ ଶତପ୍ରତିଶତ ଋଣ ଫେରସ୍ତ କରି ବ୍ୟାଙ୍କର ବଶ୍ୱାସଭାଜନ ହୋଇପାରିଛନ୍ତି, କିନ୍ତୁ ସେହି ମହିଳାମାନେ କୃଷିଭିତ୍ତିକ ଋଣ କରିବାକୁ ଗଲେ ନିରାଶ ହେବାକୁ ପଡେ। ଏହା ଆମ ଯୋଜନାର ଏକ ଗୁରୁତର ତ୍ରୁଟି। ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ୨୦୦୬-୦୭ ଆର୍ଥିକ ବର୍ଷରେ ୮୦ କୋଟି ଟଙ୍କା ଋଣ ମହିଳାମାନଙ୍କୁ ଦିଆଯାଇଥିବାବେଳେ ୨୦୦୭-୦୮ ଆର୍ଥିକ ବର୍ଷର ବାର୍ଷିକ ଯୋଜନାରେ ମହିଳାମାନଙ୍କ ପାଇଁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବିନିଯୋଗପାଇଁ ମାତ୍ର ୧୬ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏପ୍ରକାର ଆପ୍ରାସଙ୍ଗିକତା ଓଡିଶାର କୃଷିକୁ କେଉଁ ଦିଗକୁ ନେବ ତାହା ବିଚାରଯୋଗ୍ୟ। ସେମାନଙ୍କୁ ବୈଷୟିକ ଜ୍ଞାନ ପ୍ରଦାନରେ ଶିଥିଳତା ଗୁରୁତର ଭୁଲ ଭାବେ ବିବେଚନା କରାଯାଇପାରେ। ଅବଶ୍ୟ ସରକାର ପ୍ରତି କୃଷି ମଣ୍ଡଳରେ ଜଣେ ମହିଳାକୃଷି ଅଧିକାରୀ ଓ ପ୍ରତି କୃଷି ବିଜ୍ଞାନ କେନ୍ଦ୍ରରେ ଜଣେ ଗୃହ ବିଜ୍ଞାନୀ ରଖିବାର ବ୍ୟବସ୍ଥା କରିଛନ୍ତି। ଏହା ମଧ୍ୟ ଗ୍ରାମୀଣ ଓଡିଶାର ମହିଳାମାନଙ୍କ ପାଇଁ ଯଥେଷ୍ଟ ନୁହେଁ।

କହିବାବାହୁଲ୍ୟ, କୃଷିଜୀବୀ ମହିଳାମାନଙ୍କ ଉନ୍ନତ ପାଇଁ ଆମର ମାନସିକତାର ପରିବର୍ତ୍ତନ ଆବଶ୍ୟକ। ମହିଳାମାନେ ଯେ ଅଧୁନା କୃଷିରେ ସର୍ବାଧିକ ଯୋଗଦାନ କରନ୍ତି ଏବଂ ସେମାନଙ୍କ ପାଇଁ ତ୍ରୁଟିପୂର୍ଣ୍ଣ ଯୋଜନାର ଫଳ ଆମ ଦୁର୍ବଳ କୃଷି ଅର୍ଥନୀତି, ଏହା ଆମକୁ ସ୍ୱୀକାର କରିବାକୁ ପଡିବ। ଏସବୁ ସହ ସେମାନଙ୍କର ପୁଷ୍ଟିହୀନତା, ନିରକ୍ଷରତା, ଅତ୍ୟଧିକ ଶିଶୁ ଜନ୍ମହାର, କର୍ମର ଭାର ତଥା ଭାରତୀୟ ସମାଜର ମାନସିକ ତାଡନା ଓ ଲିଙ୍ଗ ବୈଷମ୍ୟ ଆମ ଯୋଜନାର ଅପରିପକ୍ୱତାକୁ ଆଙ୍ଗୁଳି ଦେଖାଏ।

ତା ୦୭.୦୫.୨୦୦୮

# ଉଦାରୀକରଣ ଅର୍ଥନୀତିରେ ସମବାୟ

ବୈଦ୍ୟନାଥନ୍ କମିଟି ରିପୋର୍ଟ ଅନୁସାରେ ଭାରତବର୍ଷର ଗ୍ରାମ୍ୟ ଋଣଭାରକୁ ବହନ କରି ଚାଲିଥିବା ସମବାୟ ଆନ୍ଦୋଳନକୁ ଚାରି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ପ୍ରଥମଟି ୧୯୦୦-୧୯୩୦ ମସିହା ପର୍ଯ୍ୟନ୍ତ ଯେତେବେଳେ ଭାରତରେ ସମବାୟ ମସିତି ନିୟମ ୧୯୦୪କୁ ଏକ ଉପନିବେଶବାଦୀ ସରକାରଙ୍କ ଦ୍ୱାରା ପ୍ରଣୟନ କରାଗଲା ଏବଂ ୧୯୧୯ ମସିହାରେ ଏହାକୁ ରାଜ୍ୟର କ୍ଷମତା ଅଧୀନରେ ରଖାଗଲା। ୧୯୩୦-୧୯୫୦ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ଋଣ ସମବାୟସମିତି ଗୁଡିକର କଚ୍ଛପ ଓ ଅସନ୍ତୋଷଜନକ ଗତି ପରିଲକ୍ଷିତ ହେଲା ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ୧୯୩୫ ମସିହାରେ କାର୍ଯ୍ୟକ୍ଷମ ହେବାପରେ ସମବାୟ ବ୍ୟାଙ୍କିଂ ସିଷ୍ଟମ୍‌କୁ ତା ଅଧୀନରେ ରଖାଗଲା। ୧୯୫୦-୧୯୯୦ ମସିହା ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟରେ ସ୍ୱାଧିନ ଭାରତରେ ସମବାୟ କ୍ଷେତ୍ରରେ ଅନେକ ପରିବର୍ତ୍ତନ କରାଗଲା। ବ୍ୟାଙ୍କ ଜାତୀୟକରଣ ସହ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ନିବାର୍ଡ ଇତ୍ୟାଦିର ଉପସ୍ଥିତି ଋଣ ସମବାୟ ସମିତିର କାର୍ଯ୍ୟକଳାପକୁ ପରୋକ୍ଷଭାବେ ପ୍ରଭାବିତ କଲା। ୧୯୫୪ ସମିହାରେ ସାରା ଭାରତରେ କରାଯାଇଥିବା ସ୍ୱାସ୍ଥ୍ୟ ଋଣ ସର୍ବେକ୍ଷଣରେ ରାଜ୍ୟର ଭାଗିଦାରୀ ସମବାୟ ସହ ଯୋଡା ହୋଇଗଲା। ୧୯୯୦ ମସିହା ପରଠାରୁ ଅଦ୍ୟାବଧି ଚାଲିଥିବା ଚତୁର୍ଥ ପର୍ଯ୍ୟାୟ ଭାରତୀୟ ଅର୍ଥନୀତିର ସଂଜ୍ଞା, ରୂପ ଓ ଆକାରରେ ପୂର୍ଣ୍ଣ ପରିବର୍ତ୍ତନ ଘଟିଲା। ନୂତନ ଅର୍ଥନୈତିକ ନୀତିରେ ସମବାୟ ସ୍ଥିତି କଣ ହେବ ତାହା ଆଲୋଚନାର ପ୍ରସଙ୍ଗ ହୋଇ ରହିଲା। କାରଣ ସମବାୟ ସଂସ୍ଥା ଭାରତରେ ଏକ ପୂର୍ଣ୍ଣ ସଙ୍ଗଠନ ଭଳି କାମ କରୁନଥିଲା। ଏହା ସରକାରଙ୍କର ଯୋଜନା ଓ କାର୍ଯ୍ୟକ୍ରମ ରୂପାୟନର ଏକ ଅଙ୍ଗଭାବେ ବିବେଚିତ ହେଉଥିଲା।

ଅଶି ଦଶକ ପାଖାପାଖି ସମୟକୁ ଭାରତ ବର୍ଷରେ ସମବାୟର ସୁବର୍ଣ୍ଣଯୁଗ କୁହାଯାଏ। କପା, ଚିନି, ଦୁଗ୍ଧ, ମତ୍ସ୍ୟ, ସାର ସହ ବିଭିନ୍ନ ଦ୍ରବ୍ୟଭିତ୍ତିକ ଓ ଲକ୍ଷ୍ୟଭିତ୍ତିକ ସମବାୟ ସଂସ୍ଥାଗୁଡିକ ନିଜ ନିଜ କ୍ଷେତ୍ରରେ ସଫଳତାର ଶୀର୍ଷ ସୋପାନକୁ ଛୁଇଁଥିଲେ। ଋଣଭିତ୍ତିକ ସମବାୟ ସଂସ୍ଥାଗୁଡିକ

ମଧ୍ୟ ଗ୍ରାମାଞ୍ଚଳରେ ବେଶ୍ ସଫଳତାର ସହ ଆଗେଇ ଚାଲିଥିଲେ। ୧୯୯୦ ମସିହାରେ ନୂତନ ଅର୍ଥନୈତିକ ନୀତି ପ୍ରବର୍ତ୍ତନ ବେଳକୁ ସମୁଦାୟ ଗ୍ରାମୀଣ ଋଣର ଶତକଡା ୬୨ ଭାଗ ସମବାୟ ସମିତି ଗୁଡିକ ଜରିଆରେ ଦିଆଯାଉଥିଲା। ନୂତନ ଅର୍ଥନୈତିକ ନୀତି ବର୍ତ୍ତମାନର ପ୍ରଧାନମନ୍ତ୍ରୀ ତଥା ତତ୍କାଳୀନ ଅର୍ଥମନ୍ତ୍ରୀ ଡଃ ମନମୋହନ ସିଂହଙ୍କ ଦ୍ୱାରା ଲାଗୁ ହେବାପରେ ବିଦେଶୀ ପୁଞ୍ଜି ପାଇଁ ଭାରତର ଦ୍ୱାର ଖୋଲିଦିଆଗଲା। ନିବେଶକାରୀଙ୍କୁ ଲାଲ ଗାଲିଚା ପାକାଇ ସ୍ୱାଗତ କରାଗଲା। କ୍ରମାଗତଭାବେ ପୁଞ୍ଜିନିବେଶକାରୀଙ୍କୁ ସୁହେଇଲା ଭଳି କୋହଳ ନୀତିସବୁ ଅନୁସରଣ କରାଗଲା। ତେଣୁ ବିଦେଶୀ ବ୍ୟାଙ୍କମାନେ ଭାରତରେ ସେମାନଙ୍କ ଶାଖା ଖୋଲିବାକୁ ଲାଗିଲେ। ଅର୍ଥନୈତିକ ସ୍ତରରେ ସବୁ ଦ୍ରବ୍ୟର ଉତ୍ପାଦନ କ୍ଷେତ୍ରରେ ବୈଦେଶିକ ପୁଞ୍ଜି ଲଗାଣକୁ ପ୍ରୋତ୍ସାହନ ଦିଆଗଲା। କ୍ରମଶଃ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌ମାନ ପ୍ରତିଷ୍ଠା କରାଗଲା। ସେମାନଙ୍କର ଉତ୍ତମମାନର ସେବା ଓ କାର୍ଯ୍ୟଶୈଳୀ ମଧ୍ୟ ବେଶ୍ ଆଦୃତ ହେଲା। ଏହା ଦ୍ୱାରା ସ୍ୱଳ୍ପ ପୁଞ୍ଜିରେ ଚାଲୁଥିବା କ୍ଷୁଦ୍ରଶିଳ୍ପ ଓ ସମବାୟ ସଂସ୍ଥାଗୁଡିକର ସ୍ଥିତି ପ୍ରତି ଘୋର ବିପଦ ସୃଷ୍ଟି ହେଲା ଓ କିଛି ସଂସ୍ଥାର ବିଲୟ ମଧ୍ୟ ହେବାକୁ ବସିଲା।

ସାମ୍ପ୍ରତିକ ପରିସ୍ଥିତିରେ ଭାରତବର୍ଷରେ କୃଷି ପୁଞ୍ଜିନିବେଶରେ ସମବାୟର ସ୍ୱତନ୍ତ୍ର ସ୍ଥାନ ରହିଆସିଛି। ଏହି ସମବାୟର ଶାଖାପ୍ରଶାଖା ଦେଶର ପ୍ରାୟ ଶତ ପ୍ରତିଶତ ସହର, ଗ୍ରାମକୁ ଲମ୍ବି ଯାଇଛି। ସାରା ଦେଶରେ ଅଦ୍ୟାବଧି ଗ୍ରାମାଞ୍ଚଳରେ କୃଷକମାନଙ୍କ ପାଇଁ ୧,୦୮,୭୭୯ଟି ପ୍ରାଥମିକ କୃଷି ଋଣ ସମବାୟ ସମିତି କାର୍ଯ୍ୟକ୍ଷମ ଅଛି। ଜିଲ୍ଲା ସ୍ତରରେ ଏମାନଙ୍କର ୩୬୭ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଓ ରାଜ୍ୟସ୍ତରରେ ୩୧ଟି ସର୍ବୋଚ୍ଚ ସମବାୟ ବ୍ୟାଙ୍କ ରହିଛି। ସ୍ତରଭିତ୍ତିରେ ଏଗୁଡିକ ଜାତୀୟ କୃଷି ଓ ଗ୍ରାମଉନ୍ନୟନ ବ୍ୟାଙ୍କ ଠାରୁ ଋଣ ଆଣି ଚାଷୀମାନଙ୍କୁ ପ୍ରଦାନ କରିଆସୁଛନ୍ତି ଓ ୨୦୦୬ ମସିହା ଖରିଫ୍ ଋତୁ ଠାରୁ ଶତକଡା ସାତ ହାର ସୁଧରେ ଗ୍ରାମାଞ୍ଚଳର ଚାଷୀମାନଙ୍କୁ କୃଷି ପାଇଁ ଋଣ ପ୍ରଦାନ କରୁଛନ୍ତି। ଦୀର୍ଘସୂତ୍ରୀ ଋଣ ଯୋଜନାରେ ଦେଶରେ ୨୦ଟି ଶୀର୍ଷ କାର୍ଡ ବ୍ୟାଙ୍କ ରହିଛି ଓ ସେମାନଙ୍କ ଅଧିନରେ ୭୨୭ଟି ପ୍ରାଥମିକ କାର୍ଡ ବ୍ୟାଙ୍କ କାମ କରୁଛନ୍ତି। ଏ ସମସ୍ତ ସମବାୟ ସଂସ୍ଥା ଚାଷୀମାନଙ୍କୁ ୨୦୦୫-୦୬ ଆର୍ଥିକ ବର୍ଷରେ ସମୁଦାୟ କୃଷି କ୍ଷେତ୍ର ପାଇଁ ବିନିଯୋଗ ହୋଇଥିବା ୧ ଲକ୍ଷ ୮୦ ହଜାର କୋଟି ଟଙ୍କା ମଧ୍ୟରୁ ୩୯ ହଜାର କୋଟି ଟଙ୍କା ଋଣ ପ୍ରଦାନ କରିଛନ୍ତି। ଅଦ୍ୟାବଧି ସମସ୍ତ ବ୍ୟାଙ୍କଦ୍ୱାରା ବଣ୍ଟନ କରିଯାଇଥିବା କିଷାନ କ୍ରେଡିଟ୍ କାର୍ଡ ମଧ୍ୟରୁ ଶତକଡା ପଚାଶ ଭାଗ ସମବାୟ ସଂସ୍ଥା ଗୁଡିକ ଦ୍ୱାରା କରାଯାଇଛି। କୃଷି ବୀମା ପ୍ରାଦନ କରିବାରେ ମଧ୍ୟ ଏହି ସଂସ୍ଥା ଗୁଡିକ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଏସବୁ ଋଣ ପ୍ରଦାନ କାରି ସମବାୟକୁ ଛାଡିଦେଲେ ଅଣଋଣ କ୍ଷେତ୍ର ଯଥା-ଚିନି ଉତ୍ପାଦନର ଶତକଡା ୬୦,

ହସ୍ତତନ୍ତର ୫୫, ରାସାୟନିକ ସାରର ୩୬ ଓ ଦୁଗ୍ଧ ଶିଳ୍ପର ମୁଖ୍ୟଭାଗ ସମବାୟ ସଂସ୍ଥାଗୁଡିକର କାର୍ଯ୍ୟରେ ସଂସ୍କାର ଅଣାଯାଇ ଦେଶର ସମୃଦ୍ଧି ଓ ସ୍ୱାବଲମ୍ବନଶୀଳତା ମଜଭୂତ କରାଯାଇଛି।

କହିବା ବାହୁଲ୍ୟ, ସମବାୟ ସଂସ୍ଥାଗୁଡିକର ଅବଦାନ ସ୍ୱାଧୀନ ଭାରତ ପାଇଁ ଅନସ୍ୱୀକାର୍ଯ୍ୟ, କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ସମବାୟ ବ୍ୟାଙ୍କଗୁଡିକରେ ଅତିମାତ୍ରାରେ ଅର୍ଥ ତୋଷାରପାତ ହୋଇଛି। ଏହି କାରଣରୁ ମହାରାଷ୍ଟ୍ର, ଗୁଜୁରାଟ ଆଦି ସମବାୟ ସମୃଦ୍ଧି ରାଜ୍ୟଗୁଡିକରେ ଅନେକ ସମବାୟ ବ୍ୟାଙ୍କଗୁଡିକରେ ତାଲା ଝୁଲିବା ସମବାୟ ସଂସ୍ଥାର ଅନ୍ଧକାର ଭବିଷ୍ୟତକୁ ସୂଚାଏ। ୧୯୯୦ ମସିହା ଆଡକୁ ଶତକଡା ୬୨ ଗ୍ରାମ୍ୟ ଋଣ ପ୍ରଦାନ କରୁଥିବା ସମବାୟ ସଂସ୍ଥାଗୁଡିକ ୨୦୦୫ ମସିହା ଫେବୃୟାରୀ ଶେଷ ସୁଦ୍ଧା ସେମାନଙ୍କର ଋଣ ପ୍ରଦାନ କମାଇ ପ୍ରାୟ ୨୭ ପ୍ରତିଶତକୁ ନେଇ ଆସିଛନ୍ତି। ଏହି ପ୍ରାଥମିକ କୃଷି ଋଣ ସମବାୟ ସମିତିଗୁଡିକର ଋଣଆଦାୟ ହାର ମାତ୍ର ୬୬.୪ ପ୍ରତିଶତ ରହିଛି। ଦେଶର ବହୁ ସମବାୟ ଚିନିକଳ, ହସ୍ତତନ୍ତ ପ୍ରତିଷ୍ଠାନରେ ବର୍ତ୍ତମାନ ତାଲା ଝୁଲୁଛି କିମ୍ବା ମୁମୂର୍ଷୁ ଅବସ୍ଥାରେ ସରକାରଙ୍କ ହାତ ଟେକାକୁ ଅନାଇ ବସିଛନ୍ତି। ଏକଦା ଓଡିଶାରେ ସମବାୟ ଚିନିକଳ ଓ ହସ୍ତତନ୍ତଗୁଡିକ ଲାଭରେ ଚାଲୁଥିବାବେଳେ, ବର୍ତ୍ତମାନ ରାଜ୍ୟରେ ଗୋଟିଏ ସମବାୟ ହସ୍ତତନ୍ତ ଚାଲୁଛି ତା ପୁଣି ମୃତ ପ୍ରାୟ ଅବସ୍ଥାରେ। ଏଥିରୁ ଏମାନଙ୍କର ଅବସ୍ଥିତି ଓ ପରିସ୍ଥିତି ସମ୍ପର୍କରେ ସମ୍ୟକ ଧାରଣା ମିଳେ।

ତେଣୁ ଋଣ ବା ଅଣଋଣ କ୍ଷେତ୍ରରେ ସମବାୟ ବସ୍ତୁତଃ ବିଫଳତା ଅଡାକୁ ମାଡି ଚାଲିଛି। ୧୯୫୪ ମସିହାର ଗ୍ରାମ୍ୟ ଋଣ ତନଖି କମିଟି ମତ ଦେଇଥିଲେ ସମବାୟ ଭାରତରେ ବିଫଳ କିନ୍ତୁ ଏହା ଉନ୍ନତି କରିବା ନିହାତି ଆବଶ୍ୟକ। ଅଦ୍ୟାବଧି ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ସମସ୍ତ କମିଟିର ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଧ୍ୟେୟ ରହିଛି। ଏହି ବିଫଳତା ପଛରେ ବୈଦ୍ୟନାଥନ୍ କମିଟି ରିପୋର୍ଟ ଅନୁସାରେ ସମବାୟ ସଂସ୍ଥାରେ ବାହ୍ୟ ବିପଦ ଅପେକ୍ଷା ଏହାର ଅନ୍ତର୍ନିହିତ କାର୍ଯ୍ୟକଳାପ ଅଧିକ ଦାୟୀ। ଏଥିରେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କ କାର୍ଯ୍ୟ ଦକ୍ଷତା ଓ କର୍ତ୍ତବ୍ୟନିଷ୍ଠାର ଅଭାବ, ସମବାୟର ମୂଳଭିତ୍ତି ଗଣତନ୍ତ୍ରର ଅପାରଗତା ସରକାରୀ କଳର ମନୋମୁଖୀ, ଆଚରଣ, ଦୋଷଯୁକ୍ତ ନିୟମାବଳୀ, ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ପ୍ରତିନିଧିମାନଙ୍କର ସମବାୟ ଓ ବ୍ୟାଙ୍କିଙ୍ଗ ଜ୍ଞାନର ଅଭାବ, ମାନବ ସମ୍ବଳର ଦୁରୁପଯୋଗ ଏହି ଆନ୍ଦୋଳନ ବିଫଳତାର କାରଣ। ବିଶିଷ୍ଟ ସମବାୟବିତ୍ ଡଃ କତାର ସିଂହଙ୍କ ଭାଷାରେ ସମବାୟ ସଂସ୍ଥାଗୁଡିକ ବର୍ତ୍ତମାନ ଦୁର୍ନୀତିଗ୍ରସ୍ତ ରାଜନୀତିଜ୍ଞଙ୍କର ଖେଳପଡିଆ ହୋଇଯାଇଛି। ଏକ ଗଣତାନ୍ତ୍ରିକ ଅନୁଷ୍ଠାନରେ ସରକାରୀ କଳର ମାତ୍ରାଧିକ ହସ୍ତକ୍ଷେପ, ଅବାଞ୍ଛିତ କ୍ଷମତା ପ୍ରୟୋଗ ଲୋକମାନଙ୍କର ବିଶ୍ୱାସନୀୟତା ଓ ଆତ୍ମୀୟତାକୁ ହ୍ରାସ କରିଛି। ସର୍ବୋପରି ସମବାୟର ମୂଳଭିତ୍ତି ଗଣତନ୍ତ୍ର, ଏହି

ସଂସ୍ଥାରେ ରୁଗ୍ଣ ଓ ଅଥର୍ବ ପ୍ରାୟ । ଗଣତନ୍ତ୍ର ନାମରେ ଶୋଷଣ ଓ ଦୁର୍ନୀତି ସମବାୟକୁ ରସାତଳଗାମୀ କରାଇଲାଣି । ଦେଶର ତିନୋଟି ରାଜ୍ୟରେ ଦଶବର୍ଷ ହେବ ସମବାୟ ନିର୍ବାଚନ ନହେବା ଗଣତନ୍ତ୍ରର ଦୁର୍ବଳତାକୁ ଇଙ୍ଗିତ କରେ । ଉଦାରୀକରଣ ଅର୍ଥନୀତିରେ ଏପରି ଅନୁଷ୍ଠାନ କେତେ ଦିନ ପର୍ଯ୍ୟନ୍ତ ତିଷ୍ଠି ରହିବ ଏହା ଏକ ବିରାଟ ପ୍ରଶ୍ନବାଚୀ ।

୧୯୯୫ ମସିହା ଆନ୍ତର୍ଜାତିକ ସମବାୟ ସଙ୍ଗଠନର ଶିଖର ସମ୍ମିଳନୀରେ ସମବାୟର ସବୁ ଦିଗକୁ ପର୍ଯ୍ୟାଲୋଚନା କରି ପ୍ରତ୍ୟେକ ସମବାୟର ସାତଟି ମୂଳନୀତି, ଯଥା – ସ୍ୱେଚ୍ଛାକୃତ ଓ ସଂସ୍ଥାରେ ମୁକ୍ତ ସଭ୍ୟପଦ, ଗଣତାନ୍ତ୍ରିକ ସଂଚାଳନ, ସଭ୍ୟମାନଙ୍କ ଆର୍ଥିକ ଯୋଗଦାନ, ସ୍ୱାୟତ୍ତତା ଓ ସ୍ୱାଧିନତା, ଶିକ୍ଷା, ସୂଚନା ଓ ତାଲିମ ସମବାୟ ସଂସ୍ଥାଗୁଡିକ ମଧ୍ୟରେ ସହଯୋଗ ଓ ସାମାଜିକ ଦାୟିତ୍ୱବୋଧକୁ ସ୍ୱୀକୃତି ଦିଆଯାଇଥିଲା । ଉଦାରୀକରଣ ଅର୍ଥନୀତିରେ ବ୍ୟବସାୟିକ ସଂସ୍ଥାଗୁଡିକ ଅତ୍ୟଧିକ ପ୍ରତିଯୋଗିତା, ବିଶୃଙ୍ଖଳା ଦୌଡ, ଅଧିକ ଲାଭଖୋର ମନୋବୃତ୍ତି ଓ ସାମ୍ରାଜ୍ୟ ବିସ୍ତାର କରିବା ଲାଳସା ରହିଛି । ଆଶଙ୍କା କରାଯାଏ କ୍ରମଶଃ ଏହି ମୁଖ୍ୟ ପୁଞ୍ଜିନିବେଶ ବା ବ୍ୟବସାୟିକ ସଂସ୍ଥା ସାରା ବିଶ୍ୱକୁ କରାୟତ କରି ନିଜର ସମାମନ୍ତରାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିବେ । ଦେଖାଯାଉଛି ବଡ ବଡ ଶିଳ୍ପ ସଂସ୍ଥାମାନେ ପୁଞ୍ଜି ବିନିଯୋଗ କଲାବେଳକୁ ସେଠାରେ ଉଠୁଥିବା ଗଣତାନ୍ତ୍ରିକ ପ୍ରତିରୋଧକାରୀ ଶକ୍ତି ଗଣତନ୍ତ୍ର ରାଷ୍ଟ୍ରରେ ମଧ୍ୟ ନ୍ୟୂନ ହୋଇଯାଉଛି । ସେ ଜାଗାର ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତା ପରୋକ୍ଷଭାବେ ସଙ୍କୁଚିତ ହୋଇଯାଇଛି । ଏହି ଶିଳ୍ପ ସଂସ୍ଥା ଗୁଡିକର ସାମାଜିକ ଦାୟିତ୍ୱବୋଧ ରହୁନାହିଁ । ନିଜ ନିଜ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଯୋଗୁଁ କ୍ଷୁଦ୍ର ସଂସ୍ଥାଗୁଡିକୁ ଏମାନେ କବଳିତ କରିବା ସହ ଅତ୍ୟଧିକ ଲାଭର ଲାଳସା ଏମାନଙ୍କୁ ସାମାଜିକ ନୈତିକତାଠାରୁ ଦୂରେଇ ନେଉଛି । ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ସମବାୟ ହିଁ ଏକା ମାତ୍ର ସଂସ୍ଥା ଯାହାକୁ ସରକାରୀ କଳର କର୍ତ୍ତୃତ୍ୱମୁକ୍ତ କରାଗଲେ ସେଗୁଡିକ ସଭ୍ୟମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ସଭ୍ୟମାନଙ୍କ ପାଇଁ ଓ ସଭ୍ୟମାନଙ୍କର ହୋଇପାରିବ । ଆମ ଦେଶର ଶତକଡା ଅଶୀଭାଗ କୃଷକ ମାନମାତ୍ର ଓ କ୍ଷୁଦ୍ରଚାଷୀ ଅଟନ୍ତି, କିନ୍ତୁ ଅଦ୍ୟାବଧି କୃଷିରେ ପୁଞ୍ଜି ବିନିଯୋଗର ହାର ଅତ୍ୟନ୍ତ ନୈରାଶଜନକ ଯଦିଓ ଦେଶର ସତୁରୀ ପ୍ରତିଶତ ଜନସାଧାରଣ ଏହା ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡିତ । କୌଣସି ବ୍ୟବସାୟିକ ସଂସ୍ଥା ଉଦାରୀକରଣ ଅର୍ଥନୀତିରେ ଏମାନଙ୍କ ଜୀବିକାରେ ପୁଞ୍ଜି ନିବେଶ କରିବାକୁ ଆଗ୍ରହୀ ନୁହଁନ୍ତି, କିନ୍ତୁ ଦେଶର ଅର୍ଥନୀତିକୁ ସେମାନେ ଆଢୁଆଳରେ ରହି ପରିଚାଳନା କରନ୍ତି । ଏହି ପରିପେକ୍ଷୀରେ ଦେଶ ମୁଖ୍ୟ ସ୍ରୋତଠାରୁ ଦୂରେଇ ଯିବାକୁ ବସିଥିବା ଏହି ସତୁରୀ ଭାଗ ଲୋକଙ୍କର ଏକମାତ୍ର ସାହା ଭରସା ସମବାୟ ସମିତି ପରି କ୍ଷୁଦ୍ର ଓ ନିଜସ୍ୱ ଅନୁଷ୍ଠାନ । ସମବାୟ ତାର ସପ୍ତମ ନୀତି ସାମାଜିକ ଦାୟିତ୍ୱବୋଧକୁ ସଠିକ୍ ଭାବେ ନିର୍ବାହ

ନକଲେ ଏହି ଲୋକମାନଙ୍କର ଉନ୍ନତି ହୋଇ ପାରିବ ନାହିଁ । ଉଦାରୀକରଣ ଅର୍ଥନୀତି ଭବିଷ୍ୟତରେ ସମାଜକୁ ଆର୍ଥିକ ଭିତ୍ତିରେ ଦୁଇ ଭାଗରେ ବିଭକ୍ତ କରିଦେବ, ଯେଉଁଥିରେ ଗୋଟିଏ ଭାଗ ଏହି ସତୁରୀ ପ୍ରତିଶତ ସାଧାରଣ ନାଗରିକ ରହିବେ । ୨୦୦୬ ମସିହାରେ ଅର୍ଥନୈତିକ ସର୍ବେକ୍ଷଣ ଅନୁସାରେ ଏମାନଙ୍କର ଦେଶର ସାମଗ୍ରିକ ଘରୋଇ ଉତ୍ପାଦକୁ ପ୍ରତିଦାନ ହାର ହେଲା ମାତ୍ର ୧୮.୫ ପ୍ରତିଶତ । କ୍ରମଶଃ ଏହାର ମୂଲ୍ୟ ଖସି ପାଞ୍ଚ କିମ୍ବା ଦୁଇକୁ ମଧ୍ୟ ଆସିପାରେ । ସେତେବେଳେ ସମବାୟ ସଂସ୍ଥାଗୁଡ଼ିକ ହିଁ ସାମାଜିକ ଦାୟିତ୍ୱବୋଧ ନ୍ୟାୟରେ ଏହି ସାଧାରଣ ଜନତାଙ୍କୁ ବଞ୍ଚିବାର ରାହା ଦେଖାଇବେ । ବୈଦ୍ୟନାଥନ୍ କମିଟିର ସୁପାରିଶ କ୍ରମେ ଦିଆଯାଇଥିବା ପନ୍ଦର ହଜାର କୋଟି ଟଙ୍କା ଏହି ରୁଗ୍ଣ ସମବାୟ ଅନୁଷ୍ଠାନଗୁଡ଼ିକର ଭିତ୍ତିଭୂମି । କର୍ମଚାରୀ ଦକ୍ଷତା, ଆଧୁନିକ ପ୍ରଯୁକ୍ତି ବିଦ୍ୟାର ବିନିଯୋଗ ହେବା ଆବଶ୍ୟକ । ଏହା ହେଲେ ସମବାୟ ସଂସ୍ଥାଗୁଡ଼ିକ ତା'ର ସଭ୍ୟମାନଙ୍କୁ ସଠିକ୍ ସେବା ଯୋଗାଇ ଦେଇପାରିବ । ତେଣୁ ଜଗତୀକରଣର ପ୍ରବଳ ପରାକ୍ରମୀ ଢେଉରୁ ଏ ସଂସ୍ଥାଗୁଡ଼ିକୁ ରକ୍ଷା କରିବାର ସମୟ ବର୍ତ୍ତମାନ ଉପନୀତ, କାରଣ ଭବିଷ୍ୟତରେ ଏହି ସଂସ୍ଥାମାନେ ହିଁ କେବଳ ଦେଶର ମୁଖ୍ୟ ଭାଗ ଜନସାଧାରଣଙ୍କ ସାହାଭରସା ହୋଇ ରହିବେ ।

ତା ୧୮.୧୨.୨୦୦୭

# କୃଷି କ୍ଷେତ୍ରରେ ପୁଞ୍ଜିନିବେଶ ନୈରାଶ୍ୟଜନକ

ଆମ ଦେଶରେ କୃଷିକ୍ଷେତ୍ରରେ ପୁଞ୍ଜି ବିନିଯୋଗ ଅଦ୍ୟାବଧି ସନ୍ତୋଷଜନକ ନୁହେଁ। ସରକାରୀ ବା ବେସରକାରୀ ସ୍ତରରେ ହେଉ ଅନ୍ୟାନ୍ୟ କ୍ଷେତ୍ର ଅପେକ୍ଷା ଏଥିରେ ପୁଞ୍ଜି ବିନିଯୋଗ କମ୍। ନବେ ଦଶକ ପ୍ରାରମ୍ଭରେ ଆରମ୍ଭ ହୋଇଥିବା ଅର୍ଥନୈତିକ ଉଦାରୀକରଣନୀତି ଏହି କ୍ଷେତ୍ରକୁ ସେପରି ପ୍ରଭାବିତ କରିପାରିନାହିଁ। ଦେଶର ସତୁରି ପ୍ରତିଶତ ଲୋକ ଏହା ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡିତ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ୨୦୦୬-୦୭ ଆର୍ଥିକ ବର୍ଷରେ ଏହି ଲୋକମାନଙ୍କର ଦେଶର ସାମଗ୍ରିକ ଘରୋଇ ଉତ୍ପାଦକୁ ପ୍ରତିଦାନ ଥିଲା ମାତ୍ର ୧୮.୫ ଭାଗ। ଅର୍ଥନୈତିକ ସର୍ବେକ୍ଷଣରୁ ଜଣାଯାଏ ଏହି ଭାଗ ବର୍ଷକୁ ବର୍ଷ କମିକମି ଯାଉଛି। ଗତବର୍ଷ କୃଷି କ୍ଷେତ୍ରର ଅଭିବୃଦ୍ଧି ହାର ଥିଲା ୨.୭ ପ୍ରତିଶତ। ଦେଶର ସମଗ୍ର ଘରୋଇ ଉତ୍ପାଦ ବୃଦ୍ଧିର ହାର ଥିଲା ୯.୪ ପ୍ରତିଶତ। ଆମର ଖାଦ୍ୟଶସ୍ୟ ଉତ୍ପାଦନ ଏତେ ପରିବର୍ତ୍ତନଶୀଳ ଯେ ସମୁଦାୟ ଦଶମ ପଞ୍ଚବାର୍ଷିକ ଯୋଜନାରେ ଏହା ସର୍ବନିମ୍ନ ୧୭୪.୮ ନିୟୁତ ଟନ୍ (୨୦୦୨-୦୩) ରୁ ସର୍ବାଧିକ ୨୧୩.୨ ନିୟୁତ ଟନ୍ (୨୦୦୩-୦୪)କୁ ପରିବର୍ତ୍ତିତ ହୋଇଛି। ଉତ୍ପାଦନର ଏହି ତାରତମ୍ୟକୁ ଆମର ବର୍ଦ୍ଧିଷ୍ଣୁ ଜନସଂଖ୍ୟା କେତେଦୂର ସମ୍ଭାଳି ପାରିବ, ସେ ପ୍ରଶ୍ନ ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଛି। ଷାଠିଏ ଦଶକର ମଧ୍ୟଭାଗରେ ଆରମ୍ଭ ହୋଇଥିବା ସବୁଜ ବିପ୍ଳବ ଦେଶର ପ୍ରତ୍ୟେକ କୋଣକୁ ସ୍ପର୍ଶ କରିପାରିନାହିଁ ଯଦିଓ ଆମର ଖାଦ୍ୟଶସ୍ୟ ଉତ୍ପାଦନ ବଢୁଛି।

ବର୍ତ୍ତମାନ ଆମ ଦେଶ ପୃଥିବୀରେ ଧାନ, ଗହମ ଉତ୍ପାଦନରେ ଦ୍ୱିତୀୟ, ଡାଲିରେ ପ୍ରଥମ ଓ ପନିପରିବା, ଫଳ ଉତ୍ପାଦନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି କିନ୍ତୁ ଏହାର ଉତ୍ପାଦିକତାକୁ ଦେଖାଗଲେ ଜଣାଯାଏ ଯେ ଧାନ ଉତ୍ପାଦନରେ ଏହାର ସ୍ଥାନ ୩୫ତମ, ଗହମରେ ୩୨ତମ, ଡାଲିଜାତୀୟ ଶସ୍ୟ ଉତ୍ପାଦନରେ ୧୧୮ ତମ ଓ ତୈଳବୀଜ ଉତ୍ପାଦନରେ ପ୍ରାୟ ୫୦ତମ ଅଟେ। ବିକଶିତ ରାଷ୍ଟ୍ରମାନଙ୍କର ଉତ୍ପାଦନ ଶକ୍ତିକୁ ତୁଳନା କଲେ ଆମର ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଁ ଯେ ସୁଯୋଗ ରହିଛି, ଏଥିରେ ସନ୍ଦେହ ନାହିଁ। କିଛିଦିନ ତଳର ଜାତୀୟ ନମୁନା ସର୍ବେକ୍ଷଣ

ସଂସ୍ଥାର ଏକ ସର୍ଭେରୁ ଜଣାଯାଏ ଯେ ଆମଦେଶର ଚାଳିଶି ପ୍ରତିଶତ କୃଷକଙ୍କର କୃଷିକାର୍ଯ୍ୟ କରିବାରେ ଇଚ୍ଛା ନାହିଁ ଏବଂ ସେମାନେ ଯେ କୌଣସି ମୁହୂର୍ତ୍ତରେ ଏ ଜୀବିକା ଛାଡିବାକୁ ପ୍ରସ୍ତୁତ। ସେମାନେ କୃଷିକାର୍ଯ୍ୟରେ ସନ୍ତୁଷ୍ଟ ନୁହଁନ୍ତି, କୃଷିକୁ ନେଇ ଜୀବନଯାପନ କରିବାକୁ ସେମାନଙ୍କର ଆଉ ଆଗ୍ରହ ନାହିଁ। ଏହା ଆମ ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ। ଦଶମ ପଞ୍ଚବାର୍ଷିକ ଯୋଜନାରେ କୃଷି କ୍ଷେତ୍ରର କଛପଗତିକୁ ଅନୁଧ୍ୟାନ କରି ଅନେକ ପ୍ୟାକେଜ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟ ସରକାରମାନେ ଭିନ୍ନ ଭିନ୍ନ ସମୟରେ ଘୋଷଣା କରିଛନ୍ତି। ଆମ ସ୍ୱପ୍ନର ଦଶ ପ୍ରତିଶତ ଅର୍ଥନୈତିକ ବୃଦ୍ଧି ହାରକୁ ଛୁଇଁବା ପାଇଁ କୃଷିକ୍ଷେତ୍ରର ଅଭିବୃଦ୍ଧି ହାର ଚାରି ପ୍ରତିଶତ ହେବାର ଥିଲା। ସେ ସ୍ୱପ୍ନକୁ ଚୁରମାର୍ କଲାପରେ ଏହା ଏକାଦଶ ପଞ୍ଚବାର୍ଷିକ ଯୋଜନାକୁ କୃଷକ ଆତ୍ମହତ୍ୟା ଭଳି ଏକ କମ୍ପ୍ଲେକ୍ସ ରୋଗ ଉପହାର ଦେଇଛି। ୨୦୦୪ ମସିହା ଜୁନ୍ ମାସରେ ମାନ୍ୟବର ଅର୍ଥମନ୍ତ୍ରୀଙ୍କ ଦ୍ୱାରା କୃଷି କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗକୁ ବାଧ୍ୟତାମୂଳକ କରିବାପାଇଁ ସମସ୍ତ ବ୍ୟାଙ୍କ ଆଗାମୀ ତିନିବର୍ଷରେ କୃଷଋଣ ଦ୍ୱିଗୁଣିତ କରିବାକୁ ନିର୍ଦ୍ଦେଶନାମା ଜରି କରାଗଲା। ତଦନୁଯାୟୀ ଏହି କ୍ଷେତ୍ରରେ ଆଖିଦୃଶିଆ ଉନ୍ନତି ଘଟିଲା। ତାର ଏକ ବିବରଣୀ ପ୍ରଦତ୍ତ ସାରଣୀରେ ଦିଆଗଲା। କୃଷକମାନଙ୍କୁ ଅର୍ଥନୈତିକ ଯୋଜନାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପଦକ୍ଷେପ ସ୍ୱରୂପ ୨୦୦୬-୦୭ ଖରିଫ୍ କାର୍ଯ୍ୟକ୍ରମଠାରୁ ତିନିଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣକୁ ସମସ୍ତ ଚାଷୀଙ୍କୁ ଶତକଡା ସାତ ସୁଧହାରରେ ଦେବା ପାଇଁ ବ୍ୟାଙ୍କମାନଙ୍କୁ କୁହାଯାଇଛି। ଏହାର କଡାକଡି ପାଳନ ଉପରେ ମଧ ସରକାର ଦୃଷ୍ଟି ରଖିଛନ୍ତି। ଅଗଷ୍ଟ ୧୯୯୮ ମସିହାଠାରୁ କୃଷି କ୍ଷେତ୍ରରେ ଯୁଗାନ୍ତକାରୀ ବିପ୍ଳବ ସ୍ୱରୂପ କିଷାନ୍ କ୍ରେଡିଟ୍ କାର୍ଡ ପ୍ରଚଳନ କରାଯାଇଥିଲା। ଏହାର ସମସ୍ତ ନିୟମକୁ କୋହଳ କରି ବଳକା ଚାଷୀ, ଭାଗଚାଷୀ, ପୁରୁଣା ଖିଲାପିକାରୀଙ୍କୁ ଏହି ଯୋଜନାରେ ମାର୍ଚ୍ଚ ୨୦୦୭ ସୁଦ୍ଧା ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସବୁ କେନ୍ଦ୍ର ସରକାରଙ୍କ ନୀତି ବ୍ୟତୀତ ବିଭିନ୍ନ ରାଜ୍ୟ ସରକାରଙ୍କ ତାଙ୍କ ରାଜ୍ୟରେ କୃଷିକ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ତ୍ୱରାନ୍ୱିତ କରିବାକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ବିଭିନ୍ନ ଯୋଜନା ଘୋଷଣା କରିଛନ୍ତି ଓ ତାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଇଛନ୍ତି; କିନ୍ତୁ ଦେଖାଯାଇଛି ଏତେ ସବୁ ଯୋଜନା କୃଷକର ମୂଳଭିତ୍ତିକୁ ଦୃଢ କରିପାରିନାହିଁ ବା ଆତ୍ମହତ୍ୟାକୁ ରୋକିପାରିନାହିଁ। ଏପରିକି ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ର ବିଦର୍ଭ ଅଞ୍ଚଳଗସ୍ତ କରି ଚାଷୀମାନଙ୍କ ପାଇଁ ପ୍ୟାକେଜ ଘୋଷଣାର ପରଦିନ ସେହି ଅଞ୍ଚଳର ଦୁଇଜଣ ଚାଷୀଙ୍କର ଆତ୍ମହତ୍ୟା କଲେ। ଏଥିରୁ ଜଣାପଡିଛି ସେ ଅଞ୍ଚଳର କୃଷକମାନଙ୍କର ମାନସିକ ବଳ କେତେ ଦୁର୍ବଳ ଦେଇଯାଇଛି। ତେବେ ଏହାକୁ ତୁରନ୍ତ ବଶ କରିବାକୁ ସରକାର ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳ ଆଦି ରାଜ୍ୟଗୁଡିକର ଅତ୍ୟଧିକ ପ୍ରଭାବିତ ୩୧ ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର

ପ୍ୟାକେଜ ଘୋଷଣା କଲେ। ଏହି ଜିଲ୍ଲାଗୁଡିକରେ ଚାଷୀମାନଙ୍କର ୨୭୭୮ କୋଟି ଟଙ୍କାର ଋଣଛାଡ କରାଗଲା ଏବଂ ଏହି ଜିଲ୍ଲାଗୁଡିକରେ ୩୧,୪୨୨ କୋଟି ଟଙ୍କାର କୃଷି ଋଣ ବିନିଯୋଗ କରିବାକୁ ଧାର୍ଯ୍ୟ କରିଗଲା।

କହିବା ବାହୁଲ୍ୟ, ଏହି ସବୁ ଲୋଭନୀୟ ପ୍ୟାକେଜ୍ ଚାଷୀର ମନୋବଳକୁ ଆବଶ୍ୟକ ମତେ ଶକ୍ତ କରିପାରିଛି କି? ଚାଷୀ ଆତ୍ମହତ୍ୟା ଆମ ଅର୍ଥନୈତିକ ଯୋଜନା ଓ କୃଷିନୀତିର ଅପରିପକ୍ୱତା ଏବଂ ସେଥିରେ ଥିବା ଅଦୃଶ୍ୟ ଛିଦ୍ରଗୁଡିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅବଶ୍ୟ ଇତିମଧ୍ୟରେ କେନ୍ଦ୍ର ସରକାର ପ୍ରଖ୍ୟାତ କୃଷିବିତ୍ ଡଃ ଏମ୍.ଏସ୍.ସ୍ୱାମିନାଥନ୍‌ଙ୍କର ନେତୃତ୍ୱରେ ଏକ ଜାତୀୟ କୃଷକ କମିଶନ ଗଠନ କରିଛନ୍ତି ଯାହା ଭବିଷ୍ୟତରେ କୃଷି କ୍ଷେତ୍ରକୁ ଓ ତତ୍‌ସଙ୍ଗ ଯୋଜନାକୁ ପଥ ଦେଖାଇବା ପାଇଁ ଉଦ୍ଦିଷ୍ଟ। ଏହି କମିଶନ ୨୦୦୫-୦୬ ମସିହାରେ ଯେଉଁ ପାଞ୍ଚଟି ରିପୋର୍ଟ ଦାଖଲ କରିଛନ୍ତି, କମିଶନ କୃଷକ ଆତ୍ମହତ୍ୟାକୁ ଏକ ଜଟିଳ ବ୍ୟାଧି ଭାବରେ ଚିତ୍ରିତ କରିବା ସହ ଏହାର ନିଦାନ ପାଇଁ କିଛି ସ୍ଥାୟୀ, ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଛନ୍ତି, ଯାହା ପଞ୍ଚବାର୍ଷିକ ଯୋଜନାର କୃଷିନୀତିରେ ସରକାର ଗ୍ରହଣ କରିଛନ୍ତି। ଯୋଜନାର ଆଭିମୁଖ୍ୟ ଫର୍ଦ୍ଦରେ ଏହା ସ୍ୱଷ୍ଟ ପ୍ରତିଫଳନ ହୋଇଛି। ଜାତୀୟ କୃଷକ କମିଶନ ଯେଉଁ ପାଞ୍ଚଟି ମୁଖ୍ୟ ପ୍ରସଙ୍ଗକୁ ସୁଧାରିବାକୁ ପରାମର୍ଶ ଦେଇଛନ୍ତି ସେଗୁଡିକ ହେଲା (୧) ମୃତ୍ତିକା ସ୍ୱାସ୍ଥ୍ୟରକ୍ଷା ଓ ଗୁଣବତ୍ତା ବୃଦ୍ଧି, (୨) ଜଳ ଅମଳ ପ୍ରକଳ୍ପ ଯୋଜନାର ଉତ୍ତମ କାର୍ଯ୍ୟାନ୍ୱୟନ ଓ ଜଳର ସୁବିନିଯୋଗ ଉପରେ ଗୁଗୁତ୍ୱ (୩) କୃଷି କ୍ଷେତ୍ରରେ ଋଣ ଓ ବୀମା ଯୋଜନାକୁ ସଶକ୍ତ କରିବା (୪) ବୈଷୟିକ ଜ୍ଞାନର ସଂପ୍ରସାରଣ ଏବଂ କୃଷି କ୍ଷେତ୍ରର ଆବଶ୍ୟକ ସାମଗ୍ରୀ କୃଷକ ନିକଟରେ ସହଜ ଉପଲବ୍ଧ (୫) ନିଶ୍ଚିତ ଏବଂ ଉପଯୁକ୍ତ ମୁଲ୍ୟଯୁକ୍ତ ବଜାର ବ୍ୟବସ୍ଥା ସୃଷ୍ଟି। ଉପରୋକ୍ତ ପାଞ୍ଚଟି ବିଷୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କମିଶନ୍ କୃଷକର ସ୍ଥିତି, ଉତ୍ପାଦନର ହାର ସହ ଚିରନ୍ତନ କୃଷିକୁ ତୁଳନା କରି ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହି କମିଶନ୍ ଭୂସଂସ୍କାର, ଜଳସେଚିତ ଅଞ୍ଚଳର ପରିସୀମା ବୃଦ୍ଧି, ସମଗ୍ର ସଂସ୍ଥାଗୁଡିକର ପୁନରୁଦ୍ଧାର, ବୈଜ୍ଞାନିକ ଜ୍ଞାନକୌଶଳର ସଫଳ ବିନିଯୋଗ, ଉନ୍ନତ ଧରଣର ମଞ୍ଜି ବ୍ୟବହାର ସହ ସମନ୍ୱିତ କୃଷିପ୍ରଣାଳୀର ଆଦୃତ ଉପରେ ଗୁରୁତ୍ୱ ଦେଇଛନ୍ତି। ସମସ୍ତ ଯୋଜନାକୁ ଆଞ୍ଚଳିକଭିତ୍ତିରେ ଏବଂ କୃଷି ଜଳବାୟୁ ସ୍ତରୀୟ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ସବୁ ପ୍ରସଙ୍ଗଗୁଡିକ ବହୁ ପ୍ରତିକ୍ଷିତ। ଏହା କୃଷକର ମନୋବଳ ଦୃଢ କରିବାର ଆଶା କରାଯାଏ। ବର୍ତ୍ତମାନ କୃଷକର ପାରିପାର୍ଶ୍ୱିକ ସ୍ଥିତି ଓ ମାନସିକ ସ୍ଥିତିରେ ଯଥେଷ୍ଟ ପରିବର୍ତ୍ତନ ହୋଇଛି। ନୂତନ ଅର୍ଥନୈତିକ ଯୋଜନା ଭାରତବର୍ଷରେ ଆଦୃତ ହେଲାପରେ ଅନ୍ୟାନ୍ୟ କ୍ଷେତ୍ରର ଲୋକମାନଙ୍କ ମଧ୍ୟରେ ଦୌଡ଼ରେ କୃଷକଟିଏ ପଛରେ ପଡ଼ିଯାଉଛି ଏବଂ ସେ ନିଜକୁ ଅସହାୟ ମନେକରୁଛି।

ଅଧିକ ବଢିବାର ଆଶାରେ ସେ ନିଜ ସ୍ଥିତି, ପରିସୀମାରୁ ବାହାରି ଅତ୍ୟଧିକ ସୁଧ ହାରରେ ଚାଷୀ ଋଣ ଆଣୁଛି । କୃଷିକ୍ଷେତ୍ର ତାକୁ ଭରଣା କରିବାରେ ବିଫଳ ହେଉଛି । ଏପରି ଅବସ୍ଥାରେ ସାହାଯ୍ୟ କରିବାକୁ ତା'ର ସେ ଯୌଥ ପରିବାର ନାହିଁ । ଅତଏବ ଶେଷକୁ ଆତ୍ମହତ୍ୟା ଭଳି ପନ୍ଥା ବାଛିନେଉଛି ।

ଏକାଦଶ ପଞ୍ଚବାର୍ଷିକ ଯୋଜନା କୃଷିରେ ଥିବା ସମସ୍ୟା ଗୁଡିକୁ ମୂଳରୁ ଅନୁଧାନ କରି କୃଷକର ସାମାଜିକ ଅବସ୍ଥାକୁ ବିଚାରକରି ଯୋଜନା ପ୍ରଣୟନକାରୀମାନେ ଉଚ୍ଚିତ୍ ପଦକ୍ଷେପ ନେବା ନିହାତି ଆବଶ୍ୟକ । ନୂତନ ଅର୍ଥନୈତିକ ବ୍ୟବସ୍ଥା ଯେ ସମାଜର ନିଶ୍ଚିତ ଉନ୍ନତି ଆଣିଛି ତାହା ଅସ୍ୱୀକାର କରିହେବନାହିଁ । ସହରରେ ଗଢି ଉଠିଥିବା ବହୁତଳ ପ୍ରାସାଦ; କଳା ମଚମଚ ରାସ୍ତା, ମୂଷିକପଲ ସମ ସାଲୁବାଲୁ ହେଉଥିବା ଛୋଟଛୋଟ କାର୍ ସବୁ, ସହରୀ ଲୋକମାନଙ୍କ ହାତର ପୁଳାପୁଳା ଟଙ୍କା ଏହାର ଉଦାହରଣ କିନ୍ତୁ ଗ୍ରାମାଞ୍ଚଳରେ କୃଷକର ଜୁଇ, ଗୋଟିଏ ଅଶାନ୍ତ ଆସାର ନିର୍ବାପନ, ଶେଷରେ ସମାଜକୁ କୁଆଡେ ନେଇଯିବ ତାହାର କିଛି ଠିକଣା ନାହିଁ । ଆତ୍ମହତ୍ୟା ପରି ଦେଶରେ ବୃଦ୍ଧି ପାଉଥିବା ନକ୍ସଲବାଦ ଏହାର ଅନ୍ୟ ରୂପ ହୋଇପାରେ । ଏହା ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ଏକାଦଶର ଏକ ଉପହାର ନହେଉ । ସମସ୍ତେ ବେଳ ହୁଁ ସାବଧାନ ହେବା ଆବଶ୍ୟକ ।

| ଅର୍ଥଲଗାଣକାରୀ ସଂସ୍ଥା | ୨୦୦୨ -୦୩ | ୨୦୦୩ -୦୪ | ୨୦୦୪ -୦୫ | ୨୦୦୫ -୦୬ | ୨୦୦୬ -୦୭ (୩୧.୧୨.୦୬ ସୁଦ୍ଧା) |
|---|---|---|---|---|---|
| ସମାବାୟ ବ୍ୟାଙ୍କ | ୨୩,୭୧୬ | ୨୯,୯୫୯ | ୩୧,୪୨୪ | ୩୯,୪୦୪ | ୩୩,୧୭୪ |
| ଗ୍ରାମ୍ୟ ବ୍ୟାଙ୍କ | ୬,୦୭୦ | ୭,୫୮୧ | ୧୨,୪୦୪ | ୧୫,୨୭୩ | ୧୫,୧୭୦ |
| ବ୍ୟବସାୟିକ ବ୍ୟାଙ୍କ | ୩୯,୭୭୪ | ୫୨,୪୪୧ | ୮୧,୪୮୧ | ୧,୨୫,୮୫୯ | ୧,୦୦,୯୯୯ |
| ମୋଟ୍ | ୬୯,୫୬୦ | ୮୬,୯୮୧ | ୧,୨୫,୩୦୯ | ୧,୮୦,୪୮୬ | ୧,୪୯,୩୪୩ |
| ଉତ୍ସ - ନାବାର୍ଡ (ଟଙ୍କା କୋଟିରେ) | | | | | |

ତା ୨୫.୦୮.୨୦୦୭

# ପଶୁ ସମ୍ପଦ ଆମ ସମ୍ବଳ : ଏକ ଦୃଷ୍ଟିପାତ

ଆମ ଦେଶରେ ବର୍ତ୍ତମାନ ସହରୀ ଓ ଗ୍ରାମାଞ୍ଚଳ ଲୋକମାନଙ୍କର ଆୟର ଅନୁପାତ ୫:୧ ରହିଛି। ପଞ୍ଚାବନ ପ୍ରତିଶତ ଗାଉଁଲି ଲୋକ ଦେଶର ଅର୍ଥନୀତିକୁ ମାତ୍ର ଶତକଡା ୧୮.୫ ଭାଗ ଯୋଗଦାନ କରୁଛନ୍ତି। ଏହି ଯୋଗଦାନର ଭାଗ ପ୍ରତି ବର୍ଷ କମି କମି ଯାଉଛି। ଏହାର ଅର୍ଥ ସେମାନେ ଯେ ନିକମା ହୋଇଯାଉଛନ୍ତି ତା ନୁହେଁ, ସେମାନଙ୍କର ଆୟର ଅନୁପାତିକ ମୂଲ୍ୟ ଦିନକୁ ଦିନ ସହରୀ ଲୋକମାନଙ୍କ ତୁଳନାରେ କମି କମି ଯାଉଛି। ସେମାନଙ୍କର ମୁଖ୍ୟ ଜୀବିକା କୃଷି ଓ ତାର ଆନୁଷଙ୍ଗିକ ପନ୍ଥା ସବୁ। ୨୦୦୬-୦୭ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ଆମ କୃଷି ଅଭିବୃଦ୍ଧି ହାର ଶତକଡା ୨.୭ ପ୍ରତିଶତ ଯାହା ୨୦୦୨-୦୩ ରୁ ୨୦୦୬-୦୭ ପର୍ଯ୍ୟନ୍ତ ଥିବା ଦଶମ ପଞ୍ଚବାର୍ଷିକ ଯୋଜନାର ଧାର୍ଯ୍ୟ ଲକ୍ଷ ଚାରି ପ୍ରତିଶତ ବୃଦ୍ଧିହାରକୁ ପୂରଣ କରିବାରେ ଅସମର୍ଥ।ଏହି ପଞ୍ଚବାର୍ଷିକ ଯୋଜନାରେ ଆମ କୃଷି ଓ ଆନୁଷଙ୍ଗିକ ପନ୍ଥା ଗୁଡିକର ଅଭିବୃଦ୍ଧି ହାର ହେଲା ୨.୩ ପ୍ରତିଶତ।

କହିବା ବାହୁଲ୍ୟ ଆମ ଦେଶର ଗ୍ରାମାଞ୍ଚଳ ଲୋକମାନଙ୍କର ଅର୍ଥନୀତି ପ୍ରତି ଅବଦାନ ତୀବ୍ରଗତିରେ କମିକମି ଆସୁଛି। ଅପରପକ୍ଷରେ ସହରୀ ଲୋକଙ୍କ ମୁଖ୍ୟ ଜୀବିକା ସେବାକ୍ଷେତ୍ର ଓ ଶିଳ୍ପକ୍ଷେତ୍ରର ଦ୍ରୁତ ବିକାଶ ଯୋଗୁଁ ଦେଶର ସାମଗ୍ରିକ ଘରୋଇ ଉତ୍ପାଦ ବୃଦ୍ଧିର ହାର ୯.୨ ପ୍ରତିଶତରେ ପହଞ୍ଚିଛି। ସାଂପ୍ରତିକ ପରିସ୍ଥିତିର ଏ ଅବସ୍ଥା ଆମର ବିଶିଷ୍ଟ ଅର୍ଥନୈତିଜ୍ଞ ଆମ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କର ମୁଣ୍ଡବ୍ୟଥାର କାରଣ ହୋଇଛି। ଆମ କୃଷି, ତଥାକଥିତ କୃଷି କ୍ଷେତ୍ରର ଉତ୍ପାଦନ ସହ ପଶୁପାଳନ, ମତ୍ସ୍ୟ ଚାଷ, କୁକୁଡା, ଘୁଷୁରି ପାଳନ ଆଦିକୁ ନେଇ ବୁଝାଯାଏ। ଆମେ ସମସ୍ତେ କୃଷି କ୍ଷେତ୍ରକୁ ଯେତିକି ଦୃଷ୍ଟି ଦେଉ, କୃଷି ଉପରେ ଆଲୋଚନା, ପର୍ଯ୍ୟାଲୋଚନା ବୁଦ୍ଧିଜୀବିମାନଙ୍କ ଗହଣରେ ଯେତିକି ହୁଏ, ପଶୁପାଳନ ଉପରେ ସେତିକି ହୁଏ ନାହିଁ, ଯଦିଓ କୃଷିର ସମୁଦାୟ ଆୟର ସତେଇଶି ପ୍ରତିଶତ ପଶୁପାଳନରୁ ଆସିଥାଏ। ବୃଷ୍ଟିହୀନ, ଶୁଷ୍କାଞ୍ଚଳରେ ତ କୃଷିର ଶତକଡ଼ା ସତୁରି ଭାଗ ଆୟ ପଶୁପାଳନରୁ ଆସେ। ଯଦିଓ ପଶୁ ସମ୍ପଦର ବିକାଶ ମୂଳରେ କୃଷିର ବିକାଶ ଅନ୍ତର୍ନିହିତ ରହିଛି, କେତେକାଂଶରେ ତଥାପି ଆମେ ସେହି ଅନୁପାତରେ ଗୁରୁତ୍ୱ ଦେଉନାହୁଁ। ଏହା ଖୁସିର ବିଷୟ ଯେ ଆମେ ଭାରତବର୍ଷରେ ଡଃ ଭର୍ଗିସ କୁରିଏନ୍‌ଙ୍କ ମାନସ ସନ୍ତାନ ଦୁଗ୍ଧବନ୍ୟା (ଅପରେସନ୍ ଫ୍ଲଡ) ଗୋ-ମହିଷାଦି ପାଳନ ବା ଦୁଗ୍ଧ ଉତ୍ପାଦନକୁ ଏକ ଉନ୍ନତ ଜୀବିକା ଭାବେ ମାନ୍ୟତା ପ୍ରଦାନ କଲା। ତେଣୁ ଆମେ ବର୍ତ୍ତମାନ ସାରା ପୃଥିବୀରେ ଥିବା ଦେଶମାନଙ୍କ ମଧ୍ୟରେ ଦୁଗଧ୍ ଉତ୍ପାଦନରେ ପ୍ରଥମ, ଯୁକ୍ତରାଷ୍ଟ୍ର ଆମେରିକା

ଆମ ତଳେ ଦ୍ୱିତୀୟରେ। ୧୯୫୦-୫୧ ମସିହା ବେଳକୁ ଆମର ମୁଣ୍ଡପିଛା ଦୁଗଧ୍ ୧୨୪ ଗ୍ରାମ୍ ଥିଲାବେଳେ ବର୍ତ୍ତମାନ ଏହା ପାଖାପାଖି ଦୁଇଗୁଣ ଅର୍ଥାତ୨୦୦୫-୦୬ ସୁଦ୍ଧା ୨୪୧ ଗ୍ରାମରେ ପହଞ୍ଚିଛି। ଅବଶ୍ୟ ଆମର ପଶୁ ସମ୍ପଦ ପୃଥିବାରେ ବ୍ରାଜିଲ୍ ଦେଶ ପରେ ସର୍ବାଧିକ (ଶତକଡା ୧୪ ଭାଗ)। ଆମ ଦେଶରେ ପୃଥିବୀର ସମୁଦାୟ ମଇଁଷିର ୫୬ ଭାଗ ଅଛନ୍ତି। ଆମର ଛେଳିସଂଖ୍ୟା ଚୀନ ଦେଶ ତଳକୁ , ମେଣ୍ଢା ସଂଖ୍ୟା ଚୀନ, ଅଷ୍ଟ୍ରେଲିଆ ତଳକୁ ଓ କୁକୁଡା ପାଳନରେ ଆମର ସ୍ଥାନ ଷଷ୍ଠରେ। କିନ୍ତୁ ଦୁଃଖର ବିଷୟ ଏବେ ବି ଆମର ଉତ୍ପାଦନହାର ବିକଶିତ ରାଷ୍ଟ୍ରମାନଙ୍କ ତୁଳନାରେ ବହୁତ କମ୍। ପୃଥିବୀର ଜଣେ ଲୋକର ମୁଣ୍ଡପିଛା ଦୈନିକ ପ୍ରାପ୍ତ ଦୁଗଧ୍ର ପରିମାଣ ୨୦୦୩-୦୪ ବେଳକୁ ୨୮୫ ଗ୍ରାମ ଥିଲାବେଳେ ଆମର ମାତ୍ର ୨୨୯ ଗ୍ରାମ ଥିଲା। ଆଶ୍ଚର୍ଯ୍ୟର କଥା ଆମ ସମୁଦାୟ ଦୁଗ୍ଧ ଉତ୍ପାଦନର ଶତକଡା ୪୦ ଭାଗ ଆମର ୨୦୦ ନିୟୁତ ଗୋସମ୍ପଦରୁ ଆସୁଥିଲା ବେଳେ ୯୮ ନିୟୁତ ମଇଁଷି ୫୫ ଭାଗ ଦୁଗ୍ଧ ଦିଅନ୍ତି ଓ ବାକି ୫ ଭାଗ ମୁଖ୍ୟତଃ ଛେଳିମାନଙ୍କଠାରୁ ଆସିଥାଏ। ସର୍ବେକ୍ଷଣରୁ ଜଣାଯାଏ ଯେ ଏହି ମଇଁଷି ମାନଙ୍କର ଦୁଗ୍ଧ ଉତ୍ପାଦନର ବୃଦ୍ଧି ଦର ଚାରି ପ୍ରତିଶତ ଥିଲାବେଳେ ଗାଈମାନଙ୍କର ୧.୨ ପ୍ରତିଶତ ରହିଛି। ଏହାର ମୁଖ୍ୟକାରଣ ଆମର ଏବେ ମଧ୍ୟ ମୋଟ୍ ଗୋ-ସମ୍ପଦର ଶତକଡା ସତାଅଶୀ ଭାଗ ଦେଶୀ ଅଟନ୍ତି। ଅବଶ୍ୟ ଏହାର ହ୍ରାସର ହାର ଗତ ଦଶନ୍ଧିରେ ଶତକଡା ୧୫ ଭାବରେ ବଢୁଛି ଏବଂ କ୍ରସବ୍ରେଡମାନଙ୍କ ସଂଖ୍ୟା ୬୨ ପ୍ରତିଶତ ହିସାବରେ ବଢୁଛି। କୃଷିର ବ୍ୟାପକ ଯାନ୍ତ୍ରିକୀକରଣ ଏହାର କାରଣ ହୋଇପାରେ। ଦୁଗ୍ଧ ବ୍ୟତୀତ ମାଂସ ଏହି ପଶୁ ସମ୍ପଦର ମୁଖ୍ୟ ଆୟକାରୀ ଦିଗ। ଦେଶର ସମୁଦାୟ ମାଂସ ଉତ୍ପାଦନର ଶତକଡା ୬୧ ଭାଗ ଗାଈ ଓ ମଇଁଷିଙ୍କଠାରୁ ଆସୁଥିବା ବେଳେ ଛେଳିମାନଙ୍କ ଠାରୁ ୧୦ ଭାଗ, ମେଣ୍ଢା ୫ ଭାଗ, ଘୁଷୁରି ଓ କୁକୁଡା ପ୍ରତ୍ୟେକ ୧୨ ଭାଗ ଯୋଗଦାନ କରିଥାନ୍ତି। ତେଣୁ ଏହି ପଶୁ ସମ୍ପଦର ଯୋଗଦାନ ଆମ ଅର୍ଥନୀତି ପ୍ରତି କ'ଣ ତାହା ସହଜରେ ଅନୁମେୟ। ମନୁଷ୍ୟ ସଭ୍ୟତା ଆରମ୍ଭରୁ ପଶୁ ହିଁ ମଣିଷର ସାଥୀ ରହିଛି ଏବଂ ଏହାକୁ ସଭ୍ୟତାର ଆଲୋକ ଦେଖାଇବାରେ ସାହାଯ୍ୟ କରିଛି ଯଦିଓ ଆମର ଦେଶର ଅର୍ଥନୀତିକୁ ଏହା ବର୍ତ୍ତମାନ ସେପରି ପ୍ରଭାବିତ କରିପାରୁନାହିଁ।

ଏବେ ଆମ ଓଡିଶା କଥା ଚିନ୍ତା କରାଯାଉ। ଓଡିଶା ଏକ ସବୁଥାଇ ନଥିଲା ପରି ରାଜ୍ୟ। ଏହାର ଶତକଡା ୮୫ ଭାଗ ଲୋକ ଏବେ ମଧ୍ୟ ଗ୍ରାମାଞ୍ଚଳରେ ରହନ୍ତି। ସେଥିମଧ୍ୟରୁ ପ୍ରାୟ ୭୫ ପ୍ରତିଶତ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକୁ ଜୀବିକାରୂପେ ଗ୍ରହଣ କରିଥାନ୍ତି। ୨୦୦୩ ମସିହା ରାଜ୍ୟ ପଶୁ ସମ୍ପଦ ଗଣନା ଅନୁସାରେ ଓଡିଶାରେ ମୋଟ ୨୪ ନିୟୁତ ପଶୁ ସମ୍ପଦ ରହିଛନ୍ତି। ଯହିଁରୁ ୫୯.୪ ପ୍ରତିଶତ ଗୋସମ୍ପଦ, ମଇଁଷି ୬ ଭାଗ, ୨୪.୯ ଭାଗ ଛେଳି, ୭.୩ ଭାଗ ମେଣ୍ଢା

ଏବଂ ଘୁଷୁରି ୨.୪ ଭାଗ ରହିଛନ୍ତି। ଏହି ପଶୁ ସମ୍ପଦର ଶତକଡା ସତାନବେ ଗ୍ରାମାଞ୍ଚଳରେ ରହନ୍ତି ଏବଂ ଗ୍ରାମାଞ୍ଚଳର ଅର୍ଥନୀତିକୁ ପ୍ରଭାବିତ କରନ୍ତି। ସହରତଳି ଅଞ୍ଚଳର କିଛି ଲୋକ ବ୍ୟବସାୟିକ ଭିତ୍ତିରେ ଏମାନଙ୍କୁ ପାଳନ କରିଥାନ୍ତି। ତେବେ ୨୦୦୧ ଓ ୨୦୦୩ ମସିହାରେ ଗଣନା କରାଯାଇଥିବା ପଶୁ ସମ୍ପଦକୁ ଗଣନାକୁ ନେଲେ ଜଣାଯାଏ ଯେ ରାଜ୍ୟରେ ଗାଈ ଓ ମଇଁଷିଙ୍କ ସଂଖ୍ୟା ଯଥାକ୍ରମେ ୦.୧୪, ୦.୧୮ ପ୍ରତିଶତ ବୃଦ୍ଧି ହୋଇଛି ; କିନ୍ତୁ ଆମ ରାଜ୍ୟର ଲୋକମାନଙ୍କର ମୁଣ୍ଡପିଛା ଦୈନିକ ପ୍ରାପ୍ତ ଦୁଗଧର ପରିମାଣ ଜାତୀୟସ୍ତର ଠାରୁ ବହୁତ୍ କମ୍ ଅର୍ଥାତ ୯୫ ଗ୍ରାମ୍। ବିକଶିତ ରାଷ୍ଟ୍ରଗୁଡିକର ଉତ୍ପାଦିତ ଦୁଗ୍ଧ ଉତ୍ପାଦନ ସହ ଆମ ରାଜ୍ୟକୁ ତୁଳନା କଲେ ଦେଖାଯାଏ ଯେ ଫ୍ରାନ୍ସରେ ୨୫ ନିୟୁତ ପଶୁ ସମ୍ପଦରୁ ୨୪ ନିୟୁତଟନ୍ ଦୁଗଧ ଉତ୍ପାଦନ ହୋଉଥିଲା ବେଳେ ଆମ ରାଜ୍ୟର ୨୪ ନିୟୁତ ପଶୁ ମାତ୍ର ୧୩ ଲକ୍ଷ ଟନ୍ ଦୁଗ୍ଧ ଆମକୁ ଦେଇଥାନ୍ତି। ଦେଶୀ କିସମର ଗାଈ ଓ ମଇଁଷି, ଉପଯୁକ୍ତ ବୈଜ୍ଞାନିକ ଜ୍ଞାନକୌଶଳର ଅଭାବ, ସୁସ୍ଥ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ମୁଖ୍ୟତଃ ଆମ ଗୋ-ସମ୍ପଦର ଉତ୍ପାଦିକା ଶକ୍ତି କମ୍। ଆବହମାନକାଳରୁ ଛେଳି, ମେଣ୍ଢା, ଘୁଷୁରିଜାତୀୟ ପଶୁଗୁଡିକ ସମାଜର ହରିଜନ, ଗିରିଜନ, ଭୂମିହୀନ ତଥା ଅର୍ଥନୈତିକ କ୍ଷେତ୍ରରେ ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ସାଥୀ ହୋଇ ରହିଛନ୍ତି। ୨୦୦୧ ଓ ୨୦୦୩ ରାଜ୍ୟ ପଶୁସମ୍ପଦ ସର୍ବେକ୍ଷଣ କହେ ରାଜ୍ୟର ଛେଳି ସଂଖ୍ୟା ଏହି ସମୟ ମଧ୍ୟରେ ୧.୬ ପ୍ରତିଶତ ବଢିଥିଲାବେଳେ ମେଣ୍ଢା ଓ ଘୁଷୁରି ସଂଖ୍ୟା ଯଥାକ୍ରମେ ୧.୧୬ ଓ ୫.୩୮ ପ୍ରତିଶତ ହ୍ରାସ ପାଇଛି। ଏହି ପଶୁଗୁଡିକ ଆମ ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକମାନଙ୍କ ପାଖରେ ଲିକ୍ୟୁଡିଟି ଭାଲ୍ୟୁ ଆକାରରେ ରହିଥାନ୍ତି। ଏମାନଙ୍କର ସରଳ, ସାଧାରଣ ଆବଶ୍ୟକତା, ଖାଦ୍ୟ, ବାସଗୃହ ଓ ଚଳଣିପାଇଁ ଏମାନେ ମଣିଷର ଅଧିକ ନିଜର ହୋଇପାରନ୍ତି। ମେଣ୍ଢାମାନଙ୍କର ଚାହିଦା ଦିନକୁ ଦିନ କମି ଚାଲିଛି। ଛେଳି ତାର ସ୍ଥାନ ପୂରଣ କରୁଛନ୍ତି। କାରଣ ମେଣ୍ଢାମାନେ ଅଧିକ ରୋଗାକ୍ରାନ୍ତ ହୁଅନ୍ତି। ଛେଳି ମାଂସର ଚାହିଦା ମଧ ମେଣ୍ଢାଠାରୁ ଅଧିକ। ଘୁଷୁରି ପାଳନକୁ ଆମ ରାଜ୍ୟରେ ବହୁ ଲୋକ ଘୃଣ୍ୟ ଚକ୍ଷୁରେ ଦେଖନ୍ତି। ଅଦ୍ୟାବଧି ଏହା ସମାଜରେ କିଛି ଦରିଦ୍ରତମ ଲୋକଙ୍କର ଜୀବିକା ହୋଇ ରହିଛି। ଏମାନଙ୍କର ରହିବା, ଖାଇବାର ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ଘୁଷୁରି ମାଂସର ଚାହିଦା ମଧ କମ; କିନ୍ତୁ ହ୍ୱାଇଟ୍ ୟର୍କସାୟାର, ଲ୍ୟାଣ୍ଡରେସ୍ ଭଳି ବିଦେଶୀ କିସମମାନଙ୍କୁ ପାଳନ କରିବାର ପ୍ରୋତ୍ସାହନ ଦିଆଯାଉଛି। ଏହି ପଶୁସମ୍ପଦ କେବଳ ଯେ ଅର୍ଥନୈତିକ କ୍ଷେତ୍ରରେ ଭାରତ ତଥା ଓଡିଶା ଲୋକଙ୍କୁ ସାହାଯ୍ୟ କରିଥାନ୍ତି ତା'ନୁହେଁ ଆମର ସମାଜିକ କ୍ଷେତ୍ରରେ ପ୍ରତିଷ୍ଠା ସହ ଆଗରୁ ଏମାନେ ଜଡିତ ଥିଲେ। ଏବେ ମଧ ଆମ ରାଜ୍ୟର ପୁଷ୍ଟିହୀନତା ପଶୁସମ୍ପଦର ବିକାଶକୁ ପରୋକ୍ଷ ଭାବେ ଇଙ୍ଗିତ କରେ କାରଣ ଆମ ରାଜ୍ୟର କେବଳ ମୁଣ୍ଡପିଛା ଦୁଗ୍ଧପ୍ରାପ୍ତି

ଜାତୀୟ ସ୍ତରଠାରୁ କମ୍, ତା ନୁହେଁ, ବାର୍ଷିକ ମାଂସ (୧.୫ କିଗ୍ରା) ଓ ଅଣ୍ଡା(୩୬ଟି) ମଧ୍ୟ ଆମର ମୁଣ୍ଡପିଛା କମ୍ ଉତ୍ପାଦନକୁ ସୂଚାଏ। ଆମର ଶାରୀରିକ ମାନସିକ ଉନ୍ନତି ପାଇଁ ଶିଶୁବେଳର ମା' କ୍ଷୀର ପରେ ଗାଈ କ୍ଷୀର ଓ ଯୁବକ ବେଳଠୁ ଅଣ୍ଡା, ମାଛ, ମାଂସର ଖାଇବା ଉପରେ ନିର୍ଭରକରେ।

ଆମର କେନ୍ଦ୍ର ତଥା ରାଜ୍ୟ ସରକାର ବିଭିନ୍ନ ସମୟରେ ପଶୁସମ୍ପଦର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ଛୋଟ ଓ ବଡ ମିଶି ୫୪୦ଟି ପଶୁ ଡାକ୍ତରଖାନା ରହିଛି। ଗ୍ରାମୀଣ ଶିକ୍ଷିତ ଯୁବକମାନଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଦେଶୀ ଗାଈମାନଙ୍କ ସ୍ଥାନରେ କ୍ରସ୍‌ବ୍ରେଡ୍‌ର ବହୁ ଲୋକପ୍ରିୟତା ସୃଷ୍ଟି ପାଇଁ ଚେଷ୍ଟା କରାଯାଉଛି। ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ଚାଷୀମାନଙ୍କୁ, ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କର ଉନ୍ନତି ପାଇଁ ଉନ୍ନତମାନ ଗାଈ, ଛେଳି, ମେଣ୍ଢା, ଘୁଷୁରି ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଛି। ବ୍ୟାଙ୍କ ଗୁଡିକୁ ଅଧିକରୁ ଅଧିକ ଋଣ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ୧୯୯୬ମସିହା ପରଠାରୁ ଓଡିଶାକୁ ରିଣ୍ଡରପେଷ୍ଟ ମୁକ୍ତ ରାଜ୍ୟ ଭାବେ ଘୋଷଣା କରାଯାଇଛି। ଅବଶ୍ୟ ଦ୍ରୁତ ଶିଳ୍ପାୟନ, ଜଙ୍ଗଲ ସମ୍ପଦର ହ୍ରାସ, ପ୍ରାକୃତିକ ସମ୍ପଦର ଗୁଣବତ୍ତା କ୍ଷୟ, ଚାରଣ ଭୂମିକୁ ବାସପୋଯୋଗୀ ଓ କୃଷି କାର୍ଯ୍ୟ ପାଇଁ ବିନିଯୋଗ କରିବା ଦ୍ୱାରା ପଶୁ ସମ୍ପଦ ଯଥେଷ୍ଟ ଭାବେ ପ୍ରଭାବିତ ହୋଉଛନ୍ତି।

ଶିଳ୍ପାୟନଦ୍ୱାରା ଏହି ବର୍ଦ୍ଧିଷ୍ଣୁ ଜନସଂଖ୍ୟାରେ ସମସ୍ତଙ୍କୁ କର୍ମସଂସ୍ଥାନ ଯୋଗାଇବା ଅସମ୍ଭବ ଏହା ସମସ୍ତେ ଉପଲବ୍ଧି କଲେଣି। ଏଥିରେ ସରକାରୀ ଓ ବେସରକାରୀ ସ୍ତରରେ ହେଉଥିଲେ ପୁଞ୍ଜି ବିନିଯୋଗ କୃଷି କ୍ଷେତ୍ରର ବିନିଯୋଗଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ। ଦେଶର ଅର୍ଥନୀତି ବୃଦ୍ଧି ହାର ତ୍ୱରାନ୍ୱିତ ହେଉଥିଲା ବେଳେ ଭାରତ ବିକଶିତ ତଥା ଆଗୁଆ ରାଜ୍ୟମାନଙ୍କରେ ଚାଷି ଆତ୍ମହତ୍ୟା କୃଷି କ୍ଷେତ୍ରରେ ଆମ ଯୋଜନାରେ ଥିବା ଅଦୃଶ୍ୟ ଛିଦ୍ରଗୁଡିକୁ ଇଙ୍ଗିତ କରୁଛି। ହୁଏତ ବିକଶିତ ପଶୁସମ୍ପଦ କୃଷି କ୍ଷେତ୍ରରେ ହେଉଥିବା ଏହି କ୍ଷତିକୁ ଭରଣା କରିପାରି ଚାଷକୁ ପୁର୍ନଜନ୍ମ ଦେଇ ପାରନ୍ତା। ଏତଦବ୍ୟତୀତ ପ୍ରଦୂଷିତ ପରବେଶ, ବିଷାକ୍ତ ଖାଦ୍ୟ ଉତ୍ପାଦନ, ରାସାୟନିକ ସାରର ପ୍ରୟୋଗ, ମୃତ୍ତିକା ଉର୍ବରତା ହ୍ରାସ, ଉତ୍ପାଦିକା ଶକ୍ତିର ଅବକ୍ଷୟ ଓ ଜୈବିକ ସାରର ଆବଶ୍ୟକତାକୁ ଲକ୍ଷ୍ୟ ରଖି ଅନାଗତ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାନବ ସମାଜର ନିରବଚ୍ଛିନ୍ନ ଉନ୍ନତି ତଥା ସ୍ଥାୟିତ୍ୱ ପାଇଁ ପଶୁ ସମ୍ପଦର ବିକାଶ ଯେ ନିହାତି ଅପରିହାର୍ଯ୍ୟ ଏହା ଅସ୍ୱୀକାର କରାଯାଇପାରିବ ନାହିଁ। ସୁତରାଂ ସାଧାରଣ ଜନତାଠାରୁ ବୈଜ୍ଞାନିକ, ପ୍ରଶାସକ ଓ ସରକାର ସମସ୍ତେ ଏବେଠାରୁ ଯତ୍ନବାନ ହେବା ଆବଶ୍ୟକ।

ତା ୧୩.୦୬.୨୦୦୭

ISBN No. 978-81-942260-8-6



ଡ.ସୁଜିତ୍ କୁମାର ନାଥ ବୃତ୍ତିରେ କୃଷି ବୈଜ୍ଞାନିକ ହେଲେ ମଧ୍ୟ ନିଛକ ଗାଉଁଲି ମଣିଷଟିଏ। ତାଙ୍କ ରଚିତ ପ୍ରତ୍ୟେକ ନିବନ୍ଧ, ଗଳ୍ପ, କବିତା ରେ ଥାଏ ଗାଁ'ର କଥା, ଗାଉଁଲି ବ୍ୟଥା। ଗତ ଦୁଇ ଦଶନ୍ଧିଧରି ଓଡ଼ିଶାର ପ୍ରମୁଖ ତଥା ସର୍ବପୁରାତନ ସମ୍ବାଦପତ୍ର 'ସମାଜ'ର ସଂପାଦକୀୟ ପୃଷ୍ଠାରେ ସ୍ତମ୍ଭକାରଭାବେ ଗ୍ରାମୀଣ ସାମାଜିକ ସ୍ଥିତି, ଅର୍ଥନୈତିକ ଅବସ୍ଥିତି ଓ ଗ୍ରାମ୍ୟ-ମନସ୍ତତ୍ତ୍ୱକୁ ନେଇ ତାଙ୍କ କଲମ ମୁଖରିତ। କୃଷକପ୍ରତି ଆଧୁନିକ ସମାଜର ଅବହେଳା, ଅନାଦର ଓ ହତାଦରକୁ ନେଇ ତାଙ୍କ ମନ ସର୍ବଦା ବିଚଳିତ ଓ ତା'ର ପ୍ରତିଫଳନ ଦେଖିବାକୁ ମିଳେ ତାଙ୍କ ଲିଖିତ ସମାଜର ସଂପାଦକୀୟ କ୍ରୋଡ଼ପତ୍ରରେ। ମାନବ ସଭ୍ୟତାର ପ୍ରଥମ ଜୀବିକା 'କୃଷି' ଓ ତା'ର ସାମ୍ପ୍ରତିକ ଦୁରାବସ୍ଥାକୁ ନେଇ ତାଙ୍କ ପ୍ରାଣ କେବେ ବିପ୍ଳବୀଟିଏ ହୋଇଛି ତ କେବେ ପାଠକଙ୍କ ଆଗରେ ଅଜସ୍ର ପ୍ରଶ୍ନର ପାହାଡ଼ ଛିଡା କରି ଜୀବନମନସ୍କ ହେବାକୁ ବାଧ୍ୟ କରିଛି। ଏଥିରେ ସନ୍ନିବେଶିତ ପ୍ରବନ୍ଧ ଗୁଡିକରେ ସେ ବେଳେବେଳେ ପାଠକଙ୍କ ସହ ଅତି ଅନ୍ତରଙ୍ଗ ସ୍ୱରରେ ଆଳାପ କରୁଛନ୍ତି ତ ଆଉ କେତେବେଳେ ଏକ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ମାନବୀୟ ସ୍ଥାଣୁତାକୁ କଟାକ୍ଷ କରୁଛନ୍ତି। କେଉଁଠି ବା ତୀବ୍ର କୌତୁହଳ ନେଇ ଜୀବନ ଓ ପରିବେଶ ମଧ୍ୟରେ ଥିବା ଅହେତୁକ ସମ୍ପର୍କର ଟିକିନିଖି ଅନୁସନ୍ଧାନ କରୁଛନ୍ତି। ଅନୁଭୂତି ସମ୍ବଳିତ ପ୍ରବନ୍ଧର ସମାହାର ଏ ପୁସ୍ତକରେ ଲେଖକଙ୍କର ମୁକ୍ତ ଚେତନାର ବିଭିନ୍ନ ରୂପ ବିଭିନ୍ନ ଭଙ୍ଗୀରେ ପରିପ୍ରକାଶ ହୋଇଛି। ଏ ସମସ୍ତ ରଚନାରୁ ବିଚ୍ଛୁରିତ ଆଲୋକ ଆମପାଇଁ ପଥପ୍ରଦର୍ଶକ ହେଉ। ଓଡ଼ିଶା କୃଷି ଅର୍ଥନୀତିର ମନଃସ୍ଥିତି (୨୦୦୦-୨୦୨୩)ପୁସ୍ତକଟି ସୁଧୀ ପାଠକ ବର୍ଗଙ୍କ ଶ୍ରଦ୍ଧା ଅର୍ଜନ କରିବ ବୋଲି ଆମେ ଆଶା ପୋଷଣ କରୁଛୁ।

-ପ୍ରକାଶକ

Printed at :
Ankita graphics, Bhubaneswar,
saroj77337@gmail.com, 9437077337